# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୫/୨୦୨୩ (୧୮ ପୃଷ୍ଠା) | Bhubaneswar, Tuesday, September 5/2023 | Page 18 | ₹ 7.00

୪୯ଶ ଭାଗ ୨୮୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 281 | ମୂଲ୍ୟ ₹୭/-



DSPL-214

## ଗୁରୁ ଦିବସ ପାଳନ ଅବସରରେ ବାର୍ତ୍ତା



ଶିକ୍ଷା ଓ ସଂସ୍କୃତିର ବିକାଶ ସହ ଏକ ସୁସ୍ଥ ଓ ସମୃଦ୍ଧ ସମାଜ ଗଠନ ଦିଗରେ ଶିକ୍ଷକମାନଙ୍କର ଅବଦାନ ଅତୁଳନୀୟ । ସେମାନେ ହେଉଛନ୍ତି ସମାଜର ଅନ୍ୟତମ ସଂସ୍କାରକ, ମୂଲ୍ୟବୋଧର ଉପାସକ ଏବଂ ଅନୁଭବ ତଥା ଉପଲବ୍ଧିର ମାର୍ଗଦର୍ଶକ । ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରି ସମାଜର ସେବା କରିବା ପାଇଁ ଏକ ସମୃଦ୍ଧ ଓଡ଼ିଶା ଗଠନରେ ପ୍ରକୃଷ୍ଟ ଅଂଶୀଦାର ଭାବରେ ସେମାନଙ୍କୁ ଗଢ଼ିତୋଳିବେ ବୋଲି ମୋର ଦୃଢ଼ ଆଶା ଓ ବିଶ୍ୱାସ ।

ଆଜିର ଏହି ପବିତ୍ର ଗୁରୁଦିବସ ଉପଲକ୍ଷେ ମୁଁ ସମସ୍ତ ଗୁରୁମାନଙ୍କୁ ଜଣାଉଛି ହାର୍ଦ୍ଦିକ ଅଭିନନ୍ଦନ ଏବଂ କୋଟି କୋଟି ପ୍ରଣାମ ।

(ସୁଦାମ ମାର୍ଣ୍ଡି)
ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ଓଡ଼ିଶା

## ପବିତ୍ର ଗୁରୁ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଗୁରୁ ଦିବସ ଅବସରରେ ରାଜ୍ୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ଶିକ୍ଷକମାନେ ହିଁ ପ୍ରକୃତ ରାଷ୍ଟ୍ରନିର୍ମାତା । ଆପଣମାନଙ୍କ ନିଷ୍ଠା ଓ ପ୍ରତିବଦ୍ଧତା ହିଁ ଗୋଟିଏ ଜାତିର ଭବିଷ୍ୟତକୁ ସମ୍ଭାବନାମୟ କରି ଗଢ଼ିଥାଏ । ରୂପାନ୍ତରୀକରଣ ଆଜି ଶିକ୍ଷା ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିଛି । ଛାତ୍ରଛାତ୍ରୀଙ୍କ ସ୍ୱପ୍ନରେ ଡ଼େଣା ଯୋଡ଼ିଛି । ଛାତ୍ରଛାତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ସହ ସେମାନଙ୍କ ସମୃଦ୍ଧ ଭବିଷ୍ୟତ ଗଠନ ହିଁ ରାଷ୍ଟ୍ର ନିର୍ମାଣରେ ଆପଣମାନଙ୍କ ଯୋଗଦାନକୁ ଅଧିକ ମହତ୍ୱପୂର୍ଣ୍ଣ କରିବ ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-27068/13/0022/2324

DSPL-217

ଓଡ଼ିଶା ସରକାର

## ରାଜ୍ୟ ସରକାରଙ୍କର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

### ଶୀଘ୍ର ଘର ତିଆରି କଲେ ମିଳିଥାଏ ଅଧିକା ଅର୍ଥ ରାଶି ।

- ବିଜୁ ପକ୍କା ଘର ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଯୋଜନାରେ ଶୀଘ୍ର ଘର ତିଆରି କରୁଥିବା ପରିବାରଙ୍କୁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ପ୍ରଦାନ କରୁଛନ୍ତି ଆର୍ଥିକ ପ୍ରୋତ୍ସାହନ ।
- ପ୍ରଥମ କିସ୍ତି ପାଇବା ଦିନରୁ ୧୨୦ ଦିନ ମଧ୍ୟରେ ଗୃହ ନିର୍ମାଣ ଶେଷ ହୋଇଥିଲେ, ୨୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିଥାଏ ।
- ପ୍ରଥମ କିସ୍ତି ପାଇବା ଦିନରୁ ୧୨୧ - ୧୮୦ ଦିନ ମଧ୍ୟରେ ଗୃହ ନିର୍ମାଣ ଶେଷ ହୋଇଥିଲେ, ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିଥାଏ ।
- ଗତ ୫ ବର୍ଷ ମଧ୍ୟରେ ୮ ଲକ୍ଷରୁ ଊର୍ଦ୍ଧ୍ୱ ପରିବାରଙ୍କୁ ରାଜ୍ୟ ସରକାର ପ୍ରଦାନ କରିଛନ୍ତି ୧୩୪୩ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ।
- ସଦ୍ୟ ମଞ୍ଜୁର ହୋଇଥିବା ଗ୍ରାମୀଣ ଗୃହ ନିର୍ମାଣ ଯୋଜନାର ଘରକୁ ଶୀଘ୍ର ଶେଷ କରି ଏହି ସୁବିଧା ହାସଲ କରିବା ପାଇଁ ଅନୁରୋଧ ।



ସଭିଙ୍କ ପାଇଁ ପକ୍କାଘର
କଥା ରଖିଲେ ସରକାର

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

OIPR-19001/13/0017/2324

**ହେଲିକପ୍ଟର ଦୁର୍ଘଟଣାରେ ୩ ପାକ୍ ସୈନ୍ୟ ନିହତ**

ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ସୋମବାର ଏକ ପ୍ରଶିକ୍ଷଣ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ନୌସେନାର ୨ ଅଫିସର ଏବଂ ଜଣେ ନାବିକଙ୍କ ନାବିକଙ୍କ ମୃତ୍ୟୁ ଘଟିଛି। ବୈଷୟିକ ତ୍ରୁଟି କାରଣରୁ ଉପକୂଳ ସହର ଗ୍ୱାଦାରରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣାର ତଦନ୍ତ ଜାରି ରହିଛି। ପାକ୍ ସୈନ୍ୟଙ୍କ ମୃତ୍ୟୁକୁ ନେଇ ରାଷ୍ଟ୍ରପତି ଅରିଫ୍ ଆଲ୍‌ଭି, କାମଚଲା ପ୍ରଧାନମନ୍ତ୍ରୀ ଅନୱାରୁଲ ହକ୍ କକର ଏବଂ ପୂର୍ବତନ ରାଷ୍ଟ୍ରପତି ଅସିଫ୍ ଅଲି ଜର୍ଦାରୀ ଶୋକବ୍ୟକ୍ତ କରିଛନ୍ତି।





ଜି୨୦ ସମିଟ୍ ଲାଗି ନୂଆଦିଲ୍ଲୀର ରାଜଘାଟଠାରେ ସଦସ୍ୟ ରାଷ୍ଟ୍ରଗୁଡିକର ପତାକା ଲଗାଯାଇଛି।

# ଜିନ୍‌ପିଙ୍ଗ୍ ଆସିବେନି

## ଜି୨୦ ସମିଟ୍‌ରେ ଯୋଗଦେବେ ଚାଇନା ପ୍ରଧାନମନ୍ତ୍ରୀ

ବେଜିଂ,୪।୯

ଜି୨୦ ସମିଟ୍‌ରେ ଯୋଗଦେବା ଲାଗି ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଭାରତ ଗସ୍ତରେ ଆସିବେ ନାହିଁ। ନୂଆଦିଲ୍ଲୀରେ ହେବାକୁ ଥିବା ଏହି ସମ୍ମିଳନୀରେ ଚାଇନା ପ୍ରଧାନମନ୍ତ୍ରୀ ଲି କିଆଙ୍ଗ ଯୋଗଦେବେ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଏକ ବିବୃତିରେ କୁହାଯାଇଛି। ବେଜିଂ ଏକ ସଙ୍ଗେ ଦୁଇ ସବୁଠୁ ପ୍ରଭାବଶାଳୀ ନେତାଙ୍କୁ ବିଦେଶକୁ ପଠାଇପାରିବ ନାହିଁ। ସେଥିପାଇଁ ଭାରତ ସରକାରଙ୍କ ଆମନ୍ତ୍ରଣକ୍ରମେ ଚାଇନା ପ୍ରଧାନମନ୍ତ୍ରୀ ୧୮ତମ ଜି୨୦ ସମିଟ୍‌ରେ ଯୋଗଦେବେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ଆସନ୍ତା ୯ ଓ ୧୦ ତାରିଖରେ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ନୂଆଦିଲ୍ଲୀରେ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ଜୋର୍‌ଦାର ଆୟୋଜନ ଚାଲିଛି।

ଜି୨୦ ଭଳି କାର୍ଯ୍ୟକ୍ରମରେ ଚାଇନା ସବୁବେଳେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ନେବା ସହ ସକ୍ରିୟ ଅଂଶଗ୍ରହଣ କରିଥାଏ। ପ୍ରଧାନମନ୍ତ୍ରୀ ଲି କିଆଙ୍ଗ ଜି୨୦ ସହଯୋଗ ଉପରେ ଚାଇନା ଚିନ୍ତାଧାରା ଏବଂ ସ୍ଥିତି ସମ୍ପର୍କରେ ଜଣାଇବେ। ଉକ୍ତ



ଲି କିଆଙ୍ଗ

ସଂଗଠନରେ ଏକତା ଓ ସହଯୋଗ ବଢ଼ାଇବା ଲାଗି ବେଜିଂ ପଦକ୍ଷେପ ନେବ ବୋଲି ଏହାର ବହିର୍ବ୍ୟାପାର ମୁଖପାତ୍ର ମାଓ ନିଙ୍ଗ୍ କହିଛନ୍ତି। ଜିନ୍‌ପିଙ୍ଗ୍‌ଙ୍କ ଅନୁପସ୍ଥିତିକୁ ନେଇ ବେଜିଂ କୌଣସି ନିର୍ଦ୍ଦିଷ୍ଟ କାରଣ ଜଣାଇନାହିଁ। ଚଳିତ ସପ୍ତାହରେ ଇଣ୍ଡୋନେସିଆର ଜାକର୍ତ୍ତାଠାରେ ଅନୁଷ୍ଠିତ ହେବାକୁ ଥିବା ଆସୋସିଏଶନ ଅଫ୍ ସାଉଥ୍‌ଇଷ୍ଟ ଏସିଆନ ନେଶନ୍ସ ଏବଂ ଇଷ୍ଟ ଏସିଆ ସମିଟ୍‌ରେ ମଧ୍ୟ ଜିନ୍‌ପିଙ୍ଗ ଯୋଗଦେଇ ନ ପାରନ୍ତି। ଉଭୟ କାର୍ଯ୍ୟକ୍ରମରେ କିଆଙ୍ଗ ଚାଇନାର ପ୍ରତିନିଧିତ୍ୱ କରିବେ।

## ସଂକ୍ଷେପରେ

### ଏୟାର ହୋଷ୍ଟେସ୍‌ଙ୍କୁ ହତ୍ୟା

**ମୁମ୍ବାଇ,୪।୯:** ଏୟାର ହୋଷ୍ଟେସ୍ ରୁପାଲ ଓଗ୍ରେ (୨୪)ଙ୍କ ମୃତଦେହ ମୁମ୍ବାଇର ଏକ ଆପାର୍ଟମେଣ୍ଟରୁ ମିଳିଛି। ଏନେଇ ପୋଲିସ ହତ୍ୟା ମାମଲା ରୁଜୁ କରିଛି। ରୁପାଲଙ୍କ ଘର ଛତିଶଗଡ଼ରେ। ସେ ଏୟାର ଇଣ୍ଡିଆରେ ତାଲିମ ନେବା ଲାଗି ଗତ ଏପ୍ରିଲରେ ମୁମ୍ବାଇ ଆସିଥିଲେ। ରବିବାର ବିଳମ୍ବିତ



ରୁପାଲ ଓଗ୍ରେ

ରାତିରେ ଅନ୍ଧେରୀର ମାରୋଲ ଅଞ୍ଚଳରେ ଥିବା କ୍ରିଶନଲାଲ୍ ମାରୱା ମାର୍ଗର ଏନ୍‌ଜି କମ୍ପ୍ଲେକ୍ସର ଏକ ଫ୍ଲାଟ୍‌ରୁ ତାଙ୍କ ମୃତଦେହ ମିଳିଥିଲା। ତାଙ୍କ ବେକ କଟାଯାଇଥିବାରୁ ପୋଲିସ ଜଣେ ଅଜଣା ବ୍ୟକ୍ତିଙ୍କ ନାଁରେ ହତ୍ୟା ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କୁ ଗିରଫ କରିବା ଲାଗି କେତେକ ଟିମ୍ ଗଠନ କରାଯାଇଛି।

### ଜମ୍ମୁ-କଶ୍ମୀରରେ ଏନକାଉଣ୍ଟର ଆତଙ୍କବାଦୀ ନିହତ

**ଶ୍ରୀନଗର,୪।୯:** ଜମ୍ମୁ-କଶ୍ମୀରର ରେଆସି ଜିଲାରେ ସୋମବାର ଆତଙ୍କବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ଜଣେ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ପୋଲିସ କର୍ମୀ ଆହତ ହୋଇଛନ୍ତି। ରେଆସି ଜିଲାର ଛାସନା ଅଞ୍ଚଳରେ ଦୁଇ ଜଣ ଆତଙ୍କବାଦୀ ଲୁଚି ରହିଥିବା ଖବର ଜଣାପଡ଼ିଥିଲା। ଏହାପରେ ସେନା କର୍ମଚାରୀ ଓ ସ୍ଥାନୀୟ ପୋଲିସ ମିଳିତ ସର୍ଚ୍ଚ ଅପରେଶନ ଚଳାଇଥିଲେ। ଏତିକିବେଳେ ଉଭୟ ପକ୍ଷରୁ ଗୁଳିବିନିମୟ ଘଟିଥିଲା ବୋଲି ଜମ୍ମୁ ପୋଲିସର ଅତିରିକ୍ତ ମହାନିର୍ଦ୍ଦେଶକ ଟୁଇଟ ଯୋଗେ ସୂଚନା ଦେଇଛନ୍ତି।

### ବଟି ଆଦାୟ ମାମଲାରେ ଏସ୍‌ପି, ଡିଏସ୍‌ପି ଗିରଫ

**ଗୁଆହାଟି,୪।୯:** ଆସାମର ବଲାଜୀ ଜିଲାରେ ହୋଇଥିବା ବଟି ଆଦାୟ ମାମଲାରେ ସୋମବାର ଏସ୍‌ପି ଓ ଡିଏସ୍‌ପିଙ୍କୁ ଗିରଫ କରାଯାଇଛି। ଏମାନଙ୍କୁ ମିଶାଇ ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ୯ଜଣଙ୍କୁ ଗିରଫ କରାଯାଇଛି। ପୋଲିସ ବଟି ଆଦାୟ କରୁଥିବାନେଇ ଅଗଷ୍ଟ ପ୍ରଥମ ସପ୍ତାହରେ କିଛି ଲୋକ ଅଭିଯୋଗ କରିଥିଲେ ବୋଲି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଜି.ପି. ସିଂ କହିଛନ୍ତି। ଏହି ମାମଲାରେ ବଲାଜୀ ଜିଲା ଏସ୍‌ପିଙ୍କୁ ସିଆଡି ଗିରଫ କରିଛି। ଏଥିସହ ରବିବାର ରାତିରେ ତାଙ୍କ ସରକାରୀ ବାସଭବନରେ ଚଢ଼ଉ କରାଯାଇଛି। ପୂର୍ବରୁ ଏହି ମାମଲାରେ ଜଣେ ଏଏସ୍‌ପି, ତାଙ୍କ ସ୍ୱାମୀ ଏବଂ ଅନ୍ୟ ୪ ଜଣ ପୋଲିସ କର୍ମଚାରୀ ଓ ଜଣେ ସାଧାରଣ ନାଗରିକଙ୍କୁ ଗିରଫ କରାଯାଇଥିଲା। ଘଟଣା ପରେ ବଲାଜୀ ଏସ୍‌ପିଙ୍କୁ ଜିଲା ବାହାରକୁ ବଦଳି କରାଯାଇଛି। ଅପରପକ୍ଷେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି, ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# 'ସନାତନ ଧର୍ମକୁ ସମ୍ମାନ ଦିଏ'

## ଉଦୟନିଧିଙ୍କ ମନ୍ତବ୍ୟ ଉପରେ ମମତାଙ୍କ ଟିପ୍ପଣି

ନୂଆଦିଲ୍ଲୀ,୪।୯

ସନାତନ ଧର୍ମ ଉପରେ ଡିଏମ୍‌କେ ନେତା ଉଦୟନିଧି ଷ୍ଟାଲିନ୍‌ଙ୍କ ବିବାଦୀୟ ମନ୍ତବ୍ୟକୁ ତୃଣମୂଳ କଂଗ୍ରେସ ନେତ୍ରୀ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନାପସନ୍ଦ କରିଛନ୍ତି। ସେ ତାମିଲନାଡୁ ଓ ଦକ୍ଷିଣ ଭାରତର ଜନସାଧାରଣଙ୍କୁ ସମ୍ମାନ ଦିଅନ୍ତି। ପ୍ରତ୍ୟେକ ଧର୍ମର ଅଲଗା ଭାବାବେଗ ରହିଥିବାରୁ ସେମାନେ ସମସ୍ତଙ୍କୁ ସମ୍ମାନ ଦେବା ଆବଶ୍ୟକ। ବିବିଧତା ମଧ୍ୟରେ ଏକତା ଏବଂ ଭାରତର ଧର୍ମନିରପେକ୍ଷତା କଥା ଉଲ୍ଲେଖ କରି ମମତା କହିଛନ୍ତି, ସେ ସନାତନ ଧର୍ମକୁ ସମ୍ମାନ ଦିଅନ୍ତି ଓ ବେଦରୁ ଜ୍ଞାନ ଆହରଣ କରିଛନ୍ତି। ତାଙ୍କ ସରକାର ରାଜ୍ୟର ପୁରୋହିତମାନଙ୍କୁ ପେନ୍‌ସନ ଦେଉଛନ୍ତି।

ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ପୁଅ ଉଦୟନିଧିଙ୍କ 'ସନାତନ ଧର୍ମ' ସମ୍ପର୍କିତ ମନ୍ତବ୍ୟକୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୋମବାର ନିନ୍ଦା କରିଛି। ଏଭଳି ମନ୍ତବ୍ୟ ସହ ବିରୋଧୀ ମେଣ୍ଟ 'ଇଣ୍ଡିଆ'ର କୌଣସି ସମ୍ପର୍କ ନାହିଁ ବୋଲି ମମତା ବାନାର୍ଜୀଙ୍କ ଦଳ କହିଛି। ସଦ୍ଭାବ



ମମତା ବାନାର୍ଜୀ

ଆମ ସଂସ୍କୃତି। ସବୁ ଧର୍ମ ପ୍ରତି ଆମର ସମ୍ମାନ ରହିଛି। କେହି କୌଣସି ଧର୍ମକୁ ଅପମାନିତ କରି ମନ୍ତବ୍ୟ ଦେଲେ ଆମେ ତାହାର ନିନ୍ଦା କରିବା ଆବଶ୍ୟକ ବୋଲି ଟିଏମ୍‌ସି ମୁଖପାତ୍ର କୁନାଲ ଘୋଷ କହିଛନ୍ତି।

ସୂଚନାଯୋଗ୍ୟ, ତାମିଲନାଡୁର କ୍ରୀଡ଼ା ଓ ଯୁବକଲ୍ୟାଣ ମନ୍ତ୍ରୀ ଉଦୟନିଧି ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସମାନତା ଓ ସାମାଜିକ ନ୍ୟାୟର ବିରୋଧୀ ସନାତନ ଧର୍ମର ବିଲୋପ ହେବା ଆବଶ୍ୟକ ବୋଲି କହିଥିଲେ। ସେ ସନାତନ ଧର୍ମକୁ କରୋନା ଭୂତାଣୁ, ମ୍ୟାଲେରିଆ ଓ ଡେଙ୍ଗୁ ଜ୍ୱର ସହ ତୁଳନା କରି ଏହାକୁ ନଷ୍ଟ କରିଦିଆଯିବା ଉଚିତ ବୋଲି କହିଥିଲେ। ତାଙ୍କର ଏଭଳି ମନ୍ତବ୍ୟକୁ ନେଇ ରାଜନୈତିକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଡିଏମ୍‌କେ ନେତା କ୍ଷମା ମାଗନ୍ତୁ ବୋଲି ଭାଜପା ଦାବି କରିଛି। ଏହି ପ୍ରସଙ୍ଗରେ ଭାଜପା ବିରୋଧୀ ମେଣ୍ଟ ଇଣ୍ଡିଆ ଏବଂ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଛି। ଅନ୍ୟପକ୍ଷରେ ଉଦୟନିଧିଙ୍କ ମନ୍ତବ୍ୟକୁ ନେଇ କଂଗ୍ରେସରେ ମତଭେଦ ଦେଖାଯାଇଛି। ବରିଷ୍ଠ କଂଗ୍ରେସ ନେତା କେ.ସି. ବେଣୁଗୋପାଳ କହିଛନ୍ତି, ସବୁ ଧର୍ମକୁ ସମ୍ମାନ ଦିଆଯିବା ଆବଶ୍ୟକ। କଂଗ୍ରେସ ସମସ୍ତଙ୍କ ଧର୍ମୀୟ ବିଶ୍ୱାସକୁ ସମ୍ମାନ କରେ। ସର୍ବଧର୍ମ ସମଭାବ କଂଗ୍ରେସର ଆଦର୍ଶ ବୋଲି ବେଣୁଗୋପାଳ କହିଛନ୍ତି। ବରିଷ୍ଠ କଂଗ୍ରେସ ନେତା କମଲନାଥ କହିଛନ୍ତି, ଏହା ଉଦୟନିଧିଙ୍କ ବ୍ୟକ୍ତିଗତ ମତ। ତାଙ୍କ ସହ କମଲନାଥ ଏକମତ ନ ଥିବା କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ପୁଅ ତଥା କର୍ନାଟକ ମନ୍ତ୍ରୀ ପ୍ରିୟଙ୍କ ଖାର୍ଗେ କହିଛନ୍ତି, ସମାନ ଅଧିକାର ଦେଉ ନ ଥିବା ଯେକୌଣସି ଧର୍ମ ରୋଗଠାରୁ ଭଲ ନୁହେଁ।

### ୟୁପି ମନ୍ତ୍ରୀ ସନାତନ ଧର୍ମକୁ ଅପମାନିତ କରିଥିଲେ

#### ଭିଡିଓ ଜାରି ପରେ ଇସ୍ତଫା ଦାବିକଲେ ବିରୋଧୀ

ଉତ୍ତରପ୍ରଦେଶ ରାମପୁରର ଲୋଧେଶ୍ୱର ମହାଦେବ ମନ୍ଦିରରେ ଥିବା ଶିବଲିଙ୍ଗ ଉପରେ ରାଜ୍ୟ ମନ୍ତ୍ରୀ ସତୀଶ ଶର୍ମା ହାତ ଧୋଉଥିବାର ଭିଡିଓ ଭାଇରାଲ ହେବା ପରେ ବିରୋଧୀ ଦଳଗୁଡ଼ିକ ଏହାର ନିନ୍ଦା କରିଛନ୍ତି। ମନ୍ଦିରର ପୂଜକ ସତୀଶଙ୍କୁ ଶିବଲିଙ୍ଗ ଆଧାରରେ ହାତ ଧୋଇବାରେ ସହାୟତା କରୁଥିବା ଭିଡିଓରୁ ଦେଖିବାକୁ ମିଳିଛି। ଭାଜପାକୁ ସମାଲୋଚନା କରିବା ପାଇଁ ଏହା ବିରୋଧୀ ଦଳ କଂଗ୍ରେସ ଏବଂ ସମାଜବାଦୀ ପାର୍ଟିକୁ ବଳ ଯୋଗାଇଛି। ୟୁପି ମନ୍ତ୍ରୀ ସନାତନ ଧର୍ମକୁ ଅପମାନିତ କରିଥିବା ୟୁପି କଂଗ୍ରେସ ସଭାପତି ଅଜୟ ରାୟ କହିଥିବାବେଳେ ସେ ଇସ୍ତଫା ଦିଅନ୍ତୁ ବୋଲି ଅନ୍ୟତମ କଂଗ୍ରେସ ନେତା ସୁରେନ୍ଦ୍ର ରାଜପୁତ ଦାବି କରିଛନ୍ତି। ଭାଜପା ମନ୍ତ୍ରୀ ଶିବଙ୍କୁ ଅପମାନିତ କରିଥିବାରୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ତାଙ୍କୁ



ସତୀଶ ଶର୍ମା

ବହିଷ୍କାର କରନ୍ତୁ ବୋଲି ସେ କହିଛନ୍ତି। ସେହିପରି ସମାଜବାଦୀ ପାର୍ଟି ନେତା ସୁନିଲ ସିଂ ସାଜନ କହିଛନ୍ତି, ଭିଡିଓର ଭାଜପାର ପ୍ରକୃତ ଚରିତ୍ର ଜଣାପଡ଼ିଛି। ଅଧର୍ମୀ ମନ୍ତ୍ରୀଙ୍କୁ ବହିଷ୍କାର କରିବାକୁ ସେ ଯୋଗୀଙ୍କୁ ଆହ୍ୱାନ ଦେଇଛନ୍ତି।

## ୟୁପି ପ୍ରିନ୍ସିପାଲ୍ ହତ୍ୟା ମାମଲା

### ଆଇଏସ୍ ସମର୍ଥକ ଦୋଷୀସାବ୍ୟସ୍ତ

ନୂଆଦିଲ୍ଲୀ,୪।୯(ପି.ଟି.)

ଉତ୍ତରପ୍ରଦେଶର ଜଣେ ଅବସରପ୍ରାପ୍ତ ହାଇସ୍କୁଲ୍ ପ୍ରିନ୍ସିପାଲ୍‌ଙ୍କୁ ହତ୍ୟା ମାମଲାରେ ଲକ୍ଷ୍ନୌର ସ୍ୱତନ୍ତ୍ର ଏନ୍ଆଇଏ କୋର୍ଟ ଆଇଏସ୍ ଆତଙ୍କବାଦୀ ସଂଗଠନ ସହ ସମ୍ପୃକ୍ତ ୨ ଉଗ୍ରପନ୍ଥୀଙ୍କୁ ଦୋଷୀସାବ୍ୟସ୍ତ କରିଛି। ୭ ବର୍ଷ ପୂର୍ବେ କାନ୍‌ପୁରର ପୂର୍ବତନ ସ୍କୁଲ୍ ପ୍ରିନ୍ସିପାଲ ରାମବାବୁ ଶୁକ୍ଳାଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ କାନପୁରର ଅତିଫ ମୁଜାଫର ଏବଂ ମହମ୍ମଦ ଫୈଜଲ ଖାନ୍ ଗିରଫ ହୋଇଥିଲେ। ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ଲାଗି ଶୁକ୍ଳାଙ୍କୁ ହତ୍ୟା କରାଯିବା ପଛରେ ଆଇଏସ୍‌ର ଷଡ଼ଯନ୍ତ୍ର ଥିବା ଏନ୍ଆଇଏ ଦର୍ଶାଇଥିଲା। ମାମଲାର ତୃତୀୟ ଅଭିଯୁକ୍ତ ମହମ୍ମଦ ସୈଫୁଲ୍ଲା ୨୦୧୭ ମାର୍ଚ୍ଚ ୭ରେ ଉତ୍ତରପ୍ରଦେଶର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ ଗୁଳିରେ ନିହତ ହୋଇଥିଲେ। ଦୋଷୀସାବ୍ୟସ୍ତ ଅତିଫ ଏବଂ ମହମ୍ମଦ ଫୈଜଲ ଖାନ୍‌ଙ୍କୁ ଆସନ୍ତା ୧୧ ତାରିଖରେ ଅଦାଲତ ଦଣ୍ଡବିଧାନ କରିବେ।

## ଏନ୍‌ସି ନେତାଙ୍କୁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

### ବିଧାନସଭାରେ ପାକିସ୍ତାନ ସପକ୍ଷ ସ୍ଲୋଗାନ



ମହମ୍ମଦ ଆକବର ଲୋନ୍

ନୂଆଦିଲ୍ଲୀ,୪।୯

୨୦୧୮ରେ ଜମ୍ମୁ-କଶ୍ମୀର ବିଧାନସଭାରେ 'ପାକିସ୍ତାନ ଜିନ୍ଦାବାଦ୍' ସ୍ଲୋଗାନ ଦେଇଥିବା ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ନେତା ମହମ୍ମଦ ଆକବର ଲୋନ୍‌ଙ୍କୁ ଦିନକ ମଧ୍ୟରେ ସତ୍ୟପାଠ ଦାଖଲ କରିବା ଲାଗି ସୁପ୍ରିମକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ସେ ଭାରତର ସମ୍ବିଧାନକୁ ମାନୁଥିବା, ଦେଶର ସାର୍ବଭୌମତ୍ୱ ଏବଂ ଜମ୍ମୁ-କଶ୍ମୀରକୁ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଗ୍ରହଣ କରିଥିବା ନେଇ ସତ୍ୟପାଠରେ ଉଲ୍ଲେଖ କରିବେ। ବିଚ୍ଛିନ୍ନତାବାଦୀ ଶକ୍ତିଙ୍କ ସମର୍ଥନରେ ବିଧାନସଭାରେ ପାକିସ୍ତାନ ଜିନ୍ଦାବାଦ ସ୍ଲୋଗାନ ଦେଇ ଲୋନ୍ ବଡ଼ ବିବାଦ ସୃଷ୍ଟି କରିଛନ୍ତି। ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ଚ୍ୟାଲେଞ୍ଜ କରିବାରେ ଲୋନ୍ ହେଉଛନ୍ତି ମୁଖ୍ୟ ପିଟିଶନର। ସୋମବାର ଶୁଣାଣି ବେଳେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ, ଲୋନ୍ ସର୍ବୋଚ୍ଚ ଅଦାଲତଙ୍କୁ କ୍ଷମା ମାଗିବା ସହ ଭାରତର ସମ୍ବିଧାନ ପ୍ରତି ତାଙ୍କର ନିଷ୍ଠା ଥିବା ପ୍ରମାଣ ଦେଇ ସତ୍ୟପାଠ ଦାଖଲ କରନ୍ତୁ।

## ପୂର୍ବତନ ଏଏପି କାଉନସିଲରଙ୍କୁ ଜାମିନ

### ଦିଲ୍ଲୀ ଦଙ୍ଗା ମାମଲା

ନୂଆଦିଲ୍ଲୀ,୪।୯

୨୦୨୦ ଦିଲ୍ଲୀ ଦଙ୍ଗା ମାମଲାର ଅଭିଯୁକ୍ତ ପୂର୍ବତନ ଏଏପି କାଉନସିଲର ତାହିର ହୁସେନଙ୍କୁ ଦିଲ୍ଲୀ ଅଦାଲତ ଜାମିନ ପ୍ରଦାନ କରିଛନ୍ତି। ହୁସେନଙ୍କୁ ଯଦିଓ ଜାମିନ ମିଳିଛି, ତେବେ ସେ ଜେଲ୍‌ରେ ହିଁ ରହିବେ। କାରଣ ତାଙ୍କ ବିରୋଧରେ ଅନ୍ୟ ସାମ୍ପ୍ରଦାୟିକ ଦଙ୍ଗା ମାମଲା ବିଚାରାଧୀନ ରହିଛି। ୫ଟି ଦଙ୍ଗା ମାମଲାରେ ହୁସେନଙ୍କୁ ଦିଲ୍ଲୀ ହାଇକୋର୍ଟ ଚଳିତ ବର୍ଷ ଜୁଲାଇ ୧୨ରେ ଜାମିନ ପ୍ରଦାନ କରିଥିଲେ। ଏହା ଆଧାରରେ ତାଙ୍କୁ ୨୦୨୦ ଦଙ୍ଗା ମାମଲାରେ ଜାମିନ ପ୍ରଦାନ କରାଯାଇଛି।

## ରାଜ୍ୟପାଳ-ପଶ୍ଚିମବଙ୍ଗ ସରକାର ମୁହାଁମୁହିଁ

### କୁଳପତି ନିଯୁକ୍ତି

କୋଲକାତା,୪।୯

କୁଳପତି ନିଯୁକ୍ତିକୁ ନେଇ ପଶ୍ଚିମବଙ୍ଗ ରାଜ୍ୟପାଳ ଓ ଟିଏମ୍‌ସି ମଧ୍ୟରେ ପୁଣି ନୂଆ ବିବାଦ ଦେଖାଦେଇଛି। ରବିବାର ରାଜ୍ୟର ୭ଟି ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ରାଜ୍ୟପାଳ ସି.ଭି. ଆନନ୍ଦବୋଷ ନିଯୁକ୍ତି ଦେଇଥିଲେ। ଏହାକୁ ନେଇ ସୋମବାର ରାଜ୍ୟ ଶିକ୍ଷାମନ୍ତ୍ରୀ ଭତ୍ୟ ବାସୁ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି ରାଜ୍ୟପାଳ ସ୍ୱେଚ୍ଛାଚାରୀ ଭାବେ କାମ କରୁଛନ୍ତି। ଏହା ବିଶ୍ୱବିଦ୍ୟାଳୟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେବ। ରାଜ୍ୟପାଳଙ୍କ ଭୂମିକା ଓ କାର୍ଯ୍ୟ ସମ୍ପର୍କରେ ଯେଉଁ ବିଲ୍ ରାଜ୍ୟ ବିଧାନସଭାରେ ପାରିତ ହୋଇଥିଲା ତାର ଖୋଲା ଉଲ୍ଲଙ୍ଘନ ବୋଲି ମନ୍ତ୍ରୀ ବାସୁ ଅଭିଯୋଗ କରିଛନ୍ତି। ରାଜ୍ୟପାଳଙ୍କ ଏହି ପଦକ୍ଷେପ ରାଜ୍ୟର ଉଚ୍ଚ ଶିକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ନଷ୍ଟ କରିବ। ରାଜ୍ୟର କୌଣସି ବ୍ୟକ୍ତିଙ୍କ ବିନା



ସି.ଭି. ଆନନ୍ଦବୋଷ

ପରାମର୍ଶରେ ଏହି ନିଯୁକ୍ତି ଦିଆଯାଇଛି। ଆଇନ ଅନୁସାରେ ରାଜ୍ୟପାଳ ସମସ୍ତ ବିଶ୍ୱବିଦ୍ୟାଳୟର କୁଳାଧିପତି। କିନ୍ତୁ ଏହାର ଅର୍ଥ ନୁହେଁ ଯେ, ସେ କ୍ଷମତାର ଅପବ୍ୟବହାର କରିବେ। ରାଜ୍ୟର ଶିକ୍ଷାବିତ୍ ଫୋରମ୍ ମଧ୍ୟ ରାଜ୍ୟପାଳଙ୍କ ଏଭଳି ପଦକ୍ଷେପ ଉଚ୍ଚ ଶିକ୍ଷା ବ୍ୟବସ୍ଥା ଲାଗି ଆଦୌ ଶୁଭଙ୍କର ନୁହେଁ ବୋଲି କହିଛି।

## କଂଗ୍ରେସ କାର୍ଯ୍ୟକ୍ରମର ବାସି ଖାଦ୍ୟ ଖାଇ ୨୦ ଗୋରୁ ମୃତ

ରାୟପୁର,୪।୯

ଛତିଶଗଡ଼ର ନୟା ରାୟପୁର ଅନ୍ତର୍ଗତ ଟୁଟା ଗ୍ରାମରେ ୨୦ରୁ ଉର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ଘଟିବା ସହ ଅନେକ ଅସୁସ୍ଥ ହୋଇପଡ଼ିଥିବାରୁ ବିରୋଧୀ ଭାଜପା କଂଗ୍ରେସ ସରକାରଙ୍କୁ ସମାଲୋଚନା କରିଛି। ଖବର ଅନୁଯାୟୀ ଗତ ୨ ତାରିଖରେ ଉକ୍ତ ସ୍ଥାନରେ ରାଜୀବ ଯୁବ ମିତନ କ୍ଲବ୍ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା, ଯେଉଁଥିରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପାଇଁ ଆସିଥିବା ଖାଦ୍ୟ ପ୍ୟାକେଟ୍ ମଧ୍ୟରୁ ପ୍ରାୟ ୨ରୁ ୩ ଟ୍ରକ୍ ପ୍ୟାକେଟ ବଳିଥିଲା। ସେଗୁଡ଼ିକ ବାସି ହୋଇଯିବାରୁ କାର୍ଯ୍ୟକ୍ରମ ସ୍ଥଳରେ ଫିଙ୍ଗିଦିଆଯାଇଥିଲା, ଯାହାକୁ ଖାଇ ଗୋରୁଙ୍କ ଜୀବନ ଗଲା ବୋଲି ଗାଁ ଲୋକେ ଓ ଗୋରୁ ମାଲିକ ଅଭିଯୋଗ କରିଛନ୍ତି।

## ଇସ୍ରୋର ମହିଳା ବୈଜ୍ଞାନିକଙ୍କ ପରଲୋକ

### ଚନ୍ଦ୍ରଯାନ-୩ ସମେତ ବିଭିନ୍ନ ମିଶନର ଅବଗଣନା କରିଥିଲେ

ବେଙ୍ଗାଲୁରୁ,୪।୯

ଇସ୍ରୋର ମହିଳା ବୈଜ୍ଞାନିକ ଏନ୍.ଭାଲରମଥିଙ୍କର ଶନିବାର ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଚନ୍ଦ୍ରଯାନ-୩ ସମେତ ଇସ୍ରୋର ଅନେକ ମିଶନ ଲାଗି କାଉଣ୍ଟଡାଉନ (ଅବଗଣନା) କରିଥିଲେ। ଚନ୍ଦ୍ରଯାନ-୩ ତାଙ୍କର ଶେଷ କାଉଣ୍ଟଡାଉନ୍ ଥିଲା। ତାଙ୍କ ପରଲୋକରେ କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଭବିଷ୍ୟତରେ ଶ୍ରୀହରିକୋଟାରୁ ଇସ୍ରୋର ମିଶନ୍‌ର କାଉଣ୍ଟଡାଉନ ବେଳେ ଭାଲରମଥିଙ୍କ ସ୍ୱର ଆଉ ଶୁଣିବାକୁ ମିଳିବ ନାହିଁ



ଏନ୍. ଭାଲରମଥି

ବୋଲି ଏହାର ପୂର୍ବତନ ନିର୍ଦ୍ଦେଶକ ଡ. ପି.ଭି. ଭେଙ୍କିଟାକ୍ରିଷ୍ଣନ କହିଛନ୍ତି।

# ତୃତୀୟ ବିବାହ କଲେ ହରିଶ ସାଲ୍‌ଭେ

ଲଣ୍ଡନ,୪।୯

ଭାରତର ପୂର୍ବତନ ସଲିସିଟର ଜେନେରାଲ ତଥା ଖ୍ୟାତନାମା ଆଇନଜୀବୀ ହରିଶ ସାଲ୍‌ଭେ ରବିବାର ଲଣ୍ଡନରେ ଏକ ଘରୋଇ ଉତ୍ସବରେ ଟ୍ରିନାଙ୍କୁ ବିବାହ କରିଛନ୍ତି। ୬୮ ବର୍ଷୀୟ ସାଲ୍‌ଭେଙ୍କର ଏହା ତୃତୀୟ ବିବାହ। ହରିଶ ସ୍ତ୍ରୀ ଟ୍ରିନାଙ୍କ ସହ ଛିଡ଼ାହୋଇ ତାଙ୍କ କପାଳରେ ଚୁମ୍ବନ ଦେଉଥିବାର ଭିଡିଓରେ ଦେଖିବାକୁ ମିଳିଛି। ଏହି ବିବାହ ଉତ୍ସବରେ ନୀତା ଅମ୍ବାନୀ, ପୂର୍ବତନ ଆଇପିଏଲ୍ ଅଧ୍ୟକ୍ଷ ଲଲିତ ମୋଦି, ଉଜ୍ଜ୍ୱଳ ରାଉତଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ। ସାଲ୍‌ଭେ ୩୮ ବର୍ଷର ବୈବାହିକ ଜୀବନ ଅତିବାହିତ କରିବା ପରେ ୨୦୨୦ ଜୁନ୍‌ରେ ତାଙ୍କ



ତୃତୀୟ ସ୍ତ୍ରୀ ଟ୍ରିନାଙ୍କ ସହ ହରିଶ ସାଲ୍‌ଭେ।

ପ୍ରଥମ ସ୍ତ୍ରୀ ମୀନାକ୍ଷୀ(୩୮)ଙ୍କୁ ଛାଡ଼ପତ୍ର ଦେଇଥିଲେ। ସାଲ୍‌ଭେ ଓ ମୀନାକ୍ଷୀଙ୍କର ଦୁଇ ଝିଅ ସାକ୍ଷୀ ଓ ସାନିୟା ରହିଛନ୍ତି। ୨୦୨୦ରେ ସାଲ୍‌ଭେ କାରୋଲିନ୍ ବ୍ରୋସାର୍ଡଙ୍କୁ ଦ୍ୱିତୀୟ ବିବାହ କରିଥିଲେ।

ସୁପ୍ରିମକୋର୍ଟରେ ଆଇନ ବ୍ୟବସାୟ କରୁଥିବା ସାଲ୍‌ଭେ ବହୁ ହାଇପ୍ରୋଫାଇଲ ମାମଲାରେ ଓକିଲାତି କରିଛନ୍ତି। କୁଲଭୂଷଣ ଯାଦବଙ୍କ ବିରୋଧରେ ପାକିସ୍ତାନ ଗୁପ୍ତଚର ଅଭିଯୋଗ ଆଣିବା ପରେ ସେଠାର ସାମରିକ ଅଦାଲତ ତାଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ତାଙ୍କ ପାଇଁ ସାଲ୍‌ଭେ ମାମଲା ଲଢ଼ି ମାତ୍ର ୧ ଟଙ୍କା ଫି ନେଇଥିଲେ। କ୍ରିଷ୍ଣା ଗୋଦାବରୀ ଅବବାହିକା ଗ୍ୟାସ୍ ବିବାଦ ଏବଂ ବଲିଉଡ୍ ସୁପରଷ୍ଟାର ସଲ୍‌ମାନ ଖାନ୍‌ଙ୍କ ହିଟ୍ ଆଣ୍ଡ ରନ୍ ମାମଲାକୁ ସାଲ୍‌ଭେ ପରିଚାଳନା କରିଥିଲେ। ସୁପ୍ରିମକୋର୍ଟରେ ପ୍ରଥମ ଆଣ୍ଟି-ଡମ୍ପିଙ୍ଗ୍ ମାମଲାରେ ଯୁକ୍ତି ଉପସ୍ଥାପନ କରି ଖ୍ୟାତି ଅର୍ଜନ କରିଥିଲେ। ସେ ୧୯୯୯ ନଭେମ୍ବରରୁ ୨୦୦୨ ନଭେମ୍ବର ଭାରତର ସଲିସିଟର ଜେନେରାଲ ଥିଲେ। ଏହା ବ୍ୟତୀତ ୱେଲ୍ସ ଏବଂ ଇଂଲଣ୍ଡ କୋର୍ଟରେ ସେ ମହାରାଣୀଙ୍କ ଓକିଲ ନିଯୁକ୍ତ ହୋଇଥିଲେ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୫/୨୦୨୩ | Bhubaneswar, Tuesday, September 5/2023


# ଚାଉଳ ମିଳିଲାନି, ଯୋଗାଣ ଅଧିକାରୀଙ୍କୁ ପିଟିଲେ

**ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ରେ ଦିଆଯାଉଥିବା ଚାଉଳ ୨ ମାସ ଧରି ପାଇଲେନି ହିତାଧିକାରୀ। ସେମାନେ ଏନେଇ ବାରମ୍ବାର ଜଣାଇବା ସତ୍ତ୍ୱେ ବଣ୍ଟନ ଦାୟିତ୍ୱରେ ଥିବା କର୍ମଚାରୀ ଓ ଅଧିକାରୀ କୌଣସି ପଦକ୍ଷେପ ନେଇନାହାନ୍ତି। ଶେଷରେ ମହିଳା ହିତାଧିକାରୀଙ୍କ ଅସନ୍ତୋଷ ସୋମବାର ଉଗ୍ରରୂପ ନେଇଛି। ସେମାନେ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଯୋଗାଣ ଅଧିକାରୀଙ୍କୁ ଅଫିସ୍‌ରୁ ଘୋଷାରି ନେଇ ରାସ୍ତାରେ ପିଟିଛନ୍ତି। ଏହି ଘଟଣାରେ ପୋଲିସ ଜଣେ ମହିଳାଙ୍କ ସମେତ ୨ଜଣଙ୍କୁ ଥାନାରେ ଅଟକ ରଖିଛି।**

ବାସୁଦେବପୁର, ୪।୯(ନାରାୟଣ ପ୍ରସାଦ ବାରିକ)


ବାସୁଦେବପୁର ମୁଖ୍ୟ ବଜାର ରାସ୍ତାରେ ମହିଳାଙ୍କ କବଳରୁ ଯୋଗାଣ ଅଧିକାରୀଙ୍କୁ ପୋଲିସ ଉଦ୍ଧାର କରୁଛି।

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କରଞ୍ଜଆଡ଼ିଆ ପଞ୍ଚାୟତର ୭ଶହ ହିତାଧିକାରୀ ଚଳିତବର୍ଷ ଫେବୃୟାରୀ ଏବଂ ମାର୍ଚ୍ଚ ମାସର ପିଡିଏସ୍ ଚାଉଳ ପାଇ ନାହାନ୍ତି। ତାହା ସେମାନେ କେବେ ପାଇବେ ସେନେଇ କିଛି ସ୍ପଷ୍ଟ ହୋଇପାରିଲା ନାହିଁ। ଏନେଇ ହିତାଧିକାରୀମାନଙ୍କ ମଧ୍ୟରେ ଅସନ୍ତୋଷ ରହିଥିବାବେଳେ ସୋମବାର ଅପରାହ୍ନ ପ୍ରାୟ ୨ଟାବେଳେ ଶତାଧିକ ମହିଳା ବ୍ଲକ କାର୍ଯ୍ୟାଳୟସ୍ଥିତ ଯୋଗାଣ ଅଧିକାରୀଙ୍କ ପ୍ରକୋଷ୍ଠରେ ପହଞ୍ଚି ଚାଉଳ ଦେବାକୁ ଦାବି କରିଥିଲେ। ଖବରପାଇ ବାସୁଦେବପୁର ଥାନା ପୋଲିସ ମଧ୍ୟ ପହଞ୍ଚିଥିଲା। ପୋଲିସ ଉପସ୍ଥିତିରେ ଯୋଗାଣ ଅଧିକାରୀ ଓ ମହିଳାମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଚାଉଳ ମିଳିବା ନେଇ କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଅପରାହ୍ନ ୩ଟା ବେଳେ ମହିଳାମାନେ ଯୋଗାଣ ଅଧିକାରୀ ଅଜୟ କୁମାର ଦାସଙ୍କୁ ତାଙ୍କ ସିଟ୍‌ରୁ ଘୋଷାରି କାର୍ଯ୍ୟାଳୟ ବାହାରକୁ ନେଇଯାଇଥିଲେ। ଏହାପରେ ଯୋଗାଣ ଅଧିକାରୀ ଦାସଙ୍କୁ ମହିଳାମାନେ ମାଡ଼ ମାରିବା ସହ ଟାଣିଓଟାରି ଟ୍ରାଫିକ ଛକ ଦେଇ ପୌରପାଳିକା ଛକ ପର୍ଯ୍ୟନ୍ତ ୩ଶହ ମିଟର ଚଲାଇ ନେଇଥିଲେ। ଯୋଗାଣ ଅଧିକାରୀ ଦାସ ଅସୁସ୍ଥ ହେବା ସହ ଚାଲିବାକୁ ଅକ୍ଷମ ହୋଇପଡ଼ିବା ସତ୍ତ୍ୱେ ତାଙ୍କୁ ବାସୁଦେବପୁର ମୁଖ୍ୟ ବଜାର ରାସ୍ତାରେ ଚଲାଇ ନିଆଯାଇଥିଲା। ☞ପୃଷ୍ଠା-୬

# ଭାଜପା ସମ୍ପତ୍ତି ୨୧% ବୃଦ୍ଧି

ନୂଆଦିଲ୍ଲୀ, ୪।୯ (ପି.ଟି.)

**ଜାତୀୟ ଦଳଙ୍କ ଧନ ୮,୮୨୯ କୋଟି**




୮ଟି ଜାତୀୟ ରାଜନୈତିକ ଦଳ ୨୦୨୧-୨୨ ଆର୍ଥିକ ବର୍ଷ ଲାଗି ସେମାନଙ୍କ ସମ୍ପତ୍ତି ୮,୮୨୯ କୋଟି ୧୬ ଲକ୍ଷ ଟଙ୍କା ବୋଲି ଘୋଷଣା କରିଛନ୍ତି। ୨୦୨୦-୨୧ରେ ଏହି ପରିମାଣ ୭,୨୯୭ କୋଟି ୬୨ ଲକ୍ଷ ଥିଲା। ଆସୋସିଏଶନ ଅଫ୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ସଦ୍ୟ ପ୍ରକାଶ କରିଥିବା ରିପୋର୍ଟରେ ଏହି ତଥ୍ୟ ପ୍ରଦାନ କରିଛି।

ଭାଜପା, କଂଗ୍ରେସ, ଏନ୍‌ସିପି, ବିଏସ୍‌ପି, ସିପିଆଇ, ସିପିଆଇ(ଏମ୍), ଏଆଇଟିଏମ୍‌ସି ଏବଂ ଏନ୍‌ପିପି ଆର୍ଥିକ ବର୍ଷ ୨୦୨୦-୨୧ ଓ ୨୦୨୧-୨୨ ସକାଶେ ସେମାନଙ୍କ ସମ୍ପତ୍ତି ତାଲିକା ପ୍ରଦାନ କରିଛନ୍ତି। ୨୦୨୦-୨୧ରେ ଭାଜପା ତା'ର ସମ୍ପତ୍ତି ୪,୯୯୦ କୋଟି ଟଙ୍କା ଥିବା କହିଥିବା ବେଳେ ୨୦୨୧-୨୨ରେ ଏହି ପରିମାଣ ବଢ଼ି ୬,୦୪୬ କୋଟି ୮୧ ଲକ୍ଷ ଟଙ୍କାରେ ପହଞ୍ଚିଛି। ଅର୍ଥାତ୍ ପୂର୍ବ ବର୍ଷ ତୁଳନାରେ ଭାଜପା ସମ୍ପତ୍ତି ୨୧.୧୭ ପ୍ରତିଶତ ବୃଦ୍ଧିପାଇଛି। ଏଡିଆର୍ ରିପୋର୍ଟ ଅନୁଯାୟୀ, ୨୦୨୦-୨୧ରେ କଂଗ୍ରେସ ସମ୍ପତ୍ତି ୬୯୧ କୋଟି ୧୧ ଲକ୍ଷ ଥିବା ବେଳେ ୨୦୨୧-୨୨ରେ ଏହା ୧୬.୫୮ ପ୍ରତିଶତ ବଢ଼ି ୮୦୫ କୋଟି ଟଙ୍କା ହୋଇଛି। ବିଏସ୍‌ପି ହେଉଛି ଏକମାତ୍ର ଜାତୀୟ ଦଳ, ଯାହାର ବାର୍ଷିକ ସମ୍ପତ୍ତି ପରିମାଣ ହ୍ରାସ ପାଇଥିବା ଦର୍ଶାଇଛି। ୨୦୨୦-୨୧ ଏବଂ ୨୦୨୧-୨୨ ମଧ୍ୟରେ ଦେଖିଲେ ଏହାର ସମ୍ପତ୍ତି ପରିମାଣ ୭୩୨ କୋଟି ୭୯ ଲକ୍ଷରୁ କମି ୬୯୦ କୋଟି ୭୧ ଲକ୍ଷ ହୋଇଛି। ଅର୍ଥାତ୍ ୫.୭୪ ପ୍ରତିଶତ ହ୍ରାସ ପାଇଛି। ଏହି ସମୟ ମଧ୍ୟରେ ଟିଏମ୍‌ସିର ସମୁଦାୟ ସମ୍ପତ୍ତି ୧୫୧.୭୦ ପ୍ରତିଶତ ବଢ଼ିଛି। ୨୦୨୦-୨୧ରେ ଏହା ୧୮୨ କୋଟି ଟଙ୍କା ଥିବାବେଳେ ୨୦୨୧-୨୨ରେ ବଢ଼ି ୪୫୮ କୋଟି ୧୦ ଲକ୍ଷରେ ପହଞ୍ଚିଛି।

ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପିର ସମ୍ପତ୍ତି ୨୦୨୧-୨୨ରେ ୭୪ କୋଟି ୫୪ ଲକ୍ଷ ହୋଇଥିବା ବେଳେ ପୂର୍ବ ଆର୍ଥିକ ବର୍ଷରେ ଥିଲା ୩୦ କୋଟି ୯୩ ଲକ୍ଷ ଟଙ୍କା। ସେହିପରି ସିପିଆଇ ସମ୍ପତ୍ତି ୨୦୨୦-୨୧ରେ ୧୪ କୋଟି ୫ ଲକ୍ଷ ଥିବା ବେଳେ ବଢ଼ି ପରବର୍ତ୍ତୀ ଆର୍ଥିକ ବର୍ଷରେ ୧୫ କୋଟି ୭୨ ଲକ୍ଷରେ ପହଞ୍ଚିଛି। ଅନୁରୂପ ଭାବେ ସିପିଆଇ(ଏମ୍) ସମ୍ପତ୍ତି ୨୦୨୦-୨୧ରେ ୬୫୪ କୋଟି ୭୯ ଲକ୍ଷ ଥିବା ବେଳେ ୨୦୨୧-୨୨ରେ ୭୩୫ କୋଟି ୭୭ ଲକ୍ଷ ହେଇଛି। ତେବେ କନ୍‌ରାଡ ସାଙ୍ଗମାଙ୍କ ନେତୃତ୍ୱାଧୀନ ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି)ର ୨୦୨୧-୨୨ ଆର୍ଥିକ ବର୍ଷରେ ସମ୍ପତ୍ତି ଅତି ସ୍ୱଳ୍ପ ୧ କୋଟି ୮୨ ଲକ୍ଷ ଥିବା ଏଡିଆର୍ ରିପୋର୍ଟ ପ୍ରକାଶ କରିଛି।

# ଚନ୍ଦ୍ରପୃଷ୍ଠରେ ଡେଇଁଲା ଲ୍ୟାଣ୍ଡର ବିକ୍ରମ

ବେଙ୍ଗାଲୁରୁ,୪।୯

ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ରପୃଷ୍ଠରେ ପୁଣିଥରେ ସଫ୍ଟଲ୍ୟାଣ୍ଡିଂ କଲାବେଳେ ଡେଇଁବା ପରୀକ୍ଷାକୁ ସଫଳତାର ସହ ସମ୍ପନ୍ନ କରିଥିବା ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ପକ୍ଷରୁ କୁହାଯାଇଛି। ଇସ୍ରୋର କମାଣ୍ଡ ଅନୁଯାୟୀ ବିକ୍ରମ ଲ୍ୟାଣ୍ଡର ଇଞ୍ଜିନକୁ ଫାୟାର କରି ପ୍ରାୟ ୪୦ ସେଣ୍ଟିମିଟର ଉପରକୁ ଡେଇଁ ୩୦ରୁ ୪୦ ସେଣ୍ଟିମିଟର ଦୂରରେ ନିରାପଦର ସହ ଅବତରଣ କରିଥିଲା। ଭବିଷ୍ୟତର ପ୍ରତ୍ୟାବର୍ତ୍ତନ ଏବଂ ମାନବ ମିଶନ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅନୁଭୂତି।

ସୂଚନାଯୋଗ୍ୟ, ଭାରତର ଚନ୍ଦ୍ର ମିଶନ ଗତ ଅଗଷ୍ଟ ୨୩ରେ ଚନ୍ଦ୍ରପୃଷ୍ଠରେ ନିରାପଦର ସହ ସଫ୍ଟଲ୍ୟାଣ୍ଡିଂ କରି ଇତିହାସ ସୃଷ୍ଟି କରିଥିଲା। ଚନ୍ଦ୍ରପୃଷ୍ଠରେ ଅବତରଣ ☞ପୃଷ୍ଠା-୬






# ମାନବର ପ୍ରଥମ ବିବର୍ତ୍ତନ ୟୁରୋପରେ ହୋଇଥିଲା

ଟରୋଣ୍ଟୋ,୪।୯




ମାନବର ବିବର୍ତ୍ତନ ପ୍ରଥମେ ଆଫ୍ରିକାରେ ନୁହେଁ ବରଂ ୟୁରୋପରେ ହୋଇଥିଲା ବୋଲି ନୂଆ ସର୍ଭେରୁ ଜଣାପଡ଼ିଛି। ଯଦି ଏହି ସର୍ଭେ କଥା ସତ ହୁଏ, ତେବେ ଏକଥା କୁହାଯାଇପାରିବ ମାଙ୍କଡ଼ରୁ ମଣିଷର କ୍ରମ ବିବର୍ତ୍ତନ ପ୍ରଥମେ ୟୁରୋପରୁ ଆରମ୍ଭ ହୋଇଥିଲା। ସେହି ନିର୍ଦ୍ଦିଷ୍ଟ ପ୍ରଜାତିର ମାଙ୍କଡ଼ମାନେ ପ୍ରଥମେ ୟୁରୋପରେ ବାସ କରୁଥିଲେ। ତେଣୁ ପୂର୍ବରୁ ଆଫ୍ରିକାରୁ ପ୍ରଥମେ ମାନବର ବିବର୍ତ୍ତନ ହେବା କଥା ଯାହା କୁହାଯାଉଥିଲା ତାହା ଭୁଲ ହୋଇପାରେବୋଲି ଏହି ସର୍ଭେରେ କୁହାଯାଇଛି। ଆଦିମ ମାଙ୍କଡ଼ର ଖପୁରି ବିଷୟରେ ଗବେଷଣା କରିବା ପରେ ଏକଥା ଜଣାପଡ଼ିଛି। ଏହି ଆଦିମ ମାଙ୍କଡ଼ ଖପୁରିକୁ ଆନାଡୋଲୁଭିୟସ ତୁର୍କେ ବୋଲି କୁହାଯାଉଛି। ଏହି ଖପୁରି ତୁର୍କୀର କାନ୍‌କିରି ଅଞ୍ଚଳରୁ ପ୍ରଥମେ ଠାବ କରାଯାଇଥିଲା। ଏହା ପ୍ରାୟ ୮.୭ ନିୟୁତ ବର୍ଷ ତଳର ବୋଲି ଗବେଷଣାରୁ ଜଣାପଡ଼ିଛି। ଏହି ସର୍ଭେରେ ଏକଥା ମଧ୍ୟ ଦାବି କରାଯାଇଛି, ଆଫ୍ରିକୀୟ ମାଙ୍କଡ଼ ଏବଂ ମନୁଷ୍ୟର ବିବର୍ତ୍ତନ ପ୍ରଥମେ ୟୁରୋପରୁ ହିଁ ଆରମ୍ଭ ହୋଇଛି। ୟୁରୋପୀୟ ମାଙ୍କଡ଼ ଓ ଆଦିମ ମାନବମାନେ ଜଳବାୟୁ ପରିବର୍ତ୍ତନ କିମ୍ବା ଅନ୍ୟ କୌଣସି କାରଣରୁ ୟୁରୋପ ଛାଡ଼ି ପ୍ରାୟ ୭ ନିୟୁତ ବର୍ଷ ପୂର୍ବେ ଆଫ୍ରିକା ଚାଲି ଆସିଥିଲେ। ଟରୋଣ୍ଟୋ ବିଶ୍ୱବିଦ୍ୟାଳୟର ମାନବ ବିଜ୍ଞାନ ପ୍ରଫେସର ଡେଭିଡ ବେଗୁନ କହିଛନ୍ତି, ମଣିଷର ପୂର୍ବ ଅବସ୍ଥା(ବଣମଣିଷ)କେବଳ ଯେ ପଶ୍ଚିମ ଏବଂ କେନ୍ଦ୍ରୀୟ ୟୁରୋପରେ ବିବର୍ତ୍ତନ ହୋଇଥିଲା ତାହା ନୁହେଁ ବରଂ ☞ପୃଷ୍ଠା-୬

# ଏନ୍‌ଆଇଟି ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

ରାଉରକେଲା,୪।୯
(ସଙ୍ଗୀତା ଜେନା)

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ର ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ସୋମବାର କଲେଜ ହଷ୍ଟେଲ ରୁମ୍‌ରୁ ଜବତ କରିଛି। ମୃତକ ହେଲେ ବିଟେକ୍ ଦ୍ୱିତୀୟ ବର୍ଷ ଛାତ୍ର ଦେବମାଲ୍ୟ ରାୟ କର୍ମାକର(୨୧) ଏବଂ ସେ ତ୍ରିପୁରାର ବାସିନ୍ଦା। ପୋଲିସ ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ତଦନ୍ତ କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୮।୨୩) ରୁଜୁ ହୋଇଛି। ମୃତଦେହକୁ ଆଇଜିଏଚ୍ ମର୍ଗରେ ରଖାଯାଇଛି। ମଙ୍ଗଳବାର ମୃତ ଛାତ୍ରଙ୍କ ଅଭିଭାବକ ରାଉରକେଲାରେ ପହଞ୍ଚିବା ପରେ ବ୍ୟବଚ୍ଛେଦ କରାଯିବ ବୋଲି ସେକ୍ଟର-୩ ଥାନା ପୋଲିସ ସୂଚନା ଦେଇଛି।

ପୋଲିସ ସୂଚନା ଅନୁସାରେ, ଦେବମାଲ୍ୟ ଏମ୍‌ଏସ୍ ସ୍ୱାମୀନାଥନ୍ ହଲ ଅଫ୍ ରେସିଡେନ୍ସର କ୍ୱାର୍ଟର ନମ୍ବର ଡି-୩୧୩ରେ ରହୁଥିଲେ। ସୋମବାର ସକାଳେ ଘରଲୋକେ ତାଙ୍କ ମୋବାଇଲକୁ ଫୋନ୍ କରିଥିଲେ। ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ପାରିବାରୁ ସେମାନେ ହଷ୍ଟେଲ ୱାର୍ଡେନ୍‌ଙ୍କୁ ଯୋଗାଯୋଗ କରିଥିଲେ। ☞ପୃଷ୍ଠା-୬

**ଆଜିର ସମ୍ପାଦକୀୟ**

**ମଣିପୁର ବିଭାଜନ**




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାରିଆ ଖଡ଼ାକୁ ନବାତ**
**ତହିଁ ଭାବ ନାହିଁ ସଙ୍ଗାତ ।**

ଖାରିଆ ଖଡ଼ା ସଙ୍ଗେ ଗୁଡ଼ର ମିଶ୍ରଣ କଲେ ମଧ୍ୟ ତା'ର ଖାରିଆ ଦୋଷ କେବେହେଲେ କଟିପାରି ନ ଥାଏ । ଠିକ୍ ସେହିପରି ଯାହାଠାରେ ପଦେ ମଧୁର କଥା ନାହିଁ, ତା'ସହ ଭାବ କରି କିଛି ଲାଭ ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି ।

**ଖାଲି ମୁକୁନ୍ଦା ଫେର୍ ଫାର୍**
**ଦୋହରି ପଇସା ଅଣ୍ଟାରେ ମାର୍ ।**

ଚାକ ଚିକ୍କଣ, ବାହାରକୁ ବଡ଼ ଲୋକର ଆଡ଼ା । ଠାଣି ମାଣି । ଉପୁରି ପଇସା ଅଣ୍ଟାରେ ଖୋସି ବଡ଼ଲୋକି ଦେଖେଇବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ




# ଲଘୁଚାପ: ୮ ଯାଏ ବର୍ଷା ସମ୍ଭାବନା

ଭୁବନେଶ୍ୱର,୪।୯(ଅନିଲ ଦାସ)

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଲଘୁଚାପରେ ପରିଣତ ହୋଇପାରେ । ଏହା ପ୍ରଭାବରେ ଆଗାମୀ ୨ ଦିନ ଯାଏ ରାଜ୍ୟରେ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି । ଲଘୁଚାପ ପ୍ରଭାବରେ ଆସନ୍ତା ୮ ତାରିଖ ଯାଏ କେତେକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ମଙ୍ଗଳବାର କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ସମ୍ବଲପୁର, ବୌଦ୍ଧ, କନ୍ଧମାଳ, ଅନୁଗୋଳ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା (୭ରୁ ୧୧ ସେଣ୍ଟିମିଟର) ହୋଇପାରେ । ଏ ନେଇ ଏହି ଜିଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି । ଏହି ସମୟରେ ଢେଙ୍କାନାଳ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ନୟାଗଡ଼, ଗଞ୍ଜାମ, କନ୍ଧମାଳ, ବଲାଙ୍ଗୀର, ସୋନପୁର, କୋରାପୁଟ, ମାଲକାନଗିରି ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ କହିଛି । ଏ ନେଇ ଏଲୋ ୱାର୍ନିଂ ଜାରି କରାଯାଇଛି ।

ଘୂର୍ଣ୍ଣିବଳୟ ଯୋଗୁ ଗତ ୨ ଦିନ ଧରି କେତେକ ସ୍ଥାନରେ ବର୍ଷା ଲାଗି ରହିଛି । ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ଚାନ୍ଦବାଲିରେ ୪୦.୫ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ ଅନୁଗୋଳ ୩୦, ତାଳଚେର ୧୨, ହୀରାକୁଦ ୧୮, ଫୁଲବାଣୀ ୧୯.୪, ଟିଟିଲାଗଡ ୨୬, ସୋନପୁର ୩୧.୮, ଦାରିଙ୍ଗିବାଡି ୩୯, ନୟାଗଡ ୨୫, ପାରଳାଖେମୁଣ୍ଡି ୩୩, ଢେଙ୍କାନାଳ ୨୬, ବରଗଡରେ ୨୪.୨ ମିଲିମିଟର ବର୍ଷା ହୋଇଛି ।

# ଯାନ୍ତ୍ରିକ ତ୍ରୁଟି ଯୋଗୁ ବିମାନର ଜରୁରୀ ଅବତରଣ

ଭୁବନେଶ୍ୱର, ୪।୯(ଅସମାପିକା ସାହୁ)

ଭୁବନେଶ୍ୱର-ନୂଆଦିଲ୍ଲୀ ଇଣ୍ଡିଗୋ ବିମାନ ୬ଇ ୨୦୬୫ ସୋମବାର ଜରୁରୀ ଅବତରଣ କରିଥିଲା । ଧାର୍ଯ୍ୟ ସମୟାନୁସାରେ ଏହି ବିମାନ ସୋମବାର ସକାଳ ୭ଟା ୫୦ଟାରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ଉଡ଼ାଣ ଆରମ୍ଭ କରିଥିଲା । କିନ୍ତୁ ଉଡ଼ାଣର କିଛି ସମୟ ପରେ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା । ଫଳରେ ପାଇଲଟ୍ ଜରୁରୀ ଅବତରଣ ପାଇଁ ଅନୁମତି ଲୋଡ଼ିଥିଲେ ଏବଂ ବିମାନଟିକୁ ପୁଣି ଭୁବନେଶ୍ୱର ବିମାନବନ୍ଦରକୁ ଫେରାଇ ଆଣି ସୁରକ୍ଷିତ ଅବତରଣ କରିଥିଲେ । ପରେ ବିମାନଟିର ତ୍ରୁଟି ଯାଞ୍ଚ କରାଯାଇଥିଲା । ଯେଉଁ ଯାନ୍ତ୍ରିକ ତ୍ରୁଟି ରହିଥିଲା ସେଥିପାଇଁ ଯନ୍ତ୍ରାଂଶ ଅଣାଯାଇ ଆବଶ୍ୟକ ମରାମତି ହୋଇଛି । କିନ୍ତୁ ବିମାନଟି ପୁଣି ଉଡ଼ାଣ ନେଇ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ)କୁ ଅନୁମତି ଲୋଡ଼ାଯାଇଛି । ଡିଜିସିଏ ଅନୁମତି ଦେବା ପରେ ପୁଣି ଉଡ଼ାଣ କରିବ ବୋଲି ବିମାନବନ୍ଦର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଅପରପକ୍ଷେ ଉକ୍ତ ବିମାନର ଯାତ୍ରୀଙ୍କୁ ଆଉଏକ ବିମାନରେ ଦିଲ୍ଲୀ ପଠାଯାଇଥିଲା । ଉକ୍ତ ବିମାନଟି ସକାଳ ୮ଟା ୨୫ରେ ଭୁବନେଶ୍ୱରରୁ ଉଡ଼ାଣ ଭରି ୧୦ଟାରେ ନୂଆଦିଲ୍ଲୀରେ ପହଞ୍ଚିଥିଲା ।

# ୨ ଯୁବତୀଙ୍କୁ ଅପହରଣ ଉଦ୍ୟମ: ୨ ଗିରଫ

ପାରାଦୀପ, ୪।୯(ଶରତ ରାଉତ)

ପାରାଦୀପ ଆଦର୍ଶ ଥାନା ଅଞ୍ଚଳରେ ସୋମବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି । ୨ଜଣ ଯୁବକ ନିଶାସକ୍ତ ଅବସ୍ଥାରେ ୨ଜଣ ଯୁବତୀଙ୍କୁ ନୂଆବଜାରରେ ଅସଦାଚରଣ କରିବା ସହ ଅପହରଣ କରିବାକୁ ଉଦ୍ୟମ କରିଥିଲେ । ଏହାକୁ ଦେଖି ସ୍ଥାନୀୟ ଲୋକେ ଯୁବକ ଦ୍ୱୟଙ୍କୁ କାବୁ କରିବା ସହ ନିର୍ଘାତ ଛେଚି ଥିଲେ । ପରେ ପୋଲିସ ପହଞ୍ଚି ସେମାନଙ୍କୁ ଥାନାକୁ ନେଇ ଗିରଫ କରିଛି । ଯୁବତୀଙ୍କ ମା'ଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ପୋଲିସ ନଂ. ୩୫୪/୨୩ରେ ମାମଲା ରୁଜୁ କରିଛି । ମଙ୍ଗଳବାର ଯୁବକଙ୍କ ଡାକ୍ତରୀ ମାଇନା ସହ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ସୁଚିତ୍ରବୀର୍ଯ୍ୟ ଦାସ କହିଛନ୍ତି ।

ପୋଲିସ ସୂଚନା ମୁତାବକ, ଯୁବତୀ ଦ୍ୱୟ ଏକ ସ୍କୁଟିରେ ସମୁଦ୍ର କୂଳ ରାସ୍ତାରେ ଯାଉଥିଲେ । ଏହି ସମୟରେ ଯୁବକ ଦ୍ୱୟ କାରରେ ତାଙ୍କ ପିଛା କରି ଅଶ୍ଳୀଳ ଆଚରଣ ପ୍ରଦର୍ଶନ କରିଥିଲେ । ଭୟରେ ଯୁବତୀମାନେ ନୂଆବଜାର ଆସି ଏକ ଜଳଖିଆ ଦୋକାନରେ ପଶି ଯାଇଥିଲେ । ସେଠାରେ ଯୁବକ ଦ୍ୱୟ ଶେଖର ପଟ୍ଟନାୟକ (ଲୁଲା) ଓ ତାଙ୍କ ସହଯୋଗୀ ପହଞ୍ଚି ଦୋକାନୀଙ୍କୁ ମାଡ଼ ମାରି ଯୁବତୀ ୨ଜଣଙ୍କୁ ଜବରଦସ୍ତ କାରରେ ନେବାକୁ ଚେଷ୍ଟା କରିଥିଲେ । ଏହି ସମୟରେ ସେଠାରେ ଠେଲାପେଲା ମଧ୍ୟରେ ଯୁବତୀ ଦ୍ୱୟ ସ୍କୁଟି ଧରି ହରିବୋଲିଆ ମଠ ଆଡ଼କୁ ଯିବା ସହ ପାଟି କରିଥିଲେ । ଘର ଲୋକଙ୍କୁ ଖବର ଦେଇଥିଲେ । ବଜାରରେ ୩୦ରୁ ଅଧିକ ଲୋକ ଏକାଠି ହୋଇ ଯୁବକ ଦ୍ୱୟଙ୍କୁ କାବୁ କରିଥିଲେ । ଶେଖର ବିବାହିତ ହୋଇଥିବା ବେଳେ ଏକ ୱେବ ଚ୍ୟାନେଲ ଖବରଦାତା ବୋଲି ଜଣାପଡ଼ିଛି ।

# 'ପ୍ରେରଣା'ରେ ସଫଳତାର ମନ୍ତ୍ର ଦେବେ ପୁରାତନ ଛାତ୍ରୀଛାତ୍ର

ଭୁବନେଶ୍ୱର, ୪।୯(ଅସମାପିକା ସାହୁ)

'ମୋ ସ୍କୁଲ' ଅଭିଯାନ ପକ୍ଷରୁ ଗୁରୁଦିବସ ଅବସରରେ ଏକ ପ୍ରେରଣାଦାୟୀ କାର୍ଯ୍ୟକ୍ରମ 'ପ୍ରେରଣା' ଆରମ୍ଭ ହେବାକୁ ଯାଉଛି । ସରକାରୀ ବିଦ୍ୟାଳୟରେ ପାଠପଢ଼ି ସମାଜରେ ବିଭିନ୍ନ ସ୍ତରରେ ପ୍ରତିଷ୍ଠା ଲାଭ କରିଥିବା ବ୍ୟକ୍ତିବିଶେଷ ଏହି କାର୍ଯ୍ୟକ୍ରମରେ ଭାଗ ନେଇ ସେମାନଙ୍କ ସଂଘର୍ଷ ଓ ସଫଳତାର କାହାଣୀ ବଖାଣିବେ । ସଫଳତାର ଯାତ୍ରା ଓ ଅନୁଭୂତିକୁ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବାଣ୍ଟିବେ, ଯାହା ପ୍ରତ୍ୟେକଙ୍କୁ ଆଗକୁ ବଢ଼ିବାକୁ ଅଧିକ ପ୍ରେରଣା ଯୋଗାଇବ । ଏହା ଛାତ୍ରୀଛାତ୍ରଙ୍କ ସ୍ୱପ୍ନକୁ ବାସ୍ତବତାର ରୂପ ଦେବାରେ ସହାୟକ ହେବ । ଏହି କାର୍ଯ୍ୟକ୍ରମ 'ମୋ ସ୍କୁଲ'ର ୟୁଟ୍ୟୁବ୍ ଚ୍ୟାନେଲରେ ମାସକୁ ଦୁଇଥର ପ୍ରସାରିତ ହେବ । ପ୍ରଥମ ଅଧ୍ୟାୟରେ ଇସ୍ରୋର ମହାକାଶ ବିଜ୍ଞାନୀ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ଅତିଥି ଭାବେ ଯୋଗଦେଇ ନିଜ ଜୀବନ ଯାତ୍ରା ଓ ସଫଳତାର କଥା ଦର୍ଶକମାନଙ୍କୁ କହିବେ । ମଙ୍ଗଳବାର ୧୧ଟା ପରଠାରୁ ଏହି କାର୍ଯ୍ୟକ୍ରମ 'ମୋ ସ୍କୁଲ' ୟୁଟ୍ୟୁବ୍ ଚ୍ୟାନେଲରେ ଉପଲବ୍ଧ ହେବ । ଛାତ୍ରୀଛାତ୍ରମାନେ କିଭଳି ନିଜକୁ ଗଢ଼ିବେ, କେଉଁ ଦିଗକୁ ଯିବେ, କେମିତି ଜଣେ ସଫଳ ବ୍ୟକ୍ତିତ୍ୱ ଭାବେ ସମାଜରେ ପ୍ରତିଷ୍ଠା ଲାଭ କରିପାରିବେ, ସେସବୁ ସମ୍ପର୍କରେ ପରାମର୍ଶ ପାଇପାରିବେ ।

# ଶ୍ରୀମନ୍ଦିରରେ ରାହୁରେଖା ଲାଗି

ପୁରୀ, ୪।୯(ଅଜିତ ମହାନ୍ତି)



ଭାଦ୍ରବ ମାସ କୃଷ୍ଣପକ୍ଷ ପଞ୍ଚମୀ ତିଥି ସୋମବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ସୁନା ରାହୁରେଖା ଲାଗି ନୀତି ସମ୍ପନ୍ନ ହୋଇଛି । ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତ ନୀତି ମଧ୍ୟରୁ ଏହି ନୀତି ଅନ୍ୟତମ । ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ରାହୁରେଖା ଲାଗି କରିଛନ୍ତି । ଏହି ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା ।

ଶ୍ରୀମନ୍ଦିରରେ ଭୋଗମଣ୍ଡପ ନୀତି ସମ୍ପନ୍ନ ହୋଇଥିଲା । ଏହାପରେ ପାଳିଆ ପୁଷ୍ପାଳକ ସେବକମାନେ ରତ୍ନସିଂହାସନ ଉପରକୁ ଉଠି ଠାକୁରଙ୍କ ଖୋବାକଣ୍ଠି ମଇଲମ କରିଥିଲେ । ପରେ ମହାଜନସେବକମାନେ ଶ୍ରୀଦେବୀ, ଭୂଦେବୀଙ୍କୁ ଖଟଶେଯ ଘରକୁ ବିଜେ କରାଇଥିଲେ । ଶୁଦ୍ଧସୁଆରମାନେ ରତ୍ନସିଂହାସନ ତଳେ ଓଷୁଅ ପ୍ରସ୍ତୁତ କରି ରଖିଥିଲେ । ପୂର୍ବରୁ ଦେଉଳକରଣ, ତଡ଼ାଉକରଣ, ଭଣ୍ଡାରମେକାପଙ୍କ ଉପସ୍ଥିତିରେ ଭଣ୍ଡାରଘରୁ ରାହୁରେଖାକୁ କଢ଼ାଯାଇଥିଲା । ଏହି ରାହୁରେଖାକୁ ବଣିଆମାନେ ସଫା କରି ରଖିଥିଲେ । ତେବେ ନୀତି ପାଇଁ ଅପରାହ୍ନ ୩ଟା ୧୫ରେ ଲକ୍ଷ୍ମୀ, ସରସ୍ୱତୀ ଖଟଶେଟ ଘରେ ବିଜେ କରିଥିଲେ । ପରେ ଅପରାହ୍ନ ପ୍ରାୟ ୩ଟା ୨୦ରେ ଶ୍ରୀମନ୍ଦିର ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା । ଦଇତାପତି ସେବକମାନେ ଅପରାହ୍ନ ୩ ଟା ୫୦ରେ ଗର୍ଭଗୃହକୁ ପ୍ରବେଶ କରି ମହାପ୍ରଭୁଙ୍କୁ ରାହୁରେଖା ଲାଗି ପାଇଁ ପ୍ରସ୍ତୁତ ହୋଇଥିଲେ । ପାଳିଆ ମେକାପ ରାହୁରେଖାଗୁଡ଼ିକୁ ପତିମହାପାତ୍ରଙ୍କ ହାତକୁ ବଢାଇଥିଲେ । ପତିମହାପାତ୍ର ରାହୁ ରେଖାଗୁଡିକୁ ସଂସ୍କାର କରି ବଡ଼ବାଡ଼ କ୍ରମରେ ଅର୍ଥାତ୍ ଶ୍ରୀବଳଭଦ୍ରଙ୍କଠାରୁ ଆରମ୍ଭ କରି ତିନିବାଡ଼ର ବାଡ଼ଗ୍ରାହୀ ଦଇତାଙ୍କୁ ପ୍ରଦାନ କରିଥିଲେ । ଏହାପରେ ସମସ୍ତ ଦଇତାପତି ମିଶି ଶୁଦ୍ଧସୁଆରଙ୍କଠାରୁ ଓଷୁଅ ଓ ଚାଙ୍ଗଡ଼ା ମେକାପଙ୍କ ଠାରୁ ବଇତମ (ସଫା କନା) ନେଇ ଠାକୁରମାନଙ୍କ ଶ୍ରୀମୁଖରେ ରାହୁରେଖା ଲାଗି କରିଥିଲେ । ନୀତି ସମ୍ପନ୍ନ ହେବା ପରେ ଦଇତାପତି ସେବକମାନେ ଶ୍ରୀମନ୍ଦିରରୁ ସନ୍ଧ୍ୟା ୭ଟା ୧୫ରେ ପ୍ରସ୍ଥାନ କରିଥିଲେ । ଏହାପରେ ରତ୍ନସିଂହାସନ ପୋଛା ମରାଯାଇ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା । ପରେ ମହାଜନ ସେବକମାନେ ଶ୍ରୀଦେବୀ, ଭୂଦେବୀଙ୍କୁ ଖଟଶେଯ ଘରୁ ଆଣି ରତ୍ନସିଂହାସନରେ ବିଜେ କରାଇବା ପରେ ଶ୍ରୀବିଗ୍ରହମାନଙ୍କୁ ମଇଲମ କରାଯାଇ ବେଶ ବଢିଥିଲା । ପରେ ମଧ୍ୟାହ୍ନ ଧୂପପୂଜା ସରିବା ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ୩ ବାଡ଼ରେ ବନ୍ଦାପନା କରିଥିଲେ । ଏହାପରେ ମହାପ୍ରଭୁଙ୍କ ଅନ୍ୟାନ ନୀତି ବଢିଥିଲା ।

ସୂଚନାଯୋଗ୍ୟ, ରାହୁରେଖା ହେଉଛି ମହାପ୍ରଭୁଙ୍କ ଶ୍ରୀମୁଖକୁ ଉଦ୍ଭାସିତ କରୁଥିବା ଏକ ସୁବର୍ଣ୍ଣ ଅଳଙ୍କାର । ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ଜଳରେ ସ୍ନାନ କରି ଜ୍ୱରରେ ପୀଡ଼ିତ ହେବା ପରେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖରୁ ରାହୁରେଖାକୁ କାଢ଼ି ଦିଆଯାଇ ଥାଏ । ଚିତାଲାଗି ଅମାବାସ୍ୟାରେ ରତ୍ନ ଚିତା ଲାଗି କରାଯାଇଥିବାବେଳେ ଭାଦ୍ରବ କୃଷ୍ଣପକ୍ଷ ପଞ୍ଚମୀରେ ରାହୁରେଖା ଲାଗି କରାଯାଇଛି । ସେହିପରି ରାହୁରେଖା ପଞ୍ଚମୀ ଅବସରରେ ଶ୍ରୀମନ୍ଦିରର ଅନେକ ସେବକ ପରିବାରରେ ଘରର ଇଷ୍ଟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରାହୁରେଖା ଲାଗି କରାଯାଇଛି ।

# ଜଟଣୀ ଖାସ୍‌ମାହାଲ ଜମି ସମସ୍ୟାର ସମାଧାନ ହେବ

ଭୁବନେଶ୍ୱର,୪।୯(ଅନିଲ ଦାସ)

**ଭୁବନେଶ୍ୱର ପତିତ ଜମିର ସ୍ୱତ୍ୱ ରାଜସ୍ୱ ବିଭାଗ ଟାସ୍କଫୋର୍ସର ଏସ୍‌ଓପି ଭିତ୍ତିରେ ନିର୍ଦ୍ଧାରଣ ହେବ**

ଜଟଣୀ ଖାସ୍‌ମାହଲ ଜମି ସମସ୍ୟାର ସମାଧାନ କରି ଲୋକଙ୍କୁ ପଟ୍ଟା ଦେବାପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନେଇ ନିର୍ଦ୍ଦେଶ ଦେଇଛନ୍ତି । ଜଟଣୀ ତହସିଲରେ ଦୀର୍ଘ ବର୍ଷ ଧରି ଖାସମାହଲ ସମସ୍ୟା ରହିଛି । ଏ ସମସ୍ୟା ସମ୍ପର୍କରେ ଜନସାଧାରଣ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ ଜଣାଇଥିଲେ । ଏ ବିଷୟରେ ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବା ପରେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସୋମବାର ଏକ ଉଚ୍ଚସ୍ତରୀୟ ବୈଠକ କରାଯାଇଛି । ଏଥିରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ୩ ମାସ ମଧ୍ୟରେ ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ କରାଯାଇ ଆସନ୍ତା ଡିସେମ୍ବରରେ ଲୋକଙ୍କୁ ପଟ୍ଟା ବଣ୍ଟନ କରାଯିବ । ଏ ନେଇ ଖୋର୍ଦ୍ଧା ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହାଦ୍ୱାରା ୫୩୭ ପରିବାର ଉପକୃତ ହେବେ ।

ସେହିପରି ଭୁବନେଶ୍ୱର ତହସିଲରେ ପତିତ ଜମିର ସ୍ୱତ୍ୱ ନେଇ ୬୦ ବର୍ଷ ଧରି ସମସ୍ୟା ଲାଗି ରହିଛି । ଏ ସମ୍ପର୍କରେ ବିଭିନ୍ନ ରାଜସ୍ୱ ଅଦାଲତରେ ୧୦ ହଜାର ୫୪୩ଟି ମାମଲା ଚାଲିଛି । ଏହି ପତିତ ଜମି ସମ୍ପର୍କରେ ଗଠିତ ରାଜସ୍ୱ ବିଭାଗର ଟାସ୍କଫୋର୍ସ ଦ୍ୱାରା ନିର୍ଦ୍ଧାରିତ ଏସ୍‌ଓପି ଭିତ୍ତିରେ ଏ ସମସ୍ୟାର ସମାଧାନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ବୈଠକରେ ୫-ଟି ସଚିବ ପାଣ୍ଡିଆନଙ୍କ ସମେତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ ଯେ, ୫-ଟି ସଚିବଙ୍କ ବିଭିନ୍ନ ଜିଲା ଗସ୍ତ ସମୟରେ ମିଳିଥିବା ଲୋକଙ୍କ ବିଭିନ୍ନ ଅଭିଯୋଗର ସମାଧାନ ନିମନ୍ତେ ସମୟବଦ୍ଧ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗ ଏବଂ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ସେପ୍ଟେମ୍ବର ମଧ୍ୟ ଭାଗରେ ମୁଖ୍ୟମନ୍ତ୍ରୀ ଏହାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବେ ।

# ଯୁକ୍ତ୩: ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆବେଦନ ଆରମ୍ଭ

ଭୁବନେଶ୍ୱର, ୪।୯(ଅସମାପିକା ସାହୁ)

୨୦୨୩-୨୪ ଶିକ୍ଷାବର୍ଷରେ ଯୁକ୍ତ୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ସୋମବାରଠାରୁ ଆବେଦନ ଆରମ୍ଭ ହୋଇଛି । ଏହା ୧୩ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଚାଲିବ । ୨୨ତାରିଖ ଅପରାହ୍ନ ୧୨ଟାରେ ମେଧା ତାଲିକା ପ୍ରକାଶ ପାଇବ । ମନୋନୀତ ଛାତ୍ରୀଛାତ୍ର ୨୩ତାରିଖ ସକାଳ ୯ଟାରୁ ୨୬ତାରିଖ ସନ୍ଧ୍ୟା ୫ଟା ଭିତରେ(ଛୁଟିଦିନ ବ୍ୟତୀତ) ନାମଲେଖାଇବେ । ବଳକା ସିଟ୍‌ରେ ନାମଲେଖା ପାଇଁ ଅକ୍ଟୋବର ୩ ଅପରାହ୍ନ ୨ଟାରେ ପୁନର୍ବାର ମେଧା ତାଲିକା ପ୍ରକାଶ ପାଇବ । ଏଥିରେ ଚୟନ ହୋଇଥିବା ଛାତ୍ରୀଛାତ୍ର ୬ତାରିଖ ଦିନ ନାମଲେଖାଇବେ । ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟ ନାମଲେଖାରେ ସିଟ୍ ପୂରଣ ନ ହେବାରୁ ଉଚ୍ଚଶିକ୍ଷା ବିଭାଗ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଆରମ୍ଭ କରିଛନ୍ତି । ରାଜ୍ୟରେ ମୋଟ ୧,୦୪୦ ଡିଗ୍ରୀ କଲେଜରେ ୨,୭୦,୧୬୩ ସିଟ୍ ଥିବାବେଳେ ଏବେ ୧,୧୧,୧୦୮ ସିଟ୍ ଖାଲି ପଡ଼ିଛି ।

# ମେଟା ସହ 'ଶିକ୍ଷାରୁ ଉଦ୍ୟମିତା' ଇନିସିଏଟିଭର ଶୁଭାରମ୍ଭ କଲେ ଧର୍ମେନ୍ଦ୍ର




ଭୁବନେଶ୍ୱର, ୪।୯(ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ନୂଆଦିଲ୍ଲୀଠାରେ ଶିକ୍ଷା ମନ୍ତ୍ରଣାଳୟ, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ଓ ଅଗ୍ରଣୀ ଟେକ୍ନୋଲୋଜି କମ୍ପାନୀ ମେଟା ମଧ୍ୟରେ ୩ ବର୍ଷିଆ ସହଭାଗିତା 'ଶିକ୍ଷାରୁ ଉଦ୍ୟମିତା: ଏକ ପିଢ଼ିର ଛାତ୍ରୀଛାତ୍ର, ଶିକ୍ଷକ ଏବଂ ଉଦ୍ୟମିତାଙ୍କୁ ସଶକ୍ତୀକରଣ କରିବା ଇନିସିଏଟିଭ୍‌କୁ ଲୋକାର୍ପଣ କରିଛନ୍ତି ।

ଏହିଅବସରରେ ରାଷ୍ଟ୍ରୀୟ ଉଦ୍ୟମିତା ଏବଂ ଲଘୁ ବ୍ୟବସାୟ ସଂସ୍ଥା(ଏନଆଇଇଏସବିୟୁଡି), ଅଖିଳ ଭାରତୀୟ ବୈଷୟିକ ପରିଷଦ(ଏଆଇସିଟିଇ) ଓ ସିବିଏସ୍‌ଇ ମଧ୍ୟରେ ୩ଟି ପୃଥକ୍ ଲେଟର ଅଫ୍ ଇଣ୍ଟେଣ୍ଟ ସ୍ୱାକ୍ଷର ହୋଇଛି । ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଭାରତକୁ ବିଶ୍ୱର ଦକ୍ଷତା ରାଜଧାନୀ ଭାବେ ପ୍ରସ୍ତୁତ କରିବା ସହ ଭାରତର ଅମୃତ ପିଢ଼ିଙ୍କୁ ସଶକ୍ତ କରିବାରେ ଆଉ ଏକ ନୂଆ ପଦକ୍ଷେପ । 'ଶିକ୍ଷାରୁ ଉଦ୍ୟମିତା' ଏକ ଗେମ୍ ଚେଞ୍ଜର । ଏହା ଡିଜିଟାଲ କୌଶଳକୁ ତୃଣମୂଳ ସ୍ତର ପର୍ଯ୍ୟନ୍ତ ନେବ । ଭାରତରେ ଥିବା ପ୍ରତିଭା ଭଣ୍ଡାରର କ୍ଷମତା ବୃଦ୍ଧି କରିବ । ଛାତ୍ରୀଛାତ୍ର, ଯୁବବର୍ଗ, ମାନବ ସମ୍ବଳ, ଲଘୁ ଉଦ୍ୟୋଗୀଙ୍କୁ ଭବିଷ୍ୟତର ପ୍ରଯୁକ୍ତିବିଦ୍ୟା ସହ ନିରନ୍ତର ଯୋଡ଼ି ରଖିବ । ଏହା ଅମୃତ ପିଢ଼ିଙ୍କୁ ଆଗାମୀ ଭବିଷ୍ୟତ ସମସ୍ୟା ସମାଧାନର ସୂତ୍ରଧର ଏବଂ ଉଦ୍ୟମୀ ଭାବେ ପରିଣତ କରିବ । ଭାରତର ଡେମୋକ୍ରାସି, ଡେମୋଗ୍ରାଫି ଏବଂ ଡାଇଭରସିଟିକୁ ଟେକ୍ନୋଲୋଜି ସହ ଯୋଡ଼ା ହେବ । ଏହାଦ୍ୱାରା ସମାଜରେ ପ୍ରଯୁକ୍ତିବିଦ୍ୟା ସମାନ ଭାବେ କାମ କରିବ ବୋଲି ସେ କହିଛନ୍ତି । ମେଟାର ଗ୍ଲୋବାଲ ଆଫେୟାର୍ସର ସଭାପତି ନିକ୍ କ୍ଲେଗ ମାନବସମ୍ବଳ ଦିଗରେ ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି । ଏଥିସହ ସେ କହିଛନ୍ତି ଯେ, ଭାରତ ପ୍ରତିଭା ତଥା ଦ୍ରୁତ ଗତିରେ ଡିଜିଟାଲ ଗ୍ରହଣୀୟତା ଉଭା ହେଉଥିବା ପ୍ରଯୁକ୍ତିବିଦ୍ୟାରେ ପୁଞ୍ଜିନିବେଶ କରିବା ପାଇଁ ଏକ ଅନୁକୂଳ ବାତାବରଣ ପ୍ରଦାନ କରିଛି । ଏହି କାର୍ଯ୍ୟକ୍ରମରେ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ଉପସ୍ଥିତ ଥିଲେ ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପାରିବାରିକ ଦୃଷ୍ଟିକୋଣରୁ ମନ ଖୁସି ରହିବ । ତଥାପି ପୂର୍ବ ସମସ୍ୟାକୁ କେନ୍ଦ୍ରକରି ପ୍ରତ୍ୟେକ ପରିସ୍ଥିତିରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ । ଅବଶ୍ୟ ସଭାସମିତି, ମାଲିମକଦ୍ଦମା କଥା କିମ୍ବା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ । କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ବନ୍ଧୁଙ୍କ ଉପରୁ ବିଶ୍ୱାସ ହରାଇପାରନ୍ତି ।

**ବୃଷ** ପରିସ୍ଥିତିବଶତଃ ନିଜର ଆତ୍ମୀୟଙ୍କ ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ । ପ୍ରତିବନ୍ଧକ ମଧ୍ୟରେ କର୍ମକ୍ଷେତ୍ରରେ ଉପସ୍ଥିତି ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରି ନେବେ । ଆନୁଷ୍ଠାନିକ କ୍ଷେତ୍ରରେ ଆକସ୍ମିକ ଭାବରେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ । ଘରେ ବନ୍ଧୁମିଳନ କିମ୍ବା ବନ୍ଧୁଙ୍କ ଅପ୍ରତ୍ୟାଶିତ ଆଗମନରୁ ଖୁସି ହୋଇଯିବେ ।

**ମିଥୁନ** ପଦସ୍ଥ ବ୍ୟକ୍ତିଙ୍କ ସହାୟତାରୁ ସମସ୍ୟା ସମାଧାନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରିବ । ଧନ ସ୍ଥାନରେ ଏକାଦଶାଧିପତି ଅର୍ଥନୈତିକ ଅଭିବୃଦ୍ଧି ଘଟାଇବେ । ଆଜି ଶିଳ୍ପ, ବ୍ୟବସାୟ କ୍ଷେତ୍ରରୁ ଧନାଗମ ସମ୍ଭାବନା ଦେଖାଦେଇପାରେ । ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଖାଲରେ ପକାଇବା ଚେଷ୍ଟା ବିଫଳ ହେବେ ।

**କର୍କଟ** ଆଜି ଅନ୍ୟମାନଙ୍କ ବିରୋଧାଭାସରୁ ଅଟକି ରହିଥିବା କାମ ସୁବିଧାରେ ହୋଇଯିବ । ପରିବାରରେ ମାନସିକ ଦ୍ୱନ୍ଦ୍ୱ ମଧ୍ୟରେ ସାମୟିକ ଅସନ୍ତୁଷ୍ଟ ରହିପାରନ୍ତି । ମାତ୍ର ମୃଗଶିରା ନକ୍ଷତ୍ରର ପାରିବାରିକ ଜୀବନ ହସ ଖୁସିରେ ଅତିବାହିତ ହେବ । ଅତୀତରେ ଘଟିଯାଇଥିବା ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତାକରି ଅପରାହ୍ନରେ ଚିନ୍ତିତ ରହିବେ ।

**ସିଂହ** ଆଜି ବନ୍ଧୁଙ୍କ ପ୍ରେରଣା ପାଇଲେ ମଧ୍ୟ ମନରେ ସକାରାତ୍ମକ ଭାବ ଉଦ୍ରେକ ହେବନାହିଁ । ସାମାଜିକ ସ୍ତରରେ ସାଧାରଣ ସ୍ୱାର୍ଥକୁ କେନ୍ଦ୍ରକରି କଳହର ସମ୍ମୁଖୀନ ହୋଇପାରନ୍ତି । ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ । ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟର ମତକୁ ସମ୍ମାନ ଦେଲେ ଉପକୃତ ହେବେ ।

**କନ୍ୟା** ଆଜି ଯେମିତି ଚିନ୍ତା କରୁଛନ୍ତି, ସେହି ଅନୁସାରେ କାମ ସମ୍ପନ୍ନ ହୋଇପାରିବ । ଆନୁଷଙ୍ଗିକ ସାହାଯ୍ୟ ଓ ସହଯୋଗ କାର୍ଯ୍ୟକୁ ତ୍ୱରାନ୍ୱିତ କଲେ ମଧ୍ୟ ପ୍ରାଥମିକ ଅବସ୍ଥାରେ ବ୍ୟତିକ୍ରମ ଦେଖାଦେଇପାରେ । ପରିବାରର ଆବଶ୍ୟକତା ସକାଶେ ଧାରକରଜ କରି କାମ ତୁଲାଇ ନେବେ । ଶିଳ୍ପ, ବ୍ୟବସାୟ, ପରିବହନ, ଏଜେନ୍ସିପରେ ଉନ୍ନତି କରିବେ ।

**ତୁଳା** ଯାହା ଓ ଯେତିକି ପାଇବା କଥା ସେଥିପାଇଁ ଆପଣଙ୍କୁ ପ୍ରବଳ ସଂଘର୍ଷ କରିବାକୁ ପଡ଼ିପାରେ । ପାରିବାରିକ କ୍ଷେତ୍ରରେ କୌଣସି ଅସୁବିଧା ନ କଲେ ମଧ୍ୟ ଆର୍ଥିକ କ୍ଷତି ଘଟାଇପାରନ୍ତି । ବ୍ୟସ୍ତତା ମଧ୍ୟରେ ଯାଉ ଯାଉ ଯାନ୍ତ୍ରିକ ତ୍ରୁଟି ଯୋଗୁ ଆଜିର ଯାତ୍ରାରେ ବିଳମ୍ବ ଘଟିପାରେ । ଅନିୟମିତତା କାରଣରୁ ଶାରୀରିକ ଅସୁସ୍ଥତା ହୋଇପାରେ ।

**ବିଛା** କୌଣସି କ୍ଷେତ୍ରରେ ବିବାଦ ଆଗକୁ ନ ବଢ଼ାଇ ଆଲୋଚନା ଦ୍ୱାରା ସମାଧାନ କରିବା ଭଲ । କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହେବ । କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ ।

**ଧନୁ** ଆଜି ଆପଣଙ୍କର ସୁସ୍ଥ ମାନସିକତା କର୍ମକ୍ଷେତ୍ରରେ ସମ୍ମାନଜନକ ସ୍ଥିତି ପ୍ରଦାନ କରିବ । ସାମୟିକ ଅନିଦ୍ରା ଓ ଧନବ୍ୟୟ ହେତୁ ଦୁଶ୍ଚିନ୍ତା ସୃଷ୍ଟି ହୋଇପାରେ । ଅପ୍ରିୟ ସତ୍ୟ କହିବା କାରଣରୁ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି । ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣକରି ଉଚ୍ଚ ପ୍ରଶଂସିତ ହୋଇପାରନ୍ତି ।

**ମକର** ଶୁକ୍ରଙ୍କ ସୁପ୍ରଭାବରୁ କଳା, ସାହିତ୍ୟ, ସଙ୍ଗୀତ ଚର୍ଚ୍ଚାରେ ଦିନଟିକୁ ଉପଭୋଗ କରିପାରନ୍ତି । ଉଦାରତା ଓ ସହନଶୀଳତା ଗୁଣରୁ ବନ୍ଧୁଙ୍କ ଦ୍ୱାରା ପ୍ରଶଂସିତ ହେବେ । ରବିବାରର ଆଲୋଚନା ଅନୁଯାୟୀ ଆଜିର କାମ ସବୁ ଠିକ୍ ଠିକ୍ ହୋଇଯିବ । ଅର୍ଥ ସାହାଯ୍ୟ ପାଇବେ ଏବଂ ଆଶା କରିଥିବା କୌଣସି ଖବର ପାଇ ଖୁସି ହେବେ ।

**କୁମ୍ଭ** ଆଜି ଯେଉଁ କାମ କଲେ ମଧ୍ୟ ବିରୋଧର ସମ୍ମୁଖୀନ ହେବେ । କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ । ଅତି ନିଜର ମନେହେଉଥିବା ବନ୍ଧୁଟି ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସୁବିଧାରେ ପକାଇପାରନ୍ତି । କହିବା ପାଇଁ ଚିନ୍ତା କରିଥିଲେ ମଧ୍ୟ ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ ।

**ମୀନ** ଉତ୍ସର୍ଗୀକୃତ ମନୋଭାବ ନେଇ କାମ କରିବା ସକାଶେ ମନସ୍ଥ କରିବେ । ସାଂସ୍କୃତିକ ଅନୁଷ୍ଠାନରେ ପ୍ରଶଂସନୀୟ କାମକରି ସାମାଜିକ ସ୍ତରରେ ପ୍ରଶଂସିତ ହେବେ । ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କଲେ ତାହା ନିଜ ପାଇଁ ବହୁ ହିତକର ସାବ୍ୟସ୍ତ ହେବ । ଆକସ୍ମିକ ଭାବରେ ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇବା ଯୋଗୁ ଚିନ୍ତିତ ହୋଇପାରନ୍ତି ।

ଆଜି ଭାଦ୍ରବ କୃଷ୍ଣ ଷଷ୍ଠୀ ମଙ୍ଗଳବାର, ସେପ୍ଟେମ୍ବର ୫ , ଶ୍ରୀମନ୍ଦିରରେ ହରିଜନ୍ମାଧିବାସ, ଗର୍ଭଉଦକ ବନ୍ଦାପନା, ଗୁରୁଦିବସ, ମହାନ୍ ଦାର୍ଶନିକ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୟନ୍ତୀ, ବିଦ୍ୟାବାଚସ୍ପତି ପ୍ରଫେସର ଗୌରୀ କୁମାର ବ୍ରହ୍ମାଙ୍କ ଜୟନ୍ତୀ । ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ଦିବା ଘ.୦୮।୪୦ ଗତେ, ଘ.୧୦।୪୧ ମଧ୍ୟେ ଶୁଭ ଶୁଭବେଳା । ଦିବା ଘ.୦୨।୫୦ ଗତେ, ଘ.୦୪।୨୨ ମଧ୍ୟେ ରାହୁକାଳ ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୫/୨୦୨୩ | Bhubaneswar, Tuesday, September 5/2023 | ପୃଷ୍ଠା-୧




## ବାପା ହେଲେ ଯଶପ୍ରୀତ୍ ବୁମ୍ରା

ଭାରତୀୟ ପେସ୍ ବୋଲର ଯଶପ୍ରୀତ ବୁମ୍ରା ସୋମବାର ଏକ ପୁତ୍ର ସନ୍ତାନର ଜନକ ହୋଇଛନ୍ତି।

୧୪

୧୦

## ଗଣେଶ ଚତୁର୍ଥୀରେ 'ଚନ୍ଦ୍ରମୁଖୀ ୨'

ବଲିଉଡ୍ ଅଭିନେତ୍ରୀ କଙ୍ଗନା ରଣାୱତ୍‌ଙ୍କ ବହୁ ପ୍ରତୀକ୍ଷିତ ମୁଭି 'ଚନ୍ଦ୍ରମୁଖୀ-୨' ଆସନ୍ତା ଗଣେଶ ଚତୁର୍ଥୀରେ ପ୍ରେକ୍ଷାଳୟକୁ ଆସିବ।



# ଆଉ ୩ ଚାଇନା ନାଗରିକଙ୍କ ବିରୋଧରେ ଏଲ୍‌ଓସି

**ଭୁବନେଶ୍ୱର,୪।୮ (ସତ୍ୟଜିତ୍ ରାଉତ)**

### ଅନ୍‌ଲାଇନ୍ ଠକେଇ ମାମଲା

ଦେଶର ବଡ଼ ଶିଳ୍ପପତି, କ୍ରୀଡ଼ାବିତ୍ ଓ ଅଭିନେତାଙ୍କ ଫଟୋ ବ୍ୟବହାର କରି ଅନ୍‌ଲାଇନ୍ ପୋଞ୍ଜି ସ୍କାମ୍ ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଅଧିକ ତଦନ୍ତ ଚଳାଇଛି। ଏହି ମାମଲାରେ ଚାଇନା ମାଷ୍ଟରମାଇଣ୍ଡ ଗୁଆଁହୁଆ ୱାଙ୍ଗଙ୍କ ବିରୋଧରେ ପୂର୍ବରୁ ଲୁକ୍‌ଆଉଟ୍ ସର୍କୁଲାର (ଏଲ୍‌ଓସି) ଜାରି ହୋଇଥିଲା। ଏବେ ତାଙ୍କ ସହଯୋଗୀ ତଥା ୩ ଚାଇନା ନାଗରିକଙ୍କୁ ଧରିବାକୁ ଇଓଡବ୍ଲ୍ୟୁ ପ୍ରୟାସ ଆରମ୍ଭ କରିଛି। ସେମାନେ ହେଲେ ଲିୟୁ ହୁଆଁ, ୱେନ୍‌ହ୍ୟୁ ଝେଙ୍ଗ୍ ଓ ଜିହ୍ୟୁ ଜିହାଲୁ। ଇଓଡବ୍ଲ୍ୟୁର ଅନୁରୋଧକ୍ରମେ କେନ୍ଦ୍ର ସରକାରଙ୍କ ବ୍ୟୁରୋ ଅଫ୍ ଇମିଗ୍ରେଶନ୍ (ବିଓଆଇ) ଏମାନଙ୍କ ବିରୋଧରେ ଲୁକ୍‌ଆଉଟ୍ ସର୍କୁଲାର ଜାରି କରିଛି। ବିଓଆଇ ପକ୍ଷରୁ ଦେଶର ସମସ୍ତ ଏୟାରପୋର୍ଟ ଓ ସି ବିତ୍ ସମେତ ଅନ୍ୟାନ୍ୟ ଚେକ୍‌ପୋଷ୍ଟରେ ଆଲର୍ଟ କରାଯାଇଛି। ଏଥିସହ ନଜର ରଖିବାକୁ ଲ' ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ଓ ବିଦେଶୀ ଲ' ଏନ୍‌ଫୋର୍ସମେଣ୍ଟ ଏଜେନ୍ସିଗୁଡ଼ିକ ସହ ମଧ୍ୟ ଯୋଗାଯୋଗ କରାଯାଉଛି। ତେବେ ଏମାନଙ୍କୁ ଧରିବା ଇଓଡବ୍ଲ୍ୟୁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଏହି ଠକେଇ ର୍‍ୟାକେଟ ପରିଚାଳନା ଦାୟିତ୍ୱରେ ଥିବା ଭାରତ ମୁଖ୍ୟ ଚିତ୍ରଭେଲ୍‌ଙ୍କୁ ଇଓଡବ୍ଲ୍ୟୁ ଗତ ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ତାମିଲନାଡ଼ୁରୁ ଗିରଫ କରିଥିବା ବେଳେ ସେ ଏବେ ଜେଲରେ ଅଛନ୍ତି।

ସୂଚନା ଅନୁଯାୟୀ, ମାଷ୍ଟରମାଇଣ୍ଡ ଗୁଆଁହୁଆ ତାଙ୍କ ସହଯୋଗୀଙ୍କ ସହ ୨୦୧୯ ବାଙ୍ଗାଲୋରକୁ ଆସି ସାଇବର ଠକେଇ କରିବାକୁ ପ୍ରାୟ ☞ପୃଷ୍ଠା-୬



ରାୟଗଡ଼ାରୁ ପାର୍ବତୀପୁରମ୍‌କୁ ଯାଉଥିବା ଏକ ଘରୋଇ ଯାତ୍ରୀବାହୀ ବସ୍‌କୁ ମାନ୍ୟମ ଜିଲା ଅର୍ତମ ଗାଁ ନିକଟରେ ଏକ ଦନ୍ତା ଶୁଣ୍ଢରେ ଏହାର କାଚକୁ ଭାଙ୍ଗୁଛି।

# ରାସ୍ତାରେ ବସ୍ କାଚ ଭାଙ୍ଗିଲା ଦନ୍ତା

**ରାୟଗଡ଼ା,୪।୯ (ଆଶିଷ ରଞ୍ଜନ ପଣ୍ଡା)**

### ଓଡ଼ିଶା-ଆନ୍ଧ୍ରପ୍ରଦେଶ ରାସ୍ତା ୪ ଘଣ୍ଟା ଜାମ୍

ଓଡ଼ିଶା ଆନ୍ଧ୍ରପ୍ରଦେଶ ସୀମାନ୍ତରେ ରାୟଗଡ଼ାରୁ ପାର୍ବତୀପୁରମ୍‌କୁ ଯାଉଥିବା ଏକ ଘରୋଇ ଯାତ୍ରୀବାହୀ ବସ୍‌କୁ ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଏକ ଦନ୍ତାହାତୀ ଅଟକାଇ ଉପଦ୍ରବ କରିଛି। ରାୟଗଡ଼ା ବ୍ଲକ୍ କେରେଡାଠାରୁ ୧୦ କି.ମି ଦୂର ମାନ୍ୟମ ଜିଲା ଅର୍ତମ ଗାଁ ନିକଟରେ ହଠାତ୍ ଏକ ଦନ୍ତାହାତୀ ରାସ୍ତା ଉପରକୁ ଚାଲି ଆସି ଚଳନ୍ତା ଯାତ୍ରୀବାହୀ ବସ୍‌କୁ ଅଟକାଇଥିଲା। ପରେ ହାତୀ ଶୁଣ୍ଢ ପିଟି ବସ୍‌ର ସମ୍ମୁଖ କାଚ ଭାଙ୍ଗିବା ସହ ବସ୍‌କୁ ଠେଲିବାକୁ ଲାଗିଥିଲା। ହାତୀର ଉତ୍ପାତ ଦେଖି ବସ୍‌ରେ ଯାତ୍ରା କରୁଥିବା ୩୦ ଯାତ୍ରୀ ଓ କର୍ମଚାରୀ ଭୟଭୀତ ହୋଇପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ କିଛି ସମୟ ପାଇଁ ଆତଙ୍କ ଖେଳିଯାଇଥିଲା। ହାତୀ ଉପଦ୍ରବ ଯୋଗୁ ଦୀର୍ଘ ୪ ଘଣ୍ଟା ଧରି ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଯାନବାହନ ଚଳାଚଳ ଠପ୍ ରହିଥିଲା। ଖବରପାଇ ବନ ବିଭାଗ କର୍ମଚାରୀ ଓ ଗ୍ରାମବାସୀ ପହଞ୍ଚି ହାତୀକୁ ଜଙ୍ଗଲକୁ ଘଉଡାଇବା ପରେ ବସ୍ ତା'ର ଗନ୍ତବ୍ୟସ୍ଥଳକୁ ଯାଇଥିଲା।

ବୀରଗୋଟମ ଜଙ୍ଗଲ ଭିତରୁ ଏକ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଆସି ୨ ଦିନ ହେବ କୋମରାଡ଼ା ବ୍ଲକ ଅଞ୍ଚଳରେ ବୁଲୁଥିଲେ ବୋଲି ଆନ୍ଧ୍ରପ୍ରଦେଶ ବନ ବିଭାଗ ସୂତ୍ରରୁ ସୂଚନା ମିଳିଛି। ଉକ୍ତ ହାତୀପଲକୁ ଘଉଡାଇବା ପାଇଁ ଗ୍ରାମବାସୀ ବାଜା ଓ ନିଆଁ ବ୍ୟବହାର କରୁଛନ୍ତି। ଫଳରେ ଗୋଟିଏ ହାତୀ ☞ପୃଷ୍ଠା-୬

# ଶ୍ୱଶୁରଘରେ ଡାକ୍ତରଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର,୪।୯ (ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ଗୋଷଣୀନୂଆଗାଁ ଥାନା ଅନ୍ତର୍ଗତ ଶକ୍ତିନଗରରେ ରବିବାର ରାତିରେ ଜଣେ ଡାକ୍ତର ତାଙ୍କ ଶ୍ୱଶୁର ଘରେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଡା. ସୁରେନ୍ଦ୍ର କୁମାର ରଥ (୫୧)। ସୁରେନ୍ଦ୍ରଙ୍କ ଘର ରାୟଗଡ଼ା ଜିଲାରେ ହୋଇଥିବା ବେଳେ ସେ ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ମେଡିସିନ ବିଭାଗରେ କାର୍ଯ୍ୟରତ ଥିଲେ। କୌଣସି ଏକ ଘରୋଇ ଅଶାନ୍ତିରୁ ସୁରେନ୍ଦ୍ର ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରୁଛି। ☞ପୃଷ୍ଠା-୬

# ମଣିପୁରରେ ଅଧିକ ସଂଘର୍ଷ କରାଇବା ଉଦ୍ୟମ: ଏଡିଟର୍ସ ଗିଲ୍ଡ ମୁଖ୍ୟଙ୍କ ନାଁରେ ଏତଲା

**ଇମ୍ଫାଲ/ନୂଆଦିଲ୍ଲୀ,୪।୯**

### ପ୍ରତ୍ୟାହାର ଲାଗି ପ୍ରେସ୍ କ୍ଲବ୍ ଅଫ୍ ଇଣ୍ଡିଆର ଦାବି

ମଣିପୁରରେ ୪ ମାସ ହେଲା ଜାତିଆଣ ହିଂସା ଲାଗିରହିଥିବା ବେଳେ ଅଧିକ ସଂଘର୍ଷ ଘଟାଇବା ପାଇଁ ଉଦ୍ୟମ କରିବା ଅଭିଯୋଗରେ ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆ (ଇଜିଆଇ)ର ଅଧକ୍ଷ ଏବଂ ୩ ସଦସ୍ୟଙ୍କ ନାଁରେ ରାଜ୍ୟ ସରକାର ଏତଲା ଦାଏର କରିଛନ୍ତି। ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ସୋମବାର ଏହି ସୂଚନା ଦେଇଛନ୍ତି। ରାଜ୍ୟର ଜାତିଆଣ ହିଂସା ଉପରେ ତଥ୍ୟ ଦୃଷ୍ଟିରୁ ଭୁଲ୍ ରିପୋର୍ଟ ପ୍ରକାଶ କରାଯିବା ଅଭିଯୋଗରେ ଏତଲା ଦାଏର ହୋଇଛି। ସାମାଜିକ କର୍ମୀ ଗାଙ୍ଗୋମ୍ ଶରତଙ୍କ ଅଭିଯୋଗ ଆଧାରରେ ମଣିପୁର ପୋଲିସ ମାମଲା ରୁଜୁ କରିଛି। ଶତ୍ରୁତା ବଢ଼ାଇବା, କୌଣସି ସମ୍ପ୍ରଦାୟର ଧର୍ମକୁ ଅପମାନିତ କରିବା ଉଦ୍ଦେଶ୍ୟରେ ଉପାସନା ସ୍ଥଳର ପବିତ୍ରତା ନଷ୍ଟ କରିବା, କୌଣସି ବ୍ୟକ୍ତିଙ୍କ ଧର୍ମୀୟ ଭାବନାକୁ ଜାଣିଶୁଣି ଆଘାତ ଦେବା ଭଳି ଶବ୍ଦ ବ୍ୟବହାର ଆଦି ଅଭିଯୋଗରେ ଆଇପିସିର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି। ଏତଲାରେ ଏଡିଟର୍ସ ଗିଲ୍ଡର ଅଧକ୍ଷ ସୀମା ମୁସ୍ତାଫା ଏବଂ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ର ସଦସ୍ୟ ସୀମା ଗୁହା, ଭରତ ଭୂଷଣ ଏବଂ ସଞ୍ଜୟ କପୁରଙ୍କ ନାଁ ରହିଛି। ତଥ୍ୟ ଅନୁସନ୍ଧାନ ଟିମ୍ ଗଠନ କରିବା ଓ ମଣିପୁର ପ୍ରସଙ୍ଗରେ ତଦନ୍ତ କରିବା ଲାଗି ସେମାନଙ୍କୁ କ୍ଷମତା ଦିଆଯାଇ ନ ଥିବା ମୁଖ୍ୟମନ୍ତ୍ରୀ ବୀରେନ୍ ସିଂ ☞ପୃଷ୍ଠା-୬




# କଂଗ୍ରେସରେ ପ୍ରବୋଧ ତିର୍କୀ



କଂଗ୍ରେସ ଭବନଠାରେ ରାଜ୍ୟପ୍ରଭାରୀ ଏ. ଚେଲ୍ଲାକୁମାର ଓ ପିସିସି ସଭାପତି ଶରତ ପଟ୍ଟନାୟକ ହକି ଖେଳାଳି ପ୍ରବୋଧ ତିର୍କୀଙ୍କୁ ଦଳକୁ ସ୍ୱାଗତ କରୁଛନ୍ତି।

**ଭୁବନେଶ୍ୱର, ୪।୯(ସୁନିତ୍ ମିଶ୍ର)**

ଆନ୍ତର୍ଜାତିକ ହକି ଖେଳାଳି ପ୍ରବୋଧ ତିର୍କୀ ସୋମବାର କଂଗ୍ରେସରେ ଯୋଗ ଦେଇଛନ୍ତି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଉପସ୍ଥିତିରେ କଂଗ୍ରେସ ଭବନରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ପ୍ରବୋଧ ବିଧିବଦ୍ଧ ଭାବେ ଦଳରେ ଯୋଗଦାନ କରିଛନ୍ତି। ଏହାସହ ଭୁବନେଶ୍ୱର ଜିଲା ବିଜେଡିର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଚମ୍ପତି ନିଜର ଶତାଧିକ ସମର୍ଥକଙ୍କ ସହ ମଧ୍ୟ କଂଗ୍ରେସରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ପିସିସି ସଭାପତିଙ୍କ ସମେତ କଂଗ୍ରେସ ପ୍ରଭାରୀ ଏ ଚେଲ୍ଲା କୁମାର ଦଳରେ ମିଶିଥିବା ନେତା ଓ କର୍ମୀଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ଶରତ କହିଛନ୍ତି ଯେ, ବିଜେଡି ସରକାର ପ୍ରତିଶ୍ରୁତି ଦେବାରେ ଓସ୍ତାଦ। ଓଡ଼ିଶାର ଜନସାଧାରଣ ଭାଜପା ଓ ବିଜେଡି ସରକାରଙ୍କ ଜନମାରଣ ନୀତି ଓ ଚଞ୍ଚକତାପୂର୍ଣ୍ଣ କାର୍ଯ୍ୟକୁ

### ଦଳ ବିରୋଧୀ କାର୍ଯ୍ୟ ଲାଗି ପ୍ରକାଶଙ୍କୁ ବହିଷ୍କୃତ କଲା ବିଜେଡି

ସମ୍ପୂର୍ଣ୍ଣ ବୁଝିସାରିଲେଣି। ୨୩ ବର୍ଷର ବିଜେଡି ସରକାର ଓଡ଼ିଶାକୁ ସବୁ କ୍ଷେତ୍ରରେ ପଛକୁ ଠେଲିଦେଇଛି। କଂଗ୍ରେସ ଏକମାତ୍ର ଦଳ ଯିଏ ସାଧାରଣ ଜନତାର ଦୁଃଖ ବୁଝିଛି। ସେଥିପାଇଁ କଂଗ୍ରେସ ପ୍ରତି ଆକୃଷ୍ଟ ହୋଇ ବିଭିନ୍ନ ବ୍ୟକ୍ତିବିଶେଷ ଦଳରେ ଯୋଗଦାନ କରୁଛନ୍ତି। ଏହି ଅବସରରେ ପ୍ରବୋଧ କହିଛନ୍ତି ଯେ, କଂଗ୍ରେସ ପ୍ରତି ତାଙ୍କର ନିଷ୍ଠା ଓ ଭଲ ପାଇବା ରହିଛି। କଂଗ୍ରେସ କେବଳ ରାଷ୍ଟ୍ର ଗଠନ କରେ। ଆଗାମୀ ଦିନରେ ଦଳକୁ ସୁଦୃଢ଼ କରିବା ପାଇଁ ସମସ୍ତେ ନିଷ୍ଠାର ସହ କାର୍ଯ୍ୟ କରିବେ। ତାଙ୍କ ଅଞ୍ଚଳରେ ଯାହାସବୁ ସମସ୍ୟା ରହିଛି ତାକୁ ସମାଧାନ କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ତଳସରା ବିଧାନସଭା ଆସନରୁ ନିର୍ବାଚନ ଲଢ଼ିବାକୁ ଲକ୍ଷ୍ୟ ରଖିଛନ୍ତି। ପ୍ରଫୁଲ୍ଲ ମାଝୀ ସେହିଆସନରୁ କଂଗ୍ରେସ ଟିକେଟରେ ବିଧାୟକ ହୋଇଥିଲେ। ସେ ଯିବାପରେ ଦଳ ଉପରେ କିଛି ଫରକ ପଡିବ ନାହିଁ। ଲୋକମାନେ ଯୁବ ଚେହେରା ଖୋଜୁଛନ୍ତି। ଦଳର ସ୍ଥାନୀୟ କର୍ମୀ, ନେତା କଂଗ୍ରେସ ସହିତ ଅଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପଟେ କଂଗ୍ରେସରେ ସାମିଲ ହୋଇଥିବା ପ୍ରଶାନ୍ତ ଚମ୍ପତିଙ୍କୁ ଭୁବନେଶ୍ୱର ସାଙ୍ଗଠନିକ ଜିଲା ସଭାପତି ସୁଶାନ୍ତ ରାଉତ ମଙ୍ଗଳବାର ବିଜେଡିରୁ ବହିଷ୍କୃତ କରିଛନ୍ତି। ସେ ଦଳ ବିରୋଧୀ କାର୍ଯ୍ୟରେ ଥିବା କାରଣରୁ ତାଙ୍କୁ ବହିଷ୍କୃତ କରାଯାଇଥିବା ସେ ଚିଠିରେ ଉଲ୍ଲେଖ କରିଛନ୍ତି।

# ଘରେ ଘରେ ଶଙ୍ଖ ପହଞ୍ଚାଇବାକୁ ନବୀନଙ୍କ ଆହ୍ୱାନ

**ଭୁବନେଶ୍ୱର,୪।୯(ଅନିଲ ଦାସ)**

ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟର ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ରଣନୀତି ପ୍ରସ୍ତୁତ କରିବା ଆରମ୍ଭ କଲେଣି। ତୃଣମୂଳ ସଙ୍ଗଠନକୁ ସୁଦୃଢ଼ କରିବା ସହ ସ୍ଥାନୀୟ ଟାଣୁଆ ନେତାଙ୍କୁ ନିଜ ସପକ୍ଷରେ ନେବାକୁ କସରତ ମଧ୍ୟ ଆରମ୍ଭ ହୋଇଛି। ବିଜେଡି ଆଗାମୀ ନିର୍ବାଚନ ରୋଡମ୍ୟାପ ପ୍ରସ୍ତୁତ କରିଛି। ସୋମବାର ସନ୍ଧ୍ୟାରେ ନବୀନ ନିବାସରେ ବିଜେଡିର ପର୍ଯ୍ୟବେକ୍ଷକ ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଦଳର ସମସ୍ତ ଜିଲା ପର୍ଯ୍ୟବେକ୍ଷକ, ଛାମୁଆ ସଙ୍ଗଠନର ସଭାପତି ଓ ବରିଷ୍ଠ ନେତାମାନେ ଯୋଗଦେଇଥିଲେ। ତୃଣମୂଳ ସ୍ତରରେ ସଙ୍ଗଠନକୁ କିପରି ଅଧିକ ମଜଭୁତ କରିହେବ ସେନେଇ କାର୍ଯ୍ୟ କରିବାକୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳୀୟ ନେତାଙ୍କୁ ପରାମର୍ଶ ଦେଇଛନ୍ତି। ଆସନ୍ତା ଗାନ୍ଧୀ ଜୟନ୍ତୀରୁ ରାଜ୍ୟବ୍ୟାପୀ ବିଜେଡିର ପଦଯାତ୍ରା ଆରମ୍ଭ ହେବ। ସେହି ସମୟରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ସହ ଦଳୀୟ ନେତାମାନେ ସରକାରଙ୍କ ଜନହିତକର

### ବିଜେଡି ପର୍ଯ୍ୟବେକ୍ଷକ ବୈଠକ

କାର୍ଯ୍ୟକ୍ରମଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ସଭାପତି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ନବୀନ ଜିଲା ପର୍ଯ୍ୟବେକ୍ଷକଙ୍କଠାରୁ ଜିଲାରେ ସାଙ୍ଗଠନିକ ସ୍ଥିତି କ'ଣ ରହିଛି ସେ ନେଇ ପଚାରି ବୁଝିଛନ୍ତି। ବୈଠକ ଶେଷରେ ବିଜେଡିର ବରିଷ୍ଠ ନେତା ତଥା ବିଧାୟକ ଦେବୀ ମିଶ୍ର କହିଛନ୍ତି ଯେ, ସାଙ୍ଗଠନିକ ପ୍ରକ୍ରିୟାକୁ କିପରି ଅଧିକ ଶାଣିତ କରାଯାଇ ପାରିବ ସେ ନେଇ ଦଳର ସଭାପତି ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ସଭା ଏମ୍‌ପି ମାନସ ମଙ୍ଗରାଜ, ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ପ୍ରଦୀପ ଅମାତ, ପ୍ରଫୁଲ୍ଲ ମଲ୍ଲିକ, ପ୍ରମିଳା ମଲ୍ଲିକ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ବିଧାୟକ ପ୍ରଣବ ବଳବନ୍ତରାୟ, ସୁଧୀର ସାମଲ, ବ୍ୟୋମକେଶ ରାୟ, ପଦ୍ମନାଭ ବେହେରା, ଦେବେଶ ଆଚାର୍ଯ୍ୟ, ଅରୁଣ ସାହୁ, ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଜେନା, ଦେବୀ ରଞ୍ଜନ ତ୍ରିପାଠୀ, ସୁଶାନ୍ତ ସିଂହଙ୍କ ସମେତ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଈଶ୍ୱର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ।

# ମୋଦିଙ୍କ ଜନକଲ୍ୟାଣ କାର୍ଯ୍ୟ ଶକ୍ତିଶାଳୀ ଅସ୍ତ୍ର: କେନ୍ଦ୍ରମନ୍ତ୍ରୀ




କଟକ ସର୍କିଟ ହାଉସ୍‌ଠାରେ ଆୟୋଜିତ ସମୀକ୍ଷା ବୈଠକରେ କେନ୍ଦ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କ ସହ ଭାଜପା ନେତୃବୃନ୍ଦ।

**କଟକ,୪।୯ (କାର୍ତ୍ତିକ ସାହୁ)**

ଦେଶ, ବିଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ବୃଦ୍ଧି ପାଇଛି। ମୋଦିଙ୍କ ନେତୃତ୍ୱାଧୀନ ଜନକଲ୍ୟାଣ କାର୍ଯ୍ୟ ଭାଜପା ପାଇଁ ଶକ୍ତିଶାଳୀ ଅସ୍ତ୍ର। ୨୦୨୪ ନିର୍ବାଚନ ନିମନ୍ତେ ଏହି ଜନକଲ୍ୟାଣ କାର୍ଯ୍ୟଗୁଡ଼ିକୁ ଘରେ ଘରେ ପହଞ୍ଚାଇବାକୁ ଭାଜପା ନେତା, କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ। କଟକ ଗସ୍ତ ଅବସରରେ ସର୍କିଟ ହାଉସ୍‌ଠାରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଦଳୀୟ ସଙ୍ଗଠନ ମଜଭୁତ କରାଯିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ସେ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କୁ କହିଛନ୍ତି, ଗରିବ ଲୋକଙ୍କ ସର୍ବନିମ୍ନ ଆବଶ୍ୟକତା ଘର, ପାଇଖାନା ନିର୍ମାଣଠାରୁ ଆରମ୍ଭ କରି ବୀମା, କରୋନା ଟିକା, ସମସ୍ତଙ୍କୁ ମେଡିକାଲରେ ଚିକିତ୍ସା ସୁବିଧା, ୩୭୦ ଧାରା ଉଚ୍ଛେଦ, ଶ୍ରୀରାମ ମନ୍ଦିର ନିର୍ମାଣ, ଚନ୍ଦ୍ରୟାନ-୩ ଯାତ୍ରା ଆଦି ଯେତିକି କାର୍ଯ୍ୟ ହୋଇଛି, ସେଗୁଡ଼ିକ ବଳରେ ୨୦୨୪ ନିର୍ବାଚନକୁ ଭାଜପା ନିଶ୍ଚିତ ଜିତିପାରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରୁଛି। ଭାଜପା କାର୍ଯ୍ୟକର୍ତ୍ତାମାନେ ଲୋକଙ୍କ ନିକଟରେ ଏହାକୁ ଉପସ୍ଥାପନା କରିବା ଦରକାର। ନରେନ୍ଦ୍ର ମୋଦିଙ୍କ ବିକାଶ ଲୋକଙ୍କ ପାଖକୁ ନେଇଯିବା। ବିଶ୍ୱ ଦରବାରରେ ଭାରତର ନାଁକୁ ଯେତେ ଉପରକୁ ନେଇଗଲେଣି ତାହା ଲୋକେ ଅନୁଭବ କରିସାରିଲେଣି। ଆଜିପର୍ଯ୍ୟନ୍ତ ଭାରତର କୌଣସି ପ୍ରଧାନମନ୍ତ୍ରୀ ଏଭଳି କାର୍ଯ୍ୟ କରିନାହାନ୍ତି। ରାସ୍ତା ଘାଟ, ଟ୍ରେନ୍ ଲାଇନ୍ ସମେତ ଓଡ଼ିଶାର ବିକାଶ ପାଇଁ ଗତବର୍ଷ ୯ ହଜାର କୋଟି ଟଙ୍କାରୁ ଅଧିକ ଅନୁଦାନ କେନ୍ଦ୍ର ସରକାର ଯୋଗାଇ ଦେଇଛନ୍ତି। ରାଜ୍ୟ ସରକାର ଅର୍ଥ ଖର୍ଚ୍ଚ କରିପାରୁନାହାନ୍ତି। ମୋଦିଙ୍କ ବିକାଶ ସବୁଠାରୁ ବଡ଼ ବିକାଶ। ମୋଦିଙ୍କୁ ଲୋକମାନେ ଯେଉଁ ବିଶ୍ୱାସ କରିଛନ୍ତି, ତାହାକୁ ମଜଭୁତ କରିବା ଆବଶ୍ୟକ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏହି ସମୀକ୍ଷା ବୈଠକରେ ଭାଜପା କଟକ ନଗର ଜିଲା ସଭାପତି ଲଲାଟେନ୍ଦୁ ବସ୍ତ୍ର, ଜିଲା ସଭାପତି ପ୍ରକାଶ ଚନ୍ଦ୍ର ବେହେରା, ରାଜ୍ୟ ଉପସଭାପତି ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୟନ କିଶୋର ମହାନ୍ତି, ବିନୋଦ ଦାସ, ସୁକାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



CONTACT NO: 7752086383,7008384103

# ଫସର ଫାଟିଲା କଂଗ୍ରେସର ରେଳରୋକୋ ଆନ୍ଦୋଳନ

### କର୍ମକର୍ତ୍ତାଙ୍କୁ ଆଗୁଆ ଗିରଫ କରିନେଲା ପୋଲିସ



ଆଲୋଚନା ପରେ କଂଗ୍ରେସ ନେତାମାନେ ଥାନାରୁ ବାହାରୁଛନ୍ତି।

**ରେଢାଖୋଲ,୪।୯(ଅଚ୍ୟୁତାନନ୍ଦ ପୁରୋହିତ):** ସମ୍ବଲପୁର ଜିଲା କଂଗ୍ରେସ କମିଟି ସଭାପତି ଆଶଫ ଅଲ୍ଲୀ ଖାନ୍ ସୋମବାର ରେଢାଖୋଲ ବ୍ଲକର ରେଳ ଲାଇନରେ ଏକ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ଦାବି ନେଇ ଡାକରା ଦେଇଥିବା ରେଳରୋକୋ ଆନ୍ଦୋଳନ ଫସର ଫାଟିଛି। ରେଢାଖୋଲ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ୱାରେଣ୍ଟ ବଳରେ ପୋଲିସ ଗତ ରାତିରେ ଆଗୁଆ କଂଗ୍ରେସ ନେତାମାନଙ୍କୁ ଗିରଫ କରିନେଇଥିଲା।

ସୂଚନାମତେ ରେଢାଖୋଲ ବ୍ଲକ ବଂଶାଜାଲ ପଞ୍ଚାୟତର ମା' ସୁଆନୀ ଦେବୀଙ୍କ ପୀଠ ନିକଟ ରେଳ ଲାଇନରେ ଏକ ଫୁଟ୍ ଓଭରବ୍ରିଜ ନିର୍ମାଣ ଦାବିରେ ଗତ ଜୁଲାଇ ୪ରେ ରେଳ ବିଭାଗ ଡିଆର୍‌ଏମ୍‌ଙ୍କୁ କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ରରେ ଏକମାସ ମଧ୍ୟରେ ପଦକ୍ଷେପ ନିଆ ନ ଗଲେ ବଂଶାଜାଲଠାରେ ରେଳରୋକୋ କରାଯିବାକୁ ଚେତାବନୀ ଦିଆଯାଇଥିଲା। ସୋମବାର ରେଳରୋକୋ ହେବା ସୂଚନା ପାଇ ପୋଲିସ ରେଢାଖୋଲ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଏକ ରିପୋର୍ଟ ଦାଖଲ କରିଥିଲା। ଏହାକୁ ଭିତ୍ତିକରି ଅଦାଲତରେ ଏକ ମିସ୍‌କେସ (ନଂ ୬୧/୨୩) ରୁଜୁ ହେବା ସହ ୱାରେଣ୍ଟ ଇସ୍ୟୁ କରାଯାଇଥିଲା। ୱାରେଣ୍ଟ ବଳରେ ପୋଲିସ ଜିଲା କଂଗ୍ରେସର ୪ ନେତା ଯଥା ଜିଲା ସଭାପତି ଖାନ, ମହେଶ ପ୍ରଧାନ, ପ୍ରଦେଶ କଂଗ୍ରେସ ସଭ୍ୟ ଗୌରୀଶଙ୍କର ପାତ୍ର, ବଂଶାଜାଲ ପଞ୍ଚାୟତର ପୂର୍ବତନ ସରପଞ୍ଚ ରାମକୁମାର ପ୍ରଧାନଙ୍କୁ ଗିରଫ କରିଥିଲା। ହେଲେ ପରେ ଗିରଫ କଂଗ୍ରେସ ନେତାମାନଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ପୋଲିସ ଛାଡିଦେଇଥିଲା। ରେଢାଖୋଲ ଥାନା ପରିସରରେ ପୋଲିସ ଏସ୍‌ଡିପିଓ ପ୍ରଶାନ୍ତ ମେହେରଙ୍କ ଉପସ୍ଥିତିରେ ରେଳ ବିଭାଗର ଡିଇଏନ୍ ପ୍ରସନ୍ନଜିତ ଚୌଧୁରୀ, ଏଇଏନ୍ ଏମ୍. ରାଉତ, ଆର୍‌ପିଏଫ୍ କମାଣ୍ଡାଣ୍ଟ ଅନୁପ ଗୋରେଙ୍କା ପ୍ରମୁଖ କଂଗ୍ରେସ ନେତାମାନଙ୍କ ସହ ଆଲୋଚନା କରି ଏକ ଫୁଟ୍ ଓଭରବ୍ରିଜ ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

### ଛାତ୍ର ସଂସଦ ନିର୍ବାଚନ ଦାବି

# ଘଣ୍ଟି ବାଡେଇ ବିକ୍ଷୋଭ

**ଭୁବନେଶ୍ୱର, ୪।୯(ସୁନିତ୍ ମିଶ୍ର)**

ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସମ୍ମୁଖରେ ଛାତ୍ର ସଂସଦ ନିର୍ବାଚନ ଦାବିରେ ଘଣ୍ଟି ବାଡ଼େଇ ବିକ୍ଷୋଭ କରିଛି। ସେହିପରି ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟ, କ୍ୟାପିଟାଲ ଲ' କଲେଜ, ଦେବରାୟ, ମହର୍ଷି, ବିଜେବି ଆଦି କଲେଜ ସମ୍ମୁଖରେ ଛାତ୍ରୀଛାତ୍ର ଓ ଛାତ୍ର କଂଗ୍ରେସର କର୍ମକର୍ତ୍ତାମାନେ ମିଳିତ ଭାବେ ବିକ୍ଷୋଭ କରିଛନ୍ତି। କେତେକ ସ୍ଥାନରେ ଟାୟାର ଜାଳି ରାସ୍ତା ଅବରୋଧ ମଧ୍ୟ କରାଯାଇଛି। ଏହି ପ୍ରସଙ୍ଗରେ ନୱାଜ କହିଛନ୍ତି ଯେ, ଗତ ୮ ବର୍ଷ ଧରି ବିଜେଡି ସରକାର ଓଡ଼ିଶାରେ ଛାତ୍ରମାନଙ୍କ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇଛନ୍ତି। ବିଶ୍ୱ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡିକରେ ବିଜୁ ଛାତ୍ର ଜନତା ଦଳ କ୍ୟାମ୍ପସ କମିଟି ଗଠନ କରି ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ଆତଙ୍କରାଜ ଚଳାଇଛି। କଲେଜ ପରିସରରେ ବିଜୁ ଛାତ୍ର ଜନତା ଦଳର ସମର୍ଥକ ଓ ସଭ୍ୟମାନେ ବାରମ୍ବାର ହିଂସା ଘଟାଉଛନ୍ତି। ଯେଉଁମାନେ ଶାସକ ଦଳରେ ଯୋଗଦେଉ ନାହାନ୍ତି ସେମାନଙ୍କୁ ଅମାନୁଷିକ ଭାବେ ଆକ୍ରମଣ ଏବଂ ଅତ୍ୟାଚାର କରାଯାଉଛି। ଏଥିରେ ପ୍ରଶାସନ ଏବଂ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ ନୀରବ ରହୁଛନ୍ତି। ବିରୋଧୀ ଦଳର ଛାତ୍ର ସଙ୍ଗଠନର ନେତୃତ୍ୱ ସୃଷ୍ଟି କରି ନ ଦେବାକୁ ବିଜେଡି ଚକ୍ରାନ୍ତ କରୁଥିବା ସେ କହିଛନ୍ତି। କଲେଜର ଛାତ୍ରୀମାନେ ମଧ୍ୟ ବିଜୁ ଛାତ୍ର ଜନତା ଦଳର କ୍ୟାମ୍ପସ କମିଟିର ଆକ୍ରମଣରୁ ମୁକ୍ତ ନାହାନ୍ତି। ଅଣଛାତ୍ରଙ୍କ ପ୍ରବେଶ ଦ୍ୱାରା କ୍ୟାମ୍ପସ ବିଶୃଙ୍ଖଳିତ ହେଉଛି। ବିଶେଷ କରି ନବୀନ ସରକାରରେ ରାଗିଂ ଅତିମାତ୍ରାରେ ବୃଦ୍ଧି ପାଇଛି। ତେଣୁ ୩ଟି ଦାବି ଯଥା- ଛାତ୍ର ସଂସଦ ନିର୍ବାଚନ, ବିଶ୍ୱବିଦ୍ୟାଳୟ/ମହାବିଦ୍ୟାଳୟରେ ଖାଲିପଡ଼ିଥିବା ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣ ଏବଂ ହିଂସା ଓ ନିଶାମୁକ୍ତ କ୍ୟାମ୍ପସ ଗଠନ ଲାଗି ଛାତ୍ର କଂଗ୍ରେସ ଦାବି କରିଛି।






## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ଖାସମାହାଲ କ୍ରିୟାନୁଷ୍ଠାନ କମିଟି

ଜଟଣୀ,୪ା୯(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ଅଞ୍ଚଳରେ ରହିଥିବା ଖାସମାହଲ ଜମି ସମସ୍ୟାର ସମାଧାନ କରି ଲୋକଙ୍କୁ ପଟ୍ଟା ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଡିସେମ୍ବରରୁ ଏହି ପଟ୍ଟା ପ୍ରଦାନ କରାଯିବ। ଏହି ଖବର ପ୍ରଚାରିତ ହେବା ପରେ ଜଟଣୀ ଅଞ୍ଚଳରେ ଖୁସିର ବାତାବରଣ ଖେଳିଯାଇଛି। ଏନେଇ ଜଟଣୀ ଟାଉନ ଖାସମାହାଲ କ୍ରିୟାନୁଷ୍ଠାନ କମିଟିର ସଭାପତି ମନମୋହନ ମିଶ୍ର, ଅନନ୍ତ ଶତପଥୀ, ଦିପୁ ପଟ୍ଟନାୟକ, ଶ୍ୟାମସୁନ୍ଦର ଅଗ୍ରୱାଲ, ଅଶୋକ ଶର୍ମା, ପ୍ରଦୀପ ଅଗ୍ରୱାଲ, ଲିଜା ଦେ, ସୁବାସ ଅଗ୍ରୱାଲ, ଗୋପି ଝୁନଝୁନୱାଲଙ୍କ ସମେତ ବହୁ ସଦସ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଏବଂ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଟ୍ରକ୍ ଧକ୍କାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ଫୁଲନଖରା,୪ା୯(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁରସ୍ଥିତ ତାରିଣୀ ମନ୍ଦିର ଛକ ନିକଟରେ ସୋମବାର ଟ୍ରକ ଧକ୍କାରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ସ୍ୱାମୀ ଗୁରୁତର ହୋଇଛନ୍ତି। ମୃତା ମହିଳା ହେଲେ ଜଗତ୍‌ସିଂହପୁର ଅଞ୍ଚଳର କଳ୍ପନା ସାହୁ। ଗୁରୁତର ହୋଇଥିବା ଆଶିଷ କୁମାର ସାହୁଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କଳ୍ପନା ଓ ଆଶିଷ ଏକ ସ୍କୁଟିରେ ପୁରୀରୁ ଜଗତ୍‌ସିଂହପୁର ଅଭିମୁଖେ ଯାଉଥିବାବେଳେ ପଛରୁ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ତଳେ ପଡିଯାଇଥିଲେ। ଏହି ସମୟରେ ଟ୍ରକ ଚକ କଳ୍ପନାଙ୍କ ଉପରେ ମାଡି ଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟି ଜବତ କରିବା ସହ ଚାଳକଙ୍କୁ ଅଟକ ରଖିଛି।

### ସନ୍‌ରାଇଜ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର,୪ା୯ (ଅନୁରାଧା ମହାରଣା) - ସନରାଇଜ କ୍ଲବ୍ ପକ୍ଷରୁ ଭୁବନେଶ୍ୱରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୫୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ରାଜକିଶୋର ଦାସ, ବିଜେଡି ଜିଲା ଉପଦେଷ୍ଟା ସରୋଜ କୁମାର ପାତ୍ର ଏବଂ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିଶ୍ୱଜିତ୍ ସାହୁ ଯୋଗଦେଇଥିଲେ। କ୍ଲବ ସଭାପତି ମହେଶ ଜେଠାଲିଆ, ସଂପାଦକ ଦେବେଶ ଅଧିକାରୀ, କୋଷାଧ୍ୟକ୍ଷ ଲାଲ ପ୍ରକାଶ ବିଶାଳଙ୍କ ସମେତ ଅନ୍ୟ ସଦସ୍ୟମାନେ ରକ୍ତ ଦାନ କରିଥିଲେ। କ୍ଲବ ପକ୍ଷରୁ ଏପରି ଜନହିତକର କାର୍ଯ୍ୟ ଜାରି ରହିବା ସହ ଚଳିତ ମାସରେ ବୃକ୍ଷ ରୋପଣ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# ଧରାପଡ଼ିଲା 'ବ୍ଲାକ୍ ଜ୍ୟାକେଟ' ଗ୍ୟାଙ୍ଗ

■୪ ସଦସ୍ୟ ଗିରଫ
■୩୦ ସୁନା ଚେନ୍, ୩ ସ୍ପିଡ୍ ବାଇକ ଜବତ

ଭୁବନେଶ୍ୱର,୪ା୯ (ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲାରେ ସ୍ପିଡ୍ ବାଇକରେ ସୁନା ଚେନ୍ ଛିନତାଇ କରି ଫେରାର ହୋଇଯାଉଥିବା 'ବ୍ଲାକ୍ ଜ୍ୟାକେଟ' ଗ୍ୟାଙ୍ଗର ୪ଜଣଙ୍କୁ କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଗିରଫ କରିଛି। ସେମାନେ ହେଲେ ବଡଗଡ ମଙ୍ଗଳାସାହିର ସନ୍ତୋଷ ନାୟକ ଓରଫ ରକେଟ(୨୮), ଖୋର୍ଦ୍ଧା ସଦର ଥାନା ଅଞ୍ଚଳର ରଶ୍ମି ରଞ୍ଜନ ନାୟକ(୩୧), ନୟାଗଡ ଜିଲା ଖଣ୍ଡପଡାର ବୁଲୁ ନାୟକ(୨୮) ଓ ଇଟାମାଟିର ସର୍ବେଶ୍ୱର ଗୋଚ୍ଛାୟତ(୨୮)। ସେମାନଙ୍କଠାରୁ ୩୦ଟି ସୁନା ଚେନ୍, ୩ଟି ସ୍ପିଡ୍ ବାଇକ, ୨ ବ୍ଲାକ୍ ଜ୍ୟାକେଟ ଓ ବିଭିନ୍ନ ଘରୋଇ ସଂସ୍ଥାରୁ ହୋଇଥିବା ଋଣ ସଂକ୍ରାନ୍ତ କାଗଜପତ୍ର ଜବତ ହୋଇଛି। ଅଭିଯୁକ୍ତମାନେ ଶହୀଦନଗର ଥାନାରେ ହୋଇଥିବା ୯ଟି ମାମଲା, ନୟାପଲ୍ଲୀ ଓ କ୍ୟାପିଟାଲ ଥାନାରେ ୩ଟି ମାମଲାରେ ସମ୍ପୃକ୍ତ ଥିବା


ଗିରଫ ୪ ଅଭିଯୁକ୍ତ। ଜବତ ଜ୍ୟାକେଟ ଓ ବାଇକ୍।

ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି। ଅଭିଯୁକ୍ତମାନେ ଲୁଟ୍ ଗହଣାକୁ କିଛିଦିନ ପାଖରେ ରଖିବା ପରେ ଏହାର ଜାଲ ବିଲ୍ ତିଆରି କରି ଏହାକୁ ବିଭିନ୍ନ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରେ ବନ୍ଧକ ରଖି ଋଣ ନେଉଥିଲେ। ଋଣ କରିବା ଲାଗି ସେମାନେ ନିଜ ମା', ସ୍ତ୍ରୀ ଓ ଭଉଣୀଙ୍କ ନାମରେ କାଗଜପତ୍ର ଦାଖଲ କରୁଥିଲେ।

ସୂଚନାନୁସାରେ, ଅଭିଯୁକ୍ତମାନେ ଭୁବନେଶ୍ୱରର ବିଭିନ୍ନ ବସ୍ତି ଅଞ୍ଚଳରେ ରହୁଥିଲେ। ଛିନ୍‌ତାଇ ଲାଗି ଅଭିନବ ତରିକା ଆପଣାଇଥିଲେ। ଅପରାଧ କରିବା ସମୟରେ ସମସ୍ତ ଅଭିଯୁକ୍ତ କଳା ରଙ୍ଗର ଜ୍ୟାକେଟ ପିନ୍ଧିବା ସହ ସ୍ପିଡ୍ ବାଇକ ବ୍ୟବହାର କରିଥାନ୍ତି। ସମ୍ପୂର୍ଣ୍ଣ ଶରୀରକୁ ଘୋଡାଇ ରଖିବା ସହ ଗାଡିରେ ବ୍ୟବହାର କରୁଥିବା ନମ୍ବର ପ୍ଲେଟ୍‌କୁ ଲିଭାଇ ଦେଇଥାନ୍ତି। ଭୁବନେଶ୍ୱରରେ ବିଶେଷକରି ବିଭିନ୍ନ ଗଳିକନ୍ଦିରେ ବୁଲି ଚେନ ପିନ୍ଧା ମହିଳାଙ୍କୁ ଟାର୍ଗେଟ କରି ଲୁଟ୍ କରୁଥିଲେ। ଗତ ୬ ମାସ ମଧ୍ୟରେ ଶହୀଦନଗର, ନୟାପଲ୍ଲୀ, ଖାରବେଳନଗର, କ୍ୟାପିଟାଲ, ପାହାଳ ଆଦି ଥାନା ଅଞ୍ଚଳରେ ବହୁ ଚେନ୍ ଲୁଟ କରି ଥିବା ଜଣାପଡିଛି। ପୋଲିସ ସିସିଟିଭି ଫୁଟେଜ,ଗାଡିର ନମ୍ବର ଆଦି ଯାଞ୍ଚ କରି ତଥ୍ୟ ହାସଲ ପରେ ସମସ୍ତ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲା।

# ଜିଡିଏସ୍ ବିଲ୍ଡର୍ସର ୧୯.୬୭ କୋଟିର ସମ୍ପତ୍ତି ଆଟାଚ୍

ଭୁବନେଶ୍ୱର,୪ା୯(ସତ୍ୟଜିତ୍ ରାଉତ)

**ୟୁନିୟନ୍ ବ୍ୟାଙ୍କରୁ ଋଣ ଠକେଇ ମାମଲା**

ୟୁନିୟନ୍ ବ୍ୟାଙ୍କରୁ ଋଣ ଠକେଇ ମାମଲାରେ ବେଆଇନ ଅର୍ଥ କାରବାର ଦିଗକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରିଅଲ୍ ଇଷ୍ଟେଟ୍ ସଂସ୍ଥା 'ଏମ୍/ଏସ୍ ଜିଡିଏସ୍ ବିଲ୍ଡର୍ସ ପ୍ରାଇଭେଟ୍ ଲିଃର ତଦନ୍ତ କରୁଥିଲା। ଏହାର ନିର୍ଦ୍ଦେଶକ ଉମାଶଙ୍କର ଦାସ ଏବଂ ଅନ୍ୟ ଅଭିଯୁକ୍ତଙ୍କର ୧୯ କୋଟି ୬୭ ଲକ୍ଷ ୨୩,୦୨୭ ଟଙ୍କାର ସମ୍ପତ୍ତିକୁ ଇଡି ଆଟାଚ୍ କରିଛି। ଏହି ସମ୍ପତ୍ତି ମଧ୍ୟରେ ୯ ଲକ୍ଷ ୪୯,୬୫୭ ଟଙ୍କାର ବ୍ୟାଙ୍କ ଜମା ଓ ମ୍ୟୁଚୁଆଲ୍ ଫଣ୍ଡର ସ୍ଥାବର ସମ୍ପତ୍ତି ଓ ୧୯ କୋଟି ୫୭ ଲକ୍ଷ ୭୩,୩୭୦ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। ସମସ୍ତ ଅସ୍ଥାବର ସମ୍ପତ୍ତି ଭୁବନେଶ୍ୱର ଓ ପୁରୀରେ ରହିଥିବା ଇଡି ପକ୍ଷରୁ ସୂଚନା ଦିଆଯାଇଛି। ପ୍ରିଭେନସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ, ୨୦୦୨ (ପିଏମ୍ଏଲ୍ଏ) ଅନୁଯାୟୀ, ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଇଡି ପକ୍ଷରୁ ସୋମବାର ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଆଞ୍ଚଳିକ ଡେପୁଟି ଜେନେରାଲ ମ୍ୟାନେଜର ତଥା ତତ୍କାଳୀନ ଡେପୁଟି ଜେନେରାଲ ମ୍ୟାନେଜର ରୂପଲାଲ ମୀନାଙ୍କ ଅଭିଯୋଗ ଆଧାର କରି କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ (ସିବିଆଇ) ତିନୋଟି ପୃଥକ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ୟୁବିଆଇର ତିନି ଅଧିକାରୀ ଭୁବନେଶ୍ୱର ମହାପାତ୍ର, ଅଶ୍ୱିନୀ କୁମାର ପାତ୍ର ଏବଂ ରାଜେଶ କୁମାର ପଟଙ୍ଗା କାଗଜ ପତ୍ର ଯାଞ୍ଚ ନ କରି ଏମ୍/ଏସ୍ ଜିଡିଏସ୍ ବିଲ୍ଡର୍ସ ଲିମିଟେଡ୍ ସଂସ୍ଥାର ପ୍ରରୋଚନାରେ ୪୪ ଜଣଙ୍କ ନାମରେ ୨୦୧୭ରେ ୨୪.୧୭ କୋଟି ଟଙ୍କା ଗୃହ ବାବଦକୁ ଋଣ ମଞ୍ଜୁର କରିଥିଲେ। ଏ ନେଇ ଅଭିଯୋଗ ପରେ ସିବିଆଇ ବ୍ୟାଙ୍କ କର୍ମଚାରୀଙ୍କ ସମେତ ୫ ଜଣଙ୍କୁ ୨୦୨୦ରେ ଗିରଫ କରିଥିଲା। ପରେ ଏହି ମାମଲାରେ ବେଆଇନ ଅର୍ଥ କାରବାର ଦିଗକୁ ନେଇ ଖୋଳତାଡ଼ କରିବାକୁ ଇଡି ନିଜ ଆଡୁ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଉଲ୍ଲେଖଯୋଗ୍ୟ, ଚଳିତବର୍ଷ ମେ ୧୮ରେ ଇଡି ଅଭିଯୁକ୍ତ ଉମାଶଙ୍କର ଓ ତାଙ୍କ ସମ୍ପର୍କୀୟଙ୍କ ୮ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ୧.୩ କୋଟି ଟଙ୍କାର ୧.୯୭୮ କେଜି ସୁନା, ୧୫ ଲକ୍ଷ ଟଙ୍କା ଓ ବିଭିନ୍ନ କାଗଜପତ୍ର ଜବତ କରାଯାଇଥିଲା।



କମନ୍ ସର୍ଭିସ୍ ପଏଣ୍ଟ ଆଉଟ୍‌ଲେଟ୍‌ରେ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ବ୍ୟବସାୟିକ ପ୍ରତିନିଧିଙ୍କୁ ଅନ୍ତର୍ଭୁକ୍ତ ଦାବିରେ ଲୋୟର ପିଏମ୍‌ଜିରେ ଧାରଣା।

# ଟିପିସିଓଡିଏଲ ଷ୍ଟ୍ରକ୍‌ଚର କର୍ମଚାରୀଙ୍କୁ ମାଡ଼ ଅଭିଯୋଗ

ବେଗୁନିଆ,୪ା୯(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବଦ୍ୟୁତ୍ ଉପଖଣ୍ଡ ଅନ୍ତର୍ଗତ ଗେଡିଆପଲ୍ଲୀ ଟିପିସିଓଡିଏଲ୍ ଷ୍ଟ୍ରକଚର କର୍ମଚାରୀଙ୍କୁ ମାଡ଼ ମରାଯାଇଥିବା ନେଇ ସୋମବାର ବେଗୁନିଆ ଥାନାରେ ଅଭିଯୋଗ ହୋଇଛି। ଏହା ସହ ଯନ୍ତ୍ରାଂଶ ଭଙ୍ଗାରୁଜା, ମୋବାଇଲ ଫୋନ ଛଡାଇ ନେଇଯାଇଥିବା ଆଦି ଅଭିଯୋଗରେ ଉଲ୍ଲେଖ ରହିଛି। ସୂଚନା

**ବାରମ୍ବାର ବିଦ୍ୟୁତ୍ କାଟର ପ୍ରତିବାଦ**

ମୁତାବକ, ଦୀର୍ଘ ସମୟ ଧରି ବିଦ୍ୟୁତ୍ କାଟକୁ ନେଇ କେତେଜଣ ଉପଭୋକ୍ତା ଗେଡିଆପଲ୍ଲି ସେକ୍ସନ କାର୍ଯ୍ୟାଳୟରେ ପଶିଥିଲେ। ସେଠାରେ କାର୍ଯ୍ୟ କରୁଥିବା ଜୁନିୟର ଟେକ୍ନିସିଆନ ଋଷିକେଶ ବାରିକ ଓ ସହକର୍ମୀ ସନାତନ ବେହେରାଙ୍କୁ ମାଡ଼ କରିଥିଲେ। ଅସହ୍ୟ ବିଦ୍ୟୁତ୍‌କାଟ ପ୍ରତିବାଦରେ ଏଭଳି ଘଟଣା ଘଟିଛି ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ କହିଛନ୍ତି। ପ୍ରକାଶ ଯେ, ବେଗୁନିଆ ବିଦ୍ୟୁତ୍ ଉପଖଣ୍ଡ ଅନ୍ତର୍ଗତ କଳାପଥର ଓ ଗେଡିଆପଲ୍ଲି ୩୩/୧୧ କେଭି ସେକ୍ସନରେ ବାରମ୍ବାର ବିଦ୍ୟୁତ୍ କାଟ ହେଉଛି। ଏପରିକି ଦୈନିକ ୭ରୁ ୮ଘଣ୍ଟା ବିଦ୍ୟୁତ୍ କାଟ ହେଉଥିବା ସ୍ଥାନୀୟ ଉପଭୋକ୍ତାଙ୍କ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ହେଉଛି। ଯାନ୍ତ୍ରିକ ତ୍ରୁଟି ଆଳରେ ବାରମ୍ବାର ବିଦ୍ୟୁତ୍ କାଟ ଜାରି ରହିଥିବା ବେଳେ ବଜ୍ରପାତ ଓ ବର୍ଷାକୁ ଆଖି ଆଗରେ ରଖି ରବିବାର ଅପରାହ୍ନ ୫ଟାରୁ ବିଦ୍ୟୁତ୍ କାଟି ଦିଆଯାଇଥିଲା। ଫଳରେ ଏହି ସେକ୍ସନ ଉପରେ ନିର୍ଭର କରୁଥିବା ଉପଭୋକ୍ତା ଅତିଷ୍ଠ ହୋଇପଡିଥିଲେ।

# ରେଳ ଷ୍ଟେଶନରୁ ଗୋମାଂସ ଜବତ, ଜଣେ ଅଟକ



ଭୁବନେଶ୍ୱର,୪ା୯ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ରେଳ ଷ୍ଟେଶନରୁ ସୋମବାର ବିପୁଳ ଗୋମାଂସ ଜବତ ହୋଇଛି। ଜବତ ୩୩ଟି ପ୍ୟାକେଟରେ ୨୦ କୁଇଣ୍ଟାଲରୁ ଅଧିକ ଗୋମାଂସ ରହିଥିବା ଜଣାପଡିଛି। ଏଥିରେ ସମ୍ପୃକ୍ତ ଜଣେ ଡ୍ରାଇଭରଙ୍କୁ ଜିଆର୍‌ପି ଅଟକ ରଖି ପଚରାଉଚରା କରୁଛି। ତେବେ ଘଟଣାସ୍ଥଳରୁ କେତେଜଣ ଅଭିଯୁକ୍ତ ଫେରାର ହୋଇଯାଇଥିବାରୁ ପୋଲିସ ସେମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ସୂଚନାନୁସାରେ, ରେଳ ଷ୍ଟେଶନରେ ଏସବୁ ଗୋରୁମାଂସ ପ୍ୟାକେଟ ହୋଇ ରଖାଯାଇଥିଲା।ଏହାକୁ ଟ୍ରେନ ଯୋଗେ ସିକନ୍ଦରାବାଦ ପଠାଯିବାର ଥିଲା। ଏନେଇ ଗୋସେବା ପରିଷଦର କର୍ମକର୍ତ୍ତା ଖବର ପାଇ ଷ୍ଟେଶନରେ ଜଗି ରହିବା ସହ ଜିଆର୍‌ପିକୁ ସୂଚନା ଦେଇଥିଲେ। ଏହାପରେ ମିଳିତ ଉଦ୍ୟମରେ ଚଢାଉ କରାଯାଇ ଜଣଙ୍କୁ ଧରିବା ସହ ପ୍ୟାକେଟ ଭର୍ତ୍ତି ଥିବା ମାଂସକୁ ଜବତ କରାଯାଇଥିଲା। ଏହି ରାକେଟରେ ଚେର କେତେ ବାଟ ପର୍ଯ୍ୟନ୍ତ ଲମ୍ବିଛି, କିଏ କିଏ ସାମିଲ ଅଛନ୍ତି ତାହା ଜାଣିବାକୁ ଅଟକ ବ୍ୟକ୍ତିଙ୍କୁ ଥାନାରେ ଜେରା ଚାଲିଛି। ତେବେ କଟକ ନିଆଳିରୁ ପ୍ୟାକ ଭ୍ୟାନ ଯୋଗେ ମାଂସ ସବୁକୁ ଅଣାଯାଇଥିବାବେଳେ ଧରା ନ ପଡିବା ଲାଗି ଅଭିଯୁକ୍ତମାନେ ସେଥିରେ କିଛି ମାଛ ପ୍ୟାକେଟରଖିଥିଲେବୋଲିଜିଆର୍‌ପିକହିଛି।

# ସିଏସ୍‌ପି ଆଉଟ୍‌ଲେଟ୍‌ରେ ଓଜିବି ବିସିଙ୍କୁ ସାମିଲ ଦାବି

ଭୁବନେଶ୍ୱର,୪ା୯ (ଅନୁରାଧା ମହାରଣା)

କମନ୍ ସର୍ଭିସ୍ ପଏଣ୍ଟ (ସିଏସ୍‌ପି) ଆଉଟ୍‌ଲେଟ୍‌ରେ ଓଡିଶା ଗ୍ରାମ୍ୟ ବ୍ୟାଙ୍କ(ଓଜିବି)ର ବ୍ୟବସାୟିକ ପ୍ରତିନିଧି(ବିସି)ଙ୍କୁ ଅନ୍ତର୍ଭୁକ୍ତ ଦାବିରେ ସୋମବାର ଲୋୟର ପିଏମଜିରେ ଧାରଣା ଦିଆଯାଇଛି। ଏଥିରେ ୧୩ଟି ଜିଲାର ୭୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇ ଦାବି ଉପସ୍ଥାପନ କରିଛନ୍ତି। ସେମାନଙ୍କ ଅଭିଯୋଗ ହେଲା, ରାଜ୍ୟର ବ୍ୟାଙ୍କ ନ ଥିବା ପଞ୍ଚାୟତରେ ବ୍ୟାଙ୍କିଙ୍ଗ ଆଉଟ୍‌ଲେଟ (ସିଏସ୍‌ପିପ୍ଲସ୍ ) ଖୋଲିବା ପାଇଁ ସରକାର ସ୍ଥିର କରିଛନ୍ତି। ସେମାନେ ଦୀର୍ଘ ୧୦ ବର୍ଷ ଧରି ୧୩ଟି ଜିଲାରେ ୭୩୨ ବିସି ବ୍ୟାଙ୍କ ଦ୍ୱାରା ପଞ୍ଚାୟତରେ ନିଯୁକ୍ତ ହୋଇ ସେବା ଯୋଗାଇ ଆସୁଛନ୍ତି। ବର୍ତ୍ତମାନ ସେମାନଙ୍କୁ ଅଣଦେଖା କରି ଅନ୍ୟ ବ୍ୟାଙ୍କର ସିଏସ୍‌ପି ପ୍ଲସ ଖୋଲିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଯାହା ଫଳରେ କାର୍ଯ୍ୟରତ ବିସିମାନଙ୍କ କାର୍ଯ୍ୟ ପ୍ରତି କୁଠାରାଘାତ କରାଯାଉଛି। ଯେଉଁ ପଞ୍ଚାୟତରେ ବ୍ୟାଙ୍କର ଗ୍ରାହକ ସେବା କେନ୍ଦ୍ର ନାହିଁ କି ବ୍ୟବସାୟିକ ପ୍ରତିନିଧି ନାହାନ୍ତି, ସେଠାରେ ଖୋଲିଲେ କୌଣସି ଆପତ୍ତି ନାହିଁ। କିନ୍ତୁ ଯେଉଁଠି ଗ୍ରାହକ ସେବା କେନ୍ଦ୍ର ଅଛି କିମ୍ବା ବିସିମାନେ ଅଛନ୍ତି, ସେମାନଙ୍କୁ ସରକାରଙ୍କ ଦ୍ୱାରା ସିଏସ୍‌ପିପ୍ଲସ୍‌ରେ ଅଗ୍ରାଧିକାର ଭାବେ ନିଯୁକ୍ତି ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରାଯାଉ ବୋଲି ଦାବି ହୋଇଛି। ସଂଘ ସଭାପତି ତଥା ଭାରତ ମଜଦୁର ସଂଘର ରାଜ୍ୟ ସଭାପତି ପୃଥ୍ୱୀରାଜ ପଣ୍ଡା କହିଛନ୍ତି, ବିପତ୍ତି ସମୟରେ ଗ୍ରାହକଙ୍କ ଭଲମନ୍ଦ ବିଷୟକୁ ବୁଝି ସେମାନଙ୍କ ନିକଟରେ ସରକାରଙ୍କ କାଳିଆ ଯୋଜନା, ପ୍ରଧାନମନ୍ତ୍ରୀ କିଷାନ ଯୋଜନା, ଉଜ୍ଜ୍ୱଳା ଯୋଜନା, ଗରିବ କଲ୍ୟାଣ ଯୋଜନା ଓ ପେନସନ ଅନ୍ତର୍ଭୁକ୍ତ ସହାୟତା ରାଶି ପହଞ୍ଚାଇବାରେ ବିସିମାନେ ଅଗ୍ରଦୂତ ସାଜିଥିବା ଓଜିବି ବିସିଙ୍କଙ୍କ ସ୍ୱାର୍ଥକୁ ଅଣଦେଖା କରାଯିବା ଅନୁଚିତ। ଯଦି ନିଷ୍ପତ୍ତିର ପୁନର୍ବିଚାର କରା ନ ଯାଏ, ତେବେ ଆଗାମୀ ଦିନରେ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ବିସି ସଂଘର ସମ୍ପାଦକ ପ୍ରଭାକର ବାରିକ ଓ ଉପସଭାପତି ରାମକୃଷ୍ଣ ସାହୁଙ୍କ ପରାମର୍ଶକ୍ରମେ କୋର୍ କମିଟିର ସଦସ୍ୟସଦସ୍ୟାଙ୍କୁ ନେଇ ଆନ୍ଦୋଳନକୁ ତୀବ୍ରତର କରାଯିବ। ପରିବାର ସଦସ୍ୟଙ୍କୁ ନେଇ ସମସ୍ତ ଓଜିବି ବିସି ରାଜରାସ୍ତାକୁ ଓହ୍ଲାଇବାକୁ ସେ ଚେତାବନୀ ଦେଇଛନ୍ତି।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଜଟଣୀ,୪ା୯(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ଥାନା ପୋଲିସ ସୋମବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ପଦନପୁର ଗ୍ରାମ ମେଳଣପଡିଆ ଉପରସାହିର ବ୍ରଜ ସାହୁ ଓରଫ ଟିମ(୨୨)। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ମୁତାବକ, ସ୍ଥାନୀୟଏକବରଗଛରେବ୍ରଜଙ୍କମୃତଦେହ ଝୁଲୁଥିବା ନେଇ ସୋମବାର ପରିବାର ଲୋକେ ଓ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୫/୨୩) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ଏମ୍ସରେ ଚନ୍ଦ୍ରାୟଣ ମହୋତ୍ସବ ପାଳନ

ଭୁବନେଶ୍ୱର,୪ା୯(ଅଭିଜିତ ଦାସ)

ସାରା ଦେଶରେ ଚନ୍ଦ୍ରୟାନକୁ ନେଇ ଆନନ୍ଦ ଉଲ୍ଲାସ ପ୍ରକାଶ ପାଇଥିବା ବେଳେ ସୋମବାର ଭୁବନେଶ୍ୱର ଏମ୍ସ ପରିସରରେ ଚନ୍ଦ୍ରାୟଣ ମହୋତ୍ସବ ପାଳନ ହୋଇଥିଲା। କାର୍ଯ୍ୟକ୍ରମରେ ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଭାରତର ଚନ୍ଦ୍ରୟାନର ସଫଳତା ନେଇ ଛାତ୍ରୀଛାତ୍ରମାନଙ୍କୁ ସହ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟସେବା, ଡିଜିଟାଲ ମିଶନ, ରେଳ ଆଦି ବିଭିନ୍ନ କ୍ଷେତ୍ରରେ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ କରି ଛାତ୍ରୀଛାତ୍ରମାନେ ଭାରତକୁ ଉନ୍ନତିର ଶୀର୍ଷକୁ ନେବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଏମ୍ସ ଚନ୍ଦ୍ରୟାନ ଅଭିଯାନରେ ସାମିଲ ରକେଟ, ରୋଭର୍, ପ୍ରଜ୍ଞାନ ଆଦିର ପ୍ରତିକୃତି ସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ଡିନ ଡ. ପି.ଆର. ମହାପାତ୍ର, ମେଡିକାଲ ଅଧୀକ୍ଷକ ଡ. ଦିଲୀପ କୁମାର ପରିଡା, ଡ. ପ୍ରଭାସ ରଞ୍ଜନ ତ୍ରିପାଠୀ, କଲେଜ ଅଫ ନର୍ସିଂର ଅଧ୍ୟକ୍ଷା ଡ. ଆଶା ପି. ସେଟ୍ଟୀ, ଭାରପ୍ରାପ୍ତ ଡିଡିଏ ରଶ୍ମି ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।



ଏମ୍ସରେ ଚନ୍ଦ୍ରାୟନ ମହୋତ୍ସବ ପାଳନ ଅବସରରେ ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଓ ଅନ୍ୟମାନଙ୍କ ସହ ଛାତ୍ରୀଛାତ୍ର।

# ଗୁରୁ ଦୁର୍ଗାଚରଣ ରଣବୀରଙ୍କୁ 'ଲଳିତକଳା ପୀଠ ସମ୍ମାନ'

ଭୁବନେଶ୍ୱର, ୪ା୯(ବନ୍ଦନା ସେଠୀ)

ଲଳିତକଳା ପୀଠର ୬୭ତମ ବାର୍ଷିକ ଉତ୍ସବ ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାୟ ଏହାକୁ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଯୋଗଦେଇ କହିଲେ, ଲଳିତକଳା ପୀଠ ଆମ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ଲାଗି ବହୁ ପ୍ରଶଂସନୀୟ କାର୍ଯ୍ୟ କରୁଛି। ପୀଠର ଉନ୍ନତି ପାଇଁ ରାଜ୍ୟ ସରକାର ସହଯୋଗର ହାତ ବଢ଼ାଇବେ ବୋଲି ସାହୁ କହିଛନ୍ତି। ଏହି ଅବସରରେ ଗୁରୁ ଦୁର୍ଗାଚରଣ ରଣବୀରଙ୍କୁ 'ଲଳିତକଳା ପୀଠ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଦିବସବ୍ୟାପୀ କାର୍ଯ୍ୟକ୍ରମରେ ପୂର୍ବାହ୍ନରେ ସର୍ବଭାରତୀୟ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ରୁ



ଲଳିତକଳା ପୀଠର ୬୭ତମ ବାର୍ଷିକ ଉତ୍ସବରେ ଗୁରୁ ଦୁର୍ଗାଚରଣ ରଣବୀରଙ୍କୁ 'ଲଳିତକଳା ପୀଠ ସମ୍ମାନ' ପ୍ରଦାନ କରାଯାଉଛି।

ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରି ନୃତ୍ୟ ପ୍ରଦର୍ଶନ କରିଥିଲେ। ସନ୍ଧ୍ୟାରେ ବରିଷ୍ଠ, କନିଷ୍ଠ ଏବଂ ଉପ-କନିଷ୍ଠ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପୀଠର ସଭାପତି ଶୈଳେନ୍ଦ୍ର କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ରାଜ୍ୟ ସୂଚନା ଆୟୋଗ ସଦସ୍ୟ ଦିଲୀପ ବିଶୋୟୀ ଓ ସମ୍ପାଦକ ଚିତ୍ତରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପ୍ରହରାଜ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁ ସ୍ୱପ୍ନାରାଣୀ ସିଂହଙ୍କ ତତ୍ତ୍ୱାବଧାନରେ ନୃତ୍ୟ ପରିବେଷଣ କରାଯାଇଥିଲା। ଡ. ଅଙ୍କିତା ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ତାରିଣୀ ମନ୍ଦିରରୁ ଚୋରି

**ଚୌଦ୍ୱାର,୪।୯(ଆଶୁତୋଷ ଦାସ):** ଚୌଦ୍ୱାର ଥାନା ଅଧୀନ ଗାନ୍ଧୀଛକଠାରେ ଥିବା ତାରିଣୀ ମନ୍ଦିର ତାଲା ଭଙ୍ଗାଯାଇ ବହୁ ସାମଗ୍ରୀ ସହ ଦାନବାକ୍ସରେ ଥିବା ଟଙ୍କା ଚୋରି ହୋଇଛି। ଏପରି କି ମନ୍ଦିର ଅଫିସ୍ ଗୃହର ତାଲା ଭଙ୍ଗା ଯାଇଥିବା ଦେଖିବାକୁ ମିଳିଛି। ପୂଜକ ସବୁଦିନ ପରି ରବିବାର ରାତି ୯ଟାରେ ଦେବୀଙ୍କ ନୀତି କାର୍ଯ୍ୟ ସାରି ମନ୍ଦିରରେ ତାଲା ପକାଇ ଘରକୁ ଯାଇଥିଲେ। ସୋମବାର ସକାଳେ ସେ ପୂଜା କରିବା ପାଇଁ ଆସିବା ପରେ ମନ୍ଦିର ତାଲା ଭଙ୍ଗା ଯାଇ ସାମଗ୍ରୀ ଚୋରି ହୋଇଥିବା ଦେଖିଥିଲେ। ମନ୍ଦିରରେ ଲାଗିଥିବା ସିସିଟିଭି କ୍ୟାମେରାରେ ଜଣେ ବ୍ୟକ୍ତି ଏହି ଚୋରି କରୁଥିବା ଦେଖିବାକୁ ମିଳିଛି। ଅଭିଯୋଗ ପାଇ ପୋଲିସ ଉକ୍ତ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଆରମ୍ଭ କରିଛି।

### ଧବଳେଶ୍ୱର ପୂଜକ କୁଟୀର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**ଖୁଣ୍ଟୁଣୀ, ୪।୯(ସଚ୍ଚିଦାନନ୍ଦ ପଣ୍ଡା):** କଟକ ଜିଲା ଆଠଗଡର ପ୍ରସିଦ୍ଧ ଧବଳେଶ୍ୱରଙ୍କ ପୀଠରେ ପୂଜକ ସମାଜ ପାଇଁ ପୂଜକ କୁଟୀର ନିର୍ମାଣ ହେବ। ଏଥିପାଇଁ ସୋମବାର ପୂର୍ବାହ୍ନରେ ଧବଳେଶ୍ୱର ମନ୍ଦିର ନିକଟ ପାନ୍ଥଶାଳାଠାରେ ଆଠଗଡ଼ ଦେବୋତ୍ତର ମୁଖ୍ୟ ତଥା ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଦକ୍ଷିଣ ପାର୍ଶ୍ୱ ହନୁମାନ ମନ୍ଦିର ଓ ପାନ୍ଥଶାଳା ଉଭୟ ପାର୍ଶ୍ୱରେ ପୂର୍ତ୍ତ ବିଭାଗ ୭୨ ବଖରା ଗୃହ ନିର୍ମାଣ କରିବ। ଏଥିରେ ପୂଜକ ସମାଜ ବିଶ୍ରାମ ଗୃହ, ସଭାଗୃହ ସମେତ ସମସ୍ତ ଆବଶ୍ୟକୀୟ ଗୃହ ରହିବ ବୋଲି ପୂଜକ ସମାଜ ସଭାପତି ବିଷ୍ଣୁ ଚରଣ ପତ୍ରି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ୩ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ମଞ୍ଚେଶ୍ୱର ସରପଞ୍ଚ ଜ୍ୟୋତିର୍ମୟୀ ସାହୁ, ସମିତି ସଭ୍ୟା ରୀନା ସାହୁ, ପୂଜକ ସମାଜ ସମ୍ପାଦକ ନରେନ୍ଦ୍ର ପଣ୍ଡା, ପ୍ରିୟବ୍ରତ ସାହୁଙ୍କ ସମେତ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଏହି ଶିଳାନ୍ୟାସ କରିବା ଲାଗି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନାମ ଫଳକରେ ଉଲ୍ଲେଖ ରହିବା ସହ ସମସ୍ତ ପ୍ରସ୍ତୁତି ସରିଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ସେ ଆସି ପାରି ନ ଥିଲେ।

### ପୂର୍ବତନ ମୁଖ୍ୟ ଗ୍ରାଉଣ୍ଡସ୍‌ମ୍ୟାନ ଅଚ୍ୟୁତ ରାଉତଙ୍କ ପରଲୋକ

**କଟକ,୪।୯(ସୁପ୍ରିୟା ପ୍ରିୟଦର୍ଶିନୀ):** ବାରବାଟୀ ଷ୍ଟାଡିୟମର ପୂର୍ବତନ ମୁଖ୍ୟ ଗ୍ରାଉଣ୍ଡସ୍‌ମ୍ୟାନ(ମାଳି) ଅଚ୍ୟୁତ କେତନ ରାଉତ(୮୭)ଙ୍କର ସୋମବାର ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ପୂର୍ବାହ୍ନରେ ତାଙ୍କର ମୃତ୍ୟୁ ଘଟିଥିଲା। ବିଭିନ୍ନ କ୍ରୀଡ଼ା ସଂଘର ସଦସ୍ୟ, କର୍ମଚାରୀମାନେ ତାଙ୍କର ଶେଷଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କଟକ ସତୀଚୌରା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସୂଚନାଯୋଗ୍ୟ, ବାରବାଟୀ ଷ୍ଟାଡିୟମ ନିର୍ମାଣର ମୁଖ୍ୟ ପୁରୋଧା ସ୍ୱର୍ଗତ ଭୈରବ ଚନ୍ଦ୍ର ମହାନ୍ତିଙ୍କ ଅମଳରୁ ସେ ଗ୍ରାଉଣ୍ଡସ୍‌ମ୍ୟାନ ଭାବେ କାର୍ଯ୍ୟ କରୁଥିଲେ। ଓଡ଼ିଶା ଅଲିମ୍ପିକ ଆସୋସିଏଶନ ଅଧୀନରେ ମୁଖ୍ୟ ମାଳି ଭାବେ କାର୍ଯ୍ୟ କରି ସେ ଅବସର ଗ୍ରହଣ କରିଥିଲେ। ଅନେକ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ବାରବାଟୀର ପିଚ୍ ପ୍ରସ୍ତୁତ କରି ସେ ପ୍ରଶଂସା ସାଉଁଟିଛନ୍ତି।

# ରାସ୍ତାରେ ଖାଲ, ଯାତ୍ରୀ ହନ୍ତସନ୍ତ

## ମହାନଦୀବିହାର ଓଭରବ୍ରିଜ୍ କାମ ବିଳମ୍ବିତ

**କଟକ,୪।୯ (କାର୍ତ୍ତିକ ସାହୁ)**



ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମା।

୧୬ ନମ୍ବର ଜାତୀୟ ରାଜପଥର ମହାନଦୀବିହାର ନିକଟରେ ନିର୍ମିତ ଓଭରବ୍ରିଜ୍ କାମ ବିଳମ୍ବିତ ହେତୁ ଯାତ୍ରୀମାନେ ଦୁର୍ଦ୍ଦଶା ଭୋଗୁଛନ୍ତି। କଟକ ସହର ଦେଇ ଯାଇଥିବା ଏହି ରାଜପଥ ଗମନାଗମନ ଦୃଷ୍ଟିରୁ ଅତ୍ୟନ୍ତ ସମ୍ବେଦନଶୀଳ ଓ ବ୍ୟସ୍ତବହୁଳ। ହେଲେ ଏଠାରେ ନିର୍ମାଣ କାର୍ଯ୍ୟର ମନ୍ଥରତା ଦେଖିବାକୁ ମିଳିଛି। ଏଥିସହ ରାସ୍ତାର ଅଧିକାଂଶ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ବର୍ଷା ହେଲେ ସେଥିରେ ପାଣି ଜମି ରହୁଥିବାରୁ ଯାତ୍ରୀମାନେ ଯାତାୟତ ପାଇଁ ହନ୍ତସନ୍ତ ହେଉଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

ମହାନଦୀବିହାର ଛକ ନିକଟରେ ରାସ୍ତା ଖାଲଖମା ଯୋଗୁ ଅନେକ ଦୁର୍ଘଟଣା ଘଟି ଜୀବନ ହାନୀ ଘଟିଛି। ସ୍ଥାନୀୟ ଲୋକଙ୍କ ଆନ୍ଦୋଳନ ତଥା ବହୁଦିନର ଦାବିର ଫଳସ୍ୱରୂପ ଏଠାରେ ଏକ ଓଭରବ୍ରିଜ ନିର୍ମାଣ ନିମନ୍ତେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ପରେ ଶୁଭ ଦିଆଯାଇ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଓଭର ବ୍ରିଜ୍‌ର ଗୋଟିଏ ପାର୍ଶ୍ୱ କାମ ଶେଷ ହୋଇଥିବାବେଳେ ଆଉ ଗୋଟିଏ ପାର୍ଶ୍ୱର ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ରାଜପଥର ଉଭୟ ପାର୍ଶ୍ୱ ରାସ୍ତା ଦୀର୍ଘଦିନ ହେବ ଯାତାୟାତ ଅନୁପଯୋଗୀ ହୋଇଛି। ରାସ୍ତାର ସଂକୀର୍ଣ୍ଣତା କାରଣରୁ ଅଧିକାଂଶ ସମୟରେ ଟ୍ରାଫିକ ଜାମ୍ ପରିସ୍ଥିତି ସୃଷ୍ଟି ହେଉଛି। ଏବେ ଲଘୁଚାପଜନିତ ବର୍ଷାରେ ରାସ୍ତାର ବଡ଼ ବଡ଼ ଖାଲରେ ପାଣି ଜମି ରହୁଛି। ଅନ୍ୟପକ୍ଷରେ ଆଉ ମାତ୍ର କେତେ ଦିନ ପରେ ସହରରେ ପାର୍ବଣ ଆରମ୍ଭ ହୋଇଯିବ। ପାର୍ବଣ ପୂର୍ବରୁ ରାସ୍ତା ମରାମତି କାର୍ଯ୍ୟ ଶେଷ ହେବା ନିମନ୍ତେ ତତ୍ପରତା ପ୍ରକାଶ ପାଇନାହିଁ। ଏ ନେଇ ସିଏମ୍‌ସି ମେୟର ସୁବାସ ସିଂ କହିଛନ୍ତି, ପାର୍ବଣ ପୂର୍ବରୁ ରାସ୍ତାର ମରାମତି ଶେଷ କରିବା ନିମନ୍ତେ ପଦକ୍ଷେପ ନିଆଯିବ।

# ଖୁଣ୍ଟୁଣୀକୁ ୧୦୮ ଆମ୍ବୁଲାନ୍ସ ଫେରାଇ ନ ଆଣିଲେ ରାସ୍ତାରୋକୋ

**ଖୁଣ୍ଟୁଣୀ, ୪।୯(ସଚ୍ଚିଦାନନ୍ଦ ପଣ୍ଡା)**

## ଚେତାବନୀ ଦେଲେ ସରପଞ୍ଚ

୨୦୧୪ ମସିହାରେ ଖୁଣ୍ଟୁଣୀ ସରକାରୀ ଡାକ୍ତରଖାନାକୁ ୧୦୮ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଥିଲା। ହେଲେ ଏବେ ଏହି ଆମ୍ବୁଲାନ୍ସ ଢେଙ୍କାନାଳରେ ରହୁଥିବା ଜଣାପଡିଛି। ଫଳରେ ଖୁଣ୍ଟୁଣୀ ଜାତୀୟ ରାଜପଥରେ ଦୁର୍ଘଟଣା ଘଟିଲେ ଆମ୍ବୁଲାନ୍ସ ସେବାରୁ ଲୋକମାନେ ବଞ୍ଚିତ ହେଉଛନ୍ତି। ତୁରନ୍ତ ଖୁଣ୍ଟୁଣୀ ଅଞ୍ଚଳକୁ ଆମ୍ବୁଲାନ୍ସ ଫେରାଇ ଅଣା ନ ଗଲେ ଭୋଗରା, ଖୁଣ୍ଟୁଣୀ, କଣ୍ଡରେଇ, ଘଣ୍ଟିଖାଲ, ଡାଳଭାଗ, ରାଧାକିଶୋରପୁର, ଓରନ୍ଦା, କୁସ୍‌ପଙ୍ଗୀ, ରାଧାକୃଷ୍ଣପୁର ପଞ୍ଚାୟତର ଜନସାଧାରଣଙ୍କ ପକ୍ଷରୁ ୫୫ନଂ. ଜାତୀୟ ରାଜପଥର ଖୁଣ୍ଟୁଣୀ ବଜାରଠାରେ ରାସ୍ତାରୋକୋ କରାଯିବ ବୋଲି ଖୁଣ୍ଟୁଣୀ ସରପଞ୍ଚ କୈଳାଶ ଚନ୍ଦ୍ର ଦାସ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦିଲ୍ଲୀପ ଦାସ କହିଛନ୍ତି, ଖୁଣ୍ଟୁଣୀ ପାଇଁ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି। ତେଣୁ ଏଠାରେ ଆମ୍ବୁଲାନ୍ସ ରହିବା କଥା। ଏଠାରୁ ଯେଉଁଠିକୁ ଆବଶ୍ୟକ ପଡିବ ଫୋନ୍ କଲେ ଯିବ। ପୁଣି ଏଠାକୁ ଫେରିଆସିବ। ହେଲେ ଏଠାକୁ ନ ଫେରିବା ବିଷୟରେ ତଦାରଖ କରୁଛି ବୋଲି ସେ କହିଥିଲେ। ଅପରପକ୍ଷରେ ଜିଲା ମ୍ୟାନେଜର ସୌମେନ୍ଦ୍ର ମହାପାତ୍ର କହିଛନ୍ତି, ଆମ୍ବୁଲାନ୍ସ ଗୋଟିଏ ଜାଗାରେ ରହିବା ପାଇଁ ସେମିତି କିଛି ସରକାରୀ ନିୟମ ନାହିଁ। ମେ'ରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ଅଧିକ ୱାର୍କ ଲୋର୍ଡ ଥିବା ଅଞ୍ଚଳକୁ ଖୁଣ୍ଟୁଣୀ ଆମ୍ବୁଲାନ୍ସ ପଠାଯାଇଛି। ଏବେ ଉକ୍ତ ଆମ୍ବୁଲାନ୍ସ ଢେଙ୍କାନାଳ ମେଡିକାଲରେ ରହିଛି। ତେବେ ଖୁବ୍‌ଶୀଘ୍ର ଆମ୍ବୁଲାନ୍ସକୁ ଖୁଣ୍ଟୁଣୀକୁ ନିଆଯିବ। ସୂଚନାଯୋଗ୍ୟ, ଗତବର୍ଷ ଉକ୍ତ ଆମ୍ବୁଲାନ୍ସ କଟକ ଯାଉଥିବାବେଳେ ଷ୍ଟାଡିୟମ ନିକଟ ହରିଣ ପାର୍କଠାରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ପ୍ରାୟ ୧୦ ମାସ ଧରି ଗ୍ୟାରେଜରେ ଆମ୍ବୁଲାନ୍ସ ପଡି ରହିବା ପରେ ମରାମତି ହୋଇ ଆସିଥିଲା।

# ଆଇନଜୀବୀ ସୁରକ୍ଷା ଆଇନ ପାରିତ ଦାବିରେ ଶୋଭାଯାତ୍ରା




ଆଇନଜୀବୀ ସୁରକ୍ଷା ଆଇନ ପାରିତ ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିବା ଶୋଭାଯାତ୍ରା।

**କଟକ,୪।୯ (କାର୍ତ୍ତିକ ସାହୁ)**

ଆଇନଜୀବୀଙ୍କ ସାମାଜିକ ଓ ଅର୍ଥନୈତିକ ସୁରକ୍ଷା ପାଇଁ ତୁରନ୍ତ ଆଇନଜୀବୀ ସୁରକ୍ଷା ଆଇନ ପାରିତ କରାଯିବାକୁ ଆଇନଜୀବୀମାନେ ଦାବି କରିଛନ୍ତି। ଆଇନଜୀବୀମାନଙ୍କ ଉପରେ ବିଭିନ୍ନ ସମୟରେ ହେଉଥିବା ଆକ୍ରମଣ ଯୋଗୁ ସେମାନେ କାର୍ଯ୍ୟକ୍ଷେତ୍ରରେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଅନେକ ସ୍ଥାନରେ ଅଘଟଣ ଘଟୁଛି। ଏହାର ପ୍ରତିକାର ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଏ ଦିଗରେ ସଚେତନ କରିବା ନିମନ୍ତେ ଆଇନଜୀବୀମାନଙ୍କ ପକ୍ଷରୁ ସୋମବାର ପ୍ରତିବାଦ ଦିବସ ପାଳନ କରାଯାଇଛି। ଲାଲ୍‌ବାଗ ଥାନା ନିକଟ ଡ. ବି.ଆର୍. ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ନିକଟରୁ ହାଇକୋର୍ଟ ଓ ନିମ୍ନ ଅଦାଲତରେ କାର୍ଯ୍ୟରତ ଆଇନଜୀବୀମାନେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଉତ୍ତର ପ୍ରଦେଶ ଗାଜିଆବାଦ ଜିଲାର ତହସିଲ କୋର୍ଟ ପରିସରରେ ଆଇନଜୀବୀ ମନୋଜ ଚୌଧୁରୀଙ୍କୁ ଗୁଳି କରି ହତ୍ୟା କରାଯିବା ଘଟଣାକୁ ଆଇନଜୀବୀମାନେ ଦୃଢ ନିନ୍ଦା କରିଛନ୍ତି। ହାଇକୋର୍ଟ ବାର୍ ଆସୋସିଏଶନ ସମେତ କଟକ ବାର୍, କ୍ରିମିନାଲ କୋର୍ଟ ବାର୍, ରେଭିନ୍ୟୁ ବାର୍, ଟ୍ୟାକ୍ସ ବାର୍, ଡିଆରଟି ବାର୍ ଓ କଞ୍ଜ୍ୟୁମର ବାର୍ ଆସୋସିଏଶନର ସଦସ୍ୟମାନେ ମିଳିତ ଭାବେ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆକୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଧରଣୀଧର ନାୟକ, ଉପ ସଭାପତି ବିଦ୍ୟାଧର ପ୍ରଧାନ, ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ, ଯୁଗ୍ମ ସମ୍ପାଦକ ଦେବାଶିଷ ନନ୍ଦ, ସହସମ୍ପାଦକ ଦେବାଶିଷ ସ୍ୱାଇଁ, ସହସମ୍ପାଦକ(ପାଠାଗାର) ଜାନକୀ ମହାପାତ୍ର, କାର୍ଯ୍ୟକାରୀ କମିଟି ସଦସ୍ୟ ମନୋଜ ଅଗ୍ରୱାଲ, ରୁଚି ଅଗ୍ରୱାଲ, ସ୍ପନ୍ଦନ ମହାନ୍ତି, ଅକ୍ଷୟ କୁମାର ପତି, ଶଶୀ ରାଉତଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

# ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ପ୍ରତିବାଦ

**କଟକ,୪।୯(ସୁପ୍ରିୟା ପ୍ରିୟଦର୍ଶିନୀ)**

ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ରାଜ୍ୟ ସରକାରଙ୍କ ଛାତ୍ର ବିରୋଧୀ ନୀତି ପାଇଁ ସୋମବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଇଥିଲା। କଟକ ନଗର ଯୁବ କଂଗ୍ରେସ ସଭାପତି ଡ. ବିପ୍ଳବ ଶିଳାଦିତ୍ୟଙ୍କ ନିର୍ଦ୍ଦେଶକ୍ରମେ ଜିଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ରାଉତଙ୍କ ନେତୃତ୍ୱରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୫୦ରୁ ଊର୍ଦ୍ଧ୍ୱ କର୍ମୀ ଶୋଭାଯାତ୍ରାରେ ବାହାରି ଫାଟକ ସମ୍ମୁଖରେ ପହଞ୍ଚି ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଜିଲା ଛାତ୍ର କଂଗ୍ରେସ ସଭାପତି ରାଉତ ଛାତ୍ରସଂସଦ ନିର୍ବାଚନ କରିବା ପାଇଁ ଦାବି କରିଥିଲେ। ଆଗାମୀ ଦିନରେ ସରକାର ଏଦିଗରେ ପଦକ୍ଷପ ନ ନେଲେ ପ୍ରତିବାଦ ଜୋରଦାର ସହ ରାଜରାସ୍ତା ଅବରୋଧ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଛାତ୍ର କଂଗ୍ରେସ ସଭାପତି ଶ୍ୟାମ ସୁନ୍ଦର ଶର୍ମା, ସୌମ୍ୟ ପ୍ରଧାନ, ରାକେଶ ବାରିକ, ସୌରଭ ଜେନା, ଅମିତ୍ ବେହେରା, ଅଂଶୁମାନ ପ୍ରଧାନ, ରାକେଶ କୁମାର ପତି ଉପସ୍ଥିତ ଥିଲେ।

# ଟ୍ରକ୍ ଧକ୍କାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ଫୁଲନଖରା,୪।୯(ସତ୍ୟରଞ୍ଜନ ଦାସମହାପାତ୍ର)**

କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁରସ୍ଥିତ ତାରିଣୀ ମନ୍ଦିର ଛକ ନିକଟରେ ସୋମବାର ଟ୍ରକ ଧକ୍କାରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ସ୍ୱାମୀ ଗୁରୁତର ହୋଇଛନ୍ତି। ମୃତା ମହିଳା ହେଲେ ଜଗତ୍‌ସିଂହପୁର ଅଞ୍ଚଳର କଳ୍ପନା ସାହୁ। ଗୁରୁତର ହୋଇଥିବା ଆଶିଷ କୁମାର ସାହୁଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, କଳ୍ପନା ଓ ଆଶିଷ ଏକ ସ୍କୁଟିରେ ପୁରୀରୁ ଜଗତ୍‌ସିଂହପୁର ଅଭିମୁଖେ ଯାଉଥିବାବେଳେ ପଛରୁ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ତଳେ ପଡିଯାଇଥିଲେ। ଏହି ସମୟରେ ଟ୍ରକ ଚକ କଳ୍ପନାଙ୍କ ଉପରେ ମାଡି ଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ପରେ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟି ଜବତ କରିବା ସହ ଚାଳକଙ୍କୁ ଅଟକ ରଖିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୫୦୫/୨୩) ରୁଜୁ ହୋଇଛି।

# କଟକ ଇଲେକ୍ଟ୍ରିକାଲ ଟ୍ରେଡର୍ସ ଆସୋସିଏଶନର ନୂତନ କର୍ମକର୍ତ୍ତା ମନୋନୀତ

**କଟକ,୪।୯ (କାର୍ତ୍ତିକ ସାହୁ)**

କଟକ ଇଲେକ୍ଟ୍ରିକାଲ ଟ୍ରେଡର୍ସ ଆସୋସିଏଶନ୍‌ର ୨୦୨୩-୨୦୨୪ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ହୋଟେଲ ଆକ୍‌ବରି ସମ୍ମିଳନୀ କକ୍ଷରେ ୨୧ଜଣିଆ କମିଟି ସର୍ବସମ୍ମତିକ୍ରମେ ଚୟନ ହୋଇଛି। ଏଥିରେ ସଭାପତି ଭାବେ ଜୟ ଅଗ୍ରୱାଲ, ଉପସଭାପତି କୈଳାସ ଚନ୍ଦ୍ର ସାହୁ, ସମ୍ପାଦକ ସଞ୍ଜୟ ସେଠିଆ, ଯୁଗ୍ମ ସମ୍ପାଦକ ଶଙ୍କରଲାଲ ପାରିକ, ଜଗବନ୍ଧୁ ସାହୁ, କୋଷାଧ୍ୟକ୍ଷ ପଙ୍କଜ କୁମାର ଗିରି ଓ ପରାମର୍ଶଦାତା ଭାବେ ସତ୍ୟନାରାୟଣ ଗୋୟଲ ସାମିଲ ହୋଇଛନ୍ତି। ଏଥିସହ ରାଜକୁମାର ଖେମକା, ଶୈଳେଶ କୁମାର ବର୍ମା, ପୀତବାସ ସାହୁ, ରାଜେନ୍ଦ୍ର ନନ୍ଦୀ, କୃଷ୍ଣଚନ୍ଦ୍ର ସାହୁ, ଅଶୋକ ରଞ୍ଜନ ଦେ, ଗୋବିନ୍ଦଲାଲ ଶର୍ମା, ମହାବୀର ପାରିକ, ବିନୟ ମନ୍ତ୍ରୀ, ବିଜୟକ୍ରିଷ୍ଣା ଆଚାରୀ, ନକୁଳ ସାହୁ, ମୋହନଲାଲ ଶର୍ମା, ଦେବବ୍ରତ ପଲାଇ, ହରିଲାଲ ଶର୍ମା ପ୍ରମୁଖ କାର୍ଯ୍ୟନିର୍ବାହିକା ପରିଷଦ ସଭ୍ୟ ଭବେ ମନୋନୀତ ହୋଇଛନ୍ତି।

# ଦୁର୍ନୀତି ବିରୋଧରେ ମୁହଁ ଖୋଲି ଅଡୁଆରେ ୨ ପ୍ରତିନିଧି

**ମଙ୍ଗୁଳି-ଜଗତପୁର,୪।୯(ମାନସ ସାମଲ)**

## ଏମ୍‌ପି, ବିଧାୟକଙ୍କ ପ୍ରତିନିଧିଙ୍କୁ ପୌରପାଳିକା ପ୍ରବେଶ ମନା

ଚୌଦ୍ୱାର ପୌରପାଳିକାରେ ଅନେକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ଏହା ବିରୋଧରେ ମୁହଁ ଖୋଲି ଏମ୍‌ପି ଓ ବିଧାୟକଙ୍କ ପ୍ରତିନିଧି ଅଡୁଆରେ ପଡିଛନ୍ତି। ଗତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଚୌଦ୍ୱାର ବିଜେଡି ପକ୍ଷରୁ ଜଗତ୍‌ପୁର ଆଇବିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇଥିଲେ। ତେବେ ବୈଠକରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ଓ ସମସ୍ତ କାଉନ୍‌ସିଲରଙ୍କ ଉପସ୍ଥିତିରେ ନଗର ବିଜେଡି ସଭାପତି ତଥା ବିଧାୟକଙ୍କ ପ୍ରତିନିଧି ବିଷ୍ଣୁଚରଣ ପରିଡା, ଏମ୍‌ପିଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକଙ୍କୁ ପୌରପାଳିକା ଓ କାଉନ୍‌ସିଲ ହଲ୍ ପ୍ରବେଶ ନ କରିବାକୁ ପୂର୍ବତନ ବିଧାୟକ ବିଶ୍ୱାଳ ମନ୍ତବ୍ୟ ଦେଇଥିଲେ। ଏ ନେଇ ସୋମବାର ଚୌଦ୍ୱାରସ୍ଥିତ କଳା ପ୍ରକାଶିନୀ କ୍ଲବ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀ ପୂର୍ବତନ ବିଧାୟକଙ୍କ ଏଭଳି ମନ୍ତବ୍ୟକୁ ନିନ୍ଦା କରାଯିବା ସହ ପୌରପାଳିକାକୁ ପ୍ରବେଶ କରିବା ଆମର ଅଧିକାର ଅଛି ବୋଲି ଉଭୟ ପ୍ରତିନିଧି କହିଥିଲେ। ପ୍ରେମଚାନ୍ଦ କହିଛନ୍ତି, ୪/୫ ମାସ ହେବ ଚୌଦ୍ୱାର ପୌରପାଳିକା ହୋଇଥିବା ବିଭିନ୍ନ ଦୁର୍ନୀତି ସମ୍ପର୍କରେ ବିଧାୟକଙ୍କ ପ୍ରତିନିଧି ଗଣମାଧ୍ୟମରେ ମତ ଦେଇଥିଲେ। ପୂର୍ବତନ ବିଧାୟକଙ୍କୁ ଦଳ ପକ୍ଷରୁ କୌଣସି ସାଙ୍ଗଠନିକ କ୍ଷମତା ଦିଆଯାଇନାହିଁ।

ସେହିପରି ବିଷ୍ଣୁଚରଣ କହିଛନ୍ତି, ନ୍ୟାୟିକ ଲଢେଇରେ ସବୁବେଳେ ଲୋକଙ୍କ ସହିତ ରହିଆସିଛି ଓ ଆଗାମୀ ଦିନରେ ରହିବି। ସେଭଳି ପରିସ୍ଥିତି ଆସିଲେ ଦୁର୍ନୀତିର ପର୍ଦ୍ଦାଫାଶ କରିବି। ପୌରାଧ୍ୟକ୍ଷା ସାମଲଙ୍କୁ ପଚାରିବାରୁ ସେ ଏହାକୁ ଖଣ୍ଡନ କରିବା ସହ ଉକ୍ତ ବୈଠକ ଏକ ସାଙ୍ଗଠନିକ ବୈଠକ ଥିଲା ବୋଲି କହିଥିଲେ। ଦୁର୍ନୀତିରେ ସମ୍ପୃକ୍ତ ଥିବା ଲୋକଙ୍କ ବିରୋଧରେ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ। ଅପରପକ୍ଷରେ ପୂର୍ବତନ ବିଧାୟକ ବିଶ୍ୱାଳଙ୍କୁ ପଚାରିବାରୁ ଏ ସମ୍ପର୍କରେ ସମ୍ପୃକ୍ତ ଦୁଇ ପ୍ରତିନିଧିଙ୍କ ସହ ଆଲୋଚନା କରିବା ପରେ ମତାମତ ଦେବି ବୋଲି କହିଥିଲେ।



ଜନ୍ମାଷ୍ଟମୀ ଉପଲକ୍ଷେ କଟକ ବଜ୍ରକବାଟୀ କେନାଲରୋଡ୍‌ରେ ଥିବା ଏକ ଦୋକାନରେ ବିକ୍ରି ପାଇଁ ଜଣେ ବ୍ୟବସାୟୀ ଶ୍ରୀକୃଷ୍ଣଙ୍କ ମୂର୍ତ୍ତିକୁ ସଜ୍ଜିତ କରି ରଖୁଛନ୍ତି।

# ଲୋକନୃତ୍ୟ ମାଧ୍ୟମରେ ସରକାରୀ ଯୋଜନା ପହଞ୍ଚିବ




ପ୍ରଶିକ୍ଷଣ ଶିବିରରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସହ ଅନ୍ୟମାନେ।

**କଟକ,୪।୯(ସୁପ୍ରିୟା ପ୍ରିୟଦର୍ଶିନୀ)**

## ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

### ୧୫ରୁ ସୂଚନା, ଶିକ୍ଷା ଓ ଯୋଗାଯୋଗ ଅଭିଯାନ

ସୂଚନା, ଶିକ୍ଷା ଓ ଯୋଗାଯୋଗ ଅଭିଯାନ ଆସନ୍ତା ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଜିଲାର ସମସ୍ତ ପଞ୍ଚାୟତରେ ଆୟୋଜନ କରାଯିବ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ବିକାଶମୂଳକ ଯୋଜନାକୁ ଲୋକକଳା ମାଧ୍ୟମରେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା, ପାରମ୍ପରିକ ଲୋକକଳା ପ୍ରସାର ଉଦ୍ଦେଶ୍ୟରେ କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ସାଧନ କର୍ମୀମାନଙ୍କ ନିମନ୍ତେ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଓ ଜିଲା ସଂସ୍କୃତି କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରକୁ ଜିଲାପାଳ ଭବାନୀ ଶଙ୍କର ଚୟନୀ ଉଦ୍‌ଘାଟନ କରି କହିଥିଲେ, ପାଲା, ଦାସକାଠିଆ, ଘୋଡାନାଚ ମାଧ୍ୟମରେ ବିଭିନ୍ନ ସରକାରୀ ଯୋଜନାକୁ କଳାକାରମାନେ ଲୋକଙ୍କ ନିକଟରେ ପହଞ୍ଚାଇବା ଆବଶ୍ୟକ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ଅଧ୍ୟକ୍ଷତା କରି ସରକାରଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧରେ ଉପସ୍ଥିତ ସାଧନ କର୍ମୀମାନଙ୍କୁ ଅବଗତ କରାଇଥିଲେ। ଏଥିରେ ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଜିଲା କ୍ରୀଡା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ, ମିଶନ୍ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜିକା ସ୍ୱାଗତିକା ପରିଡାଙ୍କ ସହ ଅନ୍ୟମାନେ ଯୋଗଦେଇ ନିଜ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ପ୍ରଶିକ୍ଷାର୍ଥୀମାନଙ୍କୁ ସୂଚନା ଦେଇଥିଲେ। ସହକାରୀ ଜିଲାପାଳ (ସଂସ୍କୃତି) ଶ୍ରୀକାନ୍ତ ବେହେରା, ଜିଲା କଳା ଓ ସଂସ୍କୃତି ସଂଘର ଉପସଭାପତି ଜ୍ଞାନପ୍ରିୟ କାନୁନ୍‌ଗୋ, ପୂର୍ବତନ ଜିଲା ସଂସ୍କୃତି ଅଧିକାରୀ ସୁରେନ୍ଦ୍ରନାଥ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ୪ ଜିଲାରୁ ଆସିଲା ୫ ଅଭିଯୋଗ

**କଟକ,୪।୯ (କାର୍ତ୍ତିକ ସାହୁ)**

## ଚାକିରି ଦେବାକୁ କହି ଠକେଇ ମାମଲା

### ଅଭିଯୁକ୍ତଙ୍କ ଅର୍ଥନୈତିକ କାରବାର ଯାଞ୍ଚ କରୁଛି ପୋଲିସ

ଚାକିରି କରାଇଦେବାର ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ଠକେଇ ମାମଲାର ବିଭିନ୍ନ ଦିଗକୁ ନେଇ କମିଶନରେଟ୍ ପୋଲିସ ଛାନ୍‌ଭିନ୍ କରୁଛି। ପ୍ରାଥମିକ ପର୍ଯ୍ୟାୟରେ ୬ ଜଣ ଗିରଫ ହୋଇଥିବାବେଳେ ଆଗକୁ ଏହି ସଂଖ୍ୟା ବୃଦ୍ଧି ପାଇବା ସମ୍ଭାବନା ରହିଛି। ତେବେ ଏହି ମାମଲାର ପର୍ଦ୍ଦାଫାଶ ପରେ ବିଭିନ୍ନ ଜିଲାରୁ ଠକେଇଶ ଶିକାର ହୋଇଥିବା ଲୋକଙ୍କ ଅଭିଯୋଗ ପୋଲିସ ନିକଟରେ ପହଞ୍ଚିବାରେ ଲାଗିଛି। ରାଜ୍ୟର ବିଭିନ୍ନ ଜିଲାର ଲୋକମାନେ ଠକେଇର ଶିକାର ହୋଇଛନ୍ତି। ସୋମବାର କଟକ ଦରଘାବଜାର ଥାନାରେ ଆଉ ୫ଟି ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ଭିତ୍ତିକରି ତଦନ୍ତ ଜାରି ରହିଛି ବୋଲି ଥାନାର ଜଣେ ଅଧିକାରୀ କହିଛନ୍ତି।

ପୋଲିସ ସୂଚନା ଅନୁସାରେ, ଚାକିରି କରାଇଦେବାକୁ ପ୍ରତିଶ୍ରୁତି ଦେଇ ବାଲେଶ୍ୱରର ୨ ଜଣଙ୍କଠାରୁ ଅଭିଯୁକ୍ତମାନେ ୩୦ ଲକ୍ଷ ଟଙ୍କା ଠକି ନେଇଥିବା ନେଇ ସୋମବାର ଦରଘାବଜାର ଥାନାରେ ଅଭିଯୋଗ ହୋଇଛି। ସେହିପରି ସମାନ ଠକେଇ ଅଭିଯୋଗରେ ଢେଙ୍କାନାଳର ଜଣଙ୍କଠାରୁ ୪ ଲକ୍ଷ ଏବଂ କେନ୍ଦ୍ରାପଡ଼ା, ସମ୍ବଲପୁରର ଦୁଇ ବ୍ୟକ୍ତିଙ୍କଠାରୁ ୧ ଲକ୍ଷ ଲେଖାଏ ଟଙ୍କା ହଡ଼ପ କରାଯାଇଥିବା ଦରଘାବଜାର ଥାନାରେ ଅଭିଯୋଗ କରାଯାଇଛି। ସମ୍ପୃକ୍ତ ବ୍ୟକ୍ତିମାନେ ଥାନାରେ ଏତଲା ଦେଇଥିବାବେଳେ ବାଲେଶ୍ୱରରୁ ଆହୁରି ୬ ଜଣ ମଙ୍ଗଳବାର ଏତଲା ଦେବାକୁ ଆସିବା ନିମନ୍ତେ ଫୋନ୍ ଯୋଗେ ଜଣାଇଥିବା ପୋଲିସଠାରୁ ସୂଚନା ମିଳିଛି। ସେହିପରି ଏହି ଗ୍ୟାଙ୍ଗ ଦ୍ୱାରା ଅନୁଗୋଳରେ ମଧ୍ୟ ପ୍ରାୟ କୋଟିଏ ଟଙ୍କାର ଠକେଇ ହୋଇଥିବା ଜଣାପଡିଛି। ସେଠାରୁ ଠକେଇର ଶିକାର ହୋଇଥିବା ଲୋକମାନେ କଟକ ଆସିବାକୁ ପ୍ରସ୍ତୁତ ହେଉଛନ୍ତି। ଅପରପକ୍ଷରେ ଦରଘାବଜାର ପୋଲିସ ଅଭିଯୁକ୍ତମାନଙ୍କର ଅର୍ଥନୈତିକ କାରବାରକୁ ନେଇ ଖୋଳତାଡ଼ କରୁଛି। ବିଶେଷକରି ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟ ସମେତ ଅନ୍ୟାନ୍ୟ ଆର୍ଥିକ କାରବାର ସମ୍ପର୍କିତ କାଗଜପତ୍ରକୁ ଯାଞ୍ଚ କରୁଛି। ଏହି ଆନ୍ତଃଜିଲା ଠକେଇରେ ଆଉ କେଉଁମାନେ ଠକେଇର ଶିକାର ହୋଇଛନ୍ତି ଓ ଠକେଇ ଗ୍ୟାଙ୍ଗ ସହ ଆଉ କାହାର ସମ୍ପୃକ୍ତି ରହିଛି ତାହାକୁ ପୋଲିସ ତନ୍ନତନ୍ନ କରି ପରଖୁଛି। ଆଗାମୀ ଦିନରେ ବହୁ ତଥ୍ୟ ମିଳିବା ସହ ଆବଶ୍ୟକ ହେଲେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବାକୁ ପୋଲିସ୍ କୋର୍ଟରେ ଆବେଦନ କରିପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି।

ସୂଚନାଯୋଗ୍ୟ, ଏକ କମ୍ପାନୀରେ ଚାକିରି ଦେବାକୁ କହି ବିଭିନ୍ନ ଉପାୟରେ ହୋଇଥିବା ୫୩ ଲକ୍ଷ ଟଙ୍କା ଠକେଇ ମାମଲାରେ ଦରଘାବଜାର ପୋଲିସ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଠକେଇର ମୁଖ୍ୟ ଅଭିଯୁକ୍ତ ସଞ୍ଜୟ କୁମାର ନାୟକ, ତାଙ୍କ ସ୍ତ୍ରୀ ଦୀପାଳି ମହାନ୍ତି, ଶ୍ରୀନିବାସ ନନ୍ଦ, ବିଭୂତି ଜେନା, ବିଶାଳ ଭୂୟାଁ ଓ ମାନସ ରଞ୍ଜନ ନାୟକ। ସେମାନଙ୍କଠାରୁ ଗୋଟିଏ କାର, ୪ଟି ବାଇକ୍, ୭ ମୋବାଇଲ ଫୋନ୍, ମିଥ୍ୟା ନିଯୁକ୍ତିପତ୍ର, ମିଥ୍ୟା ପରିଚୟପତ୍ର ଆଦି ଜବତ କରାଯାଇଛି। ତେବେ ପୋଲିସ ଜେରା କରିବାବେଳେ ଅଭିଯୁକ୍ତମାନେ ଅନୁଗୋଳ, କେନ୍ଦ୍ରାପଡ଼ା, ବାଲେଶ୍ୱର, କଟକ, ଜଗତ୍‌ସିଂହପୁର ଜିଲାର ପ୍ରାୟ ୫୦ ଜଣ ଲୋକଙ୍କୁ ପ୍ରଲୋଭନ ଦେଖାଇ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ସ୍ୱୀକାର କରିଛନ୍ତି ବୋଲି ଡିସିପି ପିନାକ ମିଶ୍ର ସୂଚନା ଦେଇଥିଲେ।

## ସଂକ୍ଷେପରେ

### ୧୫ ଫୁଟ ଲମ୍ବର ଅଜଗର ଉଦ୍ଧାର



ନିରାକାରପୁର,୪।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ବଡ଼ପୋଖରୀଆ ପଞ୍ଚାୟତ ଅଧୀନ ଗୋଡଗାଁ ଆଶ୍ରମସ୍ଥିତ ବରଗଛ ନିକଟରୁ ସୋମବାର ସନ୍ଧ୍ୟାରେ ଟାଙ୍ଗୀ ସ୍ନେକ ହେଲ୍ପଲାଇନର ସଦସ୍ୟମାନେ ୧୫ ଫୁଟ ଲମ୍ବର ଅଜଗର ସାପ ଉଦ୍ଧାର କରିଛନ୍ତି। ଏହି ଗ୍ରାମର ବାବି ଜେନା ଚାଷଜମିକୁ ଯାଉଥିବା ବେଳେ ଏକ ଅଜଗର ସାପ ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଖବରପାଇ ଟାଙ୍ଗୀ ସ୍ନେକ ହେଲ୍ପଲାଇନର ସଦସ୍ୟମାନେ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ। ଅନ୍ୟପକ୍ଷରେ ଅଜଗର ଉଦ୍ଧାର ନେଇ କୌଣସି ସୂଚନା ନାହିଁ ବୋଲି ଟାଙ୍ଗୀ ରେଞ୍ଜର ଦେବାଶିଷ ଭୋଇ କହିଛନ୍ତି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଜଟଣୀ,୪।୯(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ଥାନା ପୋଲିସ ସୋମବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ପଦନପୁର ଗ୍ରାମ ମେଲଣପଡିଆ ଉପରସାହିର ବ୍ରଜ ସାହୁ ଓରଫ ଟିମ(୨୨)। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ମୁତାବକ, ସ୍ଥାନୀୟ ଏକ ବରଗଛରେ ବ୍ରଜଙ୍କ ମୃତଦେହ ଝୁଲୁଥିବା ନେଇ ସୋମବାର ପରିବାର ଲୋକେ ଓ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୫/୨୩) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ

କୃଷ୍ଣପ୍ରସାଦ,୪।୯(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୂର୍ବତନ ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ପୁରୀ ଜିଲା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ କୃଷ୍ଣପ୍ରସାଦ ବ୍ଲକ ଗସ୍ତ କରିଛନ୍ତି। ଦାସବର୍ମା କୃଷ୍ଣପ୍ରସାଦ ବ୍ଲକର ବଡ଼ଅଁଳ ପଞ୍ଚାୟତ ବଡଅଁଳ ଗାଁରେ ନୂତନ କଲ୍ୟାଣ ମଣ୍ଡପ ଏବଂ ସିଆଣ୍ଡି ପଞ୍ଚାୟତ ପାଟପୁର ଗ୍ରାମରେ ମା' ଚଣ୍ଡୀଦେବୀ କମ୍ୟୁନିଟି ସେଣ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, କୃଷ୍ଣପ୍ରସାଦ ବ୍ଲକ ଅଧ୍ୟକ୍ଷା ସରୋଜିନି ତରେଇ, ବ୍ଲକ ଉପାଧ୍ୟକ୍ଷା ଶକୁନ୍ତଳା ଗଡ୍ଡ, ବଡଅଁଳ ସମିତି ସଭ୍ୟା କାଜଲ ପ୍ରଧାନ, ବଡଅଁଳ ଗାଁ ସଭାପତି ପ୍ରମୋଦ ପ୍ରଧାନ, ସିଆଣ୍ଡି ସରପଞ୍ଚ ଆଦିତ୍ୟ ରଞ୍ଜନ ପଲେଇ, ସମିତି ସଭ୍ୟ ଲଳିତ ତରେଇ, ପଞ୍ଚୁପଡା ସଭାପତି ଦାଶରଥି ତରେଇ ଓ ସମ୍ପାଦକ ବାସୁଦେବ ବିଶ୍ୱାଳଙ୍କ ସମେତ ଉଭୟ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ରତି ମାସରେ ଦାସବର୍ମା କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ଅଞ୍ଚଳ ବୁଲି ସମସ୍ୟା ଅନୁଧ୍ୟାନ କରୁଥିବାରୁ ଲୋକ ସମ୍ପର୍କ ବୃଦ୍ଧି ପାଇବାରେ ଲାଗିଛି।

# ଶିକ୍ଷକ ନିଯୁକ୍ତି ଦାବିରେ ଛାତ୍ରୀଛାତ୍ରଙ୍କ ରାସ୍ତାରୋକୋ

ବୋଲଗଡ଼,୪।୯(ଦେବବ୍ରତ ହୋତା)



ସରକାରୀ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ମିଳୁଥିବା ନେଇ ଡିଣ୍ଡିମ ପିଟୁଛନ୍ତି ସରକାର। ସେଥିପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଶିକ୍ଷକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ଏହି ବ୍ଲକ ଅନ୍ତର୍ଗତ ଆରିକମା ପଞ୍ଚାୟତ ଶଙ୍କରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ସୋମବାର ଛାତ୍ରୀଛାତ୍ରମାନେ ରାସ୍ତାରୋକୋ କରିବା ସହ ଅଭିଭାବକମାନେ ସ୍କୁଲ ଗେଟ୍‌ରେ ତାଲା ପକାଇଦେଇଥିଲେ। ରାସ୍ତାରୋକୋ ଯୋଗୁ ଉଭୟ ପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା।

ସୂଚନା ମୁତାବକ, ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ୨୧୦ ବିଦ୍ୟାର୍ଥୀଙ୍କ ପାଇଁ ୫ଜଣ ଶିକ୍ଷକ ଓ ୬ଟି ଶ୍ରେଣୀଗୃହ ରହିଛି। ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନ ଥିବାରୁ ପାଠପଢ଼ା ବାଧାପ୍ରାପ୍ତ ହେଉଥିଲା। ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ, ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକଙ୍କ ପକ୍ଷରୁ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ପାଇଁ ବାରମ୍ବାର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିକଟରେ ଦାବି ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଏନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସୋମବାର ବିଦ୍ୟାଳୟ ଖୋଲିବା ସମୟରେ ଅଭିଭାବକମାନେ ମୁଖ୍ୟ ଫାଟକରେ ତାଲା ପକାଇ ଆବଶ୍ୟକ ଶିକ୍ଷକ ଏବଂ ଶ୍ରେଣୀଗୃହ ପ୍ରଦାନ ପାଇଁ ଦାବି କରିଥିଲେ। ଏହି ସମୟରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ସମ୍ମୁଖ ପିଟୁକୁଳି-ଆରିକମା ରାସ୍ତା ଅବରୋଧ

### ସ୍କୁଲ ଗେଟ୍‌ରେ ତାଲା ପକାଇଲେ ଅଭିଭାବକ

କରିଥିଲେ। ଖବରପାଇ ବିଇଓ ଗୋକୁଳ ଚନ୍ଦ୍ର ବଳବନ୍ତରାୟ ଓ ଏବିଇଓ ପଦ୍ମଚରଣ ବେହେରା ପହଞ୍ଚି ଅଭିଭାବକ ଓ ଅନ୍ୟମାନଙ୍କ ସହ ଆଲୋଚନା କରିଥିଲେ। ମଙ୍ଗଳବାର ୨ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ସ୍ଥାନୀୟ ସରପଞ୍ଚ ପ୍ରମୋଦ ରାଉତରାୟ, ସୁଶାନ୍ତ ପାଇକରାୟ, ଏସଏମସି ସଭାପତି ସତ୍ୟ ନାରାୟଣ ମହାପାତ୍ର, କାଳନ୍ଦୀ ତାଡ଼, ଗୌରି ବେହେରା ପ୍ରମୁଖ ଦାବି ଉପସ୍ଥାପନା କରିବା ସହ ଆଲୋଚନା ବେଳେ ଉପସ୍ଥିତ ଥିଲେ।



ଜଟଣୀ: ଗଣେଶ ପୂଜା ଉପଲକ୍ଷେ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଚାଲିଛି। (ଫଟୋ-ରବୀନ୍ଦ୍ର ନାଥ ମହାକୁଡ଼)

# ଗଣେଶ ମୂର୍ତ୍ତି ନିର୍ମାଣରେ ନିମଗ୍ନ କାରିଗର

ଜଟଣୀ,୪।୯(ରବୀନ୍ଦ୍ର ନାଥ ମହାକୁଡ଼)

ଆସନ୍ତା ୧୯ ତାରିଖରେ ଗଣେଶ ପୂଜା। ଏଥିପାଇଁ ଜଟଣୀ ସହରର ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। କୁଦିଆରୀ ଗ୍ରାମସ୍ଥିତ ହରିହର କ୍ଲବ, ପଣ୍ଡା ସାହି ସହିତ ଅନେକ ସ୍ଥାନରେ ଗଣେଶ ମୂର୍ତ୍ତି ନିର୍ମାଣରେ ନିମଗ୍ନ କାରିଗର। ହରିହର କ୍ଲବ ପରିସରରେ ମୁଖ୍ୟ କାରିଗର ନିଶିକାନ୍ତ ପଟ୍ଟନାୟକ, ଶୁଭଙ୍କର ଜେନା ଏବଂ ନୀଳକଣ୍ଠ ମହାରଣାଙ୍କ ସହିତ ୧୫ଜଣ ସହଯୋଗୀ କାରିଗର ବିଭିନ୍ନ ମଣ୍ଡପ ନିମନ୍ତେ ଗଣେଶ ମୂର୍ତ୍ତି ନିର୍ମାଣ କରୁଛନ୍ତି। ପୂଜା ସମୟରେ ମୂର୍ତ୍ତିର ଚାହିଦା ଓ ଆବଶ୍ୟକତା ପୂରଣ କରିବା ପାଇଁ ରଥଯାତ୍ରା ଦିନଠାରୁ ପୂଜା ପାଇଁ ମୂର୍ତ୍ତି ଗଢ଼ା ଆରମ୍ଭ ହୋଇଥାଏ ବୋଲି କାରିଗର ଶୁଭଙ୍କର ଜେନା କହିଛନ୍ତି। ମୁଖ୍ୟ କାରିଗର ନିଶିକାନ୍ତ ଦୀର୍ଘ ୫୩ ବର୍ଷଧରି ଜଟଣୀରେ ମୂର୍ତ୍ତି ନିର୍ମାଣ କରିଆସୁଛନ୍ତି। ଚଳିତବର୍ଷ ବିଭିନ୍ନ ପୂଜା କମିଟି ଏବଂ ସାଧାରଣଲୋକ, କ୍ଲବ ପକ୍ଷରୁ ଡିଜାଇନ ସହିତ ଅଧିକ ଉଚ୍ଚ ମୂର୍ତ୍ତିର ଅର୍ଡର ରହିଛି। ପୂଜା କମିଟିମାନେ ଡିଜାଇନ ଅପେକ୍ଷା ବଡ଼ ଉଚ୍ଚ ମୂର୍ତ୍ତିକୁ ପସନ୍ଦ କରୁଛନ୍ତି। ୧ହଜାର ଟଙ୍କା ଠାରୁ ଆରମ୍ଭ କରି ୬୦ହଜାର ଟଙ୍କା ପର୍ଯ୍ୟନ୍ତ ମୂର୍ତ୍ତିର ମୂଲ୍ୟ ରହିଥିବା କାରିଗର ଶୁଭଙ୍କର କହିଛନ୍ତି। ଖୋର୍ଦ୍ଧା, ଟାଙ୍ଗୀ, ତୋଟାପଡା, ପିପିଲି, ନିମାପଡା, ନିଆଳି, ବନମାଳିପୁର, ଭୁବନେଶ୍ୱର, କଟକ, ତାଳଚେର, ଅନୁଗୋଳ, ଢେଙ୍କାନାଳ, ବ୍ରହ୍ମପୁର, ବିଶାଖାପାଟଣା, ପଲାସା ଆଦି ସ୍ଥାନକୁ ମୂର୍ତ୍ତି ଯାଉଥିବା ହରିହର କ୍ଲବର କାରିଗର କହିଛନ୍ତି। ଚଳିତ ବର୍ଷ ରଥ ଗଣେଶ, ବହି ଗଣେଷ, ଛତ୍ରପତି ଶିବାଜୀ ଲାଲବାଗ ଗଣେଶ, ଗରୁଡ଼ ଗଣେଶ, ହାତୀ ସିଂହାସନ ଗଣେଶ, ମୟୁର ସିଂହାସନ ଗଣେଶ, ଶିବ ତାଣ୍ଡବ ଗଣେଶ, ଶିଶୁ ସ୍ନାନରତ ଗଣେଶ, ଗଛ ଗଣେଶ, ତିରୁପତି ବାଲାଜୀ ଗଣେଶ, ମୟୁର ଗଣେଶ ଆଦି ଡିଜାଇନର ମୂର୍ତ୍ତି ଗ୍ରାହକଙ୍କ ଅର୍ଡର ମୁତାବକ ଗଢ଼ାଯାଇଛି। ଚଳିତ ବର୍ଷ ଭଲ ବ୍ୟବସାୟ ହେବା ନେଇ କାରିଗର ଆଶା ରଖିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ଖାସମାହାଲ କ୍ରିୟାନୁଷ୍ଠାନ କମିଟି

ଜଟଣୀ,୪।୯(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ଅଞ୍ଚଳରେ ରହିଥିବା ଖାସମାହଲ ଜମି ସମସ୍ୟାର ସମାଧାନ କରି ଲୋକଙ୍କୁ ପଟ୍ଟା ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଡିସେମ୍ବରରୁ ଏହି ପଟ୍ଟା ପ୍ରଦାନ କରାଯିବ। ଏହି ଖବର ପ୍ରଚାରିତ ହେବା ପରେ ଜଟଣୀ ଅଞ୍ଚଳରେ ଖୁସିର ବାତାବରଣ ଖେଳିଯାଇଛି। ଏନେଇ ଜଟଣୀ ଟାଉନ ଖାସମାହାଲ କ୍ରିୟାନୁଷ୍ଠାନ କମିଟିର ସଭାପତି ମନମୋହନ ମିଶ୍ର, ଅନନ୍ତ ଶତପଥୀ, ଦିପୁ ପଟ୍ଟନାୟକ, ଶ୍ୟାମସୁନ୍ଦର ଅଗ୍ରୱାଲ, ଅଶୋକ ଶର୍ମା, ପ୍ରଦୀପ ଅଗ୍ରୱାଲ, ଲିଜା ଦେ, ସୁବାସ ଅଗ୍ରୱାଲ, ଗୋପି ଝୁନଝୁନୱାଲଙ୍କ ସମେତ ବହୁସଦସ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଏବଂ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଗୋରୁ ବୋଝେଇ ମିନିଟ୍ରକ୍ ଜବତ ୨ଗିରଫ, ୪ ଗୋରୁ ଉଦ୍ଧାର

ଖୋର୍ଦ୍ଧା,୪।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଟାଉନ ଥାନା ପୋଲିସ ୧୬ନମ୍ବର ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ଛକଠାରୁ ଏକ ଗୋରୁ ବୋଝେଇ ମିନିଟ୍ରକ ଜବତ କରିଛି। ୪ ଗୋରୁଙ୍କୁ ଉଦ୍ଧାର ପରେ ଡୁମଡୁମାସ୍ଥିତ ଗୋଶାଳାରେ ଛଡ଼ାଯାଇଛି। ଏହି ଘଟଣାରେ ଟ୍ରକ୍ ଚାଳକ ଆନ୍ଧ୍ରପ୍ରଦେଶ ଉନ୍ଦିର ଏମ.ସିବା (୩୨) ଓ ସହଯୋଗୀ ପ୍ରଦୀପ ସିନ୍ଧୁ (୨୮)ଙ୍କୁ ପୋଲିସ ଗିରଫ କରିଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ. ୫୬୧/୨୩)ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

# ଟିପିସିଓଡିଏଲ ଷ୍ଟ୍ରକ୍‌ଚର କର୍ମଚାରୀଙ୍କୁ ମାଡ଼ ଅଭିଯୋଗ

## ବାରମ୍ବାର ବିଦ୍ୟୁତ୍ କାଟର ପ୍ରତିବାଦ

ବେଗୁନିଆ,୪।୯(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବଦ୍ୟୁତ୍ ଉପଖଣ୍ଡ ଅନ୍ତର୍ଗତ ଗେଡିଆପଲ୍ଲୀ ଟିପିସିଓଡିଏଲ୍ ଷ୍ଟ୍ରକଚର କର୍ମଚାରୀଙ୍କୁ ମାଡ଼ ମରାଯାଇଥିବା ନେଇ ସୋମବାର ବେଗୁନିଆ ଥାନାରେ ଅଭିଯୋଗ ହୋଇଛି। ଏହା ସହ ଯନ୍ତ୍ରାଂଶ ଭଙ୍ଗାରୁଜା, ମୋବାଇଲ ଫୋନ ଛଡାଇ ନେଇଯାଇଥିବା ଆଦି ଅଭିଯୋଗରେ ଉଲ୍ଲେଖ ରହିଛି। ସୂଚନା ମୁତାବକ, ଦୀର୍ଘ ସମୟ ଧରି ବିଦ୍ୟୁତ୍ କାଟକୁ ନେଇ କେତେଜଣ ଉପଭୋକ୍ତା ଗେଡିଆପଲ୍ଲି ସେକ୍ସନ କାର୍ଯ୍ୟାଳୟରେ ପଶିଥିଲେ। ସେଠାରେ କାର୍ଯ୍ୟ କରୁଥିବା ଜୁନିୟର ଟେକ୍ନିସିଆନ ଋଷିକେଶ ବାରିକ ଓ ସହକର୍ମୀ ସନାତନ ବେହେରାଙ୍କୁ ମାଡ଼ କରିଥିଲେ। ଅସହ୍ୟ ବିଦ୍ୟୁତ୍‌କାଟ ପ୍ରତିବାଦରେ ଏଭଳି ଘଟଣା ଘଟିଛି ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ କହିଛନ୍ତି। ପ୍ରକାଶ ଯେ, ବେଗୁନିଆ ବିଦ୍ୟୁତ୍ ଉପଖଣ୍ଡ ଅନ୍ତର୍ଗତ କଳାପଥର ଓ ଗେଡିଆପଲ୍ଲି ୩୩/୧୧ କେଭି ସେକ୍ସନରେ ବାରମ୍ବାର ବିଦ୍ୟୁତ୍ କାଟ ହେଉଛି। ଏପରିକି ଦୈନିକ ୭ରୁ ୮ଘଣ୍ଟା ବିଦ୍ୟୁତ୍ କାଟ ହେଉଥିବା ସ୍ଥାନୀୟ ଉପଭୋକ୍ତାଙ୍କ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ହେଉଛି। ଯାନ୍ତ୍ରିକ ତ୍ରୁଟି ଆଳରେ ବାରମ୍ବାର ବିଦ୍ୟୁତ୍ କାଟ ଜାରି ରହିଥିବା ବେଳେ ବଜ୍ରପାତ ଓ ବର୍ଷାକୁ ଆଖି ଆଗରେ ରଖି ରବିବାର ଅପରାହ୍ଣ ୫ଟାରୁ ବିଦ୍ୟୁତ୍ କାଟି ଦିଆଯାଇଥିଲା। ଫଳରେ ଏହି ସେକ୍ସନ ଉପରେ ନିର୍ଭର କରୁଥିବା ଉପଭୋକ୍ତା ଅତିଷ୍ଠ ହୋଇପଡିଥିଲେ।

# ବ୍ଲକସ୍ତରୀୟ ଭଲିବଲ ପ୍ରତିଯୋଗିତା

କୃଷ୍ଣପ୍ରସାଦ,୪।୯(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକସ୍ତରୀୟ ଭଲିବଲ ପ୍ରତିଯୋଗିତା ସୋମବାର ସାନସୀମା ନୋଡାଲ ଉଚ୍ଚ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଜେନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲାପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ସିଆଣ୍ଡି ସରପଞ୍ଚ ଆଦିତ୍ୟ ରଞ୍ଜନ ପଲେଇ, ସମିତିସଭ୍ୟ ଲଳିତ ମୋହନ ତରେଇ, ସାନସୀମା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜ କିଶୋର ତରାଇ, ପ୍ରଧାନ ଶିକ୍ଷକ ସୁଦର୍ଶନ ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ କୁମାର ତରେଇ, ଆଲୁମ୍ନି କମିଟି ସଭାପତି ମଧୁସୂଦନ ସାହୁ, ସିଆରସିସି ବିଦ୍ୟାଧର ଜେନା, ସତ୍ୟବାଦୀ ବିଶ୍ୱାଳ, ରମାକାନ୍ତ ଜେନା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଶଙ୍କର୍ଷଣ ଦାଶ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ୨୬ଟି ଉଚ୍ଚ ବିଦ୍ୟାଳୟର ଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ କନିଷ୍ଠ ବିଭାଗରେ ୧୨ଜଣ ଏବଂ ବରିଷ୍ଠ ବିଭାଗରେ ୧୨ଜଣ ଖେଳାଳିଙ୍କୁ ଜିଲାସ୍ତରରେ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। କୃଷ୍ଣପ୍ରସାଦ ବ୍ଲକ କ୍ରୀଡ଼ା ଜୋନ ସମ୍ପାଦକ ପଦ୍ମ ଚରଣ ଜେନା, ଦୁର୍ଯ୍ୟୋଧନ ନାୟକ, ଅଜିତ କୁମାର ବାରିକ, ଅଶୋକ କୁମାର ସାମଲ, ଅଶୋକ କୁମାର ଜେନା, ପ୍ରକାଶ କୁମାର ସିଂହ, ଶ୍ରୀକାନ୍ତ କୁମାର ଜେନା, ପ୍ରମୋଦ କୁମାର ସାହୁ, ଅଶୋକ କୁମାର ପ୍ରଧାନ, ପଞ୍ଚାନନ ଜେନା ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ସାନସୀମା ନୋଡାଲ ବିଦ୍ୟାପୀଠର ରବୀନ୍ଦ୍ର କୁମାର ବାରିକଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସୁରକ୍ଷା ଆଇନ ପାଇଁ ଦାବି ଜଣାଇଲା ଓକିଲ ସଂଘ



ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଖୋର୍ଦ୍ଧା,୪।୯(ପ୍ରଭାତ ପାଣିଗ୍ରାହୀ)

ଦେଶରେ ଦିନକୁ ଦିନ ଓକିଲମାନଙ୍କ ଉପରେ ଆକ୍ରମଣ ବଢ଼ିଚାଲିଛି। ଉତ୍ତରପ୍ରଦେଶ ଗାଜିଆବାଦ ଘଟଣା ପରେ ଓକିଲମାନଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ରାଜ୍ୟ ବାର୍ କାଉନସିଲର ଆହ୍ୱାନକ୍ରମେ ଖୋର୍ଦ୍ଧା ଓକିଲ ସଂଘ ଦେଶରେ ଓକିଲ ସୁରକ୍ଷା ଆଇନ ଆଣିବା ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ସଂଘ ସଭାପତି ସର୍ବେଶ୍ୱର ସାହୁ, ସମ୍ପାଦକ ମନ୍ମଥ ମିଶ୍ର, ଉପସଭାପତି ଲିଙ୍ଗରାଜ ସାହୁ, ପୂର୍ବତନ ସଭାପତି ଶିଶିର ପରିଡା, ନୃସିଂହନାଥ ମିଶ୍ର, ଅଜିତ ପଟ୍ଟନାୟକ, କୋଷାଧ୍ୟକ୍ଷ ନିରଞ୍ଜନ ବେହେରା, ମନୋରଞ୍ଜନ ପଣ୍ଡା, ବିନାୟକ ଦଳସିଂରାୟ, ଲକ୍ଷ୍ମଣ ପରିଡାଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।



ନିରାକାରପୁର: ଆର୍ଯ୍ୟବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ମାତୃ ସମ୍ମିଳନୀରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ମା'ମାନେ।

# ସରସ୍ୱତୀ ଶିଶୁମନ୍ଦିରରେ ମାତୃ ସମ୍ମିଳନୀ

ନିରାକାରପୁର,୪।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତ ଆର୍ଯ୍ୟବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ୩ୟରୁ ୮ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ମା'ମାନଙ୍କୁ ନେଇ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଶାଲତା ପାହଡସିଂହ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ବ୍ୟାଙ୍କ ଅଫ ବରୋଦା କେରଳ ରାଜ୍ୟର ଉପ-ମହାପ୍ରବନ୍ଧକ ଅନ୍ନୟ କୁମାର ମିଶ୍ର ଯୋଗଦେଇ କହିଥିଲେ, ପୁଅ ଓ ଝିଅ ମଧ୍ୟରେ କୌଣସି ପ୍ରଭେଦ ନାହିଁ। ଝିଅମାନେ ଅନେକ କ୍ଷେତ୍ରରେ ପାରଦର୍ଶିତାଲାଭ କରିପାରୁଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ ଯୋଗଦେଇ କହିଥିଲେ, ମା'ମାନଙ୍କର ନିଷ୍ଠାପର ଉଦ୍ୟମ ଶିଶୁମାନଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇପାରିବ। ଅତିଥିଭାବେ ଅନଷ୍ଠାନର ସହ ସମ୍ପାଦକ ଅଧ୍ୟାପକ ପାଣେଶ୍ୱ ଜୟସିଂହ, ମୃତ୍ୟୁଞ୍ଜୟ ସାହୁ, ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟା ନଳିନୀ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ୧୪୦ରୁ ଊର୍ଦ୍ଧ୍ୱ ମା'ମାନେ ଯୋଗଦେଇଥିଲେ। ପବିତ୍ର କୁମାର ରାଉତରାୟ ମଞ୍ଚ ପରିଚାଳନା କରିଥିଲେ। ସୁଜାତା ଶ୍ରୀଚନ୍ଦନ, ରଶ୍ମିପ୍ରଭା , ପ୍ରଜ୍ଞାସା, ନିହାର, ଜିତେନ୍ଦ୍ର, ଅନୁରାଧା, ରଶ୍ମିତା, ପ୍ରଲିପ୍ତା, ଧରିତ୍ରୀ, ଆରାଧନା, ସୁନିତା, ପୁଷ୍ପାଞ୍ଜଳି, ସଞ୍ଜୟ, ସୁମନ୍ତ, ଲିପକ, ବିନୋଦ, ଗୋପାଳ ପ୍ରମୁଖ ସହେଯାଗ କରିଥିଲେ। ସନ୍ଧ୍ୟାରାଣୀ ବାହିନୀପତି ଧନ୍ୟବାଦ ଦେଇଥିଲେ।

# ମାଣ୍ଡିଆ ଜାତୀୟ ଖାଦ୍ୟ ଉପରେ ଗୁରୁତ୍ୱାରୋପ

ବେଗୁନିଆ,୪।୯(ହର ପ୍ରସନ୍ନ ପଣ୍ଡା)




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବେଗୁନିଆ ସଦର ମହକୁମା ସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆୟୋଜକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶାନ୍ତନୁ କୁମାର ପାଇକରାୟ, ଏବିଇଓ ଲକ୍ଷ୍ମୀ ଦେଇ, ପ୍ରଧାନ ଶିକ୍ଷକ ଗଣେଶ୍ୱର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବ୍ଲକର ୨୪ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ପିଲାମାନେ ମିଲେଟ ଏକ ସୁପର ଫୁଡ ବା ଡାଏଟ ଫୁଡ ସମ୍ପର୍କିତ ପ୍ରୋଜେକ୍ଟ ପ୍ରଦର୍ଶନ କରିଥିଲେ। ଫାଷ୍ଟଫୁଡ ଖାଦ୍ୟକୁ ଏବେ ରୁଚି ଭାବେ ଗ୍ରହଣ ନ କରି ମାଣ୍ଡିଆ ଜାତୀୟ ଖାଦ୍ୟପଦାର୍ଥକୁ ଗ୍ରହଣ କରିବା ଆବଶ୍ୟକ ବୋଲି ପ୍ରୋଜେକ୍ଟ ଜରିଆରେ ପିଲାମାନେ ସଚେତନ କରାଇଥିଲେ। ସ୍ଥାନୀୟ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ଅଧ୍ୟାପକ ରଞ୍ଜିତ କୁମାର ପ୍ରଧାନ ଓ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଦେବଦତ୍ତ ମିଶ୍ର ବିଚାରକଭାବେ ଯୋଗଦେଇଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ସ୍ମୃତି ସ୍ମିତା ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କଣ୍ଟାବାଡ଼ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ସୌମ୍ୟ ରଞ୍ଜନ ଦୀକ୍ଷିତ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଆସନ୍ତା ୧୧ତାରିଖରେ ଖୋର୍ଦ୍ଧା ବିଜେବି ଉଚ୍ଚ ବିଦ୍ୟାଳୟ ପରିସରରେ ହେବାକୁ ଥିବା ଜିଲାସ୍ତରୀୟ ସେମିନାର କାର୍ଯ୍ୟକ୍ରମକୁ ସୌମ୍ୟରଞ୍ଜନ ବେଗୁନିଆ ବ୍ଲକ ପାଇଁ ମନୋନୀତ ହୋଇଛନ୍ତି ବୋଲି ବିଇଓ ଲେଙ୍କା ସୂଚନା ଦେଇଛନ୍ତି। ଅକ୍ଷୟ କୁମାର ମହାପାତ୍ର, ସୁବାଷ ଚନ୍ଦ୍ର ରାୟ, ସୁଶାନ୍ତ କୁମାର ବେହେରା, ପ୍ରତାପ ଚନ୍ଦ୍ର ସାହୁ, ନମିତା ମହାରଥା, ରୀତା ନାୟକ, କୈଳାସ ଚନ୍ଦ୍ର ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୪।୯।୨୦୨୩

| | |
|---|---|
| ୩,୪୦,୮୭୨ ଟଙ୍କା | |
| ସୁନା | ୭୦୦ ମିଲିଗ୍ରାମ୍ |
| ରୁପା | ୧୪.୫୦୦ ଗ୍ରାମ୍ |

# ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ରର ପୂର୍ଣ୍ଣାଙ୍ଗ ଇତିହାସ ପ୍ରସ୍ତୁତ ହେବ

**ପୁରୀ, ୪।୯(ଅଜିତ ମହାନ୍ତି):**

ଦୀର୍ଘ ପ୍ରାୟ ତିନିଶହ ବର୍ଷ ପରେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ରର ପୂର୍ଣ୍ଣାଙ୍ଗ ଇତିହାସ ପ୍ରସ୍ତୁତ ହୋଇନାହିଁ। ଅଷ୍ଟମ ଶତାବ୍ଦୀର ରକ୍ତବାହୁଠାରୁ ଆରମ୍ଭକରି ଅଷ୍ଟାଦଶ ଶତାବ୍ଦୀର ତକି ଖାଁ ପର୍ଯ୍ୟନ୍ତ ସମୟରେ ଶ୍ରୀମନ୍ଦିର ଉପରେ ବାରମ୍ବାର ଆକ୍ରମଣ ହୋଇଛି। ଅନେକ ଆକ୍ରମଣ ସମୟରେ ଶ୍ରୀବିଗ୍ରହମାନଙ୍କୁ ବାରମ୍ବାର ସ୍ଥାନାନ୍ତରିତ କରାଯାଇଛି। ପରବର୍ତ୍ତୀ କାଳରେ ଶ୍ରୀମନ୍ଦିର ପକ୍ଷରୁ ଅନେକ ସ୍ଥାନକୁ 'ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର'ର ମାନ୍ୟତା ଦିଆଯାଇଛି। କିନ୍ତୁ ସେସବୁ ସ୍ଥାନର ପୂର୍ଣ୍ଣାଙ୍ଗ ବିବରଣୀକୁ ନେଇ ରହିଛି ଇତିହାସର ଅନେକ ଛିନ୍ନପୃଷ୍ଠା। ସେସବୁକୁ ଯୋଡ଼ି ଲୀଳାକ୍ଷେତ୍ରର ପୂର୍ଣ୍ଣାଙ୍ଗ ଇତିହାସ ପ୍ରସ୍ତୁତ କରାଯିବା ପାଇଁ ପ୍ରୟାସ ଚାଲିଛି ବୋଲି ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ମହାସଚିବ ଡ. ନରେଶ ଚନ୍ଦ୍ର ଦାଶ ସୂଚନା ଦେଇଛନ୍ତି। ଦାଶ କହିଛନ୍ତି, ଆମେରିକାସ୍ଥିତ ଡ. ଦାଶ ଫାଉଣ୍ଡେଶନ ଏବଂ ଭୁବନେଶ୍ୱରସ୍ଥିତ କଳିଙ୍ଗ ହସ୍ପିଟାଲ ସହଯୋଗରେ ଏହା କରାଯିବ। ପୁରୀସ୍ଥିତ ଉକ୍ତ ପ୍ରତିଷ୍ଠାନ ପକ୍ଷରୁ ସେପ୍ଟେମ୍ବର ୨ ଓ ୩ ତାରିଖ ଦୁଇଦିନ ଧରି ଏ ନେଇ ଲୀଳାକ୍ଷେତ୍ର ପରିଦର୍ଶନ ଓ ଗବେଷଣାତ୍ମକ ତଥ୍ୟ ସଂଗ୍ରହ ଅଭିଯାନ ଆୟୋଜିତ ହୋଇଥିଲା। ଏଥିରେ ମହନ୍ତ ରାମକୃଷ୍ଣ ଦାସ, ସ୍ୱାମୀ ଦିବ୍ୟାନନ୍ଦ ସରସ୍ୱତୀ, ନରେଶ ଚନ୍ଦ୍ର ଦାଶ, ପୂର୍ଣ୍ଣଚନ୍ଦ୍ର ଗୋଛିକାର, ହରେକୃଷ୍ଣ ପ୍ରତିହାରୀ, ପ୍ରସନ୍ନ କୁମାର ମହାପାତ୍ର, ପ୍ରଦୀପ କୁମାର ସାହୁ, ଅସିତ ମହାନ୍ତି, କରୁଣାକର ପ୍ରଧାନ, ଜନ୍ମେଜୟ ଚୌଧୁରୀ, ଦେବପ୍ରସାଦ ଦାଶ, ଶ୍ରୀହର୍ଷ ମହାପାତ୍ର, ନବଘନ ପ୍ରଧାନ, ସୁନୀଲ କୁମାର ରଥ, ଜଗନ୍ନାଥ ପଣ୍ଡା, ଦୁର୍ଗାମାଧବ ମିଶ୍ର ଏବଂ ବାଳମୁକୁନ୍ଦ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଦୁଇଦିନ ଧରି ଏହି ସଦସ୍ୟ ଓ ଗବେଷକମାନେ ନଇରୀ ହରିହରେଶ୍ୱର, କାଙ୍କଣ ଶିଖରୀ, ମାରଦା, ଚିକିଲି, ଗବପଦର, ବାଣପୁର, ବଡ଼ହନୁଆଡ଼ ଆଦି ଲୀଳାକ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ଦୁଇଦିନିଆ ଅଧ୍ୟୟନ ଯାତ୍ରା କାଳରେ ସେମାନେ ବଉଳାବନ୍ଧ, ପଥରା (ପଥହରା), ଚାଷଙ୍ଗରା(ଦିବ୍ୟସିଂହପୁର) ଆଦି ଅଜ୍ଞାତ ବା ସ୍ୱଳ୍ପଜ୍ଞାତ ସ୍ଥାନ ପରିଦର୍ଶନ କରି କ୍ଷେତ୍ର ଅଧ୍ୟୟନ କରିଥଲେ। ଏହି କ୍ଷେତ୍ର ଅଧ୍ୟୟନ କାଳରେ ମାରଦା, ଚିକିଲି, ନଇରୀ ହରିହରେଶ୍ୱର ଓ ବଡ଼ହନୁଆଡ଼ର ଶ୍ରୀଚରଣ ଚକାଦେବଙ୍କ ଲୀଳାକ୍ଷେତ୍ରଠାରେ ପୂଜା ପାଉଥିବା ଠାକୁରମାନଙ୍କ ବିଜେ ଚକା ସେମାନଙ୍କୁ ଅଭିଭୂତ କରିଥଲା। ସେମାନେ ଜାଣିବାକୁ ପାଇଥିଲେ ଯେ, ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ୍ ଅନ୍ତର୍ଗତ ବଉଳାବନ୍ଧ ଠାରେ ଥିବା ଜଗନ୍ନାଥ ବଲ୍ଲଭ ମଠ ପୁରୀର ଶାଖା ଥିଲା। ଏହା ଲୀଳାକ୍ଷେତ୍ର ସଂଯୋଜନାର ମୁଖ୍ୟ କେନ୍ଦ୍ର ଥିଲା। ଏହିପରି ଓଡ଼ିଶାର ଅନ୍ୟାନ୍ୟ ସ୍ଥାନରେ ଥିବା ଲୀଳାକ୍ଷେତ୍ରଗୁଡ଼ିକର ମଧ୍ୟ ପର୍ଯ୍ୟାୟକ୍ରମେ ପରିଦର୍ଶନ କରାଯାଇ ତଥ୍ୟ ସଂଗ୍ରହ କରାଯିବ। ସେ ସବୁକୁ ନେଇ ଛିନ୍ନ ପୃଷ୍ଠାଗୁଡ଼ିକୁ ଯୋଡ଼ି ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ରର ଏକ ପୂର୍ଣ୍ଣାଙ୍ଗ ଇତିହାସ ପ୍ରଣୟନ କରାଯିବ ବୋଲି ପ୍ରତିଷ୍ଠାନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

## ଚାଷୀଙ୍କ ସହିତ ଧାନତଳି ରୋଇଲେ ସମ୍ବିତ୍



ବିଲରେ ମହିଳା ଚାଷୀଙ୍କ ସହ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଧାନତଳି ରୋଉଛନ୍ତି ।

**ଡେଲାଙ୍ଗ,୪।୯(ରଶ୍ମିରଞ୍ଜନ ପ୍ରଧାନ)**

### ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

ଡେଲାଙ୍ଗ ବ୍ଲକରେ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମରେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଡ. ସମ୍ବିତ ପାତ୍ର ଓ ପୁରୀ ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ ମହିଳା ଚାଷୀଙ୍କ ସହିତ କ୍ଷେତରେ ଧାନ ରୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଡ. ପାତ୍ର ଯୋଗଦେଇ ଡେଲାଙ୍ଗ ବ୍ଲକର ଜେନାପୁର ପଞ୍ଚାୟତରେ ପହଞ୍ଚିଥିଲେ। ମଠ, ମନ୍ଦିର, କ୍ଷେତ ଓ ଗାଁ ଗାଁରୁ ମାଟି ସଂଗ୍ରହ କରିଥିଲେ। ଏହି ପଞ୍ଚାୟତର ଗୋବିନ୍ଦପୁର ଗ୍ରାମରେ ଏହି କାର୍ଯ୍ୟକ୍ରମରେ ଯାଉଥିବାବେଳେ କ୍ଷେତରେ କେତେକ ମହିଳା ଧାନ ରୋଉଥିବାର ଦେଖି ସେଠାରେ ପହଞ୍ଚି ମହିଳାଙ୍କଠାରୁ ତାଙ୍କ କ୍ଷେତରୁ ମାଟି ନେବା ପାଇଁ ପହଞ୍ଚିଥିଲେ। ମହିଳାଙ୍କ ଧାନ ରୁଆ ଦେଖି ରାଷ୍ଟ୍ରୀୟ ପ୍ରବକ୍ତା ପାତ୍ର ଓ ଜିଲା ସଭାପତି ପଟ୍ଟନାୟକ ଚାଷୀ ବେଷ ଭୂଷାରେ କାଦୁଅ କ୍ଷେତରେ ପଶି ମହିଳା ଚାଷୀଙ୍କ ସହିତ ଧାନ ରୋଇଥିଲେ। ଏହି ଦୃଶ୍ୟକୁ ଦେଖିବାକୁ ସ୍ଥାନୀୟ ଜନସାଧାରଣଙ୍କ ଭିଡ଼ ଜମିଥିଲା। ଅନ୍ୟପଟେ ମହିଳା ଚାଷୀଙ୍କଠାରୁ ଆଶିଷ ଭିକ୍ଷା କରି ଜେନାପୁର, ରେଞ୍ଚ, ବେରବୋଇ, ଗୁଆଳିପଡ଼ା ପ୍ରଭୃତି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ମାଟି ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଭାଜପା କର୍ମୀ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଞ୍ଚ ସରପଞ୍ଚ ହରିହର ସ୍ୱାଇଁ, ମଣ୍ଡଳ ସଭାପତି ସୁଧାଂଶୁ ଶେଖର ପରିଡ଼ା, ଶ୍ୱେତ ନାୟକ, ଲଡୁକିଶୋର ରାୟ, ହରେକୃଷ୍ଣ ସ୍ୱାଇଁ ପ୍ରମୁଖ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଭଗତ ସିଂହଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି

**ପୁରୀ, ୪।୯(ଅଜିତ୍ ମହାନ୍ତି):**

ଚଳିତ ମାସ ୨୮ ତାରିଖରେ ଶହୀଦ ଭଗତ୍ ସିଂହଙ୍କ ୧୧୬ତମ ଜୟନ୍ତୀ ଉତ୍ସବ ପାଳନ କରାଯିବା ନେଇ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କମିଟି ସମ୍ପାଦକ ବିମଳ କୁମାର ପାତ୍ର ସଭାପତିତ୍ୱ କରିଥିଲେ। ଗିରିଶ ନାୟକ, ପୁଷ୍କର ମହାପାତ୍ର, ପ୍ରଫୁଲ୍ଲ ମହାପାତ୍ର, ଯଦୁମଣି ସାହୁ, ପ୍ରଫୁଲ୍ଲ ପାତ୍ର, ସୁରେନ୍ଦ୍ରନାଥ ଦାସ, ଗୌରହରି ପ୍ରଧାନ ଏବଂ ବୀରେନ୍ଦ୍ର ହୋତା ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ।

### ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

**ସାକ୍ଷୀଗୋପାଳ,୪।୯**
**(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)**

ସତ୍ୟବାଦୀ ଥାନା ଅଧୀନ ଚଣାଗୋରଡ଼ା ଛକରେ ରବିବାର ରାତିରେ ମଟର ସାଇକେଲ ଦୁର୍ଘଟଣାରେ ଜଣେକା ମହିଳାଙ୍କ ମୃତ୍ୟୁ ହୋଇଛି। ଏ ସମ୍ପର୍କରେ ମହିଳାଙ୍କ ଭାଇ ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ୨୯୧/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଦୁର୍ଘଟଣା ଘଟାଇଥିବା ବାଇକ୍କୁ ପୋଲିସ ଜବତ କରି ବାଇକ୍ ଆରୋହୀଙ୍କୁ ପୋଲିସ ପଚରାଉଚରା କରୁଛି। ମହିଳାଙ୍କ ମର ଶରୀରକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଛି। ଅଭିଯୋଗ ମୁତାବକ, ଗଞ୍ଜାମ ଜିଲା ଛତ୍ରପୁର ଥାନା ଅଧୀନ ସୁନ୍ଦରପାଲି ଗ୍ରାମର ରଙ୍ଗବତୀ ଗନ୍ତାୟତ(୪୪) ଚାଷ କାମ ପାଇଁ ସତ୍ୟବାଦୀ ଥାନା ଅନ୍ତର୍ଗତ ଚଣାଗୋରଡ଼ା ଗ୍ରାମକୁ ଆସିଥିଲେ। ରବିବାର ରାତ୍ର ୮ଟା ୩୦ରେ କୌଣସି କାମରେ ଚଣାଗୋରଡ଼ା ନିକଟରେ ପୁରୀ–ଭୁବନେଶ୍ୱର ଜାତୀୟ ରାଜପଥ ପାର ହେଉଥିବାବେଳେ ଏକ କଳା ରଙ୍ଗର ମଟରସାଇକେଲ ତାଙ୍କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ମହିଳା ଜଣକ ଗୁରୁତର ହୋଇ ରାସ୍ତାରେ ପଡ଼ିଥିଲେ। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକ ମହିଳାଙ୍କୁ ଉଦ୍ଧାର କରି ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ମହିଳାଙ୍କ ମୃତ୍ୟୁ ହୋଇଥିବା ଡାକ୍ତର କହିଥିଲେ।



ପୁରୀ ଜିଲା ଓକିଲ ସଂଘ ପକ୍ଷରୁ ଜିଲାପାଳ ସମର୍ଥ ବର୍ମାଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି । (ଫଟୋ– ଯଜ୍ଞେଶ୍ୱର ମହାନ୍ତି )

## ହରିରାଜପୁରରେ ଅଗ୍ନିକାଣ୍ଡ: ୨ ବଖରା ଭସ୍ମୀଭୂତ

**ଡେଲାଙ୍ଗ,୪।୯(ରଶ୍ମିରଞ୍ଜନ ପ୍ରଧାନ)**

ଡେଲାଙ୍ଗ ବ୍ଲକର ହରିରାଜପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ପ୍ରମୋଦିନୀ ପଣ୍ଡାଙ୍କ ୨ ବଖରା ପୋଡି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡରେ ଧାନ, ଚାଉଳ, ମୁଗ, ବିରି, ଲୁଗାପଟା, ନଗଦ ୨୫ ହଜାର ଟଙ୍କା, ସୁନା ଗହଣା, ରୁପା, ଜରୁରୀ କାଗଜପତ୍ର, ଜମିପଟ୍ଟା, ଘରକରଣା ଜିନିଷ, ଆସବାବପତ୍ର,ବାସନକୁସନ ସହିତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି। ସକାଳୁ ଗ୍ୟାସ୍ ଚୁଲାରେ ଚା' କରୁଥିବାବେଳେ ଗ୍ୟାସ ଲିକ୍ କରିବାରୁ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଖବରପାଇ ଜଟଣୀ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତହସିଲ କାର୍ଯ୍ୟାଳୟ ପକ୍ଷରୁ ସୁପର ଭାଇଜର ବିରଞ୍ଚି ନାୟକ, ଆର୍ଆଇ ସତ୍ୟବ୍ରତ ମହାପାତ୍ର, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ପ୍ରଦୀପ୍ତ ନାୟକ, ସ୍ଥାନୀୟ ସରପଞ୍ଚ ରୀନାରାଣୀ ରାଉତରାୟ ପ୍ରମୁଖ ଅଗ୍ନିବିପନ୍ନ ପରିବାରକୁ ସମବେଦନା ଜଣାଇବା ସହିତ ରାଜସ୍ୱ ବିଭାଗ ପକ୍ଷରୁ ପଲିଥିନ ପ୍ରଦାନ କରାଯାଇଛି। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ସରପଞ୍ଚ ଦାବି କରିଛନ୍ତି।

## ଚନ୍ଦ୍ରଭାଗା କୂଳରୁ ମିଳିଲା ମୃତ ଡଲ୍‌ଫିନ

**କୋଣାର୍କ,୪।୯(ଜ୍ୟୋତିରାଜ ମହାନ୍ତି)**

କୋଣାର୍କ ଚନ୍ଦ୍ରଭାଗା ବଙ୍ଗୋପସାଗର କୂଳରୁ ୫ ଫୁଟରୁ ଊର୍ଦ୍ଧ୍ୱ ଲମ୍ବର ଏକ ମୃତ ଡଲଫିନ ସୋମବାର କୋଣାର୍କ ବନଖଣ୍ଡ ଜବତ କରିଛି। ଡଲଫିନର ମୃତ ଶରୀର ସୋମବାର ସକାଳୁ ଚନ୍ଦ୍ରଭାଗା ସମୁଦ୍ର କୂଳରେ ପଡିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକମାନେ ମୃତ ଡ଼ଲଫିନକୁ ଦେଖି କୋଣାର୍କ ବନଖଣ୍ଡ ଅଧିକାରୀଙ୍କୁ ଖବର ଦେଇଥିଲେ। ଘଟଣାସ୍ଥଳରେ କୋଣାର୍କ ବନଖଣ୍ଡ ଅଧିକାରୀ ପହଞ୍ଚି ଡଲଫିନକୁ ଜବତ କରି ତଦନ୍ତ ଚଳାଇଛନ୍ତି।

ସୂଚନା ଥାଉକି, ଉକ୍ତ ଡଲଫିନ ଇରାୱାଡି ଶ୍ରେଣୀର। ଏହାର ଓଜନ ଆନୁମାନିକ ପ୍ରାୟ ୨ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଓ ଲମ୍ବ ୫ ଫୁଟ। ଏହ ଡଲଫିନଟି କୋଣାର୍କ ଚନ୍ଦ୍ରଭାଗାରେ ବେଆଇନ ଭାବେ ମାଛ ମାରୁଥିବା ଟ୍ରଲରର ପ୍ରପଲର ପଙ୍ଖା ମାଡ଼ରେ ଗଭୀର ଆଘାତ ପାଇ ତା'ର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ପରେ ତା' ମୃତ ଶରୀର କୂଳକୁ ଭାସି ଆସିଥିବ। ଅନେକ ପର୍ଯ୍ୟଟକ ଏହି ବିରଳ ନିରୀହ ସାମୁଦ୍ରିକ ଜୀବଙ୍କ ଏପରି ଦୟନୀୟ ଭାବେ ଟ୍ରଲର ମାଡ଼ରେ ମୃତ୍ୟୁକୁ ନେଇ ଘୋର ଅସନ୍ତୋଷ ପ୍ରକାଶ କରୁଥିବା ଦେଖିବାକୁ ମିଳିଥିଲା। ଏ ଦିଗରେ ମତ୍ସ୍ୟ ବିଭାଗ ଓ ବନବିଭାଗର ସ୍ଥାନୀୟ ଅଧିକାରୀ ଏହି ବିରଳ ଜନ୍ତୁଙ୍କ ସୁରକ୍ଷା ପାଇଁ ଦୃଢ ପଦକ୍ଷେପ ନେବାକୁ ସେମାନେ ଅନୁରୋଧ କରିଥିଲେ। ପୁରୀ– କୋଣାର୍କ ସମୁଦ୍ରରେ ଅବାଧରେ ଟ୍ରଲର ଚଳାଚଳ ଯୋଗୁ ଡଲଫିନଙ୍କ ସହ ଅନେକ ଅଲିଭ ରିଡ୍‌ଲେ କଇଁଛଙ୍କ ଜୀବନ ଅନାୟାସରେ ଯାଉଛି। ବନ ବିଭାଗ ଓ ମତ୍ସ୍ୟ ବିଭାଗ ଅଧିକାରୀ ଏହି ଟ୍ରଲରଗୁଡ଼ିକ ବିରୋଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ନ ନେବା ହେତୁ ଏବେ ଏହି ବିରଳ ସାମୁଦ୍ରିକ ଜୀବଗୁଡ଼ିକ ବଂଶ ଧୀରେ ଧୀରେ ଲୋପ ହେବାକୁ ବସିଛି ବୋଲି ପୁରୀର ବରିଷ୍ଠ ପରିବେଶବିତ୍ ସରୋଜ ଜେନା ପ୍ରକାଶ କରିଥିଲେ।



ଚନ୍ଦ୍ରଭାଗା ସମୁଦ୍ରକୂଳରେ ପଡିରହିଥିବା ମୃତ ଡଲଫିନ୍ ।

## 'ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ କରାଯାଉ'

**ପୁରୀ, ୪।୯(ଅଜିତ୍ ମହାନ୍ତି):**

ରାଜ୍ୟରେ ଦିନକୁ ଦିନ ଓକିଲମାନଙ୍କ ଉପରେ ଅତ୍ୟାଚାର ବଢ଼ିଚାଲିଛି। ଫଳରେ ବର୍ତ୍ତମାନ କର୍ମକ୍ଷେତ୍ରରେ ଓକିଲମାନେ ନିଜକୁ ଅସୁରକ୍ଷିତ ମନେକରୁଛନ୍ତି। ଉତ୍ତରପ୍ରଦେଶର ଗାଜିଆବାଦ୍‌ଠାରେ ଓକିଲଙ୍କ ହତ୍ୟା ଓ ପୋଲିସ ଅତ୍ୟାଚାର ଏହାର ଜ୍ୱଳନ୍ତ ଉଦାହରଣ। ରାଜ୍ୟ ଓକିଲ ସଂଘ ଏହି ଘଟଣାକୁ ବିରୋଧ କରିବା ସହ ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ କରିବାକୁ ଦାବି କରିଛି। ସାରା ରାଜ୍ୟର ଆଇନଜୀବୀ ଏନେଇ ଆନ୍ଦୋଳନ ଓ ଗଣବିକ୍ଷୋଭ ଡାକରା ଦେଇଛନ୍ତି। ପୁରୀ ଜିଲା ଓକିଲ ସଂଘ ତରଫରୁ ସୋମବାର ଏନେଇ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ସଂଘ ସଭାପତି ରାମପ୍ରସାଦ ଦାଶ ଏବଂ ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀଙ୍କ ନେତୃତ୍ୱରେ ଆଇନଜୀବୀମାନେ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେମାନେ ଜିଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଆଲୋଚନା କରିବା ସହ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଆଇନଜୀବୀଙ୍କୁ କର୍ମକ୍ଷେତ୍ରରେ ସୁରକ୍ଷା ଯୋଗାଇବା, ଆଇନଜୀବୀଙ୍କ ମୃତ୍ୟୁ କିମ୍ବା ଶାରୀରିକ ଭିନ୍ନକ୍ଷମତା ହେଲେ ତାଙ୍କ ପରିବାରକୁ ବୀମା ସହାୟତା ପ୍ରଦାନ ଭଳି ବିଭିନ୍ନ ଦାବି କରାଯାଇଛି।

## ଶ୍ରୀଜଗନ୍ନାଥ ଚେତନାର ଦୁଇ ଧାରା ଭାବ, ଭକ୍ତି

**ପୁରୀ, ୪।୯(ଅଜିତ ମହାନ୍ତି):**

ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ପୁରୀ ଶାଖା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ପରିଷଦ ପରିସରରେ ସୋମବାର 'ଭାବ ଓ ଭକ୍ତିର ଠାକୁର ଶ୍ରୀଜଗନ୍ନାଥ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଭାରତୀୟ ଦର୍ଶନର ମୌଳିକ ସ୍ତମ୍ଭ ଶ୍ରୀଜଗନ୍ନାଥ ସଂସ୍କୃତି। ଭାବ ଓ ଭକ୍ତି ହେଉଛି ଶ୍ରୀଜଗନ୍ନାଥ ସଂସ୍କୃତିର ଦୁଇ ପ୍ରବାହମାନ ଧାରା। ବ୍ରହ୍ମର୍ଷି ନାରଦଙ୍କଠାରୁ ଆରମ୍ଭକରି ଯମ, ଇନ୍ଦ୍ରଦ୍ୟୁମ୍ନ ଏବଂ ଐତିହାସିକ ପ୍ରମାଣରେ ଶଙ୍କରାଚାର୍ଯ୍ୟ, ରାମାନୁଜାଚାର୍ଯ୍ୟ, ବଳଭଦ୍ରାଚାର୍ଯ୍ୟ, ଶ୍ରୀଚୈତନ୍ୟ, ଶ୍ୟାମାନନ୍ଦ, ରସିକାନନ୍ଦ ପ୍ରଭୁଙ୍କ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ପ୍ରତି ଭାବ ଭକ୍ତି ଧାରାକୁ ଲୋକାନୁଶୀଳ କରିଛନ୍ତି ବୋଲି ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପଣ୍ଡିତ ସଦାଶିବ ମିଶ୍ର ଯୋଗଦେଇ କହିଥିଲେ, ଭାବ ଓ ଭକ୍ତି ଥିଲେ ପ୍ରଭୁ ଭକ୍ତର ନିକଟତର ହୁଅନ୍ତି। ଏଥିପାଇଁ କୁହାଯାଇଛି ସମର୍ପଣ ଭାବ ହିଁ ଭାବ ଓ ଭକ୍ତିର ପ୍ରତୀକ। ମୁଖ୍ୟ ଅତିଥି ଭାବେ ଗ୍ରନ୍ଥକାର ହରିଶଙ୍କର ମିଶ୍ର, ସମ୍ମାନିତ ବକ୍ତାଭାବେ ରାଧାରମଣ ଫାଉଣ୍ଡେଶନର ସମ୍ପାଦକ ଗୁରୁଚରଣ ଦାସ, ଅଧ୍ୟାପକ ଭାରତୀ ଭୂଷଣ ଦାସ, ଟ୍ରଷ୍ଟର ସଦସ୍ୟା ପ୍ରତିଭା ତ୍ରିପାଠୀ ଏବଂ ବିଜୟଲକ୍ଷ୍ମୀ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ଓ କ୍ରିଷ୍ଣା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଲୋଚନା ଚକ୍ରରେ ଡ. ରାନୁ ମିଶ୍ର, ଆଶାଲତା ମିଶ୍ର, ଡ. ସସ୍ମିତା ମିଶ୍ର, ପ୍ରଫେସର ଅଭିମନ୍ୟୁ ଭୂୟାଁ, ତୃପ୍ତି ପଣ୍ଡା, ଚିନ୍ମୟୀ ଗଜେନ୍ଦ୍ର, ସୁରେଶ କୁମାର ପଟ୍ଟନାୟକ, ପ୍ରାବନ୍ଧିକ ସତ୍ୟନାରାୟଣ ମିଶ୍ର, ଅନାମ ଚନ୍ଦ୍ର ସାହୁ, ଅଧ୍ୟାପିକା ଶୁଚିସ୍ମିତା ମହାନ୍ତି ପ୍ରମୁଖ ଯୋଗଦେଇ ଭାବ ଓ ଭକ୍ତିର ଭାବନା ବ୍ୟକ୍ତ କରିଥିଲେ। ଏହି ଅବସରରେ ଦାଶରଥି ମହାପାତ୍ର ଓ ମନୋରମା ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଶୋକ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଜିଲାସ୍ତରୀୟ ହ୍ୟାଣ୍ଡବଲ୍ ପ୍ରତିଯୋଗିତା: ପୁରୀ ସଦର ଚାମ୍ପିୟନ୍



ଖେଳାଳିଙ୍କ ସହ ଅତିଥି ପରିଚିତ ହେଉଛନ୍ତି ।

**ଡେଲାଙ୍ଗ,୪।୯(ରଶ୍ମିରଞ୍ଜନ ପ୍ରଧାନ)**

ଜିଲାସ୍ତରୀୟ ହ୍ୟାଣ୍ଡବଲ୍ ପ୍ରତିଯୋଗିତା ଡେଲାଙ୍ଗ ବ୍ଲକର ରାଧାକାନ୍ତ ବିଦ୍ୟାପୀଠରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲାର ସତ୍ୟବାଦୀ, ପୁରୀ ସଦର ଓ ଡେଲାଙ୍ଗ ବ୍ଲକର ବାଳକ ଓ ବାଳିକାଙ୍କ ପକ୍ଷରୁ ୫ ଟିମ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ଟିମ୍‌ରେ ୮ ଜଣ ଲେଖାଏଁ ଖେଳାଳି ରହିଥିଲେ। ବାଳକ ବିଭାଗର ଫାଇନାଲ ପ୍ରତିଯୋଗିତା ପୁରୀ ସଦର ଓ ଡେଲାଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପୁରୀ ସଦର ଟିମ୍ ୩/୨ରେ ଡେଲାଙ୍ଗ ଟିମ୍‌କୁ ହରାଇ ବିଜୟ ଲାଭ କରିଥିଲା। ସେହିପରି ବାଳିକା ବିଭାଗରେ ୨ଟି ଟିମ୍ ଥିବାବେଳେ ପୁରୀ ସଦର ଓ ଡେଲାଙ୍ଗ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୀ ସଦର ୩/୦ରେ ଡେଲାଙ୍ଗ ଟିମ୍‌କୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। କ୍ରୀଡ଼ା ଶିକ୍ଷକ ନଟବର ସେଠୀ ଓ ଶରତ ମହାନ୍ତି ମ୍ୟାଚ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଇଓ ବିନୋଦ ପାରମାଣିକ୍, ଜିଲା କ୍ରୀଡ଼ା ନିରୀକ୍ଷକ ମହେନ୍ଦ୍ର ବିଶ୍ୱାଳ, ପ୍ରଧାନ ଶିକ୍ଷକ ଅଜୟ ଭୋଇ, କ୍ରୀଡ଼ା ସମ୍ପାଦକ ଆର୍ତ୍ତତ୍ରାଣ ମହାନ୍ତି, ଶିକ୍ଷକ ସତ୍ୟବାଦୀ ଦାଶ, ଜିଲା କ୍ରୀଡ଼ା ସଂଗଠନ ସହସମ୍ପାଦକ ନୀହାର ରଞ୍ଜନ ପଲେଇ, ସତ୍ୟବାଦୀର କ୍ରୀଡ଼ା ଶିକ୍ଷକ ସଂଗ୍ରାମ ମହାନ୍ତି, ସୁଚିତ୍ରା ଖଟେଇ, ପୁରୀ ସଦରର ରଞ୍ଜନ ରେଡ୍ଡୀ, ବ୍ଲକ କ୍ରୀଡ଼ା ସମ୍ପାଦକ ସୂର୍ଯ୍ୟନାରାୟଣ ଜେନା, କ୍ରୀଡ଼ା ଶିକ୍ଷକ ସୀତାକାନ୍ତ ରାଉତ, ଶର୍ମିଷ୍ଠା ପଣ୍ଡା, ସହଦେବ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଚାମ୍ପିୟନ୍ ଟିମକୁ ପୁରସ୍କାର ପ୍ରଦାନ କରିଥିଲେ।

## କୃଷକଙ୍କୁ ମିଳିନି 'ଜୱାଦ୍' କ୍ଷତିପୂରଣ

**ପୁରୀ,୪।୯(ଅଜିତ ମହାନ୍ତି)**

### ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ

ବାତ୍ୟା ଜୱାଦ୍ ଏବଂ ଅଦିନିଆ ବର୍ଷା କାରଣରୁ କ୍ଷତିଗ୍ରସ୍ତ ହୋଇଥିବା କୃଷକଙ୍କୁ ସରକାରଙ୍କ ଘୋଷଣା ଅନୁଯାୟୀ କ୍ଷତିପୂରଣ ଟଙ୍କା ବା ସବ୍‌ସିଡି ମିଳିନାହିଁ। ତୁରନ୍ତ କୃଷକମାନଙ୍କ ସମ୍ମିଳିତ ପୁରୀ–ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ଶ୍ରୀକ୍ଷେତ୍ର ଶାଖା ପକ୍ଷରୁ ପ୍ରଦାନ କରିବା, ସମିତିର ସମ୍ପାଦକଙ୍କୁ ବହିଷ୍କାର କରିବା ସହ ଅନ୍ୟାନ୍ୟ ଦାବି ନେଇ ସୋମବାର ହନୁକ କୃଷି ସେବା ସମବାୟ ସମିତିର ସଭ୍ୟମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅମରଣ ଅନଶନ ଆରମ୍ଭ କରିଛନ୍ତି। ସମିତିର ସଦସ୍ୟମାନେ ଅଭିଯୋଗ କରିଛନ୍ତି, ୨୦୨୧ ମସିହାରେ ହୋଇଥିବା ଜୱାଦ ବାତ୍ୟା ଏବଂ ଅଦିନିଆ ବର୍ଷା କାରଣରୁ ପୁରୀ ସଦର ବ୍ଲକ୍ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ବିଶେଷକରି କୃଷିକ୍ଷେତ୍ରରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ପରେ କୃଷି ଅଧିକାରୀମାନେ କୃଷିକ୍ଷେତ୍ର ବୁଲି କ୍ଷୟକ୍ଷତିର ଆକଳନ କରିଥିଲେ। ତେବେ ହନୁକ ସେବା ସମିତି ଅନ୍ତର୍ଗତ ୪ଟି ଗ୍ରାମପଞ୍ଚାୟତ ଯଥା ହନୁକ, କହ୍ନେଇ ବିଦ୍ୟାଧରପୁର, ଗୌଡ଼କେରା ଏବଂ ବିଜୟ ରାମଚନ୍ଦ୍ରପୁରରେ କ୍ଷୟକ୍ଷତି ଆକଳନ କରାଯାଇ ୭୯ ପ୍ରତିଶତ କ୍ଷତି ହୋଇଥିବା ସ୍ଥିର କରାଯାଇଥିଲା। ତେଣୁ ସମିତିରୁ ଋଣ ନେଇଥିବା ଚାଷୀମାନଙ୍କର ୭୯ ପ୍ରତିଶତ ଋଣ ଛାଡ଼ କରିବା ପାଇଁ ନିର୍ଦ୍ଦେଶ ହୋଇଥିଲା। ମାତ୍ର ୩ ବର୍ଷ ବିତିଯାଇଥିଲେ ବି ଆଜିପର୍ଯ୍ୟନ୍ତ କୃଷକମାନଙ୍କୁ ଋଣ ଛାଡ଼ କରାଯାଉନାହିଁ। ଏନେଇ ସେମାନେ ଅନେକ ଥର ଡିଆଇସିଏସ୍, ଜିଲାପାଳ ଏବଂ ବ୍ୟାଙ୍କ ମ୍ୟାନେଜରଙ୍କୁ ଜଣାଇ ନିରାଶ ହୋଇଛନ୍ତି। ବାରମ୍ବାର ବ୍ୟାଙ୍କକୁ ଆସିଲେ ମଧ୍ୟ କର୍ତ୍ତୃପକ୍ଷ ସମୟ ଗଡ଼ାଇ ଚାଲିଛନ୍ତି। ତୁରନ୍ତ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏ ନେଇ ସମିତିର ସଦସ୍ୟମାନେ ଗତ ୨୮ ତାରିଖରେ ସମସ୍ୟାର ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଦାବି ପୂରଣ ନ ହେବାରୁ ସମିତି ସଦସ୍ୟମାନେ ସୋମବାରଠାରୁ ଅମରଣ ଅନଶନ ଆରମ୍ଭ କରିଛନ୍ତି। ଅନଶନରେ ଭାସ୍କର ସ୍ୱାଇଁ, ବାବିନା ଜେନା, ରବି ନାରାୟଣ ପ୍ରଧାନ, ରମେଶ ଚନ୍ଦ୍ର ବଳିଆରସିଂହ, ଅପର୍ତ୍ତି ସ୍ୱାଇଁ, ପ୍ରଶାନ୍ତ କୁମାର ଜେନା ପ୍ରମୁଖ ସମେତ ଅନ୍ୟମାନେ ସାମିଲ ହୋଇଛନ୍ତି।




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କୃଷକମାନେ ଅନଶନରେ ବସିଛନ୍ତି ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ, ଓଡ଼ିଶା ୨୯ତମ ବାର୍ଷିକ ସମ୍ମିଳନୀ ଓ ଗୁରୁପ୍ରଣାମ ସମ୍ବର୍ଦ୍ଧନା ଉତ୍ସବ, ଭଞ୍ଜକଳା ମଣ୍ଡପ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଚିତ୍ରଶିଳ୍ପୀ ବିଭୂତି କାନୁନ୍‌ଗୋଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ, ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ରାଲି ଓ ଧାରଣା, ଶ୍ରମିକ ଭବନ, ଅପରାହ୍ନ ୩ଟା।
- ଗୁରୁ କେଳୁ ଚରଣ ମହାପାତ୍ର ପୁରସ୍କାର ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

**ଟିଗିରିଆ**

- ଟିଗିରିଆ ବ୍ଲକ ଗୋଷ୍ଠୀ କୃଷି ଅଧିକାରୀଙ୍କ ନୂତନ କାର୍ଯ୍ୟାଳୟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ, ଟିଗିରିଆ କୃଷି କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।
- ମଧୁବାବୁ ପେନସନ ଯୋଜନାରେ ନୂତନ ହିତାଧିକାରୀଙ୍କୁ ନୂତନ ଭତ୍ତା ପ୍ରଦାନ, ଟିଗିରିଆ ବ୍ଲକ ପରିସର, ପୂର୍ବାହ୍ନ ୧୧ଟା।

# ଜମି ଜାଲିଆତିରେ ସବ୍‌ରେଜିଷ୍ଟ୍ରାର ଅଫିସ୍ କିରାଣି

## କିରାଣି ସହ ୫ ଦଲାଲ ଗିରଫ

### ଜାଲ ଜମି ରେକର୍ଡ, ବିଭିନ୍ନ ତହସିଲଦାରଙ୍କ ସିଲ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ

ଭୁବନେଶ୍ୱର,୪।୯
(ସୂର୍ଯ୍ୟକାନ୍ତ ବେହେରା)



ବିକାଶ ଚନ୍ଦ୍ର ପଣ୍ଡା  ସୀମାଞ୍ଚଳ ମହାନ୍ତି  ପ୍ରସନ୍ନ କୁମାର ମିଶ୍ର  ବିଶ୍ୱଜିତ୍ ବେହେରା  ସଞ୍ଜୟ ଷଡଙ୍ଗୀ



ଗିରଫ ଅଭିଯୁକ୍ତ (ଉପରେ), ଜବତ ଜାଲ୍ ଦଲିଲ୍, ଷ୍ଟାମ୍ପ ଓ ଅନ୍ୟାନ୍ୟ କାଗଜପତ୍ର।

ଜାଲିଆତି କରି ଅନ୍ୟଜଣଙ୍କ ଜମିକୁ ବିକ୍ରି କରୁଥିବା ଏକ ର୍ୟାକେଟକୁ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଧରିଛି। ଏଥିସହ ଏହି ଠକେଇରେ ସମ୍ପୃକ୍ତ ଥିବା ଜଣେ କିରାଣି ଓ ୫ ଦଲାଙ୍କୁ ଗିରଫ କରିଛି। ସେମାନେ ହେଲେ ଖଣ୍ଡଗିରି ସବ୍-ରେଜିଷ୍ଟ୍ରାର୍ ଅଫିସ୍‌ର କିରାଣି ପୁରୀର ସଞ୍ଜୟ କୁମାର ଷଡଙ୍ଗୀ, ଜମି ଦଲାଲ କଟକ ତୁଳସୀପୁର ଥାନା ଅଞ୍ଚଳର ବିକାଶ ଚନ୍ଦ୍ର ପଣ୍ଡା, ଜଗତପୁରର ସୀମାଞ୍ଚଳ ମହାନ୍ତି, ଚୌଦ୍ୱାରର ପ୍ରସନ୍ନ କୁମାର ମିଶ୍ର ଓ ଯାଜପୁରର ବିଶ୍ୱଜିତ ବେହୁରା। ଅଭିଯୁକ୍ତମାନଙ୍କଠାରୁ ବହୁ ଜାଲ ଜମି ରେକର୍ଡ, ବିଭିନ୍ନ ତହସିଲଦାରଙ୍କ ସିଲ୍, ଅନ୍ୟାନ୍ୟ ଡକ୍ୟୁମେଣ୍ଟ ଓ ମୋବାଇଲ୍ ଫୋନ୍ ଆଦି ଜବତ କରାଯାଇଛି। ଅଭିଯୁକ୍ତମାନେ ୨୦୧୯ରେ ଚନ୍ଦକା ପାଇକରାପୁର ମୌଜାରେ ଥିବା ଗଞ୍ଜାମର ସଂଯୁକ୍ତା ପାଣିଗ୍ରାହୀଙ୍କ ଜମିକୁ ତାଙ୍କ ଅଜଣାତରେ ଜାଲ କାଗଜପତ୍ର ମାଧ୍ୟମରେ ୨ଜଣ ମହିଳାଙ୍କୁ ୬୦ ଲକ୍ଷ ଟଙ୍କାରେ ବିକ୍ରି କରି ଉକ୍ତ ଟଙ୍କାକୁ ବାଣ୍ଟି ନେଇଥିଲେ। ଏନେଇ ଜମି ମାଲିକ ସଂଯୁକ୍ତା ପାଣିଗ୍ରାହୀ ଭୁବନେଶ୍ୱର ଜେଏମ୍ଏଫସି କୋର୍ଟରେ ଅଭିଯୋଗ କରିବାରୁ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଚନ୍ଦକା ଥାନାରେ ଏକ ମାମଲା ପଞ୍ଜିକୃତ ହୋଇଥିଲା। ତଦନ୍ତ ସମୟରେ ଏହାଏକ ବଡ଼ଧରଣର ଜମି ଠକେଇ ର୍ୟାକେଟ ହୋଇଥିବାବେଳେ ଏଥିରେ ଏକାଧିକ ବ୍ୟକ୍ତିଙ୍କ ସଂପୃକ୍ତି ରହିଥିବା ଜଣାପଡିଥିଲା। ଏହାପରେ ଏହି ମାମଲାର ତଦନ୍ତ ଭାର ସ୍ପେଶାଲ କ୍ରାଇମ ୟୁନିଟ୍ ନେଇଥିଲା। ସେହିପରି ପୂର୍ବରୁ ମଧ ଅଭିଯୁକ୍ତମାନେ ଜମି ଠକେଇରେ ଜେଲ ଯାଇଥିବା ପୋଲିସ ସୂଚନା ଦେଇଛି।

ସୂଚନାନୁସାରେ, ଏକ ଅନ୍‌ଲାଇନ ସମ୍ପତ୍ତି ବିକ୍ରୟ ପୋର୍ଟାଲରେ ବିଶ୍ୱଜିତ୍‌ଙ୍କ ନାମ ଓ ମୋବାଇଲ ନମ୍ବର ପୋଷ୍ଟ କରାଯାଇଥିଲା। ନୟାଗଡ଼ର ଚିନ୍ମୟ ଦଳେଇ ଜମି କିଣିବାକୁ ଚାହୁଁଥିବାରୁ ସେ ବିଶ୍ୱଜିତଙ୍କ ସହ ଯୋଗାଯୋଗ କରିଥିଲେ। ପରେ ବିଶ୍ୱଜିତ୍ ତାଙ୍କ ସହଯୋଗୀ ବିକାଶ ପଣ୍ଡାଙ୍କୁ ପରିଚିତ କରାଇ ରାଜଧାନୀ ଉପକଣ୍ଠରେ ଏକ ଭଲ ଜମି ଦେବାକୁ କହିଥିଲେ। ଏହାପରେ ସୀମାଞ୍ଚଳ ଓ ପ୍ରସନ୍ନ ଆପରାଧିକ ଷଡ଼ଯନ୍ତ୍ର କରି ଜମିର ମାଲିକାଣୀ ସଞ୍ଜୁକ୍ତା ପାଣିଗ୍ରାହୀଙ୍କ ନାମରେ ଜାଲ୍ ସେଲ୍ ଡିଡ୍ ଓ ଅନ୍ୟାନ୍ୟ କାଗଜପତ୍ର ପ୍ରସ୍ତୁତ କରିଥିଲେ। ପରେ ଅନ୍ୟଜଣେ ମହିଳାଙ୍କୁ ସଞ୍ଜୁକ୍ତା ଭାବେ ଦର୍ଶାଇ ପୁଷ୍ପଲତା ସ୍ୱାଇଁ ଏବଂ କମଳା ସ୍ୱାଇଁଙ୍କୁ ବିକ୍ରି କରି ଦେଇଥିଲେ। ପୁଷ୍ପଲତାଙ୍କ ସ୍ୱାମୀ ଚିନ୍ମୟ ଜାଗା ଦଖଲ କରିବାକୁ ଯିବାବେଳେ ଜାଗାର ପ୍ରକୃତ ମାଲିକାଣୀ ସଞ୍ଜୁକ୍ତା ବିରୋଧ କରିବା ପରେ ଠକେଇ ଘଟଣା ପଦାକୁ ଆସିଥିଲା। ତେବେ ଏସବୁ ଜାଲିଆତି ଓ ଠକେଇ କାର୍ଯ୍ୟରେ ଖଣ୍ଡଗିରି ସବ୍-ରେଜିଷ୍ଟ୍ରାର ଅଫିସ୍‌ର କିରାଣି ସଞ୍ଜୟ ସହଯୋଗ କରିଥିବା ଜଣାପଡିବା ପରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି।

# ୧୧ରୁ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ମହାସଂଘର ଆନ୍ଦୋଳନ

**ଭୁବନେଶ୍ୱର,୪।୯(ଅଭିଜିତ ଦାସ):** ଓଡ଼ିଶା ରାଜ୍ୟ ପୁରୁଷ ଓ ମହିଳା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଓ ସ୍ୱାସ୍ଥ୍ୟ ପରିଦର୍ଶକ ମିଳିତ ମହାସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ କ୍ୟାଡର ପୁନର୍ଗଠନ, ପଦୋନ୍ନତି ସହିତ ବିଭିନ୍ନ ଦଫା ଦାବି ନେଇ ଅବଗତ କରାଯାଇଥିଲେ ବାରମ୍ବାର ମିଥ୍ୟା ପ୍ରତିଶ୍ରୁତି ମିଳୁଛି। ଯାହାକୁ ନେଇ ସଂଘର ସମସ୍ତ କର୍ମକତା ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦ ଆସନ୍ତା ୧୧ରୁ ରାସ୍ତାକୁ ସଂଘ ଓହ୍ଲାଇବ ବୋଲି ସୋମବାର ଆଇଏମଏ ହାଉସଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମିଳିତ ମହାସଂଘର ପକ୍ଷରୁ ଘୋଷଣା କରାଯାଇଛି। ମହାସଂଘର ୨୦ ହଜାରରୁ ଅଧିକ କର୍ମଚାରୀ ରାଜ୍ୟର ତୃଣମୂଳସ୍ତରରେ ସରକାରଙ୍କ ସମସ୍ତ ସ୍ୱାସ୍ଥ୍ୟ ଯୋଜନା ସଫଳ ରୂପାୟନ କରୁଛନ୍ତି। ମା' ଓ ଶିଶୁମାନଙ୍କ ନିୟମିତ ଟିକାକରଣ ସୂଚାରୁ ରୂପେ ସମ୍ପାଦନ କରି ଓଡିଶାରୁ ଶିଶୁ ଓ ମାତୃ ମୃତ୍ୟୁ ହାର କମାଇ ସମଗ୍ର ଦେଶରେ ସୁନାମ ଆଣିବାରେ ଏହି ସ୍ୱାସ୍ଥ୍ୟକର୍ମୀଙ୍କ ଭୂମିକା ପ୍ରଶଂସନୀୟ। ହେଲେ ଦୁଃଖର କଥା, ଏହି କର୍ମଚାରୀଙ୍କ ପ୍ରତି ସରକାର ଚରମ ଅବହେଳା ପ୍ରଦର୍ଶନ କରି ଆସୁଛନ୍ତି। ପୂର୍ବରୁ ଅନେକ ଥର ମହାସଂଘ ଆନ୍ଦୋଳନ ଡାକରା ଦେବା ପରେ ସରକାର ଦାବି ପୂରଣ ଲାଗି ପ୍ରତିଶ୍ରୁତି ଦେଉଥିବାରୁ ଆନ୍ଦୋଳନ ପ୍ରତ୍ୟାହର କରିଛୁ। ଆସନ୍ତା ଏକ ସପ୍ତାହ ମଧ୍ୟରେ କ୍ୟାଡ଼ର୍ ପୁନର୍ଗଠନ ନେଇ ସରକାର ବିଜ୍ଞପ୍ତି ପ୍ରକାଶ ନ କଲେ ଆସନ୍ତା ୧୧ରୁ ମହାସଂଘ ସମସ୍ତ ଅନଲାଇନ କାର୍ଯ୍ୟରୁ ନିବୃତ୍ତ ରହିବ। ସ୍ୱାସ୍ଥ୍ୟକର୍ମୀମାନେ ସାଧାରଣ ଜନତାଙ୍କୁ ସମସ୍ତ ସ୍ୱାସ୍ଥ୍ୟସେବା ଯୋଗାଇବେ କିନ୍ତୁ ଅନଲାଇନ ଡାଟା ଏଣ୍ଟ୍ରି ବନ୍ଦ କରିବେ। ଏଥିପାଇଁ ସରକାର ଦାୟୀ ରହିବେ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି। ଏହି ଖବରଦାତା ସମ୍ମିଳନୀରେ ସଭାପତି ମମତା ନାୟକ, ସାଧାରଣ ସମ୍ପାଦକ ରବୀନ୍ଦ୍ର ପ୍ରଧାନ, ଉପଦେଷ୍ଟା ପ୍ରଦୀପ ପଟ୍ଟନାୟକ, ବିକ୍ରମ ସାହୁ, ପ୍ରଶାନ୍ତ ସାମନ୍ତରାୟ ଏବଂ ବହୁ କର୍ମକର୍ତ୍ତା ଯୋଗଦେଇ ଥିଲେ।



ଜନ୍ମାଷ୍ଟମୀ ଅବ୍ୟବହିତ ପୂର୍ବରୁ ସୋମବାର ପୁରୀ ବଚ୍‌ପନ୍ ପ୍ଲେ ସ୍କୁଲର ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଛନ୍ତି।

# ବାଇକ୍‌କୁ ଧକ୍କା ଦେଲା ଟ୍ରକ, ୨ ମୃତ

ଭୁବନେଶ୍ୱର,୪।୯
(ସୂର୍ଯ୍ୟକାନ୍ତ ବେହେରା)

ଖଣ୍ଡଗିରି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ଆଇଗିଣିଆଠାରେ ସୋମବାର ମାଲ ବୋଝେଇ ଟ୍ରକ୍ ବାଇକ୍‌କୁ ଧକ୍କା ଦେବାରୁ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଆଇଗିଣିଆର ତପନ କୁମାର ସେନାପତି ଓ ଭରତପୁର ଫଲେଶ୍ୱର ବସ୍ତିର ଅମିଲ କୁମାର ପଣ୍ଡା। ସୂଚନାନୁସାରେ ଅନିଲ ଓ ତପନ ବାଇକ୍ ଯୋଗେ ଖଣ୍ଡଗିରିରୁ କସମପଲ୍ଲୀ ଛକ ଦେଇ ଆଇଗିଣିଆକୁ ଯାଉଥିଲେ। ପଛରୁ ଆସୁଥିବା ଏକ ଅଜଣା ଟ୍ରକ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ତଳେ ପଡ଼ିବାରୁ ସେମାନେ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ଆହତ ଯୁବକ ଦ୍ୱୟଙ୍କୁ ଏମସ୍ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହକୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଦୁର୍ଘଟଣା ଘଟାଇଥିବା ଟ୍ରକ ଫେରାର ହୋଇଯାଇଥିଲା। ଦୁର୍ଘଟଣା ପରେ ଅଞ୍ଚଳରେ କିଛି ସମୟ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ସ୍ଥାୟୀ ମାନ୍ୟତା: ତଥ୍ୟ ଦାଖଲ କରିବାକୁ ୨୦୯ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୪।୯(ଅସମାପିକା ସାହୁ)

ରାଜ୍ୟର ୨୦୯ ଘରୋଇ/ସେଲ୍ଫ ଫାଇନାନ୍ସିଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାୟୀ ମାନ୍ୟତା ପାଇଁ ଆବେଦନ କରିଥିଲେ। ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର ଉପଯୁକ୍ତ ତଥ୍ୟ ନ ଥିବାରୁ ଉଚ୍ଚ କ୍ଷମତା ସମ୍ପନ୍ନ କମିଟିରେ ସେମାନଙ୍କ ଆବେଦନକୁ ବିଚାରକୁ ନିଆଯାଇ ନାହିଁ। ସ୍ଥାୟୀ ମାନ୍ୟତା ପ୍ରଦାନ ନିମନ୍ତେ ସର୍ତ୍ତ ଏବଂ ମାନଦଣ୍ଡ ପୂରଣ କରିବା ଆବଶ୍ୟକ, ଯାହାକୁ ଯୁକ୍ତ୨ କଲେଜଗୁଡ଼ିକ ପୂରଣ କରିନାହାନ୍ତି। ତେଣୁ ଆଉଏକ ସୁଯୋଗ ଦେଇଛି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ। ମାନ୍ୟତା ପାଇଁ ତିନିମାସ ମଧ୍ୟରେ ଆବଶ୍ୟକ ଡକ୍ୟୁମେଣ୍ଟ ସହ ରିପୋର୍ଟ କମିଟିରେ ଦାଖଲ କରିବାକୁ ଏହି କଲେଜଗୁଡ଼ିକୁ ଚିଠି ଲେଖି ନିର୍ଦ୍ଦେଶ ଦିଆଯାଇଛି। ନଚେତ୍ ଆଗାମୀ ଶିକ୍ଷାବର୍ଷ ୨୦୨୪-୨୫ରୁ ସ୍ୱୟଂକ୍ରିୟ ଭାବେ ନାମଲେଖା ଉପରେ କଟକଣା ଲାଗୁ ହେବ ବୋଲି କୁହାଯାଇଛି।

# ନ୍ୟାୟ ନ ମିଳିବାରୁ ଆତ୍ମାହୂତି ଉଦ୍ୟମ

## ମିଥ୍ୟା ମାମଲା ରୁଜୁ ଅଭିଯୋଗ

ପୁରୀ, ୪।୯(ଅଜିତ ମହାନ୍ତି)

ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ବ୍ୟକ୍ତି ନିଜ ଦେହରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଆତ୍ମାହୂତି ଉଦ୍ୟମ କରିଛନ୍ତି। ତେବେ ସେଠାରେ ଉପସ୍ଥିତ ଥିବା ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ କାବୁ କରିଛି। ଏଥିସହ ତାଙ୍କ ନିକଟରୁ ଦୁଇଟି ପେଟ୍ରୋଲ ଭର୍ତ୍ତି ବୋତଲ ଜବତ କରାଯାଇଛି।

ଅଭିଯୋଗ ଅନୁଯାୟୀ, ବଳିଆପଣ୍ଡା ଥାନା ଅଧୀନ ବଳିଆପଣ୍ଡା ବସ୍ତିର ନାରାୟଣ ତରେଇ ଶ୍ରମିକ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରିଥାନ୍ତି। ସେ ବଳିଆପଣ୍ଡା ଅଞ୍ଚଳରେ ଜଣଙ୍କ ଘରେ ଭଡ଼ା ରହନ୍ତି। ତେବେ କିଛିଦିନ ହେଲା ତାଙ୍କ ଦେହ ଖରାପ ହୋଇଥିବାରୁ ସେ ମେଡିକାଲରେ ରହିଥିଲେ। ଏହି ସମୟରେ ତାଙ୍କ ଘର ମାଲିକ ତାଙ୍କୁ ହଠାତ୍ ଘର ଛାଡ଼ିବା ପାଇଁ କହିଥିଲେ। ମାତ୍ର ସେ କିଛିଦିନ ସମୟ ମାଗିଥିଲେ। ତେବେ ଘର ମାଲିକ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ନାବାଳିକା ଝିଅକୁ ମାଡ଼ ମାରିଥିଲେ। ଏପରିକି ତାଙ୍କ ନାମରେ ଥାନାରେ ଏତଲା ଦେଇଥିଲେ। ପୋଲିସ ତାଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରିବା ସହ ଘର ଖାଲିକରିବାକୁ କହି ତାଙ୍କ ଜିନିଷପତ୍ର ଫିଙ୍ଗିଦେଇଥିଲା। ଏନେଇ ତରେଇ ବାରମ୍ବାର ପୋଲିସ ଓ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସିଥିଲେ ମଧ ତାଙ୍କୁ ନ୍ୟାୟ ମିଳି ନ ଥିଲା। ଫଳରେ ସେ ନିରାଶ ହୋଇ ତାଙ୍କ ଝିଅ ସହ ଆତ୍ମାହୂତି କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ସେହି ଅନୁଯାୟୀ, ବାପ ଝିଅ ସୋମବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ଆସିଥିଲେ। ତରେଇ ଦେହରେ କିରୋସିନି ଢ଼ାଳିହୋଇ ନିଆଁ ଲଗାଇବାକୁ ଯାଉଥିବାବେଳେ ପୋଲିସ ତାଙ୍କୁ କାବୁ କରିଥିଲା। ତାଙ୍କୁ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ନେଇ ବୁଝାଶୁଝା କରିବା ପରେ ଛାଡ଼ିଥିଲା।



ନାରାୟଣ ତରେଇ




ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ଦୀପ୍ତିସ୍‌ଚନ୍ଦ୍ର



@ ଜ୍ଞାନରଞ୍ଜନ



@ ସତ୍ୟ



@ ନିକିତା



@ ଆଶିଷ



@ ସ୍ମାରକ



@ କାଇରା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।





ଭୁବନେଶ୍ୱର ଗାଡ଼କଣ ଶବର ସାହି ଶ୍ମଶାନ ଖେଳପଡ଼ିଆର ସୁରକ୍ଷା, ସୈନିକ ସ୍କୁଲ ନିକଟରୁ ଡମ୍ପିଂୟାର୍ଡ ହଟାଇବା ଆଦି ଦାବି ନେଇ ସୋମବାର ବିଏମ୍‌ସି ଜୋନ୍ ଅଫିସ ସମ୍ମୁଖରେ ବିକ୍ଷୋଭ।

# ଶ୍ରୀଗୁରୁ ଭାଗବତର ମାଲାୟାଲମ ସଂସ୍କରଣ ଉନ୍ମୋଚିତ

## ୧୭ ଭାଷାରେ ପ୍ରକାଶିତ ହେଲାଣି କାବ୍ୟଗ୍ରନ୍ଥ

ଭୁବନେଶ୍ୱର,୪।୯ (ଅନୁରାଧା ମହାରଣା)



ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ଦ୍ୱାରା ରଚିତ ପବିତ୍ର କାବ୍ୟଗ୍ରନ୍ଥ 'ଶ୍ରୀଗୁରୁ ଭାଗବତ' ମାଲାୟାଲମ ଭାଷାରେ ପ୍ରକାଶିତ ହୋଇଛି। ସୋମବାର ନୂଆଦିଲ୍ଲୀସ୍ଥିତ ଗୁରୁଗ୍ରାମର ସାଇ କା ଆଙ୍ଗନଠାରେ ଡ. ଶତପଥୀ ଏହି ଅନୂଦିତ ସଂସ୍କରଣକୁ ଉନ୍ମୋଚନ କରିଛନ୍ତି। କାର୍ଯ୍ୟକ୍ରମରେ କେରଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ମୂଳ ଓଡ଼ିଆ ଭାଷାରେ ୮ଟି ଖଣ୍ଡରେ ୩୪ ହଜାର ଧାଡ଼ି ସମ୍ବଳିତ 'ଶ୍ରୀଗୁରୁ ଭାଗବତ'ର କିଛି ଖଣ୍ଡ ୧୬ଟି ପ୍ରାନ୍ତୀୟ ଭାଷାରେ ଅନୁବାଦିତ ହୋଇସାରିଛି। ସପ୍ତଦଶ ଭାଷା ରୂପେ ଏହା ଏବେ ମାଲାୟାଲମରେ ପ୍ରକାଶିତ ହେଲା ବୋଲି ଡ. ଶତପଥୀ କହିଛନ୍ତି। ମାଲାୟାଲମ ଭାଷାର ବିଦ୍ୱାନ ଡ. ଟିଭି ମୁରଲୀବଲ୍ଲଭମ ଏହାର ଅନୁବାଦ କରିଛନ୍ତି। ଡ. ସିବିଶତପଥୀ କଲଚରାଲ ଫାଉଣ୍ଡେଶନ ଏବଂ କେରଳସ୍ଥିତ ଶ୍ରୀଗୁରୁ ଭାଗବତ ଟ୍ରଷ୍ଟ ପକ୍ଷରୁ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅନୁବାଦ ଓ ପ୍ରକାଶନରେ ରେଣୁକା ଅରୁଣ ସହଯୋଗ କରିଥିଲେ। ନୃତ୍ୟଶିଳ୍ପୀ ଆହନା ମୋହିନୀଅଟ୍ଟମ୍ ପରିବେଷଣ କରିଥିଲେ।

# ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ଘରେ ସେକ୍ସ ର୍ୟାକେଟ, ଜଣେ ଗିରଫ

**ଭବାନୀପାଟଣା,୪।୯(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ରାମନଗର ପଡ଼ାରେ ରବିବାର ସନ୍ଧ୍ୟାରେ ସ୍ଥାନୀୟ ପୋଲିସ ଏକ ଘରୁ ସେକ୍ସ ର୍ୟାକେଟ ଠାବ କରିଥିଲା। ଠାବ ହୋଇଥିବା ଘର ଜଣେ ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ବୋଲି ଜଣାପଡିଛି। ଯାହାକି ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ସେକ୍ସ ର୍ୟାକେଟରେ ୨ଜଣ ବଙ୍ଗୀୟ ଯୁବତୀ ସହ ଜଣେ ଯୁବକ ଧରାପଡ଼ିଥିଲେ। ସୋମବାର ଏହି ଘଟଣାରେ ସ୍ଥାନୀୟ ଟିଭି ସେଣ୍ଟର ପଡ଼ାର ବିବେକ ବିଶୋଇ ଓରଫ୍ ବିଟୁ ନାମକ ଜଣେ ଯୁବକଙ୍କୁ ଭବାନୀପାଟଣା ଟାଉନ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ରବୀନ୍ଦ୍ର ନାଥ ଆରୁଖ ନିଜ ଘରକୁ ସ୍ଥାନୀୟ ଟିଭି ସେଣ୍ଟର ପଡ଼ାର ବିବେକ ବିଶୋଇଙ୍କୁ ଭଡ଼ା ଦେଇଥିଲେ। ବିବେକ ଉକ୍ତ ଘରେ ବଙ୍ଗୀୟ ଯୁବତୀ ରଖି ସେକ୍ସ ର୍ୟାକେଟ ଚଳାଉଥିବା ଅଭିଯୋଗ ହୋଇଥିଲା। ରବିବାର ସନ୍ଧ୍ୟାରେ ଟାଉନ ଥାନା ପୋଲିସ ଚଢ଼ାଉ କରି ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖିଥିଲା। ଟାଉନ ଥାନା ପୋଲିସ ଏକ ମାମଲା (ନଂ.୨୯୯/୨୩) ରୁଜୁ କରିଛି। ଏହି ଘଟଣାରେ ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ସଦର ଏସ୍‌ଡିପିଓ ସୁନାରାମ ହେମ୍ବ୍ରମ କହିଛନ୍ତି।

# ଘରୋଇ ସହାୟିକାଙ୍କ ହାତରେ ସଫେଇ ଦାୟିତ୍ୱ

## ଏସ୍‌ଏମ୍‌ସିର ଅଭିନବ ପ୍ରୟାସ

**ସମ୍ବଲପୁର,୪।୯(ଶୁଭାଶିଷ ପାଢ଼ୀ)**

ବର୍ଜ୍ୟବସ୍ତୁ ପରିଚାଳନା ନେଇ ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) ପୂର୍ବରୁ ଅନେକ ପ୍ରକ୍ରିୟା ଆପଣେଇଛି। ପ୍ରଚାରପତ୍ର ବାଣ୍ଟିବା ସହ ବିଭିନ୍ନ ପଡ଼ାରେ ସଚେତନତା ସୃଷ୍ଟି କରିବା, ମହିଳା ଏସ୍‌ଏଚ୍‌ଜିଙ୍କୁ ସାମିଲକରିବା, ଓଦା ଓ ଶୁଖିଲା ଅଲଗା ସଂଗ୍ରହ ପାଇଁ ଗାଡ଼ିରେ ପୃଥକ୍ କ୍ୟାବିନ କରିବା ଭଳି ପଦକ୍ଷେପ ନେଇଛି। ଏପରି କି ଜରିମାନା ମଧ୍ୟ ଆଦାୟ କରିଛି। ହେଲେ ମଧ୍ୟ ଲୋକେ ଓଦା ଓ ଶୁଖିଲା ଆବର୍ଜନା ମିଶାଇ ଗାଡ଼ିକୁ ଦେଉଛନ୍ତି। ଏହାକୁ ରୋକିବା ପାଇଁ ମହାନଗର ନିଗମ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛି। ପ୍ରତି ୱାର୍ଡରେ ବୈଠକ କରି ଘରୋଇ ସହାୟିକା ଭାବେ କାମ କରୁଥିବା ମହିଳାଙ୍କୁ ସଚେତନ କରୁଛି। ଆବର୍ଜନାକୁ ପୃଥକ୍ କରି ଦେବାରେ ସେମାନଙ୍କ ଭୂମିକା ପ୍ରଥମେ ଆସୁଛି। ସହରର ଅଧିକାଂଶ ଘରେ ମହିଳା ସହାୟିକା କାମ କରୁଛନ୍ତି। ତେଣୁ ସେମାନଙ୍କ ହାତରେ ସଫେଇ ଦାୟିତ୍ୱ ଦିଆଯାଇଛି ବୋଲି ଏସ୍‌ଏମ୍‌ସି ପକ୍ଷରୁ କୁହାଯାଇଛି।

ଏସ୍‌ଏମ୍‌ସିର ଏନ୍‌ଫୋର୍ସମେଣ୍ଟ ଅଫିସର ଶୁଭଙ୍କର ମହାନ୍ତି କହିଛନ୍ତି, ଦ୍ୱାରରୁ ଦ୍ୱାର ପର୍ଯ୍ୟନ୍ତ ଅଳିଆ ଆବର୍ଜନା ସମଗ୍ର ସହରକୁ ବିସ୍ତାର କରିସାରିଛି। ଅନେକ ପରିବାର ବର୍ଜ୍ୟବସ୍ତୁ ପୃଥକ୍ ନ କରି ସଫେଇ ଯାନକୁ ହସ୍ତାନ୍ତର ଜାରି ରଖିଛନ୍ତି। ତେଣୁ ଘରୋଇ ସହାୟିକା, ଯେଉଁମାନେ ଘରର ବର୍ଜ୍ୟବସ୍ତୁ ପରିଚାଳନା କରନ୍ତି ସେମାନଙ୍କୁ ନେଇ ଏସ୍‌ଏମ୍‌ସି କାର୍ଯ୍ୟକ୍ରମ ଆରମ୍ଭ କରିଛି। ଅଧିକନ୍ତୁ, ନାଗରିକ ସଂସ୍ଥା ପରିବାରଗୁଡ଼ିକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଛି। ଏସ୍‌ଏମ୍‌ସିର ଯାନବାହନକୁ ଦେବା ପୂର୍ବରୁ ବର୍ଜ୍ୟବସ୍ତୁ ପୃଥକ୍ କରୁଥିବା ଘରଗୁଡ଼ିକ ସବୁଜ ବର୍ଗରେ ଥିବାବେଳେ ଏହାକୁ ଆବଣ୍ଟନ ନ କରି ବର୍ଜ୍ୟବସ୍ତୁ ଦେଉଥିବା ଘରଗୁଡିକ କମଳା ବର୍ଗ ଓ ଆବର୍ଜନା ଦେଉ ନ ଥିବା ଘରଗୁଡିକ ଲାଲ ବର୍ଗରେ ରହିଛି। ଏସ୍‌ଏମ୍‌ସି କର୍ମଚାରୀ ସମ୍ପୃକ୍ତ ଘର ବାହାରେ ସବୁଜ, କମଳା ଓ ଲାଲ ରଙ୍ଗର ଷ୍ଟିକର ଲଗାଉଛନ୍ତି। ଏପରି କି ସ୍କୁଲ ଛାତ୍ର ଓ ଆବାସିକ ସମାଜ ମଧ୍ୟରେ ସଚେତନତା ସୃଷ୍ଟି ସହ ଏସ୍‌ଏମ୍‌ସି ଗାଡ଼ିରେ ଦେବା ପୂର୍ବରୁ ବର୍ଜ୍ୟବସ୍ତୁକୁ ପୃଥକ୍ କରିବାକୁ ନିବେଦନ କରୁଛନ୍ତି ବୋଲି ମହାନ୍ତି କହିଛନ୍ତି।

ସୂଚନାଯୋଗ୍ୟ, ବ୍ୟାଟେରିଚାଳିତ ଯାନ ସମେତ ପ୍ରାୟ ୧୪୦ଟି ଯାନ ଲୋକଙ୍କ ଦ୍ୱାରରୁ ବର୍ଜ୍ୟବସ୍ତୁ ସଂଗ୍ରହରେ ନିୟୋଜିତ ହୋଇଛି। ଏସ୍‌ଏମ୍‌ସି ଦ୍ୱାରା ନିୟୋଜିତ ଯାନଗୁଡିକ ପରିବାରରୁ ଉତ୍ପାଦିତ ବର୍ଜ୍ୟବସ୍ତୁକୁ ପରିଚାଳନା କେନ୍ଦ୍ରକୁ ଆଣିଥାଏ। ସଂଗୃହୀତ କେନ୍ଦ୍ରରେ ଉକ୍ତ ବର୍ଜ୍ୟକୁ କମ୍ପୋଷ୍ଟରେ ପରିଣତ କରାଯାଇଥାଏ। ଅନ୍ୟପକ୍ଷେ ପଚିଶଢ଼ି ଯାଉ ନ ଥିବା ବର୍ଜ୍ୟବସ୍ତୁକୁ ଏମ୍‌ଆର୍‌ସି (ମ୍ୟାଟେରିଆଲ ରିକଭରି ସେଣ୍ଟର)କୁ ଅଣାଯାଏ। ସେଠାରୁ ସ୍କ୍ରାପ୍ ଡିଲର ପୁନଃ ବ୍ୟବହାର ଯୋଗ୍ୟ ବର୍ଜ୍ୟବସ୍ତୁ ସଂଗ୍ରହ କରନ୍ତି। ପୁନଃ ବ୍ୟବହାରଯୋଗ୍ୟ ହେଉ ନ ଥିବା ବର୍ଜ୍ୟବସ୍ତୁକୁ ସିମେଣ୍ଟ କାରଖାନାକୁ ପଠାଯାଏ, ଯେଉଁଠାରେ ଏହା ଇନ୍ଧନ ଭାବରେ ବ୍ୟବହୃତ ହୁଏ। ଏମ୍‌ସିସି(ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର)ରେ ବର୍ଜ୍ୟବସ୍ତୁ ପୃଥକ୍ କରିବା ଜରୁରୀ ବୋଲି ମହାନ୍ତି କହିଛନ୍ତି।



ବର୍ଜ୍ୟବସ୍ତୁ ପରିଚାଳନା ନେଇ ସଚେତନତା କାର୍ଯ୍ୟକ୍ରମ।

# ଝିଅ ମୃତ୍ୟୁ ପରେ ୫ ଲକ୍ଷ ସଞ୍ଚୟ ଟଙ୍କା ରେଡ୍‌କ୍ରସକୁ ଦେଲେ ମା’



ରଶ୍ମିତା ନବରଙ୍ଗପୁର ଜିଲାପାଳଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

**ନବରଙ୍ଗପୁର,୪।୯(ସଦାଶିବ ପ୍ରହରାଜ)**

## ଝିଅ ଭବିଷ୍ୟତ ପାଇଁ ଟଙ୍କା ସଞ୍ଚୟ କରିଥିଲେ

ଝିଅ ପାଠ ପଢ଼ିବ, ବଡ଼ ମଣିଷ ହେବ। ଏହି ଆଶାରେ ଟଙ୍କା ସଞ୍ଚିଥିଲେ। କିନ୍ତୁ ଝିଅର ଅକାଳ ବିୟୋଗ ପରେ ତାଙ୍କ ଭବିଷ୍ୟତ ପାଇଁ ରଖିଥିବା ଟଙ୍କାକୁ ରେଡ୍‌କ୍ରସକୁ ଦେଇ ମହାନତାର ପରିଚୟ ଦେଇଛନ୍ତି ମୃତକଙ୍କ ମା’। ସୋମବାର ନବରଙ୍ଗପୁର ପୌର କାର୍ଯ୍ୟାଳୟରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଚାଲିଥିବାବେଳେ ପାପଡାହାଣ୍ଡି ବ୍ଲକ ଚନ୍ଦନପାଲା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ରଶ୍ମିତା ସେଠୀ ସେଠାରେ ପହଞ୍ଚି ୫ ଲକ୍ଷ ଟଙ୍କାର ଚେକ୍ ଜିଲାପାଳ କମଳଲୋଚନ ମିଶ୍ରଙ୍କୁ ଦେଇଛନ୍ତି। ଏହି ସମୟରେ ଏସ୍‌ପି ଏସ୍. ସୁଶ୍ରୀ ମଧ୍ୟ ସେଠାରେ ଉପସ୍ଥିତ ଥିଲେ।

ଶିକ୍ଷୟିତ୍ରୀ ରଶ୍ମିତା ଓ ଶିକ୍ଷକ ଅରକ୍ଷିତ ପାତିକାଙ୍କ ଏକମାତ୍ର ଝିଅ ବିଦ୍ୟାମୟୀ ପାତିକା। ସେ ସପ୍ତମ ଶ୍ରେଣୀରେ ପଢୁଥିବାବେଳେ ୨୦୨୩ ମାର୍ଚ୍ଚ ୩୧ରେ ପ୍ରାଣ ହରାଇଥିଲେ। ବିଦ୍ୟାମୟୀ ସିକଲସେଲରେ ପୀଡ଼ିତ ଥିଲେ। ବିଦ୍ୟାମୟୀ ପ୍ରଥମରୁ ଶିଶୁ ମନ୍ଦିରରେ ପଢୁଥିବାବେଳେ ଚଳିତ ବର୍ଷ ନବରଙ୍ଗପୁର ଆର୍‌ସିଡି ହାଇସ୍କୁଲରେ ନାମ ଲେଖାଇଥିଲେ। ଭଲ ପଢୁଥିବାରୁ ୩ୟ ଓ ୫ମ ଶ୍ରେଣୀରେ ସ୍କଲାରଶିପ ପାଇଥିଲେ। ଉକ୍ତ ଟଙ୍କା ସହ ତାଙ୍କ ମୃତ୍ୟୁ ପରେ ସୁକନ୍ୟା ଯୋଜନାରେ ଥିବା ୨ଲକ୍ଷ ଓ ବୀମା ଟଙ୍କା ଆଦି ମିଶି ୫ ଲକ୍ଷ ବିଦ୍ୟାମୟୀଙ୍କ ପରିବାରକୁ ମିଳିଥିଲା। ଉକ୍ତ ଟଙ୍କା ଝିଅ ଭବିଷ୍ୟତ ପାଇଁ ଥିଲା। ତାଙ୍କ ମୃତ୍ୟୁ ପରେ ଏହି ଟଙ୍କା ଅସହାୟ, ଗରିବ, ଦୁଃଖୀଙ୍କ କାମରେ ଲାଗିଲେ ଖୁସିହେବେ ବୋଲି ରଶ୍ମିତା କହିଛନ୍ତି। ଝିଅର ମୃତ୍ୟୁ ପରେ ଜଣେ ମର୍ମାହତ ମାଆର ବଦାନ୍ୟତା, ଅନ୍ୟଙ୍କ ପ୍ରତି ରହିଥିବା ସହାନୁଭୂତି ମନୋଭାବକୁ ବିଭିନ୍ନ ସ୍ତରରୁ ପ୍ରଶଂସା କରାଯାଇଛି।

# ୬ ମାଓବାଦୀ ଗିରଫ, ୮ ଜଣଙ୍କ ଆତ୍ମସମର୍ପଣ

## ସୀମାନ୍ତରେ ପୋଲିସ, ସିଆର୍‌ପିଏଫ୍‌ର ତଲାସି

**ମାଲକାନଗିରି,୪।୯(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଦାନ୍ତେୱାଡା ଜିଲାରେ ସୋମବାର ୬ଜଣ ମାଓବାଦୀଙ୍କୁ ପୋଲିସ ଓ ସିଆରପିଏଫ୍ ଯବାନ ଗିରଫ କରିଥିବା ବେଳେ ଦାନ୍ତେୱାଡା ପୋଲିସ ନିକଟରେ ୮ଜଣ ଆତ୍ମସମର୍ପଣ କରିଛନ୍ତି। ଗିରଫମାନେ ହେଲେ ମୁନ୍ନା ବରସା,ମଙ୍ଗୁଲି ପୁନେମ୍, ରବା, ମୁକା, ହିଡମା ଓ ମାଡବୀ ଭୀମା। ଆତ୍ମସମର୍ପଣ କରିଥିବା ୮ଜଣ ହେଲେ ମଙ୍ଗଡୁ, କୁମାରୀ ଲଖମେ, କେସା ରାମ ମାଣ୍ଡବି, ହିଡମା ମୁଚାକି, ବେଟୀ ମୁଚାକି, କୋସି ମାଡକାମି, ଦେବେ ମାଡକାମି ଓ ମଙ୍ଗଡୁ ସୋଡି।

ସୂଚନାଯୋଗ୍ୟ, ମାଓବାଦୀ ଦମନ ଅଭିଯାନରେ(ଘର ୱାପ୍‌ସି)ରେ ୨ଜଣଙ୍କ ନାମରେ ପୁରସ୍କାର ଘୋଷିତ ହୋଇଥିଲା। ଜଣଙ୍କ ନାଁରେ ୫ ଲକ୍ଷର ପୁରସ୍କାର ଘୋଷଣା କରାଯାଇଥିବା ମୁନ୍ନା ବରସାଙ୍କୁ ଗିରଫ କରାଯାଇଛି। ସେ ପ୍ଲାଟୁନ ନଂ.୧୩ (ପିପିସିଏମ୍)ରେ କାମ କରୁଥିଲେ। ଏଥିସହ ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା ହୋଇଥିବା ମହିଳା ମାଓବାଦୀ ମଙ୍ଗୁଲି ପୁନେମ୍‌ଙ୍କୁ ମଧ୍ୟ ଗିରଫ କରାଯାଇଛି। ମଙ୍ଗୁଲି ଗଙ୍ଗାଲୁର ମାଟବାଡା(ଏଲ୍‌ଓଏଏସ୍)ର ସଦସ୍ୟ ଥିଲେ। ଏଥିସହ ସେ ଅରନପୁର ଥାନା ଅଞ୍ଚଳରେ କୋମ୍ବିଂ ବେଳେ ଆଉ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ରବା, ମୁକା, ହିଡମା ଓ ମାଡବୀ ଭୀମା। ଏହି ୪ ଜଣଙ୍କ ନାମରେ ପୂର୍ବରୁ ଅରନପୁର ଥାନାରେ ବିଭିନ୍ନ ମାମଲା ରହିଛି। ୬ ଜଣଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।

ପ୍ରକାଶ ଯେ, ଗିରଫ ମହିଳା ମାଓବାଦୀ ମଙ୍ଗୁଲି ପୁନେମ୍ କହିଛନ୍ତି, ସେ ରେଳ ଲାଇନ୍ ଉଡାଇବା ସହ ବିଭିନ୍ନ ବଡ଼ ବଡ଼ ମାଓବାଦୀ ହିଂସାକାଣ୍ଡରେ ଜଡିତ ଥିଲେ। ଏହି ୨ ମାଓବାଦୀଙ୍କଠାରୁ ୩ ଡିଟୋନେଟର,୨ ଜିଲୋଟିନ୍ ରଡ୍, କୋଡେକ୍ସ ତାର ଓ ନଗଦ ୫୪,୬୫୦ ଟଙ୍କା ଜବତ କରାଯାଇଛି।

ସେହିପରି ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରୁ ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା ହୋଇଥିବା ମାର୍ଜୁମ ମିଲିସିୟା କମାଣ୍ଡର ମଙ୍ଗଡୁ, ମହିଳା ମାଓବାଦୀ ଟେଟମ୍ ପଞ୍ଚାୟତର କେଏଏମ୍‌ଏସ୍ ଅଧ୍ୟକ୍ଷା କୁମାରୀ ଲଖମେଙ୍କ ସହ କଟକଲ୍ୟାଣ ଥାନା ଅଞ୍ଚଳ ମାର୍ଜୁମ ପଞ୍ଚାୟତ କୃଷି ଶାଖା ଅଧ୍ୟକ୍ଷ କେସା ରାମ ମାଣ୍ଡବି, ହିଡମା ମୁଚାକି, କେଟରୁମ କମିଟି ଉପାଧ୍ୟକ୍ଷ ବେଟୀ ମୁଚାକି, କୋସି ମାଡକାମି ଏବଂ ଦେବେ ମାଡକାମ ରହିଛନ୍ତି। ତେବେ ଆତ୍ମସମର୍ପଣ କରିଥିବା ଏହି ୮ ଜଣ ରାସ୍ତା ଖୋଳି ଯାତାୟାତ ବନ୍ଦ ଓ ବ୍ୟାନର ପୋଷ୍ଟର ଲଗାଇବା ସହ ଅନ୍ୟ ମାଓବାଦୀଙ୍କ ଗତିବିଧିରେ ସାମିଲ ଥିବା ସୂଚନା ମିଳିଛି।

# ୫ ବର୍ଷ ପରେ ପହଞ୍ଚିଲା ୧ ହଜାର ଟଙ୍କାର ମନି ଅର୍ଡର

**ଅସ୍ତରଙ୍ଗ,୪।୯(ମମତା ଜେନା)**

ଭାରତ ବର୍ଷରେ ଟଙ୍କା ପ୍ରେରଣ ଏବଂ ପତ୍ର ବିନିମୟର ମୁଖ୍ୟ ସୁରକ୍ଷିତ ବ୍ୟବସ୍ଥା ହେଲା ଭାରତୀୟ ଡାକ ବିଭାଗ। କିନ୍ତୁ ସେହି ବିଭାଗରେ ଟଙ୍କା ପଠେଇ ସାରିଲା ପରେ ଯଦି ସେ ଟଙ୍କା ଠିକଣା ଜାଗାରେ ନ ପହଞ୍ଚି ବର୍ଷ ବର୍ଷ ଧରି ଡାକ ବିଭାଗରେ ପଡ଼ି ରହିବ, ତାହାଲେ ଡାକ ବିଭାଗ ଉପରୁ ସାଧାରଣ ଜନତାଙ୍କ ଆସ୍ଥା ତୁଟିଯିବ। ଏଥିସହ ଯେଉଁ କାର୍ଯ୍ୟ ପାଇଁ ଟଙ୍କା ପ୍ରେରଣ ହୋଇଥିଲା ସେ କାର୍ଯ୍ୟରେ ବି ବାଧା ସୃଷ୍ଟି ହେବା ସ୍ୱାଭାବିକ। ସେହିପରି ଏକ ଘଟଣା ଅସ୍ତରଙ୍ଗ ବ୍ଲକ ପାଟଳଦା ପଞ୍ଚାୟତ ଆଦିକନ୍ଦପୁର ଗ୍ରାମର ସୁଧୀର କରଙ୍କ ସହ ଘଟିଥିବା ଜଣାପଡିଛି। ସୂଚନା ମୁତାବକ, ୨୦୧୮ ଅଗଷ୍ଟ ୨୪ରେ ଚନ୍ଦନପୁର ସବ୍‌ପୋଷ୍ଟ ଅଫିସରେ ବୀରନରସିଂହପୁର ଗ୍ରାମର ପ୍ରକାଶ ରଥ ୧ ହଜାର ଟଙ୍କା ସୁଧୀର କରଙ୍କ ପାଖକୁ ମନି ଅର୍ଡର ମାଧ୍ୟମରେ ପଠେଇଥିଲେ, ଯାହାର ଇଏମ୍‌ଓ ନଂ. ୦୬୭୪୩୩୫୦୮୭୫୨୪୧୦୧୦। କିନ୍ତୁ ବିଡମ୍ବନାର ବିଷୟ ସେ ଟଙ୍କା ଠିକଣା ଜାଗାରେ ପହଞ୍ଚି ନ ଥିଲା। କ’ଣ ପାଇଁ ଟଙ୍କା ପହଞ୍ଚିଲାନି ବୋଲି ଡାକଘରେ ପଚାରିବାରୁ ସେଠୁ କିଛି ସନ୍ତୋଷଜନକ ଉତ୍ତର ମିଳିପାରି ନ ଥିଲା। କିନ୍ତୁ ୫ ବର୍ଷ ପରେ ୨୦୨୩ ସେପ୍ଟେମ୍ବର ୪ରେ ମନିଅର୍ଡର ଆସି ପହଞ୍ଚିଛି। କେଉଁ କାରଣରୁ ଏବଂ କାହାର ଅବହେଳାରୁ ଏମିତି ଅବହେଳା ହୋଇଛି ତାହା ଜଣାପଡିନି।

# ଏଚ୍‌ଏସ୍‌ସିଏଲର ୨ ଇଞ୍ଜିନିୟର ଗିରଫ

## ନିମ୍ନମାନର ହଷ୍ଟେଲ ନିର୍ମାଣ ଘଟଣା

**ସୋନପୁର,୪।୯(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାରେ ୪ଟି ନିମ୍ନମାନର ଅନୁସୂଚିତ ଜାତି(ଏସ୍‌ସି) ହଷ୍ଟେଲ ନିର୍ମାଣରେ ସରକାରୀ ଟଙ୍କା ତୋଷରପାତ ହୋଇଥିଲା। ଅଭିଯୋଗ ପରେ ଭିଜିଲାନ୍ସ ଏହାର ତଦନ୍ତ କରୁଥିଲା। ଏହି ଘଟଣାରେ ମେସର୍ସ ହିନ୍ଦୁସ୍ତାନ ଷ୍ଟିଲୱାର୍କ୍ସ କନ୍‌ଷ୍ଟ୍ରକଶନ ଲିଃ(ଏଚ୍‌ଏସ୍‌ସିଏଲ)ର ସିନିୟର ସାଇଟ୍ ଇଞ୍ଜିନିୟର ସୌରଭ ଦେ ଓ ସାଇଟ୍ ଇଞ୍ଜିନିୟର ସପ୍ତର୍ଷି ଗୋସ୍ୱାମୀଙ୍କୁ ଭିଜିଲାନ୍ସ ସୋମବାର ଗିରଫ କରିଛି। ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ଟିମ୍ ସକାଳେ ଏଚ୍‌ଏସ୍‌ସିଏଲର ଅଫିସ ଓ ଗିରଫ ହୋଇଥିବା ୨ ଅଧିକାରୀଙ୍କ ବାସଭବନରେ ଯାଞ୍ଚ କରିଥିଲା। ରାତିରେ ଇଞ୍ଜିନିୟର ଦେ ଓ ଗୋସ୍ୱାମୀଙ୍କୁ ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବଲାଙ୍ଗୀର ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ଅଗଷ୍ଟ ୨୮ରେ ଫେରାର ଥିବା ପ୍ରଥମ ଶ୍ରେଣୀ ଠିକାଦାର ବଲାଙ୍ଗୀର ଜିଲାର ବିଜୟ କୁମାର ଅଗ୍ରୱାଲ ଓ ତାଙ୍କ ପାୱାର ଅଫ୍ ଆଟର୍ନି ହୋଲ୍ଡର ତଥା ପୁଅ ଦୀପକ କୁମାର ଅଗ୍ରୱାଲ ଭିଜିଲାନ୍ସ ଦ୍ୱାରା ରାଉରକେଲାରୁ ଗିରଫ ହୋଇଥିଲେ।



ଗିରଫ ଇଞ୍ଜିନିୟର ସୌରଭ ଦେ ଓ ସାଇଟ୍ ଇଞ୍ଜିନିୟର ସପ୍ତର୍ଷି ଗୋସ୍ୱାମୀ।

ଭୁବନେଶ୍ୱର ଆଇଆରସି ଭିଲେଜରେ ଥିବା କେନ୍ଦ୍ର ସରକାରଙ୍କ ପିଏସୟୁ ମେସର୍ସ ହିନ୍ଦୁସ୍ତାନ ଷ୍ଟିଲୱାର୍କ୍ସ କନ୍‌ଷ୍ଟ୍ରକସନ ଲିଃ(ଏଚ୍‌ଏସ୍‌ସିଏଲ) ନାମକ ଠିକାସଂସ୍ଥାକୁ ୨୦୧୭-୧୮ରେ କେବିକେ ଜିଲା ପାଇଁ ସ୍ୱତନ୍ତ୍ର ରିଭାଇଜ୍‌ଡ ଲଙ୍ଗ ଟର୍ମ ଆକ୍ସନ ପ୍ଲାନ(ଆରଏଲ୍‌ଟିଏପି) ଯୋଜନାରେ ହଷ୍ଟେଲ ନିର୍ମାଣ ପାଇଁ ରାଜ୍ୟ ସରକାର ଦାୟିତ୍ୱ ଦେଇଥିଲେ। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଏଚ୍‌ଏସସିଏଲ ସହିତ ଚୁକ୍ତିନାମା କରିଥିଲା। ଏଚ୍‌ଏସ୍‌ସିଏଲ ଦ୍ୱାରା ନିଯୁକ୍ତ ଠିକାଦାର ସୁବର୍ଣ୍ଣପୁର ଜିଲାର ମୁକୁନ୍ଦପୁର, ଅସୁରମୁଣ୍ଡା, ବଡଭଇଁରୋ ଓ କୁଞ୍ଜାପାଲି ଆଶ୍ରମ ସ୍କୁଲରେ ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ନିର୍ମାଣ କରିଥିଲେ।

## ପୂର୍ବରୁ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ ଠିକାଦାର ବାପପୁଅ

ଗତ ଜୁଲାଇ ୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ.ପାଣ୍ଡିଆନ ମୁକୁନ୍ଦପୁର ଆଶ୍ରମ ସ୍କୁଲ ପରିଦର୍ଶନ ସମୟରେ ହଷ୍ଟେଲର ନିମ୍ନମାନର କାମ ତାଙ୍କ ଦୃଷ୍ଟିକୁ ଆସିଥିଲା। ସମ୍ପୃକ୍ତ ଠିକାସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ରାୟ ଗତ ଜୁଲାଇ ୫ ତାରିଖରେ ସମ୍ବଲପୁର ଭିଜିଲାନ୍ସ ଏସ୍‌ପିଙ୍କୁ ପତ୍ର ଲେଖିଥିଲେ। ଭିଜିଲାନ୍ସ ବିଭାଗ ପକ୍ଷରୁ ଉକ୍ତ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତରୁ ଚୁକ୍ତିନାମା ଅନୁଯାୟୀ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ବୈଷୟିକ ଅନୁମୋଦନ ନ ଥାଇ ଏଚ୍‌ଏସ୍‌ସିଏଲ କାମ କରିଥିବା ଓ ଟଙ୍କା ଉଠାଯାଇଥିବା ଜଣାପଡିଥିଲା। ନିର୍ମାଣ ପୂର୍ବରୁ ଭୂତଳ ମାଟିର ଗୁଣବତ୍ତାକୁ ପରୀକ୍ଷା କରା ନ ଯାଇ ହଷ୍ଟେଲ ନିର୍ମାଣ ହୋଇଛି। ପ୍ରକଳ୍ପ ଦାୟିତ୍ୱରେ ଥିବା ଇଞ୍ଜିନିୟର ଠିକ୍ ତଦାରଖ ନ କରି ଠିକାଦାରଙ୍କୁ ବିଲ୍ ପୈଠ କରିଛନ୍ତି। କାମ ଅତ୍ୟନ୍ତ ନିମ୍ନମାନର ଓ ଛାତ ସ୍ଲାବ୍ ଚଉଡ଼ା କମ୍ ଥିବା ଭିଜିଲାନ୍ସ ବିଭାଗ ବୈଷୟିକ ଟିମ୍‌ର ତଦନ୍ତ ସମୟରେ ନଜରକୁ ଆସିଥିଲା। ବୈଷୟିକ ଟିମ୍‌ର ପ୍ରାରମ୍ଭିକ ମୂଲ୍ୟାୟନ ଅନୁଯାୟୀ ହଷ୍ଟେଲ ନିର୍ମାଣରେ ସରକାରଙ୍କ ପ୍ରାୟ ୩୪ ଲକ୍ଷ ୧୪ ହଜାର ୪୯୫ ଟଙ୍କା ତୋଷରପାତ ହୋଇଛି ଏଥିରେ ପ୍ରକଳ୍ପ ଇଞ୍ଜିନିୟର ସହାୟତା କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

# କେନ୍ଦ୍ରାପଡ଼ାରେ ଆଇନିକ ସାକ୍ଷରତା ପାର୍ବଣ ଅନୁଷ୍ଠିତ

**କେନ୍ଦ୍ରାପଡ଼ା,୪।୯(ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ରବିବାର ଆଇନିକ ସାକ୍ଷରତା ପାର୍ବଣ (ଲିଗାଲ ଲିଟେରାସି ଫେଷ୍ଟିଭାଲ୍) ଅନୁଷ୍ଠିତ ହୋଇଯାଇଛି। ଏହି ପାର୍ବଣ ଆୟୋଜନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ଆଇନ ବିଷୟରେ ଅବଗତ କରାଇବା ଏବଂ ଆଇନ ସମ୍ପର୍କରେ ସେମାନଙ୍କୁ ସଚେତନ କରିବା। ଏଥିରେ କେନ୍ଦ୍ରାପଡ଼ା ଜିଲାର ୧୬ ବିଦ୍ୟାଳୟର ଆଇନିକ ସାକ୍ଷରତା କ୍ଲବର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ନାଟକ, ଚିତ୍ରାଙ୍କନ, ପ୍ରବନ୍ଧ ଏବଂ ଭାଷଣ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ନାଟକ ପ୍ରତିଯୋଗିତାରେ ଇଚ୍ଛାପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ କେନ୍ଦ୍ରୀୟ ବିଦ୍ୟାଳୟ, ବାରିମୂଳ, କେନ୍ଦ୍ରାପଡ଼ା ଦ୍ୱିତୀୟ ଓ ବଟିରା ନୋଡାଲ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିଭଳି ଚିତ୍ରାଙ୍କନ, ପ୍ରବନ୍ଧ ଏବଂ ଭାଷଣ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କାର ଗ୍ରହଣ କରିଥିଲେ। ଏଥିରେ ଜିଲା ଏବଂ ଦୌରାଜଜ୍ ବିଶ୍ୱଜିତ୍ ମହାନ୍ତି ସଭାପତିତ୍ୱ କରିଥିବାବେଳେ ବିକାଶ ଚନ୍ଦ୍ର ଦେ, ପରିବାର ଅଦାଲତର ଅତିରିକ୍ତ ଜିଲା ଜଜ୍ ଅଜୟ କୁମାର ପ୍ରଧାନ, ଅତିରିକ୍ତ ଜିଲା ଜଜ୍ ପ୍ରଣତି ପଟ୍ଟନାୟକ, ବରିଷ୍ଠ ଦେୱାନୀ ଜଜ୍ ଅନ୍ନପୂର୍ଣ୍ଣା ନାୟକ, ବରିଷ୍ଠ ଦେୱାନୀ ଜଜ୍ (ଏଲ.ଆର.), ଆଲୋକମୟୀ ପ୍ରଧାନ, ରେଜିଷ୍ଟ୍ରାର, ରମାଦେବୀ ସୋରେନ, ଅତିରିକ୍ତ ଦେୱାନୀ ଜଜ୍ ସ୍ନିଗ୍ଧା ପଣ୍ଡା, କନିଷ୍ଠ ଦେୱାନୀ ଜଜ୍ କୁମାର ସ୍ୱନ୍ଦନ, ସବ୍‌ଡିଭିଜନାଲ ଜୁଡିସିଆଲ ମାଜିଷ୍ଟ୍ରେଟ୍ ଲିପା ପୁଷ୍ପା ଖୁଣ୍ଟିଆ ଏବଂ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଅମିତ କୁମାର ବେହେରା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ।

## ପ୍ରଥମ ପୃଷ୍ଠାରୁ...

### ଚାଉଳ ମିଳିଲାନି,...

ପୋଲିସ ଉପସ୍ଥିତ ଥିଲେ ମଧ୍ୟ ମହିଳାମାନଙ୍କ କବଳରୁ ଯୋଗାଣ ଅଧିକାରୀଙ୍କୁ ଉଦ୍ଧାର କରିପାରି ନ ଥିଲା। ଏପରି କି ପୋଲିସ ଓ ମହିଳାମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଅଳ୍ପସଂଖ୍ୟକ ମହିଳା ପୋଲିସ ଘଟଣାସ୍ଥଳରେ ଥିବାରୁ ସେମାନେ ଶତାଧିକ ମହିଳା ହିତାଧିକାରୀଙ୍କୁ ସାମ୍ନା କରିପାରି ନ ଥିଲେ। ପ୍ରାୟ ଅଧଘଣ୍ଟାରୁ ଅଧିକ ସମୟ ଧରି ଯୋଗାଣ ଅଧିକାରୀ ଉକ୍ତ ମହିଳାମାନଙ୍କ କବ୍‌ଜାରେ ରହିଥିଲେ। ନିକଟସ୍ଥ ଚୂଡ଼ାମଣି ଓ କଷିଆ ସାମୁଦ୍ରିକ ଥାନା ପୋଲିସ ପହଞ୍ଚିବା ପରେ ଯୋଗାଣ ଅଧିକାରୀଙ୍କୁ ଉଦ୍ଧାର କରାଯାଇ ତାଙ୍କୁ ଥାନାକୁ ନିଆଯାଇଥିଲା। ଉତ୍ତେଜନାକୁ ଦୃଷ୍ଟିରେ ରଖି ଚୂଡ଼ାମଣି ଓ କଷିଆ ସାମୁଦ୍ରିକ ଥାନା ପୋଲିସ ଏବଂ ଭଦ୍ରକ ସଦର ଏସ୍‌ଡିପିଓ ସୌରଭ ଓତା ବାସୁଦେବପୁର ଥାନାରେ ପହଞ୍ଚିଥିଲେ। ଆକ୍ରମଣ ସମ୍ପର୍କରେ ଯୋଗାଣ ଅଧିକାରୀ ଦାସଙ୍କ ଅଭିଯୋଗକ୍ରମେ ବାସୁଦେବପୁର ଥାନାରେ ଏକ ମାମଲା (ନଂ.୫୦୫/୨୩) ରୁଜୁ ହୋଇଛି। ଏ ସମ୍ପର୍କରେ ଭାରପ୍ରାପ୍ତ ଥାନା ଅଧିକାରୀ ଏସ୍‌ଆଇ ଜିତେନ୍ଦ୍ର କୁମାର ନାୟକ କହିଛନ୍ତି, ଯୋଗାଣ ଅଧିକାରୀଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି। ପୋଲିସ ଜଣେ ମହିଳାଙ୍କ ସମେତ ୨ଜଣଙ୍କୁ ଅଟକ ରଖିଛି। ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ନାୟକ କହିଛନ୍ତି।

ସୂଚନାଥାଉ କି, କରଞ୍ଜଆଡ଼ିଆ ପଞ୍ଚାୟତର ଚାଉଳ ବଣ୍ଟନ ଦାୟିତ୍ୱରେ ଥିବା ଏସ୍‌ଏଚ୍‌ଜି ବନଦୁର୍ଗାଙ୍କୁ ଯୋଗାଣ ବିଭାଗ ପକ୍ଷରୁ ୨୦୨୩ ଫେବୃୟାରୀ ଓ ମାର୍ଚ୍ଚରୁ ଚାଉଳ ଦିଆଯାଇଥିଲା। ବଣ୍ଟନ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଚାଉଳ ବଣ୍ଟା ହୋଇପାରି ନ ଥିଲା। ଫଳରେ ଚାଉଳ ପୁଣି ଯୋଗାଣ ବିଭାଗ ପାଖକୁ ଫେରିଯାଇଥିବାରୁ ହିତାଧିକାରୀମାନେ ପାଇବାରୁ ବଞ୍ଚିତ ହୋଇଥିବା ଆଲୋଚନାବେଳେ ଯୋଗାଣ ଅଧିକାରୀ କହିଥିଲେ। କିନ୍ତୁ ସମାନ କଥା ପୂର୍ବରୁ ମଧ୍ୟ କୁହାଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଉକ୍ତ ଚାଉଳ ହିତାଧିକାରୀଙ୍କୁ ଦିଆଯାଇ ନ ଥିଲା। ଫଳରେ ମହିଳାମାନେ ଏବେ ଚାଉଳ ଦିଅ ବୋଲି ଅଡ଼ିବସିଥିଲେ। ସେଥିରେ ସେମାନେ ବିଫଳ ହେବାରୁ ଯୋଗାଣ ଅଧିକାରୀଙ୍କୁ ଘୋଷାରି ନେଇ ପିଟିଥିଲେ।

### ମାନବର ପ୍ରଥମ...

ଏହା ସେଠାରେ ପ୍ରାୟ ୫ ନିଯୁତ ବର୍ଷ ଧରି ରହିଥିଲା। ପରେ ଜଳବାୟୁ ପରିବର୍ତ୍ତନ ଓ ଜଙ୍ଗଲ ଅବକ୍ଷୟ ଯୋଗୁ ଆଫ୍ରିକାକୁ ସ୍ଥାନାନ୍ତର ହୋଇଥିଲା। ପ୍ରଫେସର ଡେଭିଡ ଏକଥା ମଧ୍ୟ କହିଛନ୍ତି, ପ୍ରାୟ ୮ ନିଯୁତ ବର୍ଷ ପୂର୍ବେ ଏହି ଆଦିମ ମାନବ ଓ ମାଙ୍କଡ଼ ଶ୍ରେଣୀ ମଧ୍ୟରେ ସାମଞ୍ଜସ୍ୟ ରହିଥିଲା। ପରେ ସମୟାନୁକ୍ରମେ ଭିନ୍ନ ହୋଇଥିଲା। ଶୁଖିଲା ପରିବେଶ ଏବଂ ସେତେବେଳର ଜୀବନଶୈଳୀ ଅନୁସାରେ ମାଙ୍କଡ଼ ମାନଙ୍କ ଓଜନ ୧୧୦ରୁ ୧୩୦ ପାଉଣ୍ଡ ଥାଇପାରେ ବୋଲି ଗବେଷଣାରୁ ଜଣାପଡ଼ିଛି।

### ଚନ୍ଦ୍ରପୃଷ୍ଠରେ ଡେଇଁଲା...

କରିବାରେ ଭାରତ ଚତୁର୍ଥ ଦେଶ ହୋଇଥିବାବେଳେ ଦକ୍ଷିଣ ମେରୁରେ ଅବତରଣରେ ପ୍ରଥମ ଦେଶ ହେବାର ସୌଭାଗ୍ୟ ଅର୍ଜନ କରିଛି। ଇତିମଧ୍ୟରେ ଚନ୍ଦ୍ରୟାନ-୩ର ରୋଭର ପ୍ରଜ୍ଞାନ ଲ୍ୟାଣ୍ଡର ବିକ୍ରମରୁ ବାହାରି ସଫଳତାର ସହ ୧୦୦ ମିଟରରୁ ଅଧିକ ଦୂରତ୍ୱ ଅତିକ୍ରମ କରିଥିବାବେଳେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ଫଟୋ ପୃଥିବୀକୁ ପଠାଇଛି। ଚନ୍ଦ୍ରରେ ରାତି ହୋଇଯିବାରୁ ରୋଭରକୁ ସୁପ୍ତ ଅବସ୍ଥାରେ ରଖାଯାଇଛି। ୨୨ ତାରିଖରେ ପୁନର୍ବାର ସୂର୍ଯ୍ୟୋଦୟ ହେଲେ ରୋଭର ଜାଗ୍ରତ ହୋଇ ବଳକା କାର୍ଯ୍ୟ ସମ୍ପାଦନ କରିବ ବୋଲି ଇସ୍ରୋ ଆଶା ରଖିଛି।

### ଏନ୍‌ଆଇଟି ଛାତ୍ରଙ୍କ...

ଏହାପରେ ହଷ୍ଟେଲ କେୟାର ଟେକର ଓ ଅନ୍ୟ ଛାତ୍ରମାନେ ଦେବମଲୟଙ୍କ ରୁମ୍ କବାଟ ବାଡ଼େଇଥିଲେ। କିଛି ଶବ୍ଦ ନ ହେବାରୁ ଶେଷରେ କବାଟ ଭାଙ୍ଗିବାରୁ ଛାତ୍ର ଜଣଙ୍କ ବେକରେ ଗାମୁଛା ବାନ୍ଧି ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଉଲ୍ଲେଖନୀୟ, ମୃତ ଦେବମଲୟଙ୍କ ରୁମ୍‌ରେ ରହୁଥିବା ଜଣେ ଛାତ୍ର ଗତ ୧ତାରିଖରୁ ସମ୍ବଲପୁରସ୍ଥିତ ନିଜ ଘରକୁ ଯାଇଛନ୍ତି। ଫଳରେ ସେ ଏକାଟିଆ ରହୁଥିଲେ। ସେ କାହା ସହ ମିଳାମିଶା କି କଥାବାର୍ତ୍ତା କରୁ ନ ଥିଲେ। ସମ୍ଭବତଃ ପାଠପଢ଼ାକୁ ନେଇ ସେ ଚାପରେ ରହୁଥିବା ଆଲୋଚନା ହେଉଛି।

### ଆଉ ୩ ଚାଇନା...

୧୪ଟି ସେଲ୍ କମ୍ପାନୀ ଖୋଲିଥିଲେ। କୋଭିଡ୍ ସମୟରେ ଗୁଆଁହୁଆ ତାଙ୍କ ସହଯୋଗୀଙ୍କୁ ନେଇ ଚାଇନା ପଳାଯିବା ସହ ଚିତ୍ରଭେଲ୍‌ଙ୍କ ସହଯୋଗରେ ଭାରତରେ ଏହି ସ୍କାମ୍ ଚଳାଉଥିଲେ। ଗ୍ରାହକମାନଙ୍କୁ ନିର୍ଯାତନା ଦେଉଥିବା ଗ୍ୟାଙ୍ଗକୁ ଚିତ୍ରଭେଲ୍ ହିଁ ପରିଚାଳନା କରୁଥିଲେ। ଏହି ଆପ୍‌ଗୁଡ଼ିକୁ ସରକାର ବ୍ୟାନ୍ କରିବା ପରେ ଚାଇନା ନାଗରିକମାନେ ଅନ୍‌ଲାଇନ୍ ପୋଞ୍ଜି ସ୍କାମ୍ କରି ଲୋକଙ୍କୁ ଫଶାଉଥିଲେ। ଫେକ୍ ଆପ୍‌ଗୁଡ଼ିକ ଦ୍ୱାରା ସେଲିବ୍ରିଟିଙ୍କ ଫଟୋକୁ ବିଜ୍ଞାପନ ରୂପେ ବ୍ୟବହାର କରି ଲୋକଙ୍କୁ ଆକୃଷ୍ଟ କରୁଥିଲେ। ୫ ଟଙ୍କାରୁ ୧୨୫ ଟଙ୍କା, ୨୦ ଟଙ୍କାରୁ ୧୨୮୫ ଟଙ୍କା ମିଳିବ ବୋଲି କୁହାଯାଇ ଅନ୍‌ଲାଇନ୍ ମାଧ୍ୟମରେ ବହୁ ଟଙ୍କା ନେଇଯାଇ ଏହି ଠକ।

### ମଣିପୁରରେ ଅଧିକ...

କହିଛନ୍ତି। ଯଦି କିଛି କରିବାକୁ ଚାହୁଁଛ, ତେବେ ଘଟଣାସ୍ଥଳକୁ ଆସି ବାସ୍ତବତାକୁ ଦେଖ ଏବଂ ସବୁ ସମ୍ପ୍ରଦାୟର ପ୍ରତିନିଧି ଓ କ୍ଷତିଗ୍ରସ୍ତଙ୍କୁ ଭେଟ। ଏହା ପରେ ଯାହା ତଥ୍ୟ ପାଉଛ, ତାକୁ ପ୍ରକାଶ କର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଡିଟର୍ସ ଗିଲ୍ଡରେ ପ୍ରକାଶିତ ଖବର ମିଥ୍ୟା, ମନଗଢ଼ା ଓ ପ୍ରାୟୋଜିତ ବୋଲି ଅଭିଯୋଗକାରୀ ଶରତ କହିଛନ୍ତି। ଅନ୍ୟପକ୍ଷରେ ଇଜିଆଇର ଅଧ୍ୟକ୍ଷ ଏବଂ ଫ୍ୟାକ୍ଟ ଫାଇଣ୍ଡିଂ କମିଟିର ୩ ସଦସ୍ୟଙ୍କ ବିରୋଧରେ ଏତଲାକୁ ଭାରତର ପ୍ରେସ୍ କ୍ଲବ୍ ନିନ୍ଦା କରିଛି। ରାଜ୍ୟରେ ଶାନ୍ତି ସ୍ଥାପନ ଦିଗରେ ପଦକ୍ଷେପ ନେବା ପରିବର୍ତ୍ତେ ଏହା ବାର୍ତ୍ତାବହଙ୍କୁ ଗୁଳି କରିଦେବା ଭଳି। ଇଜିଆଇର ଅଧ୍ୟକ୍ଷ ଓ ସଦସ୍ୟମାନଙ୍କ ବିରୋଧରେ ଥିବା ଏତଲା ପ୍ରତ୍ୟାହାର କରିନେବା ପାଇଁ ପ୍ରେସ୍ କ୍ଲବ୍ ଅଫ୍ ଇଣ୍ଡିଆ ଦାବି କରିଛି।

### ଶ୍ୱଶୁରଘରେ ଡାକ୍ତର...

ପ୍ରକାଶ ଯେ, ସୁରେନ୍ଦ୍ର ତାଙ୍କ ସ୍ତ୍ରୀ ନିଲମ ରଥ ଓ ପୁଅଙ୍କୁ ଧରି ପାରଳାଖେମୁଣ୍ଡିରେ ରହୁଥିଲେ। ଗତ ୧ ତାରିଖରେ ସେ ସପରିବାର ଶ୍ୱଶୁରଘର ହଳଦିଆପଦର ଓଭରବ୍ରିଜ ଓମ ବିହାର ନିକଟ ଶକ୍ତିନଗରକୁ ଆସିଥିଲେ। କୌଣସି ଏକ କାରଣକୁ ନେଇ ସ୍ତ୍ରୀଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ରବିବାର ରାତିରେ ଖାଇ ସାରିବା ପରେ ସୁରେନ୍ଦ୍ର ଓ ତାଙ୍କ ପୁଅ ଗୋଟିଏ ଘରେ ଶୋଇଥିଲେ। ସୋମବାର ସକାଳେ ବାପାଙ୍କୁ ପାଖରେ ନ ପାଇ ପୁଅ ଚିତ୍କାର କରିଥିଲେ। ଏହାଶୁଣି ଡାକ୍ତରଙ୍କ ସ୍ତ୍ରୀ ଘର ଭିତରକୁ ଯିବାରେ ସ୍ୱାମୀ ବେକରେ ବେଡଶିଟ ବାନ୍ଧି ଫ୍ୟାନ୍ ହୁକରେ ଝୁଲୁଥିବା ଦେଖିଥିଲେ। ସେ କାଳେ ବଞ୍ଚିଥିବା ଭାବି ସ୍ତ୍ରୀ ଓ ଘରର ଅନ୍ୟ ସଦସ୍ୟ ବେଡ଼ଶିଟ କାଟି ମୃତଦେହକୁ ତଳକୁ ଆଣିଥିଲେ। ସେତେବେଳକୁ ଡାକ୍ତର ସୁରେନ୍ଦ୍ରଙ୍କ ମୃତ୍ୟୁ ଘଟି ସାରିଥିଲା। ପରେ ପରିବାର ଲୋକେ ଏ ନେଇ ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଉକ୍ତ ଘରୁ କଟୁରି ଓ ଦୁଇଖଣ୍ଡ ହୋଇଥିବା ବେଡ଼ଶିଟକୁ ମଧ୍ୟ ଜବତ କରାଯାଇଛି। ସୁରେନ୍ଦ୍ରଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡି ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ତାହା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଏ ନେଇ ନଂ.୨୨/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ରାସ୍ତାରେ ବସ୍...

ବାଟବଣା ହୋଇ ରାସ୍ତା ଉପରକୁ ଚାଲି ଆସିଥିଲା। ଏବେ ହାତୀପଲ ଓଡ଼ିଶା ଭିତରେ ପ୍ରବେଶ କରିବା ଆଶଙ୍କା ରହିଥିବାରୁ ରାୟଗଡ଼ା ବନ ବିଭାଗ ଏଥିପ୍ରତି ସଜାଗ ରହିବା ଆବଶ୍ୟକ ବୋଲି ଆନ୍ଧ୍ର ବନ ବିଭାଗ କର୍ମକର୍ତ୍ତା କହିଛନ୍ତି। ଏ ନେଇ ରାୟଗଡ଼ା ରେଞ୍ଜ ଦାୟିତ୍ୱରେ ଥିବା ଡେପୁଟି ରେଞ୍ଜର ସଞ୍ଜୟ କୁମାର ଦାସଙ୍କୁ ପଚାରିବାରୁ ଓଡ଼ିଶା ସୀମାନ୍ତ ଅଞ୍ଚଳରେ ଥିବା ଗାଁଗୁଡ଼ିକୁ ବନ ବିଭାଗ ସ୍କ୍ୱାଡ୍ ଯାଇ ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଏଥିସହିତ ଅଞ୍ଚଳବାସୀ ରାତି ସମୟରେ ଘରୁ ନ ବାହାରିବାକୁ ଏବଂ ହାତୀ ଦେଖିଲେ ତୁରନ୍ତ ବନ ବିଭାଗକୁ ସୂଚନା ଦେବାକୁ କହିଛନ୍ତି। ହାତୀପଲଙ୍କୁ ଦେଖିଲେ ବନ ବିଭାଗ ପକ୍ଷରୁ ତୁରନ୍ତ ବିଦ୍ୟୁତ ବିଭାଗକୁ ଅନୁରୋଧ କରି ବିଦ୍ୟୁତ ସରବରାହ ବନ୍ଦ କରାଯିବ ବୋଲି ସଞ୍ଜୟ ଦାସ କହିଛନ୍ତି। ଏଥିସହିତ ସୁରକ୍ଷା ସହିତ ହାତୀପଲଙ୍କୁ ଜଙ୍ଗଲମୁହାଁ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଦାଢ଼ାପାଟଣାରେ କୈବର୍ତ୍ତ ଜନ ଜାଗରଣ ସମାବେଶ

ବାରଙ୍ଗ,୪।୯(ଲିଙ୍ଗରାଜ ରାଉତ)

ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭା ପକ୍ଷରୁ କୈବର୍ତ୍ତ ଜନଜାଗରଣ ସମାବେଶ ସୋମବାର ଦାଢ଼ାପାଟଣାଠାରେ ଅନୁଷ୍ଠିତ ହୋଇଯାଇଛି। ବାରଙ୍ଗ ମଣ୍ଡଳ ଆନୁକୂଲ୍ୟରେ ଆୟୋଜିତ ଏହି ସମାବେଶରେ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ଶତାଧିକ କୈବର୍ତ୍ତମାନେ ଏକାଠି ହୋଇ ସେମାନଙ୍କ ବିଭିନ୍ନ ସମସ୍ୟା କହିଥିଲେ। ରାଜ୍ୟ ସଭାପତି ଯୋଗେନ୍ଦ୍ର ବେହେରା ଏହି ସଭାରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇଥିଲେ। ରାଜ୍ୟ କାର୍ଯ୍ୟକାରୀ ସଭାପତି ମନୋଜ ବେହେରା କୈବର୍ତ୍ତ ଜାତିର ମୌଳିକ ଓ କୌଳିକ ବୃତ୍ତିର ଅଧିକାର, ମତ୍ସ୍ୟ ସମବାୟ ସମିତି ଗଠନ, ଚିଲିକା ସମେତ ରାଜ୍ୟର ସମସ୍ତ ଜଳାଶୟଗୁଡ଼ିକ ଏକାକୀ ଅଧିକାର ପାଇବାକୁ ଅତିଥିଙ୍କ ଜରିଆରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଖରେ ଦାବି ଉପସ୍ଥାପିତ କରିଥିଲେ। ଏହି ମହାସଭାରେ ଉପକଣ୍ଠ ସମେତ ବାରଙ୍ଗ ଓ ଏହାର ଆଖପାଖ ଅଞ୍ଚଳରୁ ଶତାଧିକ ଲୋକ ଉପସ୍ଥିତ ଥିଲେ। ଦାଢ଼ାପାଟଣା ସରପଞ୍ଚ ଦିଲୀପ ବେହେରାଙ୍କ ସମେତ ସ୍ଥାନୀୟ ବହୁ ଲୋକପ୍ରତିନିଧି ଯୋଗଦେଇଥିଲେ।

# ୬ମାସରେ ୬ କିସ୍ତିରେ ଅର୍ଥ ପଇଠ କରିବେ ହିତାଧିକାରୀ

**ଜାଗା ମିଶନ୍ ବିବାଦ**

**ଅଧିକ ଜାଗା ଫେରାଇବାକୁ ବିଏମ୍‌ସି ମୁଖ୍ୟାଳୟରେ ଗହଳି**

ଭୁବନେଶ୍ୱର, ୪।୯ (ବନ୍ଦନା ସେଠୀ)

ଜାଗା ମିଶନକୁ ନେଇ ବିବାଦ ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଶେଷକରି ଲ୍ୟାଣ୍ଡ୍ ରାଇଟ୍ ସାର୍ଟିଫିକେଟ୍ (ଏଲ୍‌ଆର୍‌ସି) ବଣ୍ଟନ ଆରମ୍ଭ ହେବା ପରେ ନୂଆ ଅଡୁଆ ସୃଷ୍ଟି ହୋଇଛି। ଅତିରିକ୍ତ ଜମି ପାଇଁ ଦେୟ ଦେବାକୁ ପଡୁଥିବାରୁ ଏହାକୁ ନେଇ ବସ୍ତି ବାସିନ୍ଦା ଅସନ୍ତୋଷ ପ୍ରକାଶ କରିବା ସହ ପ୍ରମାଣପତ୍ର ନେବାକୁ ଅରାଜି ହେଉଛନ୍ତି। ଅଧିକାଂଶ ବସ୍ତିବାସିନ୍ଦା ଦିନ ମଜୁରିଆ ବା ମୂଲଲାଗି ଚଳୁଥିବାରୁ ଜମି ବାବଦକୁ ଲକ୍ଷଲକ୍ଷ ଟଙ୍କା ଦେବାକୁ ସେମାନେ ଅସମର୍ଥ। ତେଣୁ ସରକାର ଦେଉଥିବା ମାଗଣା ଜମି ଅର୍ଥାତ୍ ୩୨୩ ବର୍ଗଫୁଟ ଜମି ବାଦ୍ ଆଲଟ୍ ହୋଇଥିବା ଅଧିକ ଜମି ଫେରାଇ ନେବାକୁ ସେମାନେ ଦାବି କରୁଛନ୍ତି। ଏପରିକି ବିଏମ୍‌ସିର ଜାଗା ମିଶନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜମି ପାଇ ନ ଥିବା ବସ୍ତି ବାସିନ୍ଦାଙ୍କଠାରୁ ଅଭିଯୋଗକାରୀଙ୍କ ସଂଖ୍ୟା ଅଧିକ ରହୁଛି। ଏଥିପାଇଁ ବିଏମ୍‌ସି ମୁଖ୍ୟାଳୟରେ ଗହଳି ବଢ଼ିବାରେ ଲାଗିଛି।

ବିଏମ୍‌ସି ମୁଖ୍ୟାଳୟକୁ ଅଭିଯୋଗ ନେଇ ଆସିଥିବା ନୟାପଲ୍ଲୀ ଆଇଡି ମାର୍କେଟ ଗାନ୍ଧିବସ୍ତିର ପ୍ରଭାସିନୀ ପରିଡା ଅନ୍ୟଘରେ କାମ କରି ଚଳନ୍ତି। ଏବେ ଜାଗା ମିଶନରେ ଅଧିକ ଜମିର ପ୍ରମାଣପତ୍ର ବାବଦକୁ ତାଙ୍କୁ ୧ଲକ୍ଷ ୨୬ହଜାର ଟଙ୍କା ଦେବାକୁ କୁହାଯାଇଛି। ଏହାକୁ ନେଇ ତାଙ୍କ ମୁଣ୍ଡ ଉପରେ ଚଡକ ପଡ଼ିଛି। ସେହିପରି ହରେକୃଷ୍ଣ ନଗର ବାସିନ୍ଦା ବସନ୍ତ ବେହେରାଙ୍କୁ ୧ଲକ୍ଷ ୪୫ହଜାର, ମହାବୀର ବସ୍ତିର ବାସୁଦେବ ପଣ୍ଡାଙ୍କୁ ୧.୫ ଲକ୍ଷ ଟଙ୍କା, ମୁଣ୍ଡିଆ ବସ୍ତିର ଅନୁଜ ପ୍ରଧାନଙ୍କୁ ୮୭ହଜାର ଟଙ୍କାର ଡିମାଣ୍ଡ ନୋଟିସ୍ ଆସିଛି। ସେହିପରି ଶାନ୍ତି ନଗରରେ ରହୁଥିବା ବିଜୟ ମାତ୍ର ୩୦୦ ବର୍ଗ ମିଟର ଜାଗାରେ ଘର କରି ରହୁଥିବାବେଳେ ତାଙ୍କୁ ମଧ୍ୟ ୭୫ହଜାର ଟଙ୍କାର ଡିମାଣ୍ଡ ନୋଟିସ୍ ଆସିଥିବା ଜାଗା ମିଶନ୍‌ର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛି।

ଅପରପକ୍ଷେ ହିତାଧିକାରୀଙ୍କ ଅଭିଯୋଗ ପରେ କୋହଳ ଆଭିମୁଖ୍ୟ ଗ୍ରହଣ କରି ବିଏମସି। ହିତାଧିକାରୀମାନେ ୬ ମାସରେ ୬ଟି କିସ୍ତିରେ ପ୍ରିମିୟମ ଟଙ୍କା ଶୁଝି ଅତିରିକ୍ତ ଜମିର ପ୍ରମାଣପତ୍ର ପାରିବେ ବୋଲି କମିଶନର କହିଛନ୍ତି। ସେହିପରି ହିତାଧିକାରୀମାନେ ଅତିରିକ୍ତ ଜମି ଫେରାଇବା କିମ୍ବା ସର୍ଭେରେ ଦଖଲ ଜମି ଭୁଲ ଆସିଥିବା ଅଭିଯୋଗ କଲେ ବିଏମ୍‌ସିର ସ୍ୱତନ୍ତ୍ର ଟିମ୍ ଫିଜିକାଲ ସର୍ଭେ ପାଇଁ ଯିବ। ତେବେ ବିଏମ୍‌ସି ପକ୍ଷରୁ ସମ୍ପୃକ୍ତ ହିତାଧିକାରୀଙ୍କୁ ସୂଚନା ଗଲେ ହିଁ ସେମାନେ ଟଙ୍କା ପଇଠ କରିବେ। କାହା କଥାରେ ବା ପ୍ରରୋଚନାରେ କେଉଁଠି ଟଙ୍କା ନ ଦେବାକୁ କମିଶନର ଅପିଲ କରିଛନ୍ତି। ଏନେଇ ଓଡ଼ିଶା ବସ୍ତି ସଂଘର୍ଷ ସମିତି ସଭାପତି ପ୍ରତାପ ସାହୁ କହିଛନ୍ତି, ୧୯୯୮ ଓ ଏହା ପୂର୍ବରୁ ବସ୍ତିବାସିନ୍ଦାଙ୍କୁ ମାଗଣାରେ ଜମି ଦିଆଯାଇଛି। ଶିଖରଚଣ୍ଡୀ, ଭରତପୁରଠାରେ ୬ଶହ ବର୍ଗଫୁଟ ଜାଗାକୁ ମାଗଣାରେ ଦିଆଯାଇଥିବାବେଳେ ନୀଳାଦ୍ରିବିହାରରେ ୩୭୫ ବର୍ଗଫୁଟ ଜମିକୁ ମାଗଣାରେ ଦିଆଯାଇଛି। କିନ୍ତୁ ଏବେ ରାଜ୍ୟ ସରକାର ବସ୍ତିବାସିନ୍ଦାଙ୍କଠାରୁ କାହିଁକି ଅର୍ଥ ମାଗୁଛନ୍ତି। ଯଦି ଜାଗା କମ୍ ଅଛି, ତେବେ ରାଜ୍ୟ ସରକାର ନୀଳାଦ୍ରିବିହାର ପରି ସମସ୍ତଙ୍କୁ ସମାନ ଜମି ପ୍ରଦାନ କରନ୍ତୁ। ୩୨୩ ବଦଳରେ ୩୭୫ ବର୍ଗଫୁଟ ଜମି ମାଗଣାରେ ଦିଆଯାଉ। ଏହାବାଦ୍ ଯଦି କେହି ବସ୍ତିବାସିନ୍ଦା ଜମି ନେବାକୁ ଯାଉଛନ୍ତି ସେମାନେ ବେଞ୍ଚମାର୍କ ମୂଲ୍ୟ ଦେଇ ନେବେ। ବସ୍ତିବାସିନ୍ଦାଙ୍କୁ ଜମିପଟ୍ଟା ଦେବା ରାଜ୍ୟ ସରକାରଙ୍କ ଯୋଜନା ହୋଇଥିବାବେଳେ ଏଥିରେ ଟାଟା କମ୍ପାନୀ ସହିତ ଚୁକ୍ତି କରିବା କ'ଣ ଦରକାର ବୋଲି ସେ ପ୍ରଶ୍ନ କରିଛନ୍ତି। ବିଜୁଳିକୁ ସରକାର ଟାଟା ପାୱାରକୁ ବିକ୍ରି କରିଦେବା ପରେ ଏବେ ଟାଟାର ନଜର ସରକାରୀ ଜମି ଉପରେ ଥାଇପାରେ ବୋଲି ସେ କହିଛନ୍ତି। ସେହିପରି ସରକାର ପଟ୍ଟା ନାମରେ ଜମି ପ୍ରମାଣ ପତ୍ର ଦେଇ ବସ୍ତିବାସିନ୍ଦାଙ୍କୁ ଭଣ୍ଡାଉଛନ୍ତି ବୋଲି ପ୍ରତାପ ଅଭିଯୋଗ କରିଛନ୍ତି।

ଜାଗା ମିଶନ ନିୟମ ଅନୁଯାୟୀ ଯେଉଁମାନଙ୍କର ୩୨୩ବର୍ଗ ମିଟରଠାରୁ ଅଧିକ ଜମି ରହିଛି ସେମାନଙ୍କୁ ସମ୍ପୃକ୍ତ ଜମିର ବେଞ୍ଚମାର୍କ ମୂଲ୍ୟର ୧୦ ପ୍ରତିଶତ ଟଙ୍କା ପଇଠ କରିବାକୁ ପଡିବ। ହିତାଧିକାରୀ ଜଣକ ରାସନକାର୍ଡଧାରୀ ହୋଇଥିଲେ ୫% ଟଙ୍କା ପଇଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବକେୟା ଟଙ୍କା ପଇଠ କରିବା ପରେ ହିଁ ସେମାନଙ୍କୁ ଏଲ୍‌ଆର୍‌ସି ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ଏହାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଭାଳେଣି ପଡିଛି।

## ଆର୍ଯ୍ୟସମାଜ ପକ୍ଷରୁ ବେଦ ପ୍ରଚାର କାର୍ଯ୍ୟକ୍ରମ



ଭୁବନେଶ୍ୱର, ୪।୯ (ବନ୍ଦନା ସେଠୀ)

ରକ୍ଷାବନ୍ଧନ ପର୍ବଠାରୁ ଆରମ୍ଭ ହୋଇଥିବା ଶ୍ରାବଣୀ ଉପାକର୍ମର ଷଷ୍ଠ ଦିବସରେ ଆର୍ଯ୍ୟସମାଜ ଭୁବନେଶ୍ୱର ପକ୍ଷରୁ ବେଦ ପ୍ରଚାର ଆର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଟିଆ ଶିଶୁ ବିହାରସ୍ଥିତ ଉତିଷ୍ଠିତ କାର୍ଯ୍ୟାଳୟରେ ଯଜ୍ଞ ଓ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ଆର୍ଯ୍ୟସମାଜର ସମ୍ପାଦକ ବୀରେନ୍ଦ୍ର କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଯଜ୍ଞରେ ଗୟାଧର ପାଣିଗ୍ରାହୀ ଓ ତପ୍ତି ପାଣିଗ୍ରାହୀ ଯଜମାନ ରହିଥିଲେ। ଆର୍ଯ୍ୟସମାଜ ସଭାପତି ଇଂ. ପ୍ରିୟବ୍ରତ ଦାଶ ଶ୍ରାବଣୀ ଉପାକର୍ମ ଓ ବେଦ ପ୍ରଚାର କାର୍ଯ୍ୟକ୍ରମର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ସହ ସମ୍ପାଦିକା ଶନ୍ନୋଦେବୀ, ସଦସ୍ୟ ଅନିରୁଦ୍ଧ ପଟ୍ଟନାୟକ, ବଂଶୀଧର ଦାଶ ପ୍ରବଚନ ଦେଇଥିଲେ। ମନୋଜ କୁମାର ମହାପାତ୍ର ବେଦକୁ ଲୋକାଭିମୁଖୀ କରିବା ଦାୟିତ୍ୱ ଆର୍ଯ୍ୟସମାଜ ନେଇ ଯୁବ ସମାଜକୁ ଉଦ୍‌ବୁଦ୍ଧ କରୁ ବୋଲି ମତ ରଖିଥିଲେ। ଯଜ୍ଞ ପ୍ରକାଶ ବେଦ ଓ ଈଶ୍ୱର ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଉପସଭାପତି ଇଂ. ବ୍ରଜବନ୍ଧୁ ପଣ୍ଡା, କୋଷାଧ୍ୟକ୍ଷ ଜୟନ୍ତ ଦେ', ସୁନୀଲ କୁମାର ଦେ'ଙ୍କ ସମେତ ବହୁ ସଦସ୍ୟା ସଦସ୍ୟ ଯୋଗ ଦେଇଥିଲେ।

### ଚନ୍ଦ୍ରଭାଗା କୂଳରୁ ମୃତ ଡଲଫିନ ଜବତ



କୋଣାର୍କ,୪।୯(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଚନ୍ଦ୍ରଭାଗା ବଙ୍ଗୋପସାଗର କୂଳରୁ ୫ ଫୁଟରୁ ଉର୍ଦ୍ଧ୍ୱ ଲମ୍ବର ଏକ ମୃତ ଡଲଫିନ ସୋମବାର କୋଣାର୍କ ବନଖଣ୍ଡ ଜବତ କରିଛି। ଡଲଫିନର ମୃତ ଶରୀର ସୋମବାର ସକାଳୁ ଚନ୍ଦ୍ରଭାଗା ସମୁଦ୍ର କୂଳରେ ପଡିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକମାନେ ମୃତ ଡ଼ଲଫିନକୁ ଦେଖି କୋଣାର୍କ ବନଖଣ୍ଡ ଅଧିକାରୀଙ୍କୁ ଖବର ଦେଇଥିଲେ। ଘଟଣାସ୍ଥଳରେ କୋଣାର୍କ ବନଖଣ୍ଡ ଅଧିକାରୀ ପହଞ୍ଚି ଡଲଫିନକୁ ଜବତ କରି ତଦନ୍ତ ଚଳାଇଛନ୍ତି। ସୂଚନା ଥାଉକି, ଉକ୍ତ ଡଲଫିନ ଇରାୱାଡି ଶ୍ରେଣୀର। ଏହାର ଓଜନ ଆନୁମାନିକ ପ୍ରାୟ ୨ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଓ ଲମ୍ବ ୫ ଫୁଟ। ଏହ ଡଲଫିନଟି କୋଣାର୍କ ଚନ୍ଦ୍ରଭାଗାରେ ବେଆଇନ ଭାବେ ମାଛ ମାରୁଥିବା ଟ୍ରଲରର ପ୍ରପଲର ପଙ୍ଖା ମାଡ଼ରେ ଗଭୀର ଆଘାତ ପାଇ ତା'ର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ପରେ ତା' ମୃତ ଶରୀର କୂଳକୁ ଭାସି ଆସିଥିବ। ଅନେକ ପର୍ଯ୍ୟଟକ ଏହି ବିରଳ ନିରୀହ ସାମୁଦ୍ରିକ ଜୀବଙ୍କ ଏପରି ଦୟନୀୟ ଭାବେ ଟ୍ରଲର ମାଡ଼ରେ ମୃତ୍ୟୁକୁ ନେଇ ଘୋର ଅସନ୍ତୋଷ ପ୍ରକାଶ କରୁଥିବା ଦେଖିବାକୁ ମିଳିଥିଲା। ଏ ଦିଗରେ ମତ୍ସ୍ୟ ବିଭାଗ ଓ ବନବିଭାଗର ସ୍ଥାନୀୟ ଅଧିକାରୀ ଏହି ବିରଳ ଜନ୍ତୁଙ୍କ ସୁରକ୍ଷା ପାଇଁ ଦୃଢ ପଦକ୍ଷେପ ନେବାକୁ ସେମାନେ ଅନୁରୋଧ କରିଥିଲେ। ପୁରୀ- କୋଣାର୍କ ସମୁଦ୍ରରେ ଅବାଧରେ ଟ୍ରଲର ଚଳାଚଳ ଯୋଗୁ ଡଲଫିନଙ୍କ ସହ ଅନେକ ଅଲିଭ ରିଡ୍‌ଲେ କଇଁଛଙ୍କ ଜୀବନ ଅନାୟାସରେ ଯାଉଛି। ବନ ବିଭାଗ ଓ ମତ୍ସ୍ୟ ବିଭାଗ ଅଧିକାରୀ ଏହି ଟ୍ରଲରଗୁଡ଼ିକ ବିରୋଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ନ ନେବା ହେତୁ ଏବେ ଏହି ବିରଳ ସାମୁଦ୍ରିକ ଜୀବଗୁଡ଼ିକ ବଂଶ ଧୀରେ ଧୀରେ ଲୋପ ହେବାକୁ ବସିଛି ବୋଲି ପୁରୀର ବରିଷ୍ଠ ପରିବେଶବିତ୍ ସରୋଜ ଜେନା ପ୍ରକାଶ କରିଥିଲେ।



ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ସୋମବାର ନୃତ୍ୟାନୁଷ୍ଠାନ ଲାବଣ୍ୟ ଥିଏଟର ପକ୍ଷରୁ ପରିବେଷିତ ୩୪ତମ ନାଟକ 'ତୁମ ପାଇଁ'ର ଏକ ଦୃଶ୍ୟ।

## ଦୁର୍ନୀତି ବିରୋଧରେ ମୁହଁ ଖୋଲି ଅଡୁଆରେ ୨ ପ୍ରତିନିଧି

**ଏମ୍‌ପି, ବିଧାୟକଙ୍କ ପ୍ରତିନିଧିଙ୍କୁ ପୌରପାଳିକା ପ୍ରବେଶ ମନା**

ମଙ୍ଗୁଳି-ଜଗତପୁର,୪।୯(ମାନସ ସାମଲ)

ଚୌଦ୍ୱାର ପୌରପାଳିକାରେ ଅନେକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ଏହା ବିରୋଧରେ ମୁହଁ ଖୋଲି ଏମ୍‌ପି ଓ ବିଧାୟକଙ୍କ ପ୍ରତିନିଧି ଅଡୁଆରେ ପଡିଛନ୍ତି। ଗତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଚୌଦ୍ୱାର ବିଜେଡି ପକ୍ଷରୁ ଜଗତ୍‌ପୁର ଆଇବିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇଥିଲେ। ତେବେ ବୈଠକରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ଓ ସମସ୍ତ କାଉନ୍‌ସିଲରଙ୍କ ଉପସ୍ଥିତିରେ ନଗର ବିଜେଡି ସଭାପତି ତଥା ବିଧାୟକଙ୍କ ପ୍ରତିନିଧି ବିଷ୍ଣୁଚରଣ ପରିଡା, ଏମ୍‌ପିଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକଙ୍କୁ ପୌରପାଳିକା ଓ କାଉନ୍‌ସିଲ ହଲ୍ ପ୍ରବେଶ ନ କରିବାକୁ ପୂର୍ବତନ ବିଧାୟକ ବିଶ୍ୱାଳ ମନ୍ତବ୍ୟ ଦେଇଥିଲେ। ଏ ନେଇ ସୋମବାର ଚୌଦ୍ୱାରସ୍ଥିତ କଳା ପ୍ରକାଶିନୀ କ୍ଲବ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀ ପୂର୍ବତନ ବିଧାୟକଙ୍କ ଏଭଳି ମନ୍ତବ୍ୟକୁ ନିନ୍ଦା କରାଯିବା ସହ ପୌରପାଳିକାକୁ ପ୍ରବେଶ କରିବା ଆମର ଅଧିକାର ଅଛି ବୋଲି ଉଭୟ ପ୍ରତିନିଧି କହିଥିଲେ। ପ୍ରେମଚାନ୍ଦ କହିଛନ୍ତି, ୪/୫ ମାସ ହେବ ଚୌଦ୍ୱାର ପୌରପାଳିକା ହୋଇଥିବା ବିଭିନ୍ନ ଦୁର୍ନୀତି ସମ୍ପର୍କରେ ବିଧାୟକଙ୍କ ପ୍ରତିନିଧି ଗଣମାଧ୍ୟମରେ ମତ ଦେଇଥିଲେ। ପୂର୍ବତନ ବିଧାୟକଙ୍କୁ ଦଳ ପକ୍ଷରୁ କୌଣସି ସାଙ୍ଗଠନିକ କ୍ଷମତା ଦିଆଯାଇନାହିଁ।

ସେହିପରି ବିଷ୍ଣୁଚରଣ କହିଛନ୍ତି, ନ୍ୟାୟିକ ଲଢେଇରେ ସବୁବେଳେ ଲୋକଙ୍କ ସହିତ ରହିଆସିଛି ଓ ଆଗାମୀ ଦିନରେ ରହିବି। ସେଭଳି ପରିସ୍ଥିତି ଆସିଲେ ଦୁର୍ନୀତିର ପର୍ଦ୍ଦାଫାଶ କରିବି। ପୌରାଧ୍ୟକ୍ଷା ସାମଲଙ୍କୁ ପଚାରିବାରୁ ସେ ଏହାକୁ ଖଣ୍ଡନ କରିବା ସହ ଉକ୍ତ ବୈଠକ ଏକ ସାଙ୍ଗଠନିକ ବୈଠକ ଥିଲା ବୋଲି କହିଥିଲେ। ଦୁର୍ନୀତିରେ ସମ୍ପୃକ୍ତ ଥିବା ଲୋକଙ୍କ ବିରୋଧରେ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ। ଅପରପକ୍ଷରେ ପୂର୍ବତନ ବିଧାୟକ ବିଶ୍ୱାଳଙ୍କୁ ପଚାରିବାରୁ ଏ ସମ୍ପର୍କରେ ସମ୍ପୃକ୍ତ ଦୁଇ ପ୍ରତିନିଧିଙ୍କ ସହ ଆଲୋଚନା କରିବା ପରେ ମତାମତ ଦେବି ବୋଲି କହିଥିଲେ।

### ଆୟୁର୍ବେଦ ମହାବିଦ୍ୟାଳୟରେ ଦୁର୍ନୀତି ଅଭିଯୋଗ

ପୁରୀ, ୪।୯(ଅଜିତ ମହାନ୍ତି):

ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣି ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି ପୁରୀ ଜିଲା ଯୁବ କଂଗ୍ରେସ। ଏନେଇ ସୋମବାର ଜିଲା ଯୁବ କଂଗ୍ରେସ ପକ୍ଷରୁ ୩ଦଫା ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ବିକ୍ଷୋଭରେ ଜିଲା ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ଦାଶ, ପୁରୀ ବିଧାନସଭା କ୍ଷେତ୍ର ଯୁବ କଂଗ୍ରେସ ସଭାପତି ମନୋଜ ମଣ୍ଡଳ, ଉପସଭାପତି ଅନିଲ ବେଜ, ଆଦିତ୍ୟ ସାମନ୍ତରାୟ, ଅର୍ପିତ ଦୀକ୍ଷିତ, ସାହିଲ ମହାନ୍ତି, ମୁନା ବେହେରା, ନରସିଂହ ହାଣ୍ଡେଲ, ଆକାଶ ଭୋଇ, ବିଶ୍ୱଜିତ ଦାସ ପ୍ରମୁଖ ସାମିଲ ଥିଲେ। ଜିଲା ଯୁବ କଂଗ୍ରେସ ଅଭିଯୋଗ କରିଛି ଯେ, ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ଖାଲିଥିବା ସିଟ୍ (ଟ୍ରାନ୍ସଫର ବେସିସ୍)ରେ ନାମଲେଖା ପାଇଁ ଅଧକ୍ଷ ଆୟୁଷ ନିର୍ଦ୍ଦେଶକଙ୍କୁ ଚିଠି କରିଥିଲେ। ତତ୍କାଳୀନ ନିର୍ଦ୍ଦେଶକ ଏନେଇ ଏକ କମିଟି ଗଠନ କରିଥିଲେ। ଏହି କମିଟି ପୁରୀ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ୫ଜଣଙ୍କୁ ନାମଲେଖା ପାଇଁ ସୁଯୋଗ ଦେଇଥିଲେ। ଏ ସମ୍ପର୍କରେ ଆୟୁଷ ନିର୍ଦ୍ଦେଶକ ଜିଏଏମ୍, ପୁରୀ ଅଧକ୍ଷଙ୍କୁ ଦେଇଥିବା ଚିଠି ନଂ. ୬୦୧/୧୯।୦୧।୨୨ରେ ଉଲ୍ଲେଖ ରହିଛି। ଏହାର କଲେଜ ଡାଏରୀ ନଂ. ୨୭୨। ତେବେ ଏହି ଚିଠି କ୍ରମାଙ୍କ(୬୦୧)କୁ ନକଲ କରାଯାଇ କଲେଜ ଆଉ ଏକ ଡାଏରୀ ନଂ.୨୨୧ରେ ୫ଜଣ ପରିବର୍ତ୍ତେ ୭ଜଣ ନାମ ଲେଖାଇଥିବା ଉଲ୍ଲେଖ ହୋଇଛି। ଏହି ଦୁର୍ନୀତିର ତଦନ୍ତ ପାଇଁ କଂଗ୍ରେସ ଦାବି କରିଛି। କଲେଜ ଅଧକ୍ଷଙ୍କୁ ବହିଷ୍କାର ସହ ଗିରଫ କରାଯାଉ। ବାର୍ଷିକ ଅଡିଟ ରିପୋର୍ଟ ସହ ଭିଜିଲାନ୍ସ ଯାଞ୍ଚ କରାଯାଉ ବୋଲି ଯୁବ କଂଗ୍ରେସ ଦାବି କରିଛି।



ସୋମବାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସ ଭୁବନେଶ୍ୱରର ୪୯ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ପ୍ରତିଷ୍ଠାନର ନିର୍ଦ୍ଦେଶକ କେ.କେ.ନନ୍ଦଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି ପିନାକୀ ମଜୁମ୍‌ଦାର ଏଫ୍‌ଡିସିସିର ଅଧ୍ୟକ୍ଷ ପ୍ରଫେସର ବି.ଆର୍. ଶେଖରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ସ୍ୱାସ୍ଥ୍ୟ ଶିବିରରେ ୨ ଶହ ରୋଗୀଙ୍କ ଚିକିତ୍ସା

ଭୁବନେଶ୍ୱର, ୪।୯ (ବନ୍ଦନା ସେଠୀ)

ଗାଡ଼କଣ କୋଠାଘରଠାରେ ଲାୟନ୍ସ କ୍ଲବ୍ ଅଫ୍ ଭୁବନେଶ୍ୱର, ନେତାଜୀ ଏବଂ ଲାୟନ୍ସ କ୍ଲବ ଅଫ୍ ଭୁବନେଶ୍ୱର ସ୍ମାଇଲ୍‌ର ମିଳିତ ଆନୁକୂଲ୍ୟରେ ଏକ ମାଗଣା ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଚିକିତ୍ସକମାନେ ଉପସ୍ଥିତ ରହି ମାଗଣାରେ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ପ୍ରଦାନ କରିଥିଲେ। ଆପୋଲୋ ହସ୍ପିଟାଲର ସ୍ୱତନ୍ତ୍ର ଡାକ୍ତରୀ ଦଳ ମଧୁମେହ ରୋଗର ରକ୍ତ ଶର୍କରା ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଆପୋଲୋ ହସ୍ପିଟାଲ କୋ-ଅର୍ଡିନେଟର ନରସିଂହ ମହାପାତ୍ର ପରିଚାଳନା କରିଥିଲେ। ଲାୟନ୍ସ କ୍ଲବ ଅଫ୍ ଭୁବନେଶ୍ୱର ସ୍ମାଇଲ ପକ୍ଷରୁ ଇଏନ୍‌ଟି ଡା. ବୁଲୁ ଏବଂ ଡା. ସୌର୍ଯ୍ୟ ରଞ୍ଜନ ଦାସ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଡା. କୀର୍ତ୍ତିରଞ୍ଜନ ଭୂୟାଁ ଦାନ୍ତ ପରୀକ୍ଷା କରି ମାଗଣା ଔଷଧ ଯୋଗାଇ ଦେଇଥିଲେ। ଶିବିରରେ ୨ଶହରୁ ଅଧିକ ରୋଗୀ ମାଗଣା ସ୍ୱାସ୍ଥ୍ୟ ସେବା ଓ ଔଷଧ ପାଇଥିଲେ। ପ୍ରାରମ୍ଭରେ ଗାଡ଼କଣ ସ୍କୁଲ ପିଲାଙ୍କ ସହ ଚାରାରୋପଣ କରାଯାଇଥିଲା। କ୍ଲବ ସଭାପତି ସୁସୀମ ଚନ୍ଦ୍ର ପାତ୍ର, ଗାଇଡିଂ ଲାଇନ୍ ସ୍ୱର୍ଣ୍ଣପ୍ରଭା ପାତ୍ର ଧନ୍ୟବାଦ ଦେଇଥିଲେ।




ଗାଡ଼କଣ କୋଠାଘରଠାରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର।

# ବାଳିକା ଏନ୍‌ସିସି ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର, ୪।୯

ରାଜଧାନୀ ୟୁନଟ୍-୧ସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଓଡ଼ିଶା ବାଳିକା ବିଏନ୍, ଏନ୍‌ସିସି ଭୁବନେଶ୍ୱରର ବାର୍ଷିକ ପ୍ରଶିକ୍ଷଣ ଶିବିର(ଏଟିସି) ଗତ ୨୯ ତାରିଖରୁ ଚାଲିଛି। ୨୦ଦିନ ଧରି ଚାଲିବାକୁ ଥିବା ଏହି ଶିବିରରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୫୦୦ କ୍ୟାଡେଟ୍ ଅଂଶଗ୍ରହଣ କରିଛନ୍ତି। କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁଙ୍କ ମାର୍ଗଦର୍ଶନ ଏବଂ ସହଯୋଗରେ ଏବଂ କର୍ଣ୍ଣେଲ ବିକାଶ ମଣ୍ଡଳଙ୍କ ନେତୃତ୍ୱରେ ଏହି ଶିବିର ଚାଲିଛି। ଏଥିରେ ନିୟମିତ ଯୋଗ, ବ୍ୟକ୍ତିତ୍ୱ ବିକାଶ ଇତ୍ୟାଦି କାର୍ଯ୍ୟକ୍ରମ କରାଯାଉଛି। ଏତଦ୍‌ବ୍ୟତୀତ ନୂଆଦିଲ୍ଲୀରେ ଓଡ଼ିଶା କଣ୍ଟିଜେଣ୍ଟକୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଟିଏସ୍‌ସି କ୍ୟାଡେଟମାନେ ମାନଚିତ୍ର ପଠନ, ଫିଲ୍ଡ କ୍ରାଫ୍ଟ ଏବଂ ଯୁଦ୍ଧ ଶିକ୍ଷ, ଗୁଳି ଚଳାଇବା ତାଲିମ ନେଉଛନ୍ତି। ନୂଆଦିଲ୍ଲୀରେ ଓଡ଼ିଶାର ୪୦ ଜଣ କ୍ୟାଡେଟ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି। ଜିସିଆଇ ସିପ୍ରା ପାଣିଗ୍ରାହୀ, ନାଏବ ସୁବେଦାର ପ୍ରବୀଣ କୁମାର, ହାବିଲ୍‌ଦାର ସମରେନ୍ଦ୍ର ପ୍ରଧାନ ଆସନ୍ତା ୧୯ରୁ ୩୦ତାରିଖ ପର୍ଯ୍ୟନ୍ତ ଟିଏସ୍‌ସି କ୍ୟାମ୍ପରେ ମଧ୍ୟ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।



ପ୍ରଶିକ୍ଷଣ ନେଉଥିବା ବାଳିକାମାନେ।

# ୪ ଜିଲାରୁ ଆସିଲା ୫ ଅଭିଯୋଗ

**ଚାକିରି ଦେବାକୁ କହି ଠକେଇ ମାମଲା**

**ଅଭିଯୁକ୍ତଙ୍କ ଅର୍ଥନୈତିକ କାରବାର ଯାଞ୍ଚ କରୁଛି ପୋଲିସ**

କଟକ,୪।୯ (କାର୍ତ୍ତିକ ସାହୁ)

ଚାକିରି କରାଇଦେବାର ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ଠକେଇ ମାମଲାର ବିଭିନ୍ନ ଦିଗକୁ ନେଇ କମିଶନରେଟ୍ ପୋଲିସ ଛାନ୍‌ଭିନ୍ କରୁଛି। ପ୍ରାଥମିକ ପର୍ଯ୍ୟାୟରେ ୬ ଜଣ ଗିରଫ ହୋଇଥିବାବେଳେ ଆଗକୁ ଏହି ସଂଖ୍ୟା ବୃଦ୍ଧି ପାଇବା ସମ୍ଭାବନା ରହିଛି। ତେବେ ଏହି ମାମଲାର ପର୍ଦ୍ଦାଫାଶ ପରେ ବିଭିନ୍ନ ଜିଲାରୁ ଠକେଇର ଶିକାର ହୋଇଥିବା ଲୋକଙ୍କ ଅଭିଯୋଗ ପୋଲିସ ନିକଟରେ ପହଞ୍ଚିବାରେ ଲାଗିଛି। ରାଜ୍ୟର ବିଭିନ୍ନ ଜିଲାର ଲୋକମାନେ ଠକେଇର ଶିକାର ହୋଇଛନ୍ତି। ସୋମବାର କଟକ ଦରଘାବଜାର ଥାନାରେ ଆଉ ୫ଟି ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ଭିତ୍ତିକରି ତଦନ୍ତ ଜାରି ରହିଛି ବୋଲି ଥାନାର ଜଣେ ଅଧିକାରୀ କହିଛନ୍ତି।

ପୋଲିସ ସୂଚନା ଅନୁସାରେ, ଚାକିରି କରାଇଦେବାକୁ ପ୍ରତିଶ୍ରୁତି ଦେଇ ବାଲେଶ୍ୱରର ୨ ଜଣଙ୍କଠାରୁ ଅଭିଯୁକ୍ତମାନେ ୩୦ ଲକ୍ଷ ଟଙ୍କା ଠକି ନେଇଥିବା ନେଇ ସୋମବାର ଦରଘାବଜାର ଥାନାରେ ଅଭିଯୋଗ ହୋଇଛି। ସେହିପରି ସମାନ ଠକେଇ ଅଭିଯୋଗରେ ଢେଙ୍କାନାଳର ଜଣଙ୍କଠାରୁ ୪ ଲକ୍ଷ ଏବଂ କେନ୍ଦ୍ରାପଡ଼ା, ସମ୍ବଲପୁରର ଦୁଇ ବ୍ୟକ୍ତିଙ୍କଠାରୁ ୧ ଲକ୍ଷ ଲେଖାଏ ଟଙ୍କା ହଡ଼ପ କରାଯାଇଥିବା ଦରଘାବଜାର ଥାନାରେ ଅଭିଯୋଗ କରାଯାଇଛି। ସମ୍ପୃକ୍ତ ବ୍ୟକ୍ତିମାନେ ଥାନାରେ ଏତଲା ଦେଇଥିବାବେଳେ ବାଲେଶ୍ୱରରୁ ଆହୁରି ୬ ଜଣ ମଙ୍ଗଳବାର ଏତଲା ଦେବାକୁ ଆସିବା ନିମନ୍ତେ ଫୋନ୍ ଯୋଗେ ଜଣାଇଥିବା ପୋଲିସଠାରୁ ସୂଚନା ମିଳିଛି। ସେହିପରି ଏହି ଗ୍ୟାଙ୍ଗ ଦ୍ୱାରା ଅନୁଗୋଳରେ ମଧ୍ୟ ପ୍ରାୟ କୋଟିଏ ଟଙ୍କାର ଠକେଇ ହୋଇଥିବା ଜଣାପଡିଛି। ସେଠାରୁ ଠକେଇର ଶିକାର ହୋଇଥିବା ଲୋକମାନେ କଟକ ଆସିବାକୁ ପ୍ରସ୍ତୁତ ହେଉଛନ୍ତି। ଅପରପକ୍ଷରେ ଦରଘାବଜାର ପୋଲିସ ଅଭିଯୁକ୍ତମାନଙ୍କର ଅର୍ଥନୈତିକ କାରବାରକୁ ନେଇ ଖୋଳତାଡ଼ କରୁଛି। ବିଶେଷକରି ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟ ସମେତ ଅନ୍ୟାନ୍ୟ ଆର୍ଥିକ କାରବାର ସମ୍ପର୍କିତ କାଗଜପତ୍ରକୁ ଯାଞ୍ଚ କରୁଛି। ଏହି ଆନ୍ତଃଜିଲା ଠକେଇରେ ଆଉ କେଉଁମାନେ ଠକେଇର ଶିକାର ହୋଇଛନ୍ତି ଓ ଠକେଇ ଗ୍ୟାଙ୍ଗ ସହ ଆଉ କାହାର ସମ୍ପୃକ୍ତି ରହିଛି ତାହାକୁ ପୋଲିସ ତନ୍ନତନ୍ନ କରି ପରଖୁଛି। ଆଗାମୀ ଦିନରେ ବହୁ ତଥ୍ୟ ମିଳିବା ସହ ଆବଶ୍ୟକ ହେଲେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବାକୁ ପୋଲିସ୍ କୋର୍ଟରେ ଆବେଦନ କରିପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି।

ସୂଚନାଯୋଗ୍ୟ, ଏକ କମ୍ପାନୀରେ ଚାକିରି ଦେବାକୁ କହି ବିଭିନ୍ନ ଉପାୟରେ ହୋଇଥିବା ୫୩ ଲକ୍ଷ ଟଙ୍କା ଠକେଇ ମାମଲାରେ ଦରଘାବଜାର ପୋଲିସ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଠକେଇର ମୁଖ୍ୟ ଅଭିଯୁକ୍ତ ସଞ୍ଜୟ କୁମାର ନାୟକ, ତାଙ୍କ ସ୍ତ୍ରୀ ଦୀପାଳି ମହାନ୍ତି, ଶ୍ରୀନିବାସ ନନ୍ଦ, ବିଭୂତି ଜେନା, ବିଶାଳ ଭୂୟାଁ ଓ ମାନସ ରଞ୍ଜନ ନାୟକ। ସେମାନଙ୍କଠାରୁ ଗୋଟିଏ କାର, ୪ଟି ବାଇକ୍, ୭ ମୋବାଇଲ ଫୋନ୍, ମିଥ୍ୟା ନିଯୁକ୍ତିପତ୍ର, ମିଥ୍ୟା ପରିଚୟପତ୍ର ଆଦି ଜବତ କରାଯାଇଛି। ତେବେ ପୋଲିସ ଜେରା କରିବାବେଳେ ଅଭିଯୁକ୍ତମାନେ ଅନୁଗୋଳ, କେନ୍ଦ୍ରାପଡ଼ା, ବାଲେଶ୍ୱର, କଟକ, ଜଗତ୍‌ସିଂହପୁର ଜିଲାର ପ୍ରାୟ ୫୦ ଜଣ ଲୋକଙ୍କୁ ପ୍ରଲୋଭନ ଦେଖାଇ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ସ୍ୱୀକାର କରିଛନ୍ତି ବୋଲି ଡିସିପି ପିନାକ ମିଶ୍ର ସୂଚନା ଦେଇଥିଲେ।

## ସଂକ୍ଷେପରେ

### ପ୍ରଫେସର କୁଞ୍ଜବିହାରୀ ତ୍ରିପାଠୀଙ୍କ ଜୟନ୍ତୀ

ବାଙ୍କୀ,୪।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)



ବାଙ୍କୀ ବ୍ଲକ ଅନ୍ତର୍ଗତ ପଥୁରୀପଡ଼ାର ବିଶିଷ୍ଟ ଶିକ୍ଷାବିତ୍, ଗବେଷକ ତଥା ଐତିହାସିକ ପ୍ରଫେସର ଡ. କୁଞ୍ଜବିହାରୀ ତ୍ରିପାଠୀଙ୍କ ୧୧୩ତମ ଜୟନ୍ତୀ ସୋମବାର ତାଙ୍କ ଜନ୍ମମାଟିରେ ପାଳିତ ହୋଇଯାଇଛି। ବାଙ୍କୀ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ସଭାପତି ସୁନୀଲ୍ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଯୋଜକ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଶିକ୍ଷାବିତ୍ କାମଦେବ ମହାପାତ୍ର, ହୃଦାନନ୍ଦ ପ୍ରହରାଜ, କମଳାକାନ୍ତ ପ୍ରହରାଜ ପ୍ରମୁଖ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ୱର୍ଗତ ତ୍ରିପାଠୀ ଜଣେ ଓଡ଼ିଆ ଭାଷାର ଇତିହାସ, ନୀତିତତ୍ତ୍ୱ ଓ ଭାଷାତତ୍ତ୍ୱ କ୍ଷେତ୍ରରେ ଗବେଷଣା କରି ନିଜର ଦକ୍ଷତା ପ୍ରତିପାଦନ କରିଥିଲେ। ସେ ରେଭେନ୍ସା ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ପ୍ରଫେସର ଭାବେ କାର୍ଯ୍ୟ କରିଥିଲେ। ଏଥିସହ ଡ. ତ୍ରିପାଠୀ ପ୍ରାଚୀନ ଅଭିଲେଖାଗୁଡ଼ିକର ଉଦ୍ଧାର କରି ଗବେଷଣା କରିଥିଲେ। ଜଣେ ଭାଷାବିତ୍ ଓ ଅଧ୍ୟାପକ ଭାବେ ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟରେ ଶିକ୍ଷାଦାନ କରି ସୁନାମ ଅର୍ଜନ କରିଥିଲେ।

### ମେଗା ସ୍ୱାସ୍ଥ୍ୟ ଶିବିରରେ ୨ଶହ ରୋଗୀଙ୍କ ଚିକିତ୍ସା

ଭୁବନେଶ୍ୱର, ୪।୯ (ବନ୍ଦନା ସେଠୀ)

ଗାଡ଼କଣ କୋଠାଘରଠାରେ ଲାୟନ୍ସ କ୍ଲବ୍ ଅଫ୍ ଭୁବନେଶ୍ୱର, ନେତାଜୀ ଏବଂ ଲାୟନ୍ସ କ୍ଲବ ଅଫ୍ ଭୁବନେଶ୍ୱର ସ୍ମାଇଲ୍‌ର ମିଳିତ ଆନୁକୂଲ୍ୟରେ ଏକ ମାଗଣା ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଚିକିତ୍ସକମାନେ ଉପସ୍ଥିତ ରହି ମାଗଣାରେ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ପ୍ରଦାନ କରିଥିଲେ। ଆପୋଲୋ ହସ୍ପିଟାଲର ସ୍ୱତନ୍ତ୍ର ଡାକ୍ତରୀ ଦଳ ମଧୁମେହ ରୋଗର ରକ୍ତ ଶର୍କରା ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଆପୋଲୋ ହସ୍ପିଟାଲ କୋ-ଅର୍ଡିନେଟର ନରସିଂହ ମହାପାତ୍ର ପରିଚାଳନା କରିଥିଲେ। ଲାୟନ୍ସ କ୍ଲବ ଅଫ୍ ଭୁବନେଶ୍ୱର ସ୍ମାଇଲ ପକ୍ଷରୁ ଇଏନ୍‌ଟି ଡା. ବୁଲୁ ଏବଂ ଡା. ସୌର୍ଯ୍ୟ ରଞ୍ଜନ ଦାସ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଡା. କୀର୍ତ୍ତିରଞ୍ଜନ ଭୂୟାଁ ଦାନ୍ତ ପରୀକ୍ଷା କରି ମାଗଣା ଔଷଧ ଯୋଗାଇ ଦେଇଥିଲେ। ଶିବିରରେ ୨ଶହରୁ ଅଧିକ ରୋଗୀ ମାଗଣା ସ୍ୱାସ୍ଥ୍ୟ ସେବା ଓ ଔଷଧ ପାଇଥିଲେ। କ୍ଲବ ପକ୍ଷରୁ ସଭାପତି ସୁସୀମ ଚନ୍ଦ୍ର ପାତ୍ର, ସ୍ୱର୍ଣ୍ଣପ୍ରଭା ପାତ୍ର ଧନ୍ୟବାଦ ଦେଇଥିଲେ।

# ଧାରଣା ପରେ ପାଠପଢ଼ା ଆରମ୍ଭ

## ରେଭେନ୍ସା ଦ୍ୱିତୀୟ କ୍ୟାମ୍ପସ

କଟକ,୪।୯(ସୁପ୍ରିୟା ପ୍ରିୟଦର୍ଶିନୀ)



ରେଭେନ୍ସା ବିଶ୍ୱବିଦ୍ୟାଳୟର ବ୍ରଜବିହାରୀପୁରଠାରେ ଥିବା ଦ୍ୱିତୀୟ କ୍ୟାମ୍ପସରେ ଅବ୍ୟବସ୍ଥା ମଧ୍ୟରେ ସୋମବାରଠାରୁ ପାଠପଢ଼ା ଆରମ୍ଭ ହୋଇଛି। ତେବେ ପ୍ରଥମ ଦିନରେ ଅନେକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ପୁରୁଣା କ୍ୟାମ୍ପସରୁ ନୂଆ କ୍ୟାମ୍ପସକୁ ଯିବା ପାଇଁ ଛାତ୍ରୀଛାତ୍ର ବାଦ ପଡିବାରୁ ଧାରଣା ଦେଇଥିଲେ। ଅପରପକ୍ଷରେ ନୂଆ କ୍ୟାମ୍ପସରେ କ୍ଲାସ୍ ନ ହେବାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା।

ମିଳିଥିବା ସୂଚନା ମୁତାବକ, ରେଭେନ୍ସା ବିଶ୍ୱବିଦ୍ୟାଳୟର ମହାନଦୀ କ୍ୟାମ୍ପସରେ ପାଠପଢା ହେବାକୁ ନିଷ୍ପତ୍ତି ହୋଇଥିଲା। ଆଇଟିଏମ୍ ଏବଂ ଆଇଏସ୍‌ଟି ବିଭାଗର ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ର କ୍ଲାସ କରିବା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ପ୍ରଥମ କ୍ୟାମ୍ପସରୁ ଦ୍ୱିତୀୟ କ୍ୟାମ୍ପସକୁ ଯିବା ପାଇଁ ପ୍ରାୟ ୪୦୦ ପିଲାଙ୍କ ନିମନ୍ତେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଦୁଇଟି ବସ୍ ବ୍ୟବସ୍ଥା କରାଯାଇଥିଲା। ବସ୍ ଗୋଟିଏ ଥର ପିଲାଙ୍କୁ ନେଇ ଯିବା ପରେ ବାକିଥିବା ପ୍ରାୟ ୧୦୦ ପିଲାଙ୍କୁ ନେବା ପାଇଁ ପୁରୁଣା କ୍ୟାମ୍ପସକୁ ଫେରି ନ ଥିଲା। ଫଳରେ ଅନେକ ପିଲା ଦ୍ୱିତୀୟ କ୍ୟାମ୍ପସ୍ ଯିବାରୁ ବାଦ୍ ପଡିଥିଲେ। ଏନେଇ ଛାତ୍ରୀଛାତ୍ରମାନେ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ପରେ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ, ବିଧାୟକ ସୌଭିକ୍ ବିଶ୍ୱାଳ ପ୍ରମୁଖ ଧାରଣାରତ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିଥିଲେ। ଅପରପକ୍ଷେ ଦ୍ୱିତୀୟ କ୍ୟାମ୍ପସ୍‌ରେ ଛାତ୍ରୀଛାତ୍ର ପହଞ୍ଚିବା ପରେ କ୍ଲାସ୍ ହେବ ନାହିଁ ବୋଲି କୁହାଯାଇଥିଲା। ସୋମବାର କ୍ଲାସ୍ ହେବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ହଠାତ୍ ବନ୍ଦହେବା ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିକୁ ବିରୋଧ କରି ଛାତ୍ରୀଛାତ୍ରମାନେ ସେଠାରେ ଧାରଣାରେ ବସିଥିଲେ। ପରେ କର୍ତ୍ତୃପକ୍ଷ ନିଷ୍ପତ୍ତି ପରିବର୍ତ୍ତନ କରି ପୁଣି କ୍ଲାସ ହେବ ବୋଲି ସୂଚନା ଦେଇଥିଲେ।

ସୂଚନାଥାଉ କି, ରେଭେନ୍ସା ଦ୍ୱିତୀୟ କ୍ୟାମ୍ପସକୁ ଗତ ଜୁଲାଇରେ କାର୍ଯ୍ୟକ୍ଷମ କରାଯାଇଥିଲା। ୬ଟି ସେଲ୍ଫ ଫାଇନାନ୍ସିଂ ବିଭାଗରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ୨ଟି ବିଭାଗକୁ ସ୍ଥାନାନ୍ତର କରାଯାଇଛି। ଆଇଟିଏମ୍ ଏବଂ ଆଇଏସ୍‌ଟି ବିଭାଗର ଅଧ୍ୟାପକ ଓ କର୍ମଚାରୀମାନେ ଦ୍ୱିତୀୟ କ୍ୟାମ୍ପସରେ କାର୍ଯ୍ୟ ଆରମ୍ଭ କରିଛନ୍ତି। କିନ୍ତୁ ପୂର୍ବରୁ କ୍ୟାମ୍ପସରେ ଉପଯୁକ୍ତ ବ୍ୟବସ୍ଥା ହୋଇ ନ ଥିବା ଅଭିଯୋଗ କରି ଛାତ୍ରୀଛାତ୍ରମାନେ ଧାରଣା ଦେଇଥିଲେ। ଏଥିନିମନ୍ତେ ପାଠପଢା ବନ୍ଦ ରଖାଯାଇଥିଲା। ତେବେ ପୁଣି ପ୍ରଥମ ଦିନରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି।

# ଅଣଧାନ ଚାଷ ପାଇଁ ବୁଲିଲା ସଚେତନତା ରଥ



ସଚେତନତା ରଥକୁ ଅତିଥି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ବଡ଼ମ୍ବା, ୪।୯( ମାୟାଧର ମଲ୍ଲିକ)

କୃଷି ଓ କୃଷକର ବିକାଶ ତଥା ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ଯୋଜନା କରାଯାଉଛି। ରାଜ୍ୟ ସରକାର ଖରିଫ ଋତୁରେ ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ଅଣଧାନ ଚାଷ କରିବାକୁ ଚାଷୀମାନଙ୍କୁ ସଚେତନତା ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅବସରରେ କଟକ ଜିଲା ବଡ଼ମ୍ବା ବ୍ଲକ କୃଷି ବିଭାଗ ପକ୍ଷରୁ ଏକ ପ୍ରଚାର ଗାଡି ଯୋଗେ ସଚେତନତା କାର୍ଯ୍ୟକ୍ରମ ସୋମବାର ଆରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ବଡ଼ମ୍ବା ଏବିଡିଓ ଅଭୀପ୍ସା ସ୍ୱାଇଁ, ବ୍ଲକ ସଦର ମହକୁମାରୁ ଉକ୍ତ ପ୍ରଚାର ଗାଡ଼ିକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବଡ଼ମ୍ବା ସହକାରୀ କୃଷି ଅଧିକାରିଣୀ ବିଳାସିନୀ ମହାପାତ୍ର ଓ ସ୍ମରଣିକା ବିଶ୍ୱାଳ, ଫସଲ ବିବିଧକରଣର ବ୍ଲକ ସଂଯୋଜିକା ସଂଗୀତା ସାହୁ ପ୍ରମୁଖ ସହଯୋଗ କରିଥିଲେ। ମୁଖ୍ୟ ଅତିଥି ଅଧ୍ୟକ୍ଷ ମହାନ୍ତି ନିଜର ଉଦ୍‌ବୋଧନରେ କହିଛନ୍ତି କି ରାଜ୍ୟ ସରକାର ସବୁବେଳେ କୃଷିକୁ ପ୍ରାଧାନ୍ୟ ଦେବା ସହ ବିଭିନ୍ନ ପ୍ରକାରର ପ୍ରୋତ୍ସାହନ ଦେଉଛନ୍ତି। ବଡ଼ମ୍ବା ବ୍ଲକର ପ୍ରାୟ ୧୧ ଗୋଟି ପଞ୍ଚାୟତରେ ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ଅଣଧାନ ଚାଷ କରିବା ପାଇଁ ଚାଷୀମାନଙ୍କୁ ସରକାର ସମସ୍ତ ସୁବିଧା ଦେଉଛନ୍ତି। ତେଣୁ ଏହାର ଚାହିଦା ବଢାଇବା ପାଇଁ ସଚେତନତା ଉଦ୍ଦେଶ୍ୟରେ ଏହି କୃଷି ରଥ ଗାଁ ଗାଁରେ ବୁଲି ପଥପ୍ରାନ୍ତ ନାଟକ ସହିତ ଗୀତରେ ସଚେତନତା ସୃଷ୍ଟି କରାଯିବ ବୋଲି ସୂଚନା ଦେଇଥିଲେ। ଏହି କୃଷି ରଥ ବ୍ଲକ ସଦର ମହକୁମାରୁ ବାହାରି ମାଳତି, ଦାଶରଥିପୁର, ଗୋପାଳପୁର, ବନମାଳୀପୁର, କରଡିବନ୍ଧ, ଭଙ୍ଗାରିକା, କୃଷ୍ଣଚନ୍ଦ୍ରପୁର ଆଦି ପଞ୍ଚାୟତର ସମସ୍ତ ଗାଁଗୁଡ଼ିକରେ ବୁଲି ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଇଥିଲା। ଏହି ଅବସରରେ ନିଗମ ଅନୁଷ୍ଠାନର ସରୋଜ ସାମଲ, ମାନସ ଦଳେଇ, ପ୍ରମୋଦ କହଁର ଉପସ୍ଥିତ ରହି ସହଯୋଗ କରିଥିଲେ।

# ଭାରତୀୟ ସଂସ୍କୃତିରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ, ବିଶ୍ୱ ଭ୍ରାତୃତ୍ୱ

## ସାଲେପୁରଠାରେ ଜଗନ୍ନାଥ ଚେତନା ପରିଷଦ ପକ୍ଷରୁ ବିଶାଳ ଧର୍ମସଭା



ଧର୍ମସଭାରେ ଅତିଥିଙ୍କ ଗହଣରେ କେଶବ ଦାସ ଓ ଅନ୍ୟମାନେ।

ସାଲେପୁର,୪।୯(ଅରବିନ୍ଦ ଭୂୟାଁ)

ଭାରତୀୟ ସଂସ୍କୃତିରେ ଶ୍ରୀଜଗନ୍ନାଥଙ୍କର ଦର୍ଶନ ଓ ବିଶ୍ୱ ଭ୍ରାତୃତ୍ୱ ପ୍ରେମ ଓଡ଼ିଶାକୁ ଚିରପରିଚିତ କରିପାରିଛି। ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ବିଶ୍ୱର ଜନସାଧାରଣଙ୍କ ସମସ୍ତ ପ୍ରକାର ସମସ୍ୟା ଦୂରୀଭୂତ ହୋଇଥାଏ। ସାଲେପୁରସ୍ଥିତ ମଧୁସୂଦନ ମଣ୍ଡପ ପରିସରରେ ଶ୍ରୀଜଗନ୍ନାଥ ଚେତନା ପରିଷଦ ପକ୍ଷରୁ ଅନୁଷ୍ଠିତ ବିଶ୍ୱଶାନ୍ତି ଓ ସଦ୍‌ଭାବନା ସଭାରେ ଯୋଗଦେଇ କେଶବ ଦାସ (ଦ୍ୱିତୀକୃଷ୍ଣ) କୁନିପ୍ରବଚକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହା ପ୍ରକାଶ କରିଛନ୍ତି। ସେ କହିଲେ, ଶ୍ରୀଜଗନ୍ନାଥଙ୍କ ଅଶେଷ କୃପାରୁ ମାନବ ସମାଜ ଆଜି ତିଷ୍ଠି ରହିଛି। ସତ୍ୟ, ଶାନ୍ତି, ଅହିଂସା ଓ ସମସ୍ତଙ୍କୁ ଭଲ ପାଇବା ଗୁଣ ହିଁ ଶ୍ରୀଜଗନ୍ନାଥଙ୍କ ଶରଧାବାଲି ଶ୍ରୀକ୍ଷେତ୍ରରେ ଅନୁଭୂତ ହୋଇଥାଏ ବୋଲି କହିଥିଲେ। ଥରେ ହାତ ଟେକି ଶ୍ରୀଜଗନ୍ନାଥଙ୍କର ଶରଣାପନ୍ନ ହୋଇଗଲେ ସେ ସମସ୍ତ ଦୁଃଖ ଖଣ୍ଡନ କରନ୍ତି। ପୃଥିବୀରେ ମାନବିକ ମୂଲ୍ୟବୋଧ ରକ୍ଷା କରିବା ଓ ସମସ୍ତଙ୍କ ମଧ୍ୟରେ ଭ୍ରାତୃଭାବ ପ୍ରତିଷ୍ଠା କରିବା ଶ୍ରୀଜଗନ୍ନାଥଙ୍କ ଦର୍ଶନ ଆମକୁ ଶିକ୍ଷା ଦେଉଛି। ଏହି ଶିକ୍ଷାକୁ ଗ୍ରହଣ କରି ଆଗାମୀ ଦିନରେ ମଣିଷ ସମାଜ ଶାନ୍ତିର ମାର୍ଗ ଆପଣାଇ ନିଜର ଜୀବନ ନିର୍ବାହ କରିବାକୁ ସେ ପରାମର୍ଶ ଦେଇଥିଲେ। ଲୋକସେବା ଫାଉଣ୍ଡେଶନର ଅଧ୍ୟକ୍ଷ ହିମାଂଶୁ ମହାନ୍ତିଙ୍କ ନେତୃତ୍ୱରେ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏଥିରେ ଯୋଗଦେଇଥିଲେ। ଏହି ଅବସରରେ ହରିବୋଲ ହୁଳହୁଳି, ଘଣ୍ଟଘଣ୍ଟା ଓ ବାଦ୍ୟରେ ସାଲେପୁର ମଧୁମଣ୍ଡପ ପ୍ରକମ୍ପିତ ହୋଇଥିଲା। ଏହି ଅବସରରେ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧାମୂରତି ମଣ୍ଡପରେ ସ୍ଥାନିତ କରାଯିବା ପରେ ପୂଜାର୍ଚ୍ଚନା କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଇନଜୀବୀ ରାଜୀବ ଷଡଙ୍ଗୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପରେ ଏହି ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଶୋକ ବାଇ, ଅଶ୍ୱିନୀ ଷଡ଼ଙ୍ଗୀ, ଦେବାଶିଷ ମଲ୍ଲିକ, ବିଶ୍ୱଜିତ୍ ଷଡ଼ଙ୍ଗୀ, ନୀହାର ରଞ୍ଜନ ମଲ୍ଲିକ, କେଶବ ପରିଡ଼ା, ଅନ୍ତର୍ଯ୍ୟାମୀ ସାହୁ, ଲକ୍ଷ୍ମୀପ୍ରିୟା ସାହୁ, ନିବେଦିତା ସାହୁ, ଗୀତାଞ୍ଜଳି ବରାଳ, ବନଜା ପରିଡ଼ାଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏହାକୁ ପରିଚାଳନା କରିଥିଲେ। ଏହି ଅବସରରେ ସାଲେପୁର ପୋଲିସ ପକ୍ଷରୁ ଆବଶ୍ୟକ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

### ବିଶ୍ୱ ସଂସ୍କୃତ ଦିବସ ପାଳିତ

ମାଣିଆବନ୍ଧ, ୪।୯ (ଅଖିଳ କୁମାର ସାହୁ)

ବଡ଼ମ୍ବା ବ୍ଲକ ମାଣିଆବନ୍ଧ ମହାବିଦ୍ୟାଳୟର ଅପର୍ଣ୍ଣା ସମ୍ମିଳନୀ କକ୍ଷରେ ସୋମବାର ବିଶ୍ୱ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ବିଜୟ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସୁଚିସ୍ମିତା ମହାନ୍ତି ଯୋଗଦେଇଥିଲେ। ସେ କହିଥିଲେ, ଇସ୍ରୋ ମୁଖ୍ୟ ବୈଜ୍ଞାନିକ ଏସ୍. ସୋମନାଥ ଚନ୍ଦ୍ରୟାନର ସଫଳତା ସମ୍ପର୍କରେ ବୈଦିକ ଜ୍ଞାନର ମହତ୍ତ୍ୱକୁ ଗୁରୁତ୍ୱ ଦେଇଥିବା କଥା ଉଲ୍ଲେଖ କରିବା ସହ ସାମ୍ପ୍ରତିକ ସମାଜରେ ସଂସ୍କୃତର ଆବଶ୍ୟକ ଉପରେ ମତବ୍ୟକ୍ତ କରିଥିଲେ।

ସମ୍ମାନିତ ଅତିଥି ଭାବେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପିକା ସ୍ନେହଶ୍ରୀ ପଣ୍ଡା ଯୋଗଦେଇ ଐତିହାସିକ ଦୃଷ୍ଟିରୁ ସଂସ୍କୃତ ଭାଷା ହେଉଛି ଆଦିଭାଷା, ସବୁ ଭାଷାର ଜନନୀ ଓ ସାହିତ୍ୟର ମହନୀୟତା ପ୍ରୟୋଗାତ୍ମକ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ମୁଖ୍ୟଅତିଥି ଜଗନ୍ନାଥ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ପ୍ରଦାନ କରିବା ପରେ ସଂଯୋଜକ ତଥା ବିଭାଗୀୟ ଅଧ୍ୟାପକ ସାରଦାନନ୍ଦ ଦାଶ ମନ୍ତ୍ରପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ବିପ୍ରଚରଣ ପ୍ରଧାନ ଯୋଗ ଦେଇଥିବା ବେଳେ ଇଂଲିଶ୍ ଅଧ୍ୟାପକ ଖଗେଶ୍ୱର ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସନ୍ତୋଷ ବେଉରା, ଦୀନେଶ ଦାସ ଉପସ୍ଥିତ ରହି ନିଜସ୍ୱ ମତ ଦେଇଥିଲେ। ଗତ ଯୁକ୍ତ ୨ ପରୀକ୍ଷାରେ ସଂସ୍କୃତରେ ଟପ୍ପର ହୋଇଥିବା ମହାବିଦ୍ୟାଳୟ ଛାତ୍ରୀ ସୁଶ୍ରୀ ଶୁଭଲକ୍ଷ୍ମୀ ସାହୁଙ୍କୁ ଅତିଥିମାନେ ପଦକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଭାଗୀୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂସ୍କୃତ ଭାଷାରେ ଭାଷଣ ଦେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପିକା ସଂଘମିତ୍ରା ପଣ୍ଡା ଧନ୍ୟବାଦ ଦେଇଥିଲେ।

# 'ପ୍ରତି ଜ୍ଞାନର ଦ୍ୱାର ସମସ୍ତ ମନୁଷ୍ୟଙ୍କ ପାଇଁ ଉନ୍ମୁକ୍ତ'



ଆଲୋଚନାଚକ୍ରରେ ଯୋଗଦେଇଥିବା ମହିଳା ପୁରୁଷମାନେ।

ବଡ଼ମ୍ବା, ୪।୯(ମାୟାଧର ମଲ୍ଲିକ)

- ପ୍ରାଣଯୋଗ ପ୍ରତିଷ୍ଠାନର ଋଷି ତର୍ପଣ ପର୍ବ
- ଭାରତୀୟ ଋଷିଙ୍କ ଅବଦାନ ଉପରେ ଆଲୋଚନାଚକ୍ର

ପ୍ରାଣ ଯୋଗ ପ୍ରତିଷ୍ଠାନ ମହର୍ଷି ଦୟାନନ୍ଦ ଯଜ୍ଞମଣ୍ଡପରେ ଋଷି ତର୍ପଣ ପର୍ବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନ ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଭାରତୀୟ ଋଷି ଯୋଗୀ ସନ୍ଥମାନଙ୍କ ଅବଦାନ ଆଲୋଚନା ଚକ୍ର ଓ ଦିବ୍ୟ ଚିନ୍ତନ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ଆଲୋଚନାଚକ୍ରରେ କାନପୁର ଆର୍ଯ୍ୟ ସମାଜ ସଭାପତି ସତ୍ୟାନନ୍ଦ ବାନପ୍ରସ୍ଥି ମୁଖ୍ୟ ଅତିଥି, କଟକ ଜିଲା ମହିଳା ପତଞ୍ଜଳି ଯୋଗ ସମିତି ବଡ଼ମ୍ବା ତହସିଲ ପ୍ରଭାରୀ ପ୍ରବୀଣା ମହାନ୍ତି ମୁଖ୍ୟ ବକ୍ତା, ନାରୀ କବି ପ୍ରତିମା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ପ୍ରତିଜ୍ଞାନର ଦ୍ୱାର ସମସ୍ତ ମଣିଷଙ୍କ ପାଇଁ ଉନ୍ମୁକ୍ତ। ସେହିପରି କଟକ ଜିଲା ଆର୍ଯ୍ୟ ସଙ୍ଗଠନ ସଭାପତି ପ୍ରମୋଦ ମହାରଣା, ମାଣିଆବନ୍ଧ ଆର୍ଯ୍ୟ ସମାଜ ସଭାପତି କାର୍ତ୍ତିକ ଚନ୍ଦ୍ର ସାହୁ, ଗୋପୀନାଥପୁର ଆର୍ଯ୍ୟ ସମାଜ ପ୍ରତିଷ୍ଠାତା ମାଗୁଣି ଆର୍ଯ୍ୟ, ବାସନ୍ତୀ ଦେଈ, ବୈଜୟନ୍ତ ମହାରଣାଙ୍କ ତତ୍ତ୍ୱାବଧାନରେ ଦେବ ଯଜ୍ଞ ହୋଇଥିଲା। ଏହି ଅବସରରେ ସାମବେଦ ପାରାୟଣ ସହ ମାଣିଆବନ୍ଧ ସମାଜ ପାଠକ ମଞ୍ଚ ଉପ ସଭାପତି ଗୋବିନ୍ଦ ମହାପାତ୍ର, ବନମାଳୀପୁର ମହିମା ଆଶ୍ରମର ମହିମା କବି ଭକ୍ତଚରଣ ବେହେରାଙ୍କୁ ପୁଷ୍ପଗୁଚ୍ଛ, ଚନ୍ଦନ, ଉତ୍ତରୀୟ, ରୁଦ୍ରାକ୍ଷ ମାଳ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଷ୍ଠାନ ଅଧୀକ୍ଷକ ବାଲୁଙ୍କେଶ୍ୱର ରାଉତ ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଜୟ କୁମାର ମିଶ୍ର, ପୂର୍ବତନ ଗ୍ରନ୍ଥାଗାରିକ ଶିଳ୍ପୀ ମହାନ୍ତି , ଅଧ୍ୟାପକ ଖଗେଶ୍ୱର ମହାପାତ୍ର, ରସାୟନବିତ୍ ଡ. ସୁବାସ ଚନ୍ଦ୍ର ଆସ, ପ୍ରାଧ୍ୟାପକ ମାନଗୋବିନ୍ଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ସାଲେପୁର ସହରାଞ୍ଚଳରେ ଡ୍ରେନ୍ ନ ଥିବାରୁ ରାସ୍ତାରେ ପାଣି ଜମାହୋଇରହିଛି।

# ଡ୍ରେନ୍ ନାହିଁ: ବର୍ଷାଦିନେ ୩ ଫୁଟ ଉଚ୍ଚର ପାଣି ଜମୁଛି

ସାଲେପୁର,୪।୯(ଅରବିନ୍ଦ ଭୂୟାଁ)

ସାଲେପୁର ସହରାଞ୍ଚଳରେ ଜଳ ନିଷ୍କାସନ ପାଇଁ ଡ୍ରେନ ବ୍ୟବସ୍ଥା ନ ଥିବାରୁ ସାମାନ୍ୟ ବର୍ଷାରେ ବିଭିନ୍ନ ସ୍ଥାନ ଜଳାର୍ଣ୍ଣବ ହୋଇଯାଉଛି। ବିଶେଷକରି ସାଲେପୁର ସହର ନିକଟରେ ଥିବା ମଧୁମଣ୍ଡପ ଏବଂ ବିଦ୍ୟୁତ୍ ବିଭାଗ ଡିଭିଜନ୍ ଅଫିସ୍ ସହ ଶିଶୁଉଦ୍ୟାନ ଆଗରେ ପାଣି ଜମୁଥିବାରୁ ଲୋକମାନେ ଯିବା ଆସିବା କରିପାରୁନାହାନ୍ତି। ୩ ଫୁଟ ଉଚ୍ଚର ପାଣିର ସୁଅ ଚାଲିଛି। ସାଲେପୁର ହାଇସ୍କୁଲ ପଡ଼ିଆ ଜଳାର୍ଣ୍ଣବ ହୋଇପଡୁଛି। ସେହିପରି ସାହେଶ୍ୱରୀ ମନ୍ଦିର ଆଗରେ ପାଣି ଜମୁଛି। ହେଲେ ଡ୍ରେନ ନିର୍ମାଣ ଅଧାପନ୍ତରିଆ ଭାବେ ପଡ଼ିରହିଛି। ବର୍ଷା ହେଲେ ଲୋକେ ଯିବା ଆସିବାରେ ହଇରାଣ ହେଉଛି।

# ରିଅଲ ଇଷ୍ଟେଟ୍ ସଂସ୍ଥାର ୧୯.୬୭ କୋଟିର ସମ୍ପତ୍ତି ଆଟାଚ୍

## ୟୁନିୟନ୍ ବ୍ୟାଙ୍କରୁ ଋଣ ଠକେଇ ମାମଲା

ଭୁବନେଶ୍ୱର,୪।୯(ସତ୍ୟଜିତ୍ ରାଉତ)

ୟୁନିୟନ୍ ବ୍ୟାଙ୍କରୁ ଋଣ ଠକେଇ ମାମଲାରେ ବେଆଇନ ଅର୍ଥ କାରବାର ଦିଗକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରିଅଲ୍ ଇଷ୍ଟେଟ୍ ସଂସ୍ଥା 'ଏମ୍/ଏସ୍ ଜିଡିଏସ୍ ବିଲ୍‌ଡର୍ସ ପ୍ରାଇଭେଟ୍ ଲିଃର ତଦନ୍ତ କରୁଥିଲା। ଏହାର ନିର୍ଦ୍ଦେଶକ ଉମାଶଙ୍କର ଦାସ ଏବଂ ଅନ୍ୟ ଅଭିଯୁକ୍ତଙ୍କର ୧୯ କୋଟି ୬୭ ଲକ୍ଷ ୨୩,୦୨୭ ଟଙ୍କାର ସମ୍ପତ୍ତିକୁ ଇଡି ଆଟାଚ୍ କରିଛି। ଏହି ସମ୍ପତ୍ତି ମଧ୍ୟରେ ୯ ଲକ୍ଷ ୪୯,୬୫୭ ଟଙ୍କାର ବ୍ୟାଙ୍କ ଜମା ଓ ମ୍ୟୁଚୁଆଲ୍ ଫଣ୍ଡର ସ୍ଥାବର ସମ୍ପତ୍ତି ଓ ୧୯ କୋଟି ୫୭ ଲକ୍ଷ ୭୩,୩୭୦ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। ସମସ୍ତ ଅସ୍ଥାବର ସମ୍ପତ୍ତି ଭୁବନେଶ୍ୱର ଓ ପୁରୀରେ ରହିଥିବା ଇଡି ପକ୍ଷରୁ ସୂଚନା ଦିଆଯାଇଛି। ପ୍ରିଭେନସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ, ୨୦୦୨ (ପିଏମ୍‌ଏଲ୍‌ଏ) ଅନୁଯାୟୀ, ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଇଡି ପକ୍ଷରୁ ସୋମବାର ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଆଞ୍ଚଳିକ ଡେପୁଟି ଜେନେରାଲ ମ୍ୟାନେଜର ତଥା ତତ୍କାଳୀନ ଡେପୁଟି ଜେନେରାଲ ମ୍ୟାନେଜର ରୂପଲାଲ ମୀନାଙ୍କ ଅଭିଯୋଗ ଆଧାର କରି କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ (ସିବିଆଇ) ତିନୋଟି ପୃଥକ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ୟୁବିଆଇର ତିନି ଅଧିକାରୀ ଭୁବନେଶ୍ୱର ମହାପାତ୍ର, ଅଶ୍ୱିନୀ କୁମାର ପାତ୍ର ଏବଂ ରାଜେଶ କୁମାର ପଟଙ୍ଗା କାଗଜ ପତ୍ର ଯାଞ୍ଚ ନ କରି ଏମ୍/ଏସ୍ ଜିଡିଏସ୍ ବିଲ୍‌ଡର୍ସ ଲିମିଟେଡ୍ ସଂସ୍ଥାର ପ୍ରରୋଚନାରେ ୪୪ ଜଣଙ୍କ ନାମରେ ୨୦୧୭ରେ ୨୪.୧୭ କୋଟି ଟଙ୍କା ଗୃହ ବାବଦକୁ ଋଣ ମଞ୍ଜୁର କରିଥିଲେ। ଏ ନେଇ ଅଭିଯୋଗ ପରେ ସିବିଆଇ ବ୍ୟାଙ୍କ କର୍ମଚାରୀଙ୍କ ସମେତ ୫ ଜଣଙ୍କୁ ୨୦୨୦ରେ ଗିରଫ କରିଥିଲା। ପରେ ଏହି ମାମଲାରେ ବେଆଇନ ଅର୍ଥ କାରବାର ଦିଗକୁ ନେଇ ଖୋଳତାଡ଼ କରିବାକୁ ଇଡି ନିଜ ଆଡୁ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଉଲ୍ଲେଖଯୋଗ୍ୟ, ଚଳିତବର୍ଷ ମେ ୧୮ରେ ଇଡି ଅଭିଯୁକ୍ତ ଉମାଶଙ୍କର ଓ ତାଙ୍କ ସମ୍ପର୍କୀୟଙ୍କ ୮ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ୧.୩ କୋଟି ଟଙ୍କାର ୧.୯୭୮ କେଜି ସୁନା, ୧୫ ଲକ୍ଷ ଟଙ୍କା ଓ ବିଭିନ୍ନ କାଗଜପତ୍ର ଜବତ କରାଯାଇଥିଲା।

### ସ୍ୱାଧୀନତା ସଂଗ୍ରାମୀଙ୍କ ଧର୍ମପତ୍ନୀ ଉଷାରାଣୀଙ୍କ ପରଲୋକ

ବାଙ୍କୀ,୪।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)



ବାଙ୍କୀ ବ୍ଲକ ଅନ୍ତର୍ଗତ ଗୋଲାଗଣ୍ଡ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ମାୟାଧର ପରମଗୁରୁଙ୍କ ଧର୍ମପତ୍ନୀ ଉଷାମଣି (୮୯)ଙ୍କ ସୋମବାର ନିଜ ବାସଗୃହଠାରେ ପରଲୋକ ଘଟିଛି। ଉଷାମଣି ଜଣେ ଧର୍ମପରାୟଣା ଓ ମେଳାପି ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ପ୍ରଦୀପ, ସନ୍ତୋଷ, ପ୍ରଦ୍ୟୁମ୍ନ, ସୁରେଶ, ବିଜୟକେତନ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ ବାଙ୍କୀ କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଓ ନିଖିଳ ଉତ୍କଳ ଭାଗବତ ପ୍ରଚାର ପ୍ରସାର ସମିତିର ସାଧାରଣ ସମ୍ପାଦକ କମଳାକାନ୍ତ ପ୍ରହରାଜ ଗଭୀର ଶୋକ ପ୍ରକାଶ କରିବା ସହ ପରିବାରବର୍ଗ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ତାଙ୍କର ଅନ୍ତିମ ସଂସ୍କାର ଗ୍ରାମ ଶ୍ମଶାନରେ କରାଯାଇଛି। ପୁତ୍ର ପ୍ରଦୀପ ମୁଖାଗ୍ନି ଦେଇଥିଲେ।

# ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

- ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୫-ଟି କାର୍ଯ୍ୟ
- ରଙ୍ଗଯୁକ୍ତ ପ୍ଲାଷ୍ଟର ଉପରେ ଚାଲିଛି ଟାଇଲ ବିଛାଇବା କାମ

ମାହାଙ୍ଗା,୪।୯(ଯଯାତି ସିଂହ)



ସ୍ୱାସ୍ଥ୍ୟ କେନ୍ଦ୍ରରେ ରଙ୍ଗଯୁକ୍ତ ପ୍ଲାଷ୍ଟର ଉପରେ ଚାଲିଛି ଟାଇଲ ବିଛାଇବା କାମ।

ସରକାରଙ୍କ ୫-ଟି ଯୋଜନାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହାର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଅର୍ଥ ବିନିଯୋଗ କରାଯାଉଛି। ଠିକ୍ ଭାବେ କାମ ହେଉ ନ ଥିବା ଅଭିଯୋଗ ହେଉଛି। ଏ ନେଇ ଗତ ସପ୍ତାହରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଅତି ତରବରିଆ ଭାବେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟସ୍ଥଳ ପରିଦର୍ଶନ କରିଥିଲେ। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଫଳରେ ପୂର୍ବ ପରି ନିମ୍ନମାନର କାର୍ଯ୍ୟ ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ମାହାଙ୍ଗା ବ୍ଲକ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୂପାନ୍ତରଣ କାର୍ଯ୍ୟରେ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କାନ୍ଥର ନିମ୍ନ ପାର୍ଶ୍ୱରୁ ରଙ୍ଗଯୁକ୍ତ ପ୍ଲାଷ୍ଟର ଛଡ଼ା ନ ଯାଇ କେବଳ ଏହା ଉପରେ ସିମେଣ୍ଟ ପ୍ରଲେପ ଦିଆଯାଇ ଟାଇଲ ଖଞ୍ଜା ଯାଉଛି। ଏହି କାର୍ଯ୍ୟରେ ନିମ୍ନମାନର ସିମେଣ୍ଟ ବ୍ୟବହାର ହେଉଥିବାରୁ ଏହାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ବାରମ୍ବାର ବିଭାଗୀୟ ଯନ୍ତ୍ରୀ ଓ ସାଲେପୁର ପୂର୍ତ୍ତ ବିଭାଗ ଉପଖଣ୍ଡ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ପୂର୍ବପରି ନିମ୍ନମାନର କାର୍ଯ୍ୟ ଅବ୍ୟାହତ ରହିଛି। ଏପରିକି ଚିକିତ୍ସାଳୟ ପରିସରରେ ଥିବା ଗର୍ଭବତୀ ପ୍ରସୂତି ବିଭାଗ କୋଠରୀର ବାରଣ୍ଡା ପୁରୁଣା ଛାତରେ ତାଳି ପକା କାମ ରୋଗୀମାନଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଭିଯୋଗ ପରେ ମଧ୍ୟ ଚିକିତ୍ସାଳୟର ପୁରୁଣା କାନ୍ଥର ରଙ୍ଗଯୁକ୍ତ ପ୍ଲାଷ୍ଟର ଉପରେ ଟାଇଲ ଲଗାଯାଉଛି। ନିର୍ମାଣସ୍ଥଳରୁ ମାହାଙ୍ଗା ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ମାତ୍ର ୨ ଶହ ମିଟର ଦୂରତା ହୋଇଥିବାବେଳେ ଏଭଳି ନିମ୍ନମାନର କାର୍ଯ୍ୟକୁ ସାଧାରଣରେ ନାପସନ୍ଦ କରାଯାଇଛି। ଏ ସମ୍ପର୍କରେ ପୂର୍ତ୍ତବିଭାଗ ନିର୍ବାହୀଯନ୍ତ୍ରୀ ଅନୁପ କୁମାର ବେହେରାଙ୍କୁ ପଚାରିବାରୁ ଏହି କାର୍ଯ୍ୟର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# 'ଜନତା ସଚେତନ ହେଲେ ଯୋଜନା ସଫଳ ହେବ'

ଖୋର୍ଦ୍ଧା,୪।୯(ପ୍ରଭାତ ପାଣିଗ୍ରାହୀ)


ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

■ ସଂଶାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର
■ ୧୫ରୁ ସବୁ ପଞ୍ଚାୟତରେ ଲୋକକଳା ମାଧମରେ ପ୍ରଚାର

ଖୋର୍ଦ୍ଧା ଜିଲାସ୍ତରୀୟ ସଂଶାଧନ ସଭ୍ୟଙ୍କ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ସୋମବାରଠାରୁ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ମୁଖ୍ୟ ଅତିଥି ଏବଂ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ବାଦଲ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ ବେଉରା କହିଲେ, ଲୋକକଳା ଗୋଟିଏ ଜାତିର କଳା ସଂସ୍କୃତିର ପରିଚୟ ବହନ କରିଥାଏ। ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଲୋକକଳା ମାଧମରେ ଲୋକାଭିମୁଖୀ ହୋଇଥାଏ। କଳାକାରମାନେ ସଚେତନତା ମୂଳକ ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇଥାନ୍ତି। ଏହି ଶିବିରରେ ସଂଶାଧନ ସଭ୍ୟମାନେ ଯୋଜନା ସମ୍ପର୍କରେ ଅବଗତ ହୋଇପାରିବେ ଏବଂ ନିଜ କଳା ମାଧମରେ ସରକାରଙ୍କ ଯୋଜନା ସମ୍ପର୍କରେ ଲୋକଙ୍କ ନିକଟରେ ପହଞ୍ଚାଇପାରିବେ। ଜିଲାପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ମହାନ୍ତି କହିଲେ, ଏହା ଏକ ଅଭିନବ ପ୍ରୟାସ। ସରକାର ଓ ଜନତାଙ୍କ ମଧ୍ୟରେ ସମ୍ପର୍କକୁ ଲୋକକଳା ଯୋଡ଼ିଥାଏ। ଲୋକଙ୍କୁ ସଚେତନ କରାଇବା ଦିଗରେ ଏହା ସହାୟକ ହୋଇଥାଏ। ଅଧିକରୁ ଅଧିକ ଲୋକେ ଯେପରି ଏହାଦ୍ୱାରା ଉପକୃତ ହୋଇପାରିବେ ସେଥିପ୍ରତି ଗୁରୁତ୍ୱ ଦେବା ଉଚିତ। ଯୋଜନା ସମ୍ପର୍କରେ ଲୋକେ ସଚେତନ ହେଲେ ଏହି ପ୍ରୟାସ ସଫଳ ହେବ ବୋଲି ସେ କହିଥିଲେ। ଏହି ଶିବିରରେ ବିଭିନ୍ନ ବିଭାଗର ପ୍ରଶିକ୍ଷକମାନେ ଯୋଗଦେଇ ଉପସ୍ଥିତ ସଭ୍ୟମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଡିପିଏଚ୍‌ଓ ପ୍ରଶାନ୍ତ କୁମାର ଦାଶ ଏବଂ ପ୍ରସନ୍ନ କୁମାର ମହାପାତ୍ର ସ୍ୱାସ୍ଥ୍ୟ ବିଭାଗର ସ୍ୱାସ୍ଥ୍ୟବୀମା, ଆମ ହସ୍ପିଟାଲ ଯୋଜନା, ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ମମତା ଯୋଜନା, ମିଶନ ଶକ୍ତି, ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଧୁବାବୁ ପେନସନ, ବାର୍ଦ୍ଧକ୍ୟ, ବିଧବା, ବିକଳାଙ୍ଗ ପେନସନ ଏବଂ ୩୦ବର୍ଷ ପର୍ଯ୍ୟନ୍ତ ଅବିବାହିତ ଝିଅଙ୍କୁ ସରକାରୀ ସହାୟତା ଉପରେ ବିଭାଗୀୟ ଅଧିକାରୀମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଲୋକକଳା ମାଧମରେ ଚଳିତ ମାସ ୧୫ତାରିଖରୁ ସମସ୍ତ ପଞ୍ଚାୟତ ସ୍ତରରେ ଆୟୋଜନ କରାଯିବ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସମସ୍ତ ଆର୍ଥିକ ସହଯୋଗ ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆନୁଷଙ୍ଗିକ ସହଯୋଗ ପ୍ରଦାନ କରାଯିବ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ସମସ୍ତ ବ୍ଲକର ସିଡିପିଓ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ବ୍ଲକ କଳା ସଂସ୍କୃତିର ଉପସଭାପତି, ବରିଷ୍ଠ କଳାକାର ଯୋଗଦେଇଥିଲେ। ଭୁବନେଶ୍ୱର ଡିଆଇପିଆର୍‌ଓ ଜିତେନ୍ଦ୍ରୀୟ ଜେନା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିବାବେଳେ ଜିଲା ସଂସ୍କୃତି ଅଧିକାରୀ ସଂଯୋଜନା କରିଥିଲେ।

## ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅଧାପନା ପ୍ରତିଯୋଗିତା

ବୋଲଗଡ଼,୪।୯(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସୋମବାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ଅଧାପନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବିଭାଗରେ ଇଂଲିଶ, ଗଣିତ, ବିଜ୍ଞାନ ଓ କନିଷ୍ଠ ବିଭାଗରେ ଗଣିତ ବିଷୟରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଇଂଲିଶରେ ଶିକ୍ଷୟିତ୍ରୀ ଶୈବାଳିକା ମଲ୍ଲିକ, ସ୍ୱର୍ଣ୍ଣଲତା ପ୍ରଧାନ ଏବଂ ଶ୍ରୋତାଲିନୀ ସାହୁ, ଗଣିତରେ ଶ୍ରଦ୍ଧାଞ୍ଜଳି ବେହେରା, ବିଶ୍ୱଜିତ୍ ସରୋଜ କୁମାର ଓ ବିଭୁପ୍ରସାଦ ମହାପାତ୍ର, ବିଜ୍ଞାନରେ ବିଚିତ୍ର କୁମାର ଘଡେଇ ଓ ଶ୍ରୋତାଲିନୀ ସାହୁ ପ୍ରମୁଖ ବିଚାରକଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ଇଂଲିଶରେ ଅମ୍ରିତା ସୁନ୍ଦରାୟ, ଗଙ୍ଗାଧର ଭୋଇ ଓ ପୂର୍ଣ୍ଣିମା ଦାସ, ବିଜ୍ଞାନରେ ଶୁଭଶ୍ରୀ ପଣ୍ଡା, ଗୀତାଞ୍ଜଳି ସାହୁ , ଓମ୍ ପ୍ରକାଶ ନାୟକ, ବରିଷ୍ଠ ବିଭାଗ ଗଣିତରେ ବିନାଲି ମଞ୍ଜିଲ ପ୍ରଧାନ, ଗୀତାଞ୍ଜଳି ସାହୁ ଓ ଗଙ୍ଗାଧର ଭୋଇ, କନିଷ୍ଠ ବିଭାଗ ଗଣିତରେ ଶୁଭଙ୍କର ପୃଷ୍ଟି, ରାକେଶ କୁମାର ସାହୁ, ମଧୁସ୍ମିତା ପ୍ରିୟଦର୍ଶିନୀ ସାହୁ ଯଥାକ୍ରମେ ପ୍ରଥମ, ଦିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ଏଥିସହ ଗୁରୁଶିଷ୍ୟ ସମ୍ପର୍କ ପ୍ରସଙ୍ଗ ଉପରେ ବକ୍ତୃତା ପ୍ରତିଯୋଗିତାରେ ଶିକ୍ଷକ ବିଚିତ୍ର କୁମାର ଘଡ଼େଇ, ପ୍ରମୋଦ କୁମାର ସାହୁ ଓ ବିଭୁପ୍ରସାଦ ମହାପାତ୍ର ବିଚାରକଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ବକ୍ତୃତାରେ ଉପକନିଷ୍ଠ ବିଭାଗରେ ଜାଗୃତି ପ୍ରଭା ସାହୁ, ସ୍ନେହାଶ୍ରୀ ପ୍ରିୟଦର୍ଶିନୀ, କ୍ଷୀରାବ୍ଧି ତନୟା ପ୍ରଧାନ, କନିଷ୍ଠ ବିଭାଗରେ ଶୁଚିସ୍ମିତା ମଙ୍ଗରାଜ, ଶୁଭଙ୍କର ପୃଷ୍ଟି, ମଧୁସ୍ମିତା ପ୍ରିୟଦର୍ଶିନୀ ସାହୁ ଓ ବରିଷ୍ଠ ବିଭାଗରେ ଶୁଭଶ୍ରୀ ପଣ୍ଡା, ଓମ୍ ପ୍ରକାଶ ନାୟକ ଏବଂ ପୂର୍ଣ୍ଣିମା ଦାସ ଯଥାକ୍ରମେ ୧ମ,୨ୟ, ୩ୟ ସ୍ଥାନ ଅଧିକାର କରିଥିଲେ। ଶିକ୍ଷୟିତ୍ରୀ ସୌଦାମିନୀ ସୁବୁଦ୍ଧି, ସୌଦାମିନୀ ପରିଡ଼ା, ସମ୍ପିତ କେଦାର କର, ସ୍ନେହଲତା ପାଇକରାୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଗୁରୁଦିବସରେ ହେବାକୁ ଥିବା ସଭାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ପ୍ରଧାନ ଶିକ୍ଷକ ସ୍ୱାଇଁ କହିଛନ୍ତି।

## ଜନଶୁଣାଣିରେ ୯୫ ଅଭିଯୋଗ


ଜନଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୪।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନଶୁଣାଣି ଶିବିର ସୋମବାର ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୯୫ଟି ଅଭିଯୋଗ ଆସିଥିଲା। ତନ୍ମଧ୍ୟରୁ ୮୭ଟି ବ୍ୟକ୍ତିଗତ ଏବଂ ୫ଟି ସାମୂହିକ ଅଭିଯୋଗ ରହିଥିଲା। ତୁରନ୍ତ ୩ଟି ଅଭିଯୋଗର ସମାଧାନ କରାଯାଇଛି। ଏହି ଅବସରରେ ଜଣେ ଭିନ୍ନକ୍ଷମଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଛି। ଜନଶୁଣାଣି ଶିବିରରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ରନାଥ ମୁର୍ମୁ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଆର୍ତ୍ତବନ୍ଧୁ ନାୟକଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସଚେତନତା ସମାବେଶ

କୃଷ୍ଣପ୍ରସାଦ,୪।୯(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବୁଦ୍ଧିବର ପଞ୍ଚାୟତର ମା'ସାତଭଉଣୀଙ୍କ ପୀଠରେ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ସାମାଜିକ କର୍ମୀ ରମେଶ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଏକ ଜନସଚେତନତା ସମାବେଶ ଅନୁଷ୍ଠିତ ହୋଇଯାଇଛି। ପାରିକୁଦ ଅଞ୍ଚଳରେ ପାନୀୟଜଳ, ଚାଷଜମିକୁ ଜଳସେଚନ, ସାତପଡ଼ା–ଜହ୍ନିକୁଦା ଚିଲିକାରେ ସେତୁ ନିର୍ମାଣ ଆଦି ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଅଞ୍ଚଳର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ସହଯୋଗ କରିବେ ବୋଲି ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବି ନାରାୟଣ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ କିଶୋର ପ୍ରଧାନ, ଟୁକୁନା ଦାସ, ଭାଗୀରଥି ପଲେଇ, ମନୋଜ କୁମାର ଜେନା, କୃଷ୍ଣପ୍ରସାଦ ମହାପାତ୍ର, ଅଖାରି ବରାଳ, ଅଜୟ କୁମାର ଖଟେଇ, ପଙ୍କଜ କୁମାର ବେହେରା, ରାଜ କିଶୋର ମୁଦୁଲିଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।


କୃଷ୍ଣପ୍ରସାଦ: ମା'ସାତଭଉଣୀଙ୍କ ପୀଠରେ ସାମାଜିକ କର୍ମୀ ରମେଶ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ସଚେତନତା ସମାବେଶ।

### ନାବାଳିକାଙ୍କୁ ଅସଦାଚରଣ, ସମ୍ପର୍କୀୟ ମାମୁ ଗିରଫ

ଖୋର୍ଦ୍ଧା,୪।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳର ଜଣେ ୧୫ବର୍ଷର ବାଳିକାଙ୍କୁ ତାଙ୍କର ସମ୍ପର୍କୀୟ ମାମୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ. ୫୬୨/୨୩) ରୁଜୁ ତଦନ୍ତ ଚଳାଇବା ସହ ସମ୍ପର୍କୀୟ ମାମୁ ଗୁରୁଜଙ୍ଗ ଅଞ୍ଚଳର ଅନୁପ କୁମାର ରାଓ(୩୩)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ଜନ ସଚେତନତା କାର୍ଯ୍ୟକ୍ରମ

ଟାଙ୍ଗୀ,୪।୯(ରଘୁନାଥ ସାହୁ)

ବିଦ୍ୟାଳୟ ଓ ଗଣ ଶିକ୍ଷାବିଭାଗ ନିର୍ଦ୍ଦେଶକ୍ରମେ ପ୍ରତ୍ୟେକ ସରକାରୀ ବିଦ୍ୟାଳୟରେ ସେପ୍ଟେମ୍ବର ଆରମ୍ଭରୁ ସ୍ୱଚ୍ଛତାପକ୍ଷ ପାଳନ କରାଯାଉଛି। ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟରେ ସ୍ୱଚ୍ଛତାପକ୍ଷ ପାଳନ ଅବସରରେ ସାହି ପରିକ୍ରମା କରାଯାଇ ଜନଜାଗରଣ କାର୍ଯ୍ୟକ୍ରମ କରାଯାଇଥିଲା। ପିଲାମାନେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ସାହି ପରିକ୍ରମାକରି ଜନସାଧାରଣଙ୍କୁ ସଚେତନ ବାର୍ତ୍ତା ଦେଇଥିଲେ। ମଝିସାହି ସ୍ଥିତ ଦୁର୍ଗା ମଣ୍ଡପ ପରିସରରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବୀଣାପାଣି ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସୁନ୍ଦରପୁର ଉପକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ରଶ୍ମିତା ପ୍ରଧାନ, କାହ୍ନୁଚରଣ ପରିଡା, ଅଙ୍ଗନୱାଡ଼ିକର୍ମୀ ଭାରତୀ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ଘର ଓ ଗ୍ରାମର ପରିବେଶ ସ୍ୱଚ୍ଛ ରଖିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଲଳିତ ନାରାୟଣ ମହାପାତ୍ର ଧନ୍ୟବାଦ ଦେଇଥିଲେ। ସତ୍ୟ ନାରାୟଣ ପଲେଇ, ଦୀପିକା ସିଲ, ରାଜେଶ୍ୱରୀ ହାଲଦାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମାଳତି ମଣ୍ଡଳ, ଅର୍ଚ୍ଚନା ସେନ ପ୍ରମୁଖ ଉପସ୍ଥିତ ଥିଲେ।

## ଆୟୁର୍ବେଦ କଲେଜରେ ଦୁର୍ନୀତି ଅଭିଯୋଗ

ପୁରୀ, ୪।୯(ଅଜିତ ମହାନ୍ତି)

ଗୋପବନ୍ଧୁ ଆୟୁର୍ବେଦିକ କଲେଜରେ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣି ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି ପୁରୀ ଜିଲା ଯୁବ କଂଗ୍ରେସ। ଏନେଇ ସୋମବାର ଜିଲା ଯୁବ କଂଗ୍ରେସ ପକ୍ଷରୁ ୩ଦଫା ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ବିକ୍ଷୋଭରେ ଆଲୋକ ଦାଶ, ମନୋଜ ମଣ୍ଡଳ, ଅନିଲ ବେଜ, ଆଦିତ୍ୟ ସାମନ୍ତରାୟ, ଅର୍ପିତ ଦୀକ୍ଷିତ, ସାହିଲ ମହାନ୍ତି, ମୁନା ବେହେରା, ଆକାଶ ଭୋଇ, ବିଶ୍ୱଜିତ ଦାସ ପ୍ରମୁଖ ସାମିଲ ଥିଲେ।

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଖୋର୍ଦ୍ଧା,୪।୯(ପ୍ରଭାତ ପାଣିଗ୍ରାହୀ)

**ଦମ୍ପତିଙ୍କ ଆତ୍ମହତ୍ୟା ଘଟଣା**

■ ୩ ଅନାଥ ପିଲାଙ୍କ ଭବିଷ୍ୟତ ଅନ୍ଧକାର
■ ସରକାରୀ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ



ଖୋର୍ଦ୍ଧା ବ୍ଲକ ବାଜପୁର ପଞ୍ଚାୟତ ବଣିଆ ଟାଙ୍ଗୀ ଗ୍ରାମର ଦମ୍ପତି ସମରେନ୍ଦ୍ର ସେନାପତି ଏବଂ ସୁନିତାଙ୍କ ଆତ୍ମହତ୍ୟା ପରେ ତାଙ୍କର ୩ ପିଲା ଅନାଥ ହୋଇଯାଇଛନ୍ତି। ସେମାନଙ୍କୁ ଉପଯୁକ୍ତ ସରକାରୀ ସହାୟତା ପ୍ରଦାନ ଲାଗି ବାଜପୁର ସରପଞ୍ଚଙ୍କ ସମେତ ଗ୍ରାମବାସୀ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ନିବେଦନ କରିଛନ୍ତି। ଏହାପରେ ସମ୍ପୃକ୍ତ ୩ ପିଲାଙ୍କୁ ପାଠପଢା ସହ ଅନ୍ୟାନ୍ୟ ସରକାରୀ ସହାୟତା ଯୋଗାଇଦେବା ପାଇଁ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀଙ୍କୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ରବିବାର ଅପରାହ୍ନରେ ହଠାତ୍ ସମରେନ୍ଦ୍ର ଘର ଭିତରପଟୁ କବାଟ ଦେଇ ପଙ୍ଖାରେ ଝୁଲିପଡ଼ିଥିଲେ। ପରିବାର ଲୋକେ ଓ କେତେଜଣ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାର କିଛି ସମୟ ପରେ ତାଙ୍କ ସ୍ତ୍ରୀ ସୁନିତା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ମେଡିକାଲ ନିଆଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱାମୀଙ୍କ ମୃତ୍ୟୁ ଖବର ଶୁଣି ସୁନିତା ବିଦ୍ୟୁତ ତାରକୁ ଧରି ଆତ୍ମହତ୍ୟା କରିଥିବା କୁହାଯାଉଛି। ତାଙ୍କର ୧୭ ବର୍ଷ ବୟସର ଝିଅଟିଏ, ୧୨ ବର୍ଷ ଏବଂ ୭ ବର୍ଷ ବୟସର ଦୁଇ ପୁଅ ଅଛନ୍ତି। ମାତାପିତାଙ୍କୁ ହରାଇ ୩ ପିଲା ମାନସିକ ସ୍ତରରେ ଭାଙ୍ଗିପଡ଼ିଛନ୍ତି। ପିତାମାତାଙ୍କ ମୃତ୍ୟୁ ପରେ ଏମାନେ କିପରି ଚଳିବେ ଓ ଶିକ୍ଷା ଗ୍ରହଣ କରିବେ ତାହାକୁ ନେଇ ସାଧାରଣରେ ଚିନ୍ତା ଦେଖାଦେଇଛି। ଅନ୍ୟପକ୍ଷରେ ସୋମବାର ଖୋର୍ଦ୍ଧା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଚାଲିଥିଲା। ଏହି ସମୟରେ ବାଜପୁର ସରପଞ୍ଚ କେଦାର ପୃଷ୍ଟି, ସାମାଜିକ କର୍ମୀ ସ୍ନେହଲତା ପରିଡ଼ା ଏବଂ କେତେଜଣ ଗ୍ରାମବାସୀ ଏ ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ସମ୍ପୃକ୍ତ ୩ ପିଲାଙ୍କୁ ସରକାରୀ ସହାୟତା ଦେବା ପାଇଁ ଅନୁରୋଧ ଜଣାଇଥିଲେ। ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

## ଭାଜପାରେ ଯୋଗଦେଲେ ଫାସିଓଦା ପଞ୍ଚାୟତର ୨୦କର୍ମୀ


ଭାଜପାରେ ଯୋଗଦେଇଥିବା ବିଭିନ୍ନ ଦଳର କର୍ମୀମାନେ।

ବୋଲଗଡ଼,୪।୯(ଦେବବ୍ରତ ହୋତା)

ବାଲଗଡ଼ ବ୍ଲକ ଅନ୍ତର୍ଗତ ଫାସିଓଦା ପଞ୍ଚାୟତର ବିଭିନ୍ନ ଦଳର ୨୦ଜଣ କର୍ମୀ ଭାଜପାରେ ଭୁବନେଶ୍ୱର ଏମ୍‌ପିଙ୍କ କାର୍ଯ୍ୟାଳୟଠାରେ ଯୋଗଦେଇଛନ୍ତି। ଟାଙ୍ଗୀସାହି ଓ୍ୱାର୍ଡମେମ୍ବର ମାଧବ ଦାଶ, ଶରତ ମଲ୍ଲିକ, ପ୍ରଫୁଲ୍ଲ ମହାନ୍ତି, ରବୀନ୍ଦ୍ର ମହାରଣା, ପଞ୍ଚୁ ପରିଡା, ଯୁଧିଷ୍ଠିର ବରାଡ ପ୍ରମୁଖଙ୍କୁ ଏମ୍‌ପି ଅପରାଜିତା ଷଡଙ୍ଗୀ, ଏମ୍‌ପିଙ୍କ ପ୍ରତିନିଧି ପ୍ରକାଶ ଚନ୍ଦ୍ର ବିଜୁଳି ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। ଏହି ଅବସରରେ ବୋଲଗଡ଼ ଭାଜପା ମଣ୍ଡଳ ସଭାପତି ରଘୁନାଥ ଷଡ଼ଙ୍ଗୀ, ସାଧାରଣ ସମ୍ପାଦକ ଆର୍ତ୍ତବନ୍ଧୁ ପ୍ରଧାନ ମଧ୍ୟ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଏମ୍‌ପି ଷଡ଼ଙ୍ଗୀଙ୍କ ବିକାଶମୂଳକ କାର୍ଯ୍ୟ ତଥା ଭାଜପାର ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ ଯୋଗଦେଇଥିବା କହିଥିଲେ। ରାଘବ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ସେବାନିବୃତ୍ତ ଯବାନଙ୍କୁ ସମ୍ବର୍ଦ୍ଧନା

ବୋଲଗଡ଼,୪।୯(ଦେବବ୍ରତ ହୋତା)

କୋଡ଼ିଏ ବର୍ଷ ଧରି ଦେଶ ମାତୃକାର ସେବା କରିବା ପରେ ଅବସର ଗ୍ରହଣ କରି ଗ୍ରାମକୁ ଫେରିଥିବା ସୀମା ସୁରକ୍ଷା ବାହିନୀ ଯବାନ କାହ୍ନୁଚରଣ ପ୍ରଧାନଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରକାଶ ଯେ, ବୋଲଗଡ଼ ବ୍ଲକ ସାଗରଗୁଆଁ ପଞ୍ଚାୟତ ହଳଦିପଦା ଗ୍ରାମର କାହ୍ନୁଚରଣ ୨୦୦୩ ମସିହାରେ ଚାକିରିରେ ଯୋଗଦେଇଥିବା ବେଳେ ଗତ ଅଗଷ୍ଟରେ ଅବସର ଗ୍ରହଣ କରିଥିଲେ। ରବିବାର ସେ ଗ୍ରାମରେ ପହଞ୍ଚିବା ପରେ ତାଙ୍କୁ ଗ୍ରାମବାସୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ବାଜା ବଜାଇ, ବାଣ ଫୁଟାଇ ତ୍ରିରଙ୍ଗା ପତାକା ଶୋଭାଯାତ୍ରାରେ ହଳଦିପଦା ଓ ବାରଦାଣ୍ଡି ଗ୍ରାମ ପରିକ୍ରମା କରାଇଥିଲେ। ଯବାନଙ୍କ ସହଧର୍ମିଣୀ ଝୁନୁ ପ୍ରଧାନ ଓ ପୁଅ ମଧ୍ୟ ଶୋଭାଯାତ୍ରାରେ ସାମିଲ ଥିଲେ।


ଗ୍ରାମବାସୀଙ୍କ ପକ୍ଷରୁ କାହ୍ନୁଚରଣ ପ୍ରଧାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

## କ୍ଲବ ମର୍ନିଂ ଷ୍ଟାର, ପିଏନ୍‌ସି ଟିମ୍ ସେମିରେ

ଖୋର୍ଦ୍ଧା,୪।୯(ପ୍ରଭାତ ପାଣିଗ୍ରାହୀ)

**ଶରଧାପୁର ଫୁଟବଲ ଲିଗ୍**

ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ (ଏସ୍‌ଏସ୍‌ଏ) ଆନୁକୂଲ୍ୟରେ ଚାଲିଥିବା ଶରଧାପୁର ଫୁଟବଲ ଲିଗ୍‌ର ସୋମବାର ଦୁଇଟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। କ୍ଲବ ମର୍ନିଂ ଷ୍ଟାର ଏବଂ ପିଏନ୍ କଲେଜ (ପିଏନ୍‌ସି) ଟିମ୍ ସେମିଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ଖେଳପଡିଆରେ ପ୍ରଥମ କ୍ୱାର୍ଟର ଫାଇନଲ ମ୍ୟାଚ୍ ଅନୁଗୋଳ ଓ କ୍ଲବ ମର୍ନିଂ ଷ୍ଟାର ଖୋର୍ଦ୍ଧା ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ପେନାଲ୍ଟି କିକ୍‌ରେ କ୍ଲବ ମର୍ନିଂ ଷ୍ଟାର ୪–୩ ଗୋଲରେ ଅନୁଗୋଳକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ମ୍ୟାଚ୍ ପାଇକ ତିଗିରିଆ ଏବଂ ପ୍ରାଣନାଥ କଲେଜ(ପିଏନ୍‌ସି) ଟିମ୍ ମଧ୍ୟରେ ହୋଇଥିଲା। ପ୍ରଥମ ଓ ଦ୍ୱିତୀୟାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ପେନାଲ୍ଟି କିକ୍‌ରେ ପିଏନ୍ କଲେଜ ୬–୫ ଗୋଲରେ ପାଇକତିଗିରିଆ ଟିମ୍‌କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ୬ଷ୍ଠ ବାଟାଲିୟନ ଡେପୁଟି କମାଣ୍ଡାଣ୍ଟ ୟାକୁବ ଖାନ ଓ ଏମ୍. ପାଢୀ ଯୋଗଦେଇଥିଲେ। ପିଏନ୍ କଲେଜ ଗୋଲକିପର ରାଜ କିଶୋର ନାୟକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଫୁଲ୍ଲ ବେହେରା, ବିଦେଶୀ ନାୟକ, ଜିକେ ଜାନି, ଟୁଟୁ ବାହିନୀପତି ମ୍ୟାଚ୍ ପରିଚାଳନା କରିଥିଲେ। ଆସନ୍ତା ୭ତାରିଖରେ ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ ଓ ପାଣ୍ଡାମାଲ୍ ଏବଂ ୮ ତାରିଖରେ କ୍ଲବ ମର୍ନିଂଷ୍ଟାର ଓ ପିଏନ୍ କଲେଜ ଟିମ୍ ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି।


ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

## ସଂକ୍ଷେପରେ

### ରାଜ୍ୟସ୍ତରୀୟ ଗଣିତ ମେଳାରେ ପିପିଲିର ଶୁଭଙ୍କର ୨ୟ



ପିପିଲି,୪।୮(ଦୁର୍ଗା ମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)

ରାଜ୍ୟସ୍ତରୀୟ ଗଣିତ ମେଳାରେ ୨ୟ ସ୍ଥାନ ହାସଲ କରି ପିପିଲି ପାଇଁ ଗୌରବ ଆଣିଛନ୍ତି ପିପିଲି ଦାଣ୍ଡମୁକୁନ୍ଦପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସପ୍ତମ ଶ୍ରେଣୀର ଛାତ୍ର ଶୁଭଙ୍କର ଦାଶ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବଛା ବଛା ଛାତ୍ରୀଛାତ୍ରଙ୍କୁ ନେଇ ଭୁବନେଶ୍ୱର ନୀଳାଦ୍ରି ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାଜ୍ୟସ୍ତରୀୟ ଗଣିତ ମେଳା ଆୟୋଜିତ ହୋଇଥିଲା। ମେଳାରେ ଶୁଭଙ୍କର କ୍ଷେତ୍ରଫଳ ଓ ଆୟତନ ଉପରେ ଆଧାରିତ ଏକ ନମୁନା ପ୍ରଦର୍ଶିତ କରିଥିଲେ। ଯାହା ଫଳରେ ସେ ସମଗ୍ର ରାଜ୍ୟରେ ୨ୟ ସ୍ଥାନ ଅଳଙ୍କୃତ କରିଛନ୍ତି। ଶୁଭଙ୍କରଙ୍କ ଏହି ସଫଳତା ପାଇଁ ସେ ନିଜ ମା'ବାପା, ଗୁରୁଜୀ ଓ ଗୁରୁମାଙ୍କୁ ଶ୍ରେୟ ଦେଇଛନ୍ତି। ଶୁଭଙ୍କର ଏହି ସଫଳତା ହାସଲ କରିବା ପରେ ବିଦ୍ୟାଳୟ ପକ୍ଷରୁ ଶୁଭଙ୍କରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶୁଭଙ୍କର ଏହି ସଫଳତା ପଛରେ ତାର ଆକ୍ରାନ୍ତ ପରିଶ୍ରମ, ପିତା ମାତାଙ୍କ ଅବଦାନ ସହିତ ବିଦ୍ୟାଳୟର ଗଣିତ ଶିକ୍ଷକ ଶରତ ରଥ, ଦେବାଶିଷ ରଥ, ମଧୁସ୍ମିତା ଷଡ଼ଙ୍ଗୀଙ୍କ ଅବଦାନ ଥିବା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ଦାସ କହିଛନ୍ତି। ଅନ୍ୟପଟେ ଏହି ସଫଳତା ପାଇଁ ପ୍ରକାଶ ମିଶ୍ର ଓ ବିଦ୍ୟାଳୟ ପରିଚାଳନା କମିଟି ଶୁଭଙ୍କରଙ୍କୁ ସମ୍ବର୍ଦ୍ଧିତ କରିଛି।

### ଛାତ୍ର ସଂସଦ ନିର୍ବାଚନ କରାଯିବାକୁ ଦାବି

ପୁରୀ, ୪।୯(ଅଜିତ ମହାନ୍ତି)

ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ସ୍ୱାଧୀନତା ଲୋପ ପାଉଛି। ଛାତ୍ର ସଂସଦ ନିର୍ବାଚନ ନ ହେବା ଦ୍ୱାରା ଶିକ୍ଷାନୁଷ୍ଠାନରେ କେତେକ ମୁଷ୍ଟିମେୟ ଲୋକଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ଏସବୁର ପ୍ରତିବାଦ କରିଛି ଛାତ୍ର କଂଗ୍ରେସ। ପୁରୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଛାତ୍ର କଂଗ୍ରେସ ପକ୍ଷରୁ ଏନେଇ ସୋମବାର ସାମନ୍ତ ଚନ୍ଦ୍ରଶେଖର(ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଲେଜର ଅଧ୍ୟକ୍ଷଙ୍କୁ ଏନେଇ ଦାବିପତ୍ର ଦିଆଯାଇଛି। କଲେଜରେ ନିର୍ବାଚନ କରିବା, କଲେଜ ପରିସରରେ ଅସାମାଜିକ ଓ ଅଣଛାତ୍ରଙ୍କ ପ୍ରବେଶ ରୋକିବା, ସମସ୍ତ ବିଭାଗରେ ଖାଲି ପଡ଼ିଥିବା ଅଧ୍ୟାପକ ପଦବୀ ପୂରଣ କରିବା ପାଇଁ ଦାବି କରାଯାଇଛି। ଜିଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ମିଶ୍ର, ବିଧାନସଭା କ୍ଷେତ୍ର ସଭାପତି ସୂର୍ଯ୍ୟକାନ୍ତ ପଣ୍ଡା, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ଦେବାଶିଷ ଦଇତାପତି ଏବଂ ରାଜ୍ୟ ଛାତ୍ର କଂଗ୍ରେସ ମୁଖପାତ୍ର ରାକେଶ କୁମାର ମେକାପ ପ୍ରମୁଖ ଏହି ବିକ୍ଷୋଭର ନେତୃତ୍ୱ ନେଇଥିଲେ।

### ନୂତନ ଭୋଟର ପଞ୍ଜୀକରଣ ସଚେତନତା ଅଭିଯାନ

ବଲଙ୍ଗା,୪।୯(କେଦାରେଶ୍ୱର ନନ୍ଦ)- ବଲଙ୍ଗା ମହାବିଦ୍ୟାଳୟର ନୂତନ ଭୋଟଦାତାଙ୍କ ଅନଲାଇନ/ଅଫଲାଇନ ପଞ୍ଜୀକରଣ ପ୍ରକ୍ରିୟା ଅଭିଯାନ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରିଣୀ ପ୍ରିୟଦର୍ଶିନୀ ବରାଳ, ବୁଥସ୍ତରୀୟ ଅଧିକାରୀ ନିରୀକ୍ଷକ ଚିତ୍ରସେନ ଗୋଛାୟତ, ଗୋପୀନାଥପୁରସ୍ଥ ବୁଥସ୍ତରୀୟ ଅଧିକାରୀ ରବୀନ୍ଦ୍ର ଦାଶ ସାଧନକର୍ମୀ ରୂପେ ଯୋଗଦେଇଥିଲେ। ଅଧ୍ୟକ୍ଷ ପ୍ରଭାତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ ଶତାଧିକ ଛାତ୍ରୀଛାତ୍ରଙ୍କୁ ଗଣତାନ୍ତ୍ରିକ ରାଷ୍ଟ୍ରରେ ଭୋଟଦାତାଙ୍କ ଅଧିକାର ଯୋଗ୍ୟତା ଓ ଦାୟିତ୍ୱ ସମ୍ବନ୍ଧରେ ସଚେତନ କରାଇବା ସହ ନିଜ ନିଜ ମୋବାଇଲରେ ନିଜସ୍ୱ ପ୍ରୟାସରେ ପଞ୍ଜୀକରଣ ପ୍ରକ୍ରିୟା ଅବଗତ କରାଇଥିଲେ। ଆବଶ୍ୟକ ସ୍ଥଳେ ନିଜ ଆବାସସ୍ଥଳୀର ନିକଟବର୍ତ୍ତୀ ବୁଥ୍ ଅଧିକାରୀଙ୍କ ସହ ଯୋଗାଯୋଗ ସ୍ଥାପନ କରି କିଭଳି ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତିଙ୍କୁ ନାମାଙ୍କିତ କରାଯାଇପାରିବ ସେଥିନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପକ ଡ. ପ୍ରଦୋଷ ପତି ସଞ୍ଚାଳନା କରୁଥିବାବେଳେ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ବଳଭଦ୍ର ରଥ, ମାନସ ରଞ୍ଜନ ମହାନ୍ତି ତଥା ରୋଭର ଲିଡର ଅଧ୍ୟାପକ ବ୍ରଜବନ୍ଧୁ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ପାନୀୟ ଜଳ ସମସ୍ୟା ନେଇ ୫ ଘଣ୍ଟା ରାସ୍ତାରୋକୋ

## ସମସ୍ୟା ସମାଧାନ ପାଇଁ ଫୋନ ଯୋଗେ ପ୍ରତିଶ୍ରୁତି ଦେଲେ କନିଷ୍ଠ ଯନ୍ତ୍ରୀ

ଡେଲାଙ୍ଗ,୪।୯(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ ଅଭୟମୁଖୀ ପଞ୍ଚାୟତର ଇନ୍ଦିପୁର ଉତ୍ତରଖଣ୍ଡ ଗ୍ରାମରେ ପାନୀୟ ଜଳ ସମସ୍ୟା ନେଇ ସୋମବାର ଗ୍ରାମବାସୀ ରାସ୍ତାରେ ବାଲ୍‌ଟି, ଡେକ୍‌ଚି ଓ ଗରା ଥୋଇ ରାସ୍ତା ଅବରୋଧ କରି ପ୍ରତିବାଦ କରିଛନ୍ତି। ବିଡ଼ମ୍ବନାର ବିଷୟ, ଦୀର୍ଘ ୫ ଘଣ୍ଟା ଧରି ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ ମଧ୍ୟ ଘଟଣାସ୍ଥଳକୁ ସତ୍ୟବାଦୀ ପୋଲିସ, ଡେଲାଙ୍ଗ ତହସିଲଦାର ଓ ପାନୀୟ ଜଳ ଯୋଗାଣର କୌଣସି ପ୍ରଶାସନିକ ଅଧିକାରୀ ଆସି ନ ଥିଲେ। ପରେ କନିଷ୍ଠ ଯନ୍ତ୍ରୀ ସ୍ୱାଗତିକା ପ୍ରଧାନ ଏନେଇ ଫୋନ ଯୋଗେ କଥା ହୋଇ ମଙ୍ଗଳବାର ପାନୀୟ ଜଳ ଯୋଗଣା କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଅବରୋଧ ହଟିଥିଲା।

ମିଳିଥିବା ସୂଚନା ଅନୁଯାୟୀ, ଅଭୟମୁଖୀ ପଞ୍ଚାୟତର ଉତ୍ତରବାଡ଼ ଗ୍ରାମକୁ ଶ୍ରୀପୁରୁଷୋତ୍ତମପୁର ପଞ୍ଚାୟତରେ ଥିବା ଓଭରହେଡ଼ ଟାଙ୍କିରୁ ପାନୀୟ ଜଳ ଯୋଗାଣ ହୋଇଥାଏ। ହେଲେ ପାଣିର ଚାପ କମ୍ ରହିବାରୁ ସ୍ଥାନୀୟ ଲୋକେ ଅନେକ ଦିନ ହେଲା ଠିକ୍ ଭାବେ ପାଣି ପାଉ ନ ଥିବା ଜନ ଅଭିଯୋଗ ଶୁଣାଣିରେ ଅଭିଯୋଗ ହୋଇଥିଲା। ହେଲେ ଗତ ୧୯ ତାରିଖରୁ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିବା ନେଇ ଗ୍ରାମବାସୀ ସୋମବାର ସକାଳ ୯ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ଡେଲାଙ୍ଗ- ଇନ୍ଦିପୁର ରାସ୍ତା କଡ଼ରେ ପାଇପ୍‌ଲାଇନ ବିଛା ଯାଇଥିବାବେଳେ ରାସ୍ତା ଦୋହରୀକରଣ କାର୍ଯ୍ୟ ଯୋଗୁ ପାଇପ୍‌ଲାଇନ୍ ୧୫ ଦିନ ହେବ ବିଚ୍ଛିନ୍ନ ହୋଇଥିଲା। ଫଳରେ ଲୋକେ ପାଣି ପାଇବାରୁ ବଞ୍ଚିତ ଥିଲେ। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଗତ ୨୪ ତାରିଖରେ ଅଭିଯୋଗ କରିଥିଲେ। ହେଲେ ଅଧିକାରୀ ଏହାକୁ ଅଣଦେଖା କରିଥିବା ଗ୍ରାମବାସୀ ପ୍ରଶାନ୍ତ ମୁଦୁଲି, ଲକ୍ଷ୍ମୀଧର ପୃଷ୍ଟି, ସୁକାନ୍ତୀ ଭୋଇ, ନିଶାମଣି ବେହେରା, ପ୍ରମିଳା ବେହେରା ପ୍ରମୁଖ କହିଛନ୍ତି। ସେହିପରି ଅଞ୍ଚଳରେ ଥିବା ନଳକୂପରୁ ଲୁଣି ପାଣି ବାହାରୁଥିବାରୁ ତାହା ପାନୀୟ ଉପଯୋଗୀ ନୁହେଁ। ହେଲେ ବିଭାଗୀୟ ଅଧିକାରୀ ଏହାର କୌଣସି ବିକଳ୍ପ ବ୍ୟବସ୍ଥା କରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନିରୁଦ୍ଧ ସେନାପତି, କୁମାରୀ ରାଉତ, ରମା ଦାସ, ସୋରେନ୍ ମୁଦୁଲି ପ୍ରମୁଖ ଶତାଧିକ ଗ୍ରାମବାସୀ ରାସ୍ତା ଅବରୋଧରେ ସାମିଲ ହୋଇଥିଲେ।



ଇନ୍ଦିପୁର ଉତ୍ତରଖଣ୍ଡ ଗ୍ରାମର ବାସିନ୍ଦା ମାଠିଆ ବାଲ୍‌ଟି ରଖି ରାସ୍ତା ଅବରୋଧ କରିଛନ୍ତି ।

# ଦାବି ପୂରଣ ପାଇଁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପଦାନ

ପୁରୀ, ୪।୯(ଅଜିତ ମହାନ୍ତି):

ଓଡ଼ିଶା ଆୟୁଷ ଷ୍ଟୁଡେଣ୍ଟସ୍ ଆସୋସିଏଶନ୍, ହୋମିଓପାଥିକ୍ ମେଡିକାଲ ଷ୍ଟୁଡେଣ୍ଟସ୍ ଆସୋସିଏଶନ୍ ଏବଂ ଆୟୁର୍ବେଦିକ୍ ମେଡିକାଲ ଷ୍ଟୁଡେଣ୍ଟସ ଆସୋସିଏଶନ୍ ପକ୍ଷରୁ ଆୟୁଷ ଡାକ୍ତରଙ୍କୁ ନିଯୁକ୍ତି ତଥା ଅନ୍ୟାନ୍ୟ ଦାବି ନେଇ ସୋମବାର ଛାତ୍ରୀଛାତ୍ରମାନେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସମୁହ ଦୀପଦାନ କରିଛନ୍ତି।

ଛାତ୍ରୀଛାତ୍ରମାନେ ଗୁରୁବାରଠାରୁ ଆନ୍ଦୋଳନ ଚଳାଇଛନ୍ତି। ପ୍ରଥମ ଦିନ ସେମାନେ କଳାବ୍ୟାଜ୍ ପିନ୍ଧି ଶୋଭାଯାତ୍ରାରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟକୁ ଆସିଥିଲେ। ସେମାନେ ମୁଖ୍ୟ ଫାଟକରେ ତାଲା ପକାଇ ପ୍ରତିବାଦ କରିଥିଲେ। ତେବେ ସରକାରଙ୍କ ପକ୍ଷରୁ ଦାବି ପୂରଣ କରାଯାଉ ନ ଥିବାରୁ ଛାତ୍ରୀଛାତ୍ରମାନେ ସୋମବାର ଏକ ଅଭିନବ ଢଙ୍ଗରେ ଏ ନେଇ ଦୃଷ୍ଟି ଆକର୍ଷଣ ଲାଗି ଚେଷ୍ଟା କରିଥିଲେ। ସେମାନେ ଏକ ଶୋଭାଯାତ୍ରାରେ ଆସି ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ କରିଥିଲେ। ସେମାନେ କହିଛନ୍ତି, ରାଜ୍ୟରେ ୫୬୨ ହୋମିଓପ୍ୟାଥିକ ଡାକ୍ତର ଏବଂ ୬୧୯ ଆୟୁର୍ବେଦିକ ଡାକ୍ତର ନିଯୁକ୍ତ ଅଛନ୍ତି। ସମୁଦାୟ ୧୧୭୯ ସରକାରୀ ଆୟୁଷ ଡାକ୍ତର ଓଡ଼ିଶାରେ ସେବା ଯୋଗାଉଛନ୍ତି। ପ୍ରତି ୩,୭୦,୬୫୪ ବ୍ୟକ୍ତିରେ ମାତ୍ର ଜଣେ ଆୟୁଷ ଡାକ୍ତର ସେବା ପ୍ରଦାନ କରୁଛନ୍ତି। ଦୀର୍ଘ ୨୧ ବର୍ଷ ଭିତରେ ଜଣେ ହେଲେ ଆୟୁଷ ଚିକିତ୍ସା ପଦାଧିକାରୀ ରାଜ୍ୟରେ ନିଯୁକ୍ତ ହୋଇନାହାନ୍ତି। ଫଳରେ ସ୍ୱାସ୍ଥ୍ୟସେବା ପ୍ରଭାବିତ ହେଉଛି। ତେଣୁ ସବୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ହସ୍ପିଟାଲରେ ଆୟୁଷ ଡାକ୍ତର ନିଯୁକ୍ତି କରାଯାଉ ବୋଲି ଆନ୍ଦୋଳନରତ ଛାତୀଛାତ୍ର ଦାବି କରିଛନ୍ତି।

# ୧୨୦ ଅଭିଯୋଗର ଶୁଣାଣି

ନିମାପଡ଼ା,୪।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ପଞ୍ଚାୟତ ସମିତି ପକ୍ଷରୁ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ବ୍ଲକ ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଅତିରିକ୍ତ ଜିଲାପାଳ (ରାଜସ୍ୱ )କୈଳାସ ଚନ୍ଦ୍ର ନାୟକ, ଉପଜିଲାପାଳ ଭବତାରଣ ସାହୁ, ଜିଲା ଅତିରିକ୍ତ ଏସ୍‌ପି ବିଷ୍ଣୁଚରଣ ପତି, ଏସ୍‌ଡିପିଓ ଦେବାଶିଷ ମିଶ୍ର, ବିଡିଓ ବସନ୍ତ ମଲ୍ଲିକ, ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷ ଅନସୂୟା ମହାନ୍ତି, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସୌଦାମିନୀ ଦାଶ, ସିଡିପିଓ ତନୁପ୍ରଭା ବେଉରା, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଭାତ ଚନ୍ଦ୍ର ବେହେରା, ଜିଲା ମୁଖ୍ୟ କୃଷି ଅଧିକାରୀ ମନୋଜ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭତ୍ତା, ରାସ୍ତାଘାଟ, ଡ୍ରେନ ନିର୍ମାଣ, ଟ୍ୟାକ୍ସ କଲେକ୍ସନ, ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ, ପାନୀୟ ଜଳଯୋଗାଣ ସମ୍ପର୍କରେ ୧୨୦ଟି ଅଭିଯୋଗର ଶୁଣାଣି କରାଯାଇଛି। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ଗ୍ରାମପଞ୍ଚାୟତରେ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଉ ନ ଥିବା ଶିବିରରେ ଅଭିଯୋଗ ହୋଇଛି। ଶିବିରରେ ବିଭିନ୍ନ ବିଭାଗର ବହୁ ପଦସ୍ଥ ଅଧିକାରୀ, ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ, ପଞ୍ଚାୟତ ସମିତିର ସହକାରୀ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଓଡ଼ିଶା ଜୀବିକା ମିଶନର ଅଧିକାରୀମାନେ ଯୋଗଦେଇଥିଲେ।



ଜିଲାପାଳଙ୍କ ସହିତ ଆଲୋଚନା କରିବାକୁ ଆସିଥିବା ବିଜେଡିର ନେତୃବୃନ୍ଦ ।

### ଓଷ୍ଟା କାର୍ଯ୍ୟକାରୀ କମିଟିର ନୂତନ ସଭାପତି ବିଭୁପ୍ରସାଦ ମହାପାତ୍ର

ସାକ୍ଷୀଗୋପାଳ,୪।୯(ଭରତ ରାଉତ)

ସାକ୍ଷୀଗୋପାଳ ବକୁଳବନ ନିକଟ ସିଦ୍ଧବକୁଳ ମନ୍ଦିର ପ୍ରାଙ୍ଗଣ ପରିସରରେ ସତ୍ୟବାଦୀ ମଣ୍ଡଳ ଓଷ୍ଟା କାର୍ଯ୍ୟକାରୀ କମିଟିର ନୂତନ କର୍ମକର୍ତ୍ତା ଚୟନ ସୋମବାର ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ମଣ୍ଡଳର ଓଷ୍ଟାର ପୂର୍ବତନ ସଭାପତି ଶିକ୍ଷକ ସ୍ମୃତି ରଞ୍ଜନ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ଓଷ୍ଟାର ରାଜ୍ୟ ଶିକ୍ଷା ପ୍ରଦୀପ ଶଙ୍କର ସୁବୁଦ୍ଧି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଓଷ୍ଟା ସଂଘର ପ୍ରାୟ ୪୮ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ସଭାରେ ଯୋଗଦେଇଥିଲେ। ସଂଘର କାର୍ଯ୍ୟକାରିତା ଓ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ଓଷ୍ଟାର ରାଜ୍ୟ ଶିକ୍ଷା ପ୍ରଦୀପ ସୁବୁଦ୍ଧିଙ୍କ ଉପସ୍ଥିତିରେ ସତ୍ୟବାଦୀ ମଣ୍ଡଳ ଓଷ୍ଟା ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ନୂତନ ସଭାପତି ଭାବେ ନରେନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ବିଭୁପ୍ରସାଦ ମହାପାତ୍ର, ଉପ ସଭାପତି ଭାବେ ସୁବାଷ ଚନ୍ଦ୍ର ମହାନ୍ତି, ସନ୍ଦୀପ ତ୍ରିପାଠୀ, ପ୍ରଜ୍ଞା ସାହୁଙ୍କୁ ମନୋନୀତ କରାଯାଇଥିଲା। ସେହିପରି ସମ୍ପାଦକ ଭାବେ ଡାଙ୍ଗୁରା ଉଚ୍ଚ ବିଦ୍ୟାଳୟ ଶିକ୍ଷକ ସରୋଜ ନାୟକ, ସହ ସମ୍ପାଦକ ନରେନ୍ଦ୍ର ବେହେରା, ଯତୀଶ ପଣ୍ଡା ରହିଥିବାବେଳେ ଜିଲା କାର୍ଯ୍ୟକାରୀ କମିଟି ସଭ୍ୟ ଲିଙ୍ଗରାଜ ସାହୁ, ଯୁଧିଷ୍ଠିର ପ୍ରଧାନ, ଶରତ ଚନ୍ଦ୍ର ନାୟକ, ପ୍ରସନ୍ନ ବିଶ୍ୱାଳଙ୍କୁ ବଛା ଯାଇଥିଲା। ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ଦିଗମ୍ବର ମହାପାତ୍ର ଓ ସ୍ମୃତି ରଞ୍ଜନ ଦାସ ମନୋନୀତ ହୋଇଥିଲେ। ସଭାପତି ମହାପାତ୍ର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଥିଲେ।

# ମଠ ମନ୍ଦିର, ସ୍ଥାୟୀ ପଟ୍ଟା ସମସ୍ୟା ନେଇ ଆଲୋଚନା

## ଜିଲାପାଳଙ୍କୁ ଭେଟିଲା ବିଜେଡି ପ୍ରତିନିଧି ଦଳ

ପୁରୀ,୪।୯(ଅଜିତ ମହାନ୍ତି)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ସଚିବ ଭି.କେ.ପାଣ୍ଡିଆନ ବିଭିନ୍ନ ଜିଲା ଗସ୍ତ କରି ଲୋକଙ୍କ ସମସ୍ୟା ଶୁଣୁଛନ୍ତି। ଏହି କ୍ରମରେ ଗତ ମାସରେ ୫-ଟି ସଚିବ ପାଣ୍ଡିଆନ ଦୁଇଦିନିଆ ପୁରୀ ଜିଲା ଗସ୍ତ କରିଥିଲେ। ପୁରୀ ନଗର ବିଜୁ ଜନତା ଦଳ ତରଫରୁ ୫-ଟି ସଚିବଙ୍କୁ ପୁରୀ ସହରର ମଠ ମନ୍ଦିର ଜମି ସମସ୍ୟାର ସ୍ଥାୟୀ ସମାଧାନ, ବଳିଆପଣ୍ଡା ବସ୍ତି, ରେଲୱେ ବସ୍ତି, ପେଣ୍ଠକଟା ବସ୍ତି ଏବଂ ଅନ୍ୟାନ୍ୟ ବସ୍ତି ଅଞ୍ଚଳର ସର୍ଭେ କରି ସ୍ଥାୟୀ ପଟ୍ଟା ପ୍ରଦାନ କରିବା ପାଇଁ ଦରଖାସ୍ତ ଦିଆଯାଇଥିଲା। ଏହି ସମ୍ପର୍କରେ ରାଜ୍ୟ ସରକାରଙ୍କ ତରଫରୁ ନିର୍ଦ୍ଦେଶ ଆସିଲା ପରେ ସୋମବାର ଯୁବ ବିଜେଡି ରାଜ୍ୟ ଉପସଭାପତି ସୁନିଲ ମହାନ୍ତିଙ୍କ ନେତୃତ୍ୱରେ ସହରର ୩୨ଟି ୱାର୍ଡର ପୂର୍ବତନ ପୌର ସଦସ୍ୟଙ୍କୁ ନେଇ ଏକ ପ୍ରତିନିଧି ଦଳ ଜିଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଆଲୋଚନା କରିଛନ୍ତି। ଦୁଇମାସ ମଧ୍ୟରେ ପୁରୀବାସୀଙ୍କୁ ଖୁସି ଖବର ମିଳିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ନଗର ବିଜେଡି ପକ୍ଷରୁ କୁହାଯାଇଛି। ସେହିପରି ମଶା ଦାଉରୁ ରକ୍ଷା ପାଇବା ପାଇଁ ସହରରେ ଅଧିକ ମାତ୍ରାରେ ମଶାତେଲ ସିଞ୍ଚନ କରିବା, ନାଳ ନର୍ଦ୍ଦମାରେ ମଶା ତେଲ ପକାଇବା, ସହରର ବିଭିନ୍ନ ସାହି ତଥା ଗଳି କନ୍ଦି ସଫା କରାଇବା, ବିଭିନ୍ନ ସ୍ଥାନରେ ପଡ଼ି ରହିଥିବା ଆବର୍ଜନାକୁ ପରିଷ୍କାର କରାଇବା ଆବଶ୍ୟକ ରହିଛି ବୋଲି କୁହାଯାଇଛି। ସହରର ବିଭିନ୍ନ ରାସ୍ତାର ମରାମତି କାର୍ଯ୍ୟକୁ ତ୍ୱରାନିତ ଓ ସମ୍ପୂର୍ଣ୍ଣ କରି ଆଲୋକ ବ୍ୟବସ୍ଥାର କରାଇବା ଆବଶ୍ୟକତା ରହିଛି ବୋଲି ଆଲୋଚନା ସମୟରେ ମତ ପ୍ରକାଶ ପାଇଛି। ସମସ୍ୟାର ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଜିଲାପାଳ ବର୍ମା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଲୋଚନାରେ ବିଜେଡି ନଗର ସଭାପତି ସବ୍ୟସାଚୀ ମହାପାତ୍ର, ଜିଲା ମହିଳା ବିଜେଡି ସଭାନେତ୍ରୀ ଶାନ୍ତିଲତା ପ୍ରଧାନ, ଭକ୍ତଚରଣ ଦାସ, ଘନଶ୍ୟାମ ମର୍ଦ୍ଦରାଜ, ନାରାୟଣ ପଟ୍ଟନାୟକ, ଜମେଶ୍ୱର ମହାନ୍ତି, ଗୁଣଧର ଦାସମହାପାତ୍ର, ସାଇନା ଖୁଣ୍ଟିଆ, ଏନ୍. ବଳରାମ ରେଡ୍ଡୀ, ବାବୁଲା ପ୍ରସାଦ, ବିଭୂତି ଭୂଷଣ ସେଠୀ, ପ୍ରଦୀପ ନାୟକଙ୍କ ସମେତ ଦଳର ନେତୃବୃନ୍ଦ ଉପସ୍ଥିତ ଥିଲେ।

# ମା' ମାଟିର ସେବା କରୁଥିବା ବ୍ୟକ୍ତି ସବୁବେଳେ ଅମର



ଶହୀଦ ସ୍ମୃତି ସ୍ତମ୍ଭକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରୁଛନ୍ତି ।

## ଶହୀଦ ସ୍ମୃତି ସ୍ତମ୍ଭ ମଣ୍ଡପ ଉଦ୍‌ଘାଟିତ

ଗୋପ,୪।୯(ଭାରତୀ ଭୂଷଣ ଉପାଧ୍ୟାୟ)

ମା' ମାଟି ଲାଗି ସେବା କରୁଥିବା ବ୍ୟକ୍ତି ସବୁବେଳେ ଅମର। ସୋମବାର ମଧ୍ୟାହ୍ନରେ ଗୋପ ବ୍ଲକ ପୟରା ପଞ୍ଚାୟତର ନିର୍ଗୁଣ୍ଡି ଗ୍ରାମର ଶହୀଦ ହୋଇ ଦେଶ ପାଇଁ ଜୀବନ ଦେଇଥିବା ସନ୍ଦୀପ ସ୍ୱାଇଁଙ୍କ ସ୍ମୃତିସ୍ତମ୍ଭ ମଣ୍ଡପ ଉଦ୍‌ଘାଟନ ହୋଇଯାଇଛି। ସାମାଜିକ କର୍ମୀ ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ସତ୍ୟବ୍ରତ ପାତ୍ର ଏଥିରେ ଯୋଗଦେଇ ଏହା କହିଥିଲେ। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ପ୍ରକାଶ ନନ୍ଦ, ପୂର୍ବତନ ଗୋପ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପରିଡ଼ା, ପୟରା ସରପଞ୍ଚ ସୁମନ୍ତ ନାୟକ, ପୁନେଶ ସେନାପତି, ଭାସ୍କର ସେଠ୍ ପ୍ରମୁଖ ଯୋଗଦେଇଥିଲେ। ଶହୀଦ ସ୍ୱାଇଁଙ୍କ ସମ୍ପର୍କରେ ଅତିଥିମାନେ ମତ ରଖିଥିବାବେଳେ ଦେଶ ଜାତି ପାଇଁ ସେବା କରୁଥିବା ଶହୀଦ ଆମ ଦେଶର ଗୌରବ ବୋଲି କହିଥିଲେ।

# ବିଡିଓଙ୍କୁ ଗୋପ ବ୍ଲକ ସରପଞ୍ଚ ସଂଘର ଦାବିପତ୍ର

ଗୋପ,୪।୯(ଭାରତୀ ଭୂଷଣ ଉପାଧ୍ୟାୟ)

ସରକାରଙ୍କ ପଞ୍ଚାୟତିରାଜ ବିରୋଧରେ ସୋମବାର ଗୋପ ବ୍ଲକ ସରପଞ୍ଚ ସଂଘ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ଏକ ୧୧ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଛି। ପ୍ରକାଶ ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସମୟରେ ପଞ୍ଚାୟତିରାଜ ବିଧି ବ୍ୟବସ୍ଥା ଉପରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ହେଲେ ଏବେ ରାଜ୍ୟ ସରକାର ସେଥିରେ ଅନେକ ପରିବର୍ତ୍ତନ ଆଣିଛନ୍ତି। କିନ୍ତୁ ବାସ୍ତବରେ ଏପରି ବିଧି ବ୍ୟବସ୍ଥାକୁ ଠିକ୍ ଢଙ୍ଗରେ ପଞ୍ଚାୟତରେ ପାଳନ କରା ଯାଉନାହିଁ। ଫଳରେ ସାଧାରଣ ଲୋକେ ପଞ୍ଚାୟତକୁ ଯାଇ ନିରାଶ ହେଉଛନ୍ତି। ବାରମ୍ବାର ପଞ୍ଚାୟତର ସରପଞ୍ଚ ଓ ବ୍ଲକକୁ ସାଧାରଣ ଲୋକଙ୍କୁ ଦୌଡ଼ିବାକୁ ପଡୁଛି। ଏପରି ସରକାରୀ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାକୁ ଦାବି କରି ଗୋପ ବ୍ଲକ ସରପଞ୍ଚ ସଂଘ ଜିଲା ସରପଞ୍ଚ ସଂଘ ସଭାପତି ଉପେନ୍ଦ୍ର କାନୁନ୍‌ଗୋ, ଜିଲା ସରପଞ୍ଚ ସଂଘ ସମ୍ପାଦକ ଶୀର୍ଷ ରଞ୍ଜନ ନାୟକ, ଗୋପ ବ୍ଲକ ସରପଞ୍ଚ ସଂଘ ସଭାପତି ମହେଶ୍ୱର ସ୍ୱାଇଁଙ୍କ ନେତୃତ୍ୱରେ ୩୧ ପଞ୍ଚାୟତର ସମସ୍ତ ସରପଞ୍ଚମାନେ ଏକ ୧୧ ଦଫା ଦାବି ସମ୍ବଳିତ ଦାବିପତ୍ର ଦେଇଛନ୍ତି। ଏହି ଦାବି ମଧ୍ୟରେ ସମସ୍ତ ଶିକ୍ଷାନୁଷ୍ଠାନ, ଅଙ୍ଗନୱାଡ଼ି କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ରକ୍ଷଣାବେକ୍ଷଣ କାର୍ଯ୍ୟକୁ ପଞ୍ଚାୟତକୁ ଦିଆଯାଇଥିଲେ ମଧ୍ୟ କୌଣସି ପାଣ୍ଠିର ବ୍ୟବସ୍ଥା ନାହିଁ। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଲାଗି ବିଭିନ୍ନ ଯୋଜନାମାନ ରହିଥିଲେ ମଧ୍ୟ ତାହା ପଞ୍ଚାୟତ ପାଇଁ ପର୍ଯ୍ୟାପ୍ତ ନୁହେଁ। ସରକାର ପଞ୍ଚାୟତକୁ ଦୋକାନ ଗୃହ, ପୋଖରୀ, ଗୋଦାମ ଗୃହ, କଲ୍ୟାଣ ମଣ୍ଡପ ଆଦି ଫାଣ୍ଡି ଦେଉଥିଲେ ମଧ୍ୟ ତାହାକୁ ବ୍ଲକ ପ୍ରଶାସନ ହାତରେ ଥିବାରୁ ପୁନଃ ପଞ୍ଚାୟତ ହାତକୁ ଦେବା ପାଇଁ ଦାବି ରହିଛି।



ଗୋପ ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ଦିଆଯାଉଛି ।

# ଆୟୁର୍ବେଦ ମହାବିଦ୍ୟାଳୟରେ ଦୁର୍ନୀତି ଅଭିଯୋଗ

## ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କଲା ଯୁବ କଂଗ୍ରେସ

ପୁରୀ, ୪।୯(ଅଜିତ ମହାନ୍ତି):

ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣି ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି ପୁରୀ ଜିଲା ଯୁବ କଂଗ୍ରେସ। ଏନେଇ ସୋମବାର ଜିଲା ଯୁବ କଂଗ୍ରେସ ପକ୍ଷରୁ ୩ଦଫା ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ବିକ୍ଷୋଭରେ ଜିଲା ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ଦାଶ, ପୁରୀ ବିଧାନସଭା କ୍ଷେତ୍ର ଯୁବ କଂଗ୍ରେସ ସଭାପତି ମନୋଜ ମଣ୍ଡଳ, ଉପସଭାପତି ଅନିଲ ବେଜ, ଆଦିତ୍ୟ ସାମନ୍ତରାୟ, ଅର୍ପିତ ଦୀକ୍ଷିତ, ସାହିଲ ମହାନ୍ତି, ମୁନା ବେହେରା, ନରସିଂହ ହାଣ୍ଡେଲ, ଆକାଶ ଭୋଇ, ବିଶ୍ୱଜିତ ଦାସ ପ୍ରମୁଖ ସାମିଲ ଥିଲେ।

ଜିଲା ଯୁବ କଂଗ୍ରେସ ଅଭିଯୋଗ କରିଛି ଯେ, ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ଖାଲିଥିବା ସିଟ୍ (ଟ୍ରାନ୍ସଫର ବେସିସ୍)ରେ ନାମଲେଖା ପାଇଁ ଅଧ୍ୟକ୍ଷ ଆୟୁଷ ନିର୍ଦ୍ଦେଶକଙ୍କୁ ଚିଠି କରିଥିଲେ। ତତ୍କାଳୀନ ନିର୍ଦ୍ଦେଶକ ଏନେଇ ଏକ କମିଟି ଗଠନ କରିଥିଲେ। ଏହି କମିଟି ପୁରୀ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ୫ଜଣଙ୍କୁ ନାମଲେଖା ପାଇଁ ସୁଯୋଗ ଦେଇଥିଲେ। ଏ ସମ୍ପର୍କରେ ଆୟୁଷ ନିର୍ଦ୍ଦେଶକ ଜିଏଏମ୍, ପୁରୀ ଅଧ୍ୟକ୍ଷଙ୍କୁ ଦେଇଥିବା ଚିଠି ନଂ. ୬୦୧/୧୯।୦୧।୨୨ରେ ଉଲ୍ଲେଖ ରହିଛି। ଏହାର କଲେଜ ଡାଏରୀ ନଂ. ୨୭୨। ତେବେ ଏହି ଚିଠି କ୍ରମାଙ୍କ(୬୦୧)କୁ ନକଲ କରାଯାଇ କଲେଜ ଆଉ ଏକ ଡାଏରୀ ନଂ.୨୨୧ରେ ୫ଜଣ ପରିବର୍ତ୍ତେ ୭ଜଣ ନାମ ଲେଖାଇଥିବା ଉଲ୍ଲେଖ ହୋଇଛି। ସେମାନେ ହେଲେ ଆଦ୍ୟାଶା ଦାସ ଓ ସୌମ୍ୟରଞ୍ଜନ ସାହୁ। ଏହି ଦୁଇଜଣ ପାଇକମାଳସ୍ଥିତ ଏସ୍‌ଏସ୍‌ଏନ୍ ଆୟୁର୍ବେଦ କଲେଜର ବୋଲି ଉଲ୍ଲେଖ ରହିଛି। ତେବେ ସମ୍ପୃକ୍ତ କଲେଜର ୱେବସାଇଟ୍‌ରେ ୨୦୨୦-୨୧ ବ୍ୟାଚ୍‌ରେ ଏହି ଦୁଇଜଣଙ୍କ ନାମ ଉଲ୍ଲେଖ ନାହିଁ। ତେଣୁ ଏହି ଦୁଇଜଣ ସମ୍ପୃକ୍ତ କଲେଜର ଛାତ୍ର ନୁହନ୍ତି ବୋଲି ସୂଚନା ମିଳୁଛି। ଏଥିରୁ ସ୍ପଷ୍ଟ ଯେ, କଲେଜ କର୍ତ୍ତୃପକ୍ଷ ଦୁଇଜଣ ବାହାର କଲେଜର ନକଲି ଛାତ୍ରଙ୍କୁ ଡାକ୍ତରୀ ପାଠ ପଢିବା ସୁଯୋଗ ଦେଇଛନ୍ତି। ସେହିଭଳି ୨୦୧୬ରେ ଜଣେ ଛାତ୍ରୀ ବିନା ଏନ୍‌ଇଇଟିରେ ପାସ୍ କରିଥିବାବେଳେ ଅନୁରୂପ ଭାବେ ୨୦୧୭-୧୮ ବ୍ୟାଚ୍‌ର ଦୁଇଜଣ ଛାତ୍ର ହାଉସ୍ ସର୍ଜନ ହୋଇଛନ୍ତି। ଏହି ଦୁର୍ନୀତିର ତଦନ୍ତ ପାଇଁ କଂଗ୍ରେସ ଦାବି କରିଛି। କଲେଜ ଅଧ୍ୟକ୍ଷଙ୍କ ସମ୍ପୃକ୍ତି ସହ ଅନ୍ୟ ୨ପିଲାଙ୍କ ତଥ୍ୟକୁ ପଦାକୁ ଆଣିବା ପାଇଁ ୫ଜଣିଆ ଟିମ୍ ଗଠନ କରାଯାଉ ଏବଂ ଏହାର ଯାଞ୍ଚ ଲାଗି ୫ଦିନ ମଧ୍ୟରେ ନିର୍ଦ୍ଦେଶ ଦିଆଯାଉ। କଲେଜ ଅଧ୍ୟକ୍ଷଙ୍କୁ ବହିଷ୍କାର ସହ ଗିରଫ କରାଯାଉ। ବାର୍ଷିକ ଅଡିଟ ରିପୋର୍ଟ ସହ ଭିଜିଲାନ୍ସ ଯାଞ୍ଚ କରାଯାଉ ବୋଲି ଯୁବ କଂଗ୍ରେସ ଦାବି କରିଛି। ଆଗାମୀ ୫ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଭିଜିଲାନ୍ସ ଅଫିସ୍ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ।




ଜିଲା ଯୁବକଂଗ୍ରେସର ସଦସ୍ୟମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

# ଗୁରବେ ନମଃ

ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଆଜି ସୁଭଦ୍ରା ଜରାନିବାସ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ବିଶିଷ୍ଟ ଆଇନଜୀବୀ ଜଗତ୍‌ବନ୍ଧୁ ଚୌଧୁରୀଙ୍କ ଦିବଂଗତ ପତ୍ନୀ ସୁଭଦ୍ରା ଦେବୀଙ୍କ ସ୍ମୃତିରେ ନିର୍ମିତ ଏ ଜରାନିବାସର ଅବୈତନିକ ତତ୍ତ୍ୱାବଧାରକ ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନୀଳକଣ୍ଠ ମିଶ୍ର ସ୍ୱେଚ୍ଛାରେ କାର୍ଯ୍ୟ କରିବାକୁ ଆଗେଇ ଆସିଛନ୍ତି। ଏଥିପାଇଁ ସମସ୍ତ ଆୟୋଜନ ଚୂଡ଼ାନ୍ତ ହୋଇସାରିଛି। ଏଥିସହ ସ୍ଥାନୀୟ କେତେକ ଉତ୍ସାହୀ ଯୁବକ କିଛିଟା ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରିଛନ୍ତି। ମନ୍ତ୍ରୀ ସନ୍ଧ୍ୟା ୬ ଟା ୩୦ ମିନିଟ୍ ସୁଦ୍ଧା ପହଞ୍ଚିବେ ବୋଲି ତାଙ୍କ ବ୍ୟକ୍ତିଗତ ସଚିବଙ୍କ ପାଖରୁ ଫୋନ୍ ଆସିଥିଲା।

ଠିକ୍ ସମୟରେ ମନ୍ତ୍ରୀ ପହଞ୍ଚିଗଲେ। ମନ୍ତ୍ରୀଙ୍କୁ ସ୍ୱାଗତ କରି ପାଛୋଟି ନେବା ପାଇଁ ସମସ୍ତେ ଆଶ୍ରମର ମୁଖ୍ୟ ଫାଟକ ନିକଟକୁ ଧାଇଁଗଲେ। ହଠାତ୍ ସମସ୍ତଙ୍କୁ ଚକିତ କରିଦେଇ ମନ୍ତ୍ରୀ ଗାଡ଼ିରୁ ଓହ୍ଲାଇ ନୀଳକଣ୍ଠ ବାବୁଙ୍କ ପାଦଛୁଇଁ ପ୍ରଣାମ କଲେ। ଅପ୍ରସ୍ତୁତ ନୀଳକଣ୍ଠ ବାବୁ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲେ ଏବଂ ଭାବିଲେ ମନ୍ତ୍ରୀ ମତେ ତ ଚିହ୍ନି ନାହାନ୍ତି। ଅନ୍ୟ କିଏ ପରିଚିତ ବୋଲି ଭାବି ବୋଧହୁଏ ପ୍ରଣାମ କରିଦେଲେ। କିନ୍ତୁ ଖୁବଶୀଘ୍ର ସମସ୍ତଙ୍କ ସନ୍ଦେହ ମୋଚନ ହେଲା, ଯେତେବେଳେ ଯୁବମନ୍ତ୍ରୀ ତାଙ୍କୁ କହିଲେ, ସାର୍- ମୋତେ କ'ଣ ଆପଣ ଚିହ୍ନି ପାରୁ ନାହାନ୍ତି? ମୁଁ ପରା ସେଇ ଚନ୍ଦନ, ଯାହାକୁ ଆପଣ ଚାନ୍ଦ୍ ବୋଲି ଶ୍ରଦ୍ଧାରେ ଡାକୁଥିଲେ। ସେଦିନ ଦଶମ ଶ୍ରେଣୀରେ ଆପଣ ମତେ ଯାହା କହିଥିଲେ ଆଜି ଆପଣଙ୍କ ଆଶୀର୍ବାଦରୁ ମୁଁ ସେୟା ହୋଇପାରିଛି। ଆପଣ ମୋର ଆଦର୍ଶ, ଚିର ନମସ୍ୟ। ସମସ୍ତେ ହତବାକ୍ ହୋଇ ଯାଇଥିଲେ ଏ କଥାରେ। ପୁରୁଣା ଦିନକୁ ଫେରି ଯାଉଥିଲେ ନୀଳକଣ୍ଠ ବାବୁ। ପ୍ରାୟ ୧୫ ବର୍ଷ ତଳକୁ, ନହନହକା ପତଳା ଗଢ଼ଣର ସାବନା ରଙ୍ଗର ପିଲାଟେ ଥିଲା ଚନ୍ଦନ ପ୍ରଧାନ। ଆଖି ଦୁଇଟିରେ ଅଫୁରନ୍ତ ଆତ୍ମବିଶ୍ୱାସର ଉଜ୍ଜ୍ୱଳ ଇସ୍ତାହାର। ପ୍ରତିଦିନ ପରି ସେଦିନ ବି ନୀଳକଣ୍ଠ ସାର୍ ସାହିତ୍ୟ ବହିର ଗୋଟିଏ ପଦ୍ୟ ବୁଝାଇବା ପୂର୍ବରୁ ସ୍ୱରଚିତ କବିତାରୁ ଦୁଇଧାଡି ପିଲାଙ୍କୁ ଶୁଣାଉଥିଲେ।

ସୁନୀଳ ଆକାଶ ତଳେ ସବୁଜ ପୃଥିବୀ,
କିଏ ସେଇ ଚିତ୍ରକର ଆଙ୍କିଦେଲା
ମନଲୋଭା ଛବି।

ଭଲ ପଢୁଥିବା ଦୁଇଚାରି ଜଣ ଛାତ୍ରୀଛାତ୍ର ମୁଗ୍ଧ ଦୃଷ୍ଟିରେ ଚାହିଁ ରହିଥାନ୍ତି। କିନ୍ତୁ ହଠାତ୍ ପୁରା କ୍ଲାସର ନୀରବତା ଭଙ୍ଗକରି ଚନ୍ଦନ ପ୍ରତିବାଦର ସ୍ୱର ଉତ୍ତୋଳନ କଲା। ନାଁ ସାର୍ ପୃଥିବୀ ଆଉ ଆକାଶର ରଙ୍ଗ ବଦଳିଯାଇଛି। ପୁରା କ୍ଲାସଟା ପିଲାଙ୍କ ହସରେ ଫାଟି ପଡ଼ିଲା। ପଛପଟ ବେଞ୍ଚରୁ ଚଗଲା ପିଲାଟେ କହୁଥାଏ, ଆରେ ୟାର୍ ଆଖିଖରାପ ହେଇଗଲାଣି ନା କା'ଣ? ପୁରା ବାଇଆଟେରେ। ସାର୍‌ଙ୍କୁ ପଣ୍ଡିତ ଭଳି କ'ଣ ନା କ'ଣ କହିଯାଉଛି।

ପୁଣିଥରେ ନିଜ ଯୁକ୍ତିକୁ ପ୍ରମାଣିତ କରିବାକୁ ଯାଇ ଚନ୍ଦନ କହିଲା, ମୁଁ କଣ ଭୁଲ୍ କହିଲି ସାର୍? ଆକାଶ ଆଉ ନୀଳ ଦିଶୁନି ଓ ପୃଥିବୀରୁ ସବୁଜିମା ହଜିଯାଉଛି। ସହରର କଂକ୍ରିଟ ଜଙ୍ଗଲ ମଧ୍ୟରେ ମଣିଷ ପାଲଟି ଯାଇଛି ଗୋଟେ ରୋବଟ୍। ସବୁଜ ଜଙ୍ଗଲ ଆଜି ପୁରା ଶ୍ରୀହୀନ। ପଶୁପକ୍ଷୀ ସମସ୍ତେ ଅସୁରକ୍ଷିତ। ସବୁଆଡେ ହାହାକାର ଆଉ ଆର୍ତ୍ତନାଦ। ପୁରା କ୍ଲାସଟା ନୀରବ ହୋଇ ଯାଇଥିଲା ଚନ୍ଦନ କଥାରେ, ଅଗତ୍ୟା ଚନ୍ଦନକୁ ପ୍ରଶଂସା କରି ତାକୁ ସେଦିନ ଆଶୀର୍ବାଦ କରିଥିଲେ ନୀଳକଣ୍ଠ ସାର୍ ଆଉ କହିଥିଲେ ଭବିଷ୍ୟତରେ ତୁ ନିଶ୍ଚୟ ଦେଶର ଜଣେ ବରପୁତ୍ର ହେବୁ, ଆଉ ଏ ଜାତିର ନେତୃତ୍ୱ ନେବୁ। ତା'ସାଙ୍ଗମାନେ ପରିହାସ କରି କହୁଥାନ୍ତି, ହଁ ଚନ୍ଦନ ତୁ ବଡ ହେଲେ ମନ୍ତ୍ରୀଟେ ନିଶ୍ଚୟ ହେବୁ। କହିବା ବାହୁଲ୍ୟ ଅତୀତର ମୋର ପ୍ରିୟଛାତ୍ର ଚାନ୍ଦ୍ ଓରଫ୍ ଚନ୍ଦନ ପ୍ରଧାନ ଆଜି ଏତେ କମ୍ ବୟସରେ ଜଣେ ମନ୍ତ୍ରୀ ହୋଇପାରିଛି। ଆଉ ସେଦିନର ଭବିଷ୍ୟବାଣୀ ସତରେ ପରିଣତ ହୋଇଛି।

ଆଖିରୁ ତାଙ୍କର ଝରି ପଡୁଥିଲା ଆନନ୍ଦାଶ୍ରୁ କେଇଟୋପା। ଦୁଇହାତରେ ସେ କୁଣ୍ଢେଇ ପକେଇଲେ ସେଦିନର ପ୍ରିୟଛାତ୍ର ଚାନ୍ଦ୍‌କୁ। ତାଙ୍କ ମୁହଁରୁ ଆପେ ଆପେ ବାହାରି ଆସିଲା। ମୁଁ ଆଜି ମୋର ଗୁରୁଦକ୍ଷିଣା ତୋ ପାଖରୁ ପାଇଗଲିରେ ଚାନ୍ଦ୍। ମୋ ଛାତ୍ର ଆଜି ରାଜ୍ୟର ଜଣେ ବିଶିଷ୍ଟ ମନ୍ତ୍ରୀ। ଗର୍ବରେ ମୋ ଛାତି କୁଣ୍ଢେମୋଟ ହୋଇଯାଉଛି। ଯୁବମନ୍ତ୍ରୀଙ୍କ କୃତଜ୍ଞ ଓଠରେ ଫୁଟି ଉଠୁଥିଲା ଦ୍ୱିତୀୟା ଚନ୍ଦ୍ରର ଧାରେ ସଲ୍ଲଜ ହସ।

**– ସବିତା ମହାପାତ୍ର**
ପ୍ରଧାନ ଶିକ୍ଷୟିତ୍ରୀ, ସରକାରୀ ହାଇସ୍କୁଲ, ଡୁମୁଡୁମା ଭିଲେଜ୍, ଭୁବନେଶ୍ୱର,
ମୋ:୯୪୩୭୪୩୯୪୬୭

# ସଚିନ୍‌ଙ୍କ ମାର୍ଗଦର୍ଶନରେ ସ୍କୁଲମୁହାଁ ମୁଣ୍ଡାସାହି ପିଲା

**ହାଣ୍ଡିଆ ପିଇ ଜଙ୍ଗଲରେ ବୁଲୁଥିଲେ ଭୁବନେଶ୍ୱର ଉପକଣ୍ଠ ଚନ୍ଦକା ମୁଣ୍ଡାସାହି ପିଲା। ମୂଲ ଲାଗିବାକୁ ବାପା ମା' ଯାଉଥିବାବେଳେ କୁନିକୁନି ପିଲାମାନେ ତାଙ୍କ ସହ ବି ଯାଉଥିଲେ। ପାଠପଢ଼ାରେ ଡୋରି ଲାଗିବା ସହ ସେମାନଙ୍କ ମାନସିକ ଓ ଶାରୀରିକ ବିକାଶର ସୁଯୋଗ ନ ଥିଲା। ତେବେ ସ୍ଥାନୀୟ ଜଣେ ଯୁବକ ସଚିନ୍ ମହାପାତ୍ରଙ୍କ ପ୍ରଚେଷ୍ଟାରେ ବସ୍ତିର ଶତାଧିକ ପିଲା ଏବେ ସ୍କୁଲ ଯିବା ସହ କ୍ରୀଡ଼ା କ୍ଷେତ୍ରରେ ମଧ ମନ ବଳାଉଛନ୍ତି। ଗୁରୁଦିବସ ଅବସରରେ ଏଭଳି ଜଣେ ଗୁରୁଙ୍କ ସମ୍ପର୍କରେ...**



**ଇଏ ବି ଜଣେ ଗୁରୁ**

ଏମବିଏ ପାସ୍ କରିବା ପରେ ଚାକିରି ନ କରି କୃଷି ଓ ସମାଜ ସେବା ପ୍ରତି ମନ ବଳାଇଥିଲେ ଦାରୁଠେଙ୍ଗ ଅଞ୍ଚଳର ସଚିନ ମହାପାତ୍ର। ଅଭାବ ଅନଟନ ଓ ସଚେତନତା ଅଭାବରୁ ବସ୍ତି ପିଲାମାନେ ପାଠପଢ଼ାରୁ ବଞ୍ଚିତ ହେଉଥିବା ଜାଣିବାକୁ ପାଇଥିଲେ। ୨୦୧୭ରେ ସେ ସ୍ଥାନୀୟ ମୁଣ୍ଡାସାହିରେ ପହଞ୍ଚିଥିଲେ। କୋମଳମତି ପିଲାଙ୍କୁ ଦେଖିବା ପରେ ତାଙ୍କ ମନ ଏକପ୍ରକାର ଆନ୍ଦୋଳିତ ହୋଇଥିଲା। ମା'ବାପାଙ୍କ ସହ ପିଲାମାନେ ହାଣ୍ଡିଆ ପିଉଥିଲେ। ସେମାନଙ୍କ ସହିତ କାମକୁ ଯିବା ସହ ଗାଁ, ଜଙ୍ଗଲ, ରାସ୍ତାରେ ବୁଲୁଥିଲେ। କେତେଜଣ ମଧ୍ୟ ଅବାଟକୁ ଚାଲିଯାଉଥିଲେ। ସ୍ଥାନୀୟ ଅଞ୍ଚଳରେ ମୁଣ୍ଡାସାହି ସ୍କୁଲ ଥିଲେ ମଧ୍ୟ ସେଠାକୁ କେହି ପଢ଼ିବାକୁ ଯାଉ ନ ଥିଲେ। ମା'ବାପା ମଧ୍ୟ ଏ ଦିଗରେ ଆଗ୍ରହ ପ୍ରକାଶ କରୁ ନ ଥିଲେ। ସେଇ ପିଲାମାନଙ୍କୁ ଶିକ୍ଷାଦାନ ପାଇଁ ସଚିନ ସେହିଦିନଠାରୁ ମନ ବଳାଇଥିଲେ। ଖେଳକୁଦଠାରୁ ଆରମ୍ଭ କରି ପାଠ ପଢ଼ିବା ପାଇଁ ସେ ପିଲାମାନଙ୍କୁ ଉତ୍ସାହିତ କରୁଥିଲେ। ଫଳସ୍ୱରୂପ ବର୍ତ୍ତମାନ ମୁଣ୍ଡାସାହି ବିଦ୍ୟାଳୟରେ ୫୦ରୁ ଅଧିକ ପିଲା ପ୍ରଥମରୁ ପ୍ରଞ୍ଚମ ଶ୍ରେଣୀରେ ନାମ ଲେଖାଇ ପାଠ ପଢୁଛନ୍ତି। ଆଖପାଖ ଅଞ୍ଚଳରେ ଥିବା ସରକାରୀ ବିଦ୍ୟାଳୟକୁ ମଧ୍ୟ ଏଠାକାର ପିଲାମାନେ ଯାଉଛନ୍ତି। ସେହିପରି କେତେଜଣ ପିଲାଙ୍କୁ ଆନନ୍ଦ ଆଶା ଅନୁଷ୍ଠାନରେ ଓ ଆଉ କିଛି ପିଲାଙ୍କୁ କିସ୍‌ରେ ପଢ଼ାଇବା ପାଇଁ ସମସ୍ତ ବନ୍ଦୋବସ୍ତ କରାଇଛନ୍ତି। ପ୍ରଥମେ ପ୍ରଥମେ ପିଲାଙ୍କୁ ସ୍କୁଲ ଛାଡିବାକୁ ମା'ବାପା ଅମଙ୍ଗ ହେଉଥିଲେ। ମାତ୍ର ସଚିନ୍‌ଙ୍କ ପରାମର୍ଶରେ ଏବେ ସେମାନେ ସଚେତନ ହେଲେଣି। ଚଳିତବର୍ଷ କେତେଜଣ ପିଲା କଲେଜରେ ନାମ ଲେଖାଇଥିବା ସେ କହିଛନ୍ତି। କେବଳ ପାଠପଢ଼ା ନୁହେଁ, ଫୁଟବଲ୍ ଖେଳ ପ୍ରତି ମଧ୍ୟ ପିଲାମାନେ ଆଗ୍ରହ ପ୍ରକାଶ କରୁଛନ୍ତି। ଟିକେ ସମୟ ମିଳିଲେ କୁନିକୁନି ପିଲାଙ୍କ ପାଖରେ ସଚିନ୍ ପହଞ୍ଚି କିଛିନା କିଛି ଶିଖାଉଛନ୍ତି। ଅକ୍ଷର ଶିଖାଇବା ସହ ସ୍କୁଲ ଯିବାର ଉପକାରିତା ବିଷୟରେ ବୁଝାଉଛନ୍ତି। କ୍ରୀଡ଼ା ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ପିଲାଙ୍କର ଶାରୀରିକ ତଥା ବୌଦ୍ଧିକ ବିକାଶ ପାଇଁ ଉଦ୍ୟମ କରିଆସୁଛନ୍ତି। ପୋଷାକ ସହ ଖାତା କଲମ ଆଦି ପାଠ୍ୟୋପକରଣ ମଧ୍ୟ ପିଲାଙ୍କୁ ପ୍ରଦାନ କରୁଥିବା ପିଲାମାନେ କୁହନ୍ତି। ଏପରିକି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଉକ୍ତ ଅଞ୍ଚଳର ଉପର ଶ୍ରେଣୀର ପିଲାମାନେ ସମୟ ପାଇଲେ ତଳ ଶ୍ରେଣୀର ପିଲାଙ୍କୁ ପାଠ ପଢ଼ାରେ ସହାୟତା କରୁଛନ୍ତି। ସେହିପରି ସମାଜରେ କୃଷି ଓ କୃଷକର ଆବଶ୍ୟକତା ସମ୍ପର୍କରେ ସଚିନ୍ ପିଲାମାନଙ୍କୁ ଅବଗତ କରାଇଥା'ନ୍ତି। ତେବେ ମୁଣ୍ଡାସାହି ବିଦ୍ୟାଳୟରେ କେବଳ ଜଣେ ମାତ୍ର ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ତେଣୁ ଉକ୍ତ ବିଦ୍ୟାଳୟର ଉନ୍ନତୀକରଣ କରାଯିବା ସହ ବିଦ୍ୟାଳୟରେ ବିଷୟଭିତ୍ତିକ ଶିକ୍ଷକ ନିଯୁକ୍ତ ହୋଇପାରିଲେ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ମିଳିପାରିବ ବୋଲି ସଚିନ୍ କହିଛନ୍ତି। ଉଚ୍ଚଶିକ୍ଷା ଲାଭ କରିଥିବା ଜଣେ ବ୍ୟକ୍ତି କୃଷିକ୍ଷେତ୍ରରେ ମଧ୍ୟ ଉତ୍କର୍ଷତା ପ୍ରଦର୍ଶନ କରିପାରିବ ବୋଲି ସେ ବିଚାର କରନ୍ତି। ସଚିନ୍ କୌଣସି ସ୍କୁଲ୍‌ର ଶିକ୍ଷକ ନ ଥିଲେ ମଧ୍ୟ ଆଜିର ସମାଜରେ ଜଣେ ଗୁରୁ ଭାବେ ଉଦାହରଣ ସୃଷ୍ଟି କରିଛନ୍ତି।

**-ରିପୋର୍ଟ: ଅନୁରାଧା ମହାରଣା**



ମୁଣ୍ଡାସାହି ପିଲାଙ୍କୁ ପୁସ୍ତକ ବଣ୍ଟାଯାଇଛି।

# ଗୁରୁ ଯେବେ ଶିଷ୍ୟ ଥିଲେ...

ସେପ୍ଟେମ୍ବର ୫, ସମସ୍ତ ଶିକ୍ଷାନୁଷ୍ଠାନରେ ଏହି ଦିନଟିକୁ ପବିତ୍ର ଗୁରୁଦିବସ ପାଳନ କରାଯାଉଛି। ଶିଷ୍ୟମାନେ ନିଜନିଜ ଗୁରୁଙ୍କ ସମ୍ମାନାର୍ଥେ ଏହି ଦିବସ ପାଳନ କରୁଥିବାବେଳେ ଗୁରୁମାନେ ମଧ ନିଜ ଶିଷ୍ୟ ଜୀବନର ଅନୁଭୂତି ସ୍ମରଣ କରନ୍ତି। ଏହି ଅବସରରେ କେତେଜଣ ଗୁରୁ ନିଜ ଛାତ୍ର ଜୀବନର ଅଭୁଲା ଘଟଣା ସମ୍ପର୍କରେ ଯାହା କୁହନ୍ତି...

- ରିପୋର୍ଟ: ଅନୁରାଧା ମହାରଣା

## ସାର୍ ନଥିଲେ ସପ୍ତମ ଯାଏ ପଢ଼ିଥାନ୍ତି



ଝିଅ ପିଲା ବୋଲି ସପ୍ତମ ଶ୍ରେଣୀ ପରେ ଘରେ ଆଉ ମୋତେ ପଢ଼ାଇବାକୁ ଚାହୁଁନଥିଲେ। ନିତ୍ୟାନନ୍ଦ ନାୟକ ସାର୍ ଘରେ ଆସି ବହୁତ ବୁଝାଇଥିଲେ। ତା'ପରେ ହାଇସ୍କୁଲରେ ମୋ ନାମ ଲେଖାଯାଇଥିଲା। ନିତ୍ୟାନନ୍ଦ ସାର୍ ନ ଥିଲେ ସପ୍ତମ ଯାଏ ପଢ଼ିଥାନ୍ତି। ହାଇସ୍କୁଲରେ ଆମର ଇଂରାଜୀ ଶିକ୍ଷକ ଯଦୁମଣି ତ୍ରିପାଠୀଙ୍କ ପାଠପଢ଼ା ଶୈଳୀ ମୋର ଏବେବି ମନ ଅଛି। ମୁଁ ମୋର ଶିକ୍ଷୟିତ୍ରୀ ଜୀବନରେ ସବୁବେଳେ ତାଙ୍କ ପଥ ଅନୁସରଣ କରିଆସିଛି।

- ଶ୍ରୀମତୀ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ

## ସାରଙ୍କୁ ଦେଖି ସାରା ଦିନ ଛାତରେ ଲୁଚିଥିଲି



ମୋର ଯେତେବେଳେ ସପ୍ତମ ଶ୍ରେଣୀ ସରିଲା ଘର ପାଖ ଆବାସିକ ବିଦ୍ୟାଳୟରେ ବାପା ତଥା ମୋ ଗୁରୁ ନାମ ଲେଖାଇଥିଲେ। ମାତ୍ର ଘରଛାଡ଼ି ରହିବା ଅଭ୍ୟାସ ମୋର ନଥିଲା। ତେଣୁ ଗାଁ ସ୍କୁଲରେ ପଢ଼ିବି କହି ଚାଲି ଆସିଥିଲି। ଏହାପରେ ସ୍କୁଲର କ୍ରିଷ୍ଣା ସାର୍ ମୋତେ ନେବାକୁ ଘରକୁ ଆସିଥିଲେ। କିନ୍ତୁ ମୁଁ ସାରା ଦିନ ଛାତ ଉପରେ ଲୁଚିଯାଇଥିଲି। ଯଦିଓ ବିଦ୍ୟାଳୟକୁ ଫେରି ନଥିଲି ମାତ୍ର ସାର୍‌ଙ୍କ ସେହି ଭଲପାଇବା ପରବର୍ତ୍ତୀ ସମୟରେ ବୁଝିପାରିଥିଲି।

- ଡ. ଦେବୀଲାଲ ମିଶ୍ର, ପ୍ରାଧାପକ, ରେଭେନ୍ସା ବିଶ୍ୱବିଦ୍ୟାଳୟ

## ଗୁରୁଙ୍କ ମାର୍ଗଦର୍ଶନରେ ଗୁରୁ ହୋଇପାରିଛି



କ୍ଷିତିଜ୍ୟୋତି ସଙ୍ଗୀତ ମହାବିଦ୍ୟାଳୟରେ ସଙ୍ଗୀତ ଶିଖିବାବେଳର କଥା। ୨ ବର୍ଷ ଭୂଷଣ ପାଠ୍ୟକ୍ରମ ସାରିବା ପରେ ବିଶାରଦ ଶେଷ କରିବା ପାଇଁ ଆର୍ଥିକ ଓ ଅନ୍ୟାନ୍ୟ ସମସ୍ୟା ପ୍ରତିବନ୍ଧକ ସାଜିଥିଲା। ସେତେବେଳେ ଗୁରୁ ଦିବାକର ପାଣ୍ଡେ ସବୁ ସମସ୍ୟାକୁ କିପରି ଏଡ଼ାଇଦିଆଯାଇପାରେ ସେନେଇ ମାର୍ଗଦର୍ଶନ ଦେଇଥିଲେ। ତାଙ୍କର ସେହି ମାର୍ଗଦର୍ଶନ ମୋ ପାଇଁ ଏକ ଅମଳିନ ସ୍ମୃତି। ସେହି ଗୁରୁଙ୍କ ମାର୍ଗଦର୍ଶନ ଗ୍ରହଣ କରିନଥିଲେ ମୁଁ ଆଜି ନିଜେ ଗୁରୁ ହୋଇପାରନଥା'ନ୍ତି।

- ଏମ୍ ପ୍ରଭାକର, ସଙ୍ଗୀତ ଗୁରୁ

## ରାଜ୍ୟ ଖବର

# ଠିକ୍ ମୂଲ୍ୟାୟନ କରା ନ ଯିବା ଅଭିଯୋଗରେ ଧାରଣା

## ଓଟିଇଟି ଫଳାଫଳକୁ ନେଇ ବିବାଦ ପ୍ରସଙ୍ଗ

କଟକ,୪।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)-୨୦୨୨ ରେଜଲ୍ଟ ପ୍ରକାଶ ପାଇବା ପରେ ବିବାଦ ଦେଖାଦେଇଛି। ଠିକ୍ ମୂଲ୍ୟାୟନ କରାଯାଇ ନ ଥିବା, ପରୀକ୍ଷା ପରିଚାଳନାରେ ଅନେକ ତ୍ରୁଟି ଥିବା ଅଭିଯୋଗ କରି ଶତାଧିକ ପରୀକ୍ଷାର୍ଥୀ ସୋମବାର କଟକସ୍ଥିତ ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।

ସୂଚନା ମୁତାବକ, ଏହି ପରୀକ୍ଷା ପାଇଁ ୧ ଲକ୍ଷ ୫୪ ହଜାର ୯୮୫ ଛାତ୍ରୀଛାତ୍ର ଫର୍ମପୂରଣ କରିଥିଲେ। ସେଥିମଧ୍ୟରୁ ୧ଲକ୍ଷ ୨୭ ହଜାର ୧୫୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଗତ ଗୁରୁବାର ପରୀକ୍ଷାଫଳ ପ୍ରକାଶ ପାଇଥିଲା। ଏଥିରେ ୫୦ ହଜାର ୧୮ ଜଣ ଫେଲ୍ ହୋଇଥିଲେ। ପ୍ରଶ୍ନପତ୍ରରେ ତ୍ରୁଟି ସହ ପରୀକ୍ଷାଫଳ ପ୍ରକାଶନରେ ଅନେକ ତ୍ରୁଟି ଥିବା ପରୀକ୍ଷାର୍ଥୀ ଅଭିଯୋଗ କରିଛନ୍ତି। ପରୀକ୍ଷାର୍ଥୀଙ୍କ କହିବା ମୁତାବକ, ଏହି ପରୀକ୍ଷାରେ ଠିକ୍ ମୂଲ୍ୟାୟନ ହୋଇନାହିଁ। ସେହିପରି ପରୀକ୍ଷାର ଓଏମ୍ଆର୍ ସିଟ୍ ପ୍ରଦାନ କରାଯାଇନାହିଁ। ବିଳମ୍ବରେ ପରୀକ୍ଷାଫଳ ପ୍ରକାଶ ପାଇଛି। ପ୍ରକାଶ ପାଇଥିବା ଉତ୍ତର ପତ୍ର ଭୁଲ୍ ଥିଲା। ଏନେଇ ଆମେ ଚ୍ୟାଲେଞ୍ଜ ବୋର୍ଡରେ କରିଥିଲୁ। ଏହାପରେ ଫାଇନାଲ ଉତ୍ତର ପତ୍ର ଆସିଥିଲା। ହେଲେ ସେଥିରେ ବି ଭୁଲ୍ ଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବୋର୍ଡ ଯେଉଁ ଫାଇନାଲ ଉତ୍ତର ପତ୍ର ପ୍ରକାଶ କରିଛି, ସେହି ଅନୁସାରେ ଯଦି ଜଣେ ପିଲା କ୍ୱାଲିଫାଏ ହେଉଛି ବୋଲି ମନେକରୁଛି, ତାଙ୍କୁ ମଧ ନଟ୍ କ୍ୱାଲିଫାଏ କରି ଦିଆଯାଇଛି। ଏ ସମ୍ପର୍କରେ ବୋର୍ଡ ଉପସଭାପତି ନୀହାର ରଞ୍ଜନ ମହାନ୍ତି କହିଛନ୍ତି, ପରୀକ୍ଷା ଫଳ ମୂଲ୍ୟାୟନରେ କୌଣସି ତ୍ରୁଟି ହୋଇନାହିଁ। ଯେଉଁମାନେ ୧, ୨ ମାର୍କ ପାଇଁ କ୍ୱାଲିଫାଏ ହୋଇପାରି ନାହାନ୍ତି, ସେମାନେ ଚାହୁଁଛନ୍ତି ସେମାନଙ୍କୁ ସେହି ମାର୍କ ଦିଆଯାଉ। କିନ୍ତୁ ସେମିତି ବ୍ୟବସ୍ଥା ନାହିଁ। ଓଏମ୍ଆର୍ ସିଟ୍ ପାଇଁ ପିଲା ଆର୍‌ଟିଆଇ ମାଗିଲେ ଆମେ ତୁରନ୍ତ ଯୋଗାଇଦେବୁ। ପରୀକ୍ଷାର୍ଥୀମାନେ ଯେଉଁ ଚ୍ୟାଲେଞ୍ଜ କରିଥିଲେ, ସେଥିପାଇଁ ବୋର୍ଡର ଏକ ବିଶେଷଜ୍ଞ ଟିମ୍ ବସି ତର୍ଜମା କରିଥିଲା। ଏହାପରେ ଫାଇନାଲ ସ୍କୋରିଂ କରାଗଲା। ତାହା ସମ୍ପୂର୍ଣ୍ଣ ଠିକ୍ ଅଛି ବୋଲି ମହାନ୍ତି କହିଛନ୍ତି।



କଟକସ୍ଥିତ ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ପରୀକ୍ଷାର୍ଥୀମାନେ ଧାରଣା ଦେଇଛନ୍ତି।

# ଫକୀରମୋହନ ମେଡିକାଲରେ ଅଗ୍ନିକାଣ୍ଡ

## ରୋଗୀ, ସମ୍ପର୍କୀୟ ଭୟଭୀତ



କେମୋ ୱାର୍ଡ ବାହାରେ ଏସି କମ୍ପ୍ରେସରରେ ଲାଗିଥିବା ନିଆଁକୁ ଲିଭାଯାଉଛି।

ବାଲେଶ୍ୱର, ୪।୯(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲ ଅଧୀନରେ ପରିଚାଳିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର ନିଆଁ ଲାଗିଯିବାରୁ କିଛି ସମୟ ପାଇଁ ରୋଗୀ ଓ ସମ୍ପର୍କୀୟମାନେ ଭୟଭୀତ ହୋଇପଡ଼ିଥିଲେ। ଠିକ୍ ସମୟରେ ନିଆଁକୁ ଆୟତ୍ତ କରାଯିବାରୁ କାହାର କିଛି କ୍ଷତି ହୋଇ ନ ଥିବା ଜଣାପଡ଼ିଛି।

ହସ୍ପିଟାଲର ମେଡିସିନ ୱାର୍ଡର ପ୍ରଥମ ମହଲାରେ ଥିବା କେମୋ ୱାର୍ଡ ବାହାରେ ଲାଗିଥିବା ଏସି କମ୍ପ୍ରେସରରେ ନିଆଁ ଲାଗିଯାଇଥିଲା। ଏହାପରେ ପୂରା ଅଞ୍ଚଳ ଧୂଆଁରେ ଭରିଯାଇଥିଲା। ନିଆଁ ଦେଖି ୱାର୍ଡରୁ ରୋଗୀ ଓ ସମ୍ପର୍କୀୟମାନେ ଭୟରେ ବାହାରକୁ ବାହାରି ଆସିଥିଲେ। ପ୍ରଥମେ ମେଡିକାଲ କର୍ମଚାରୀ ନିଆଁ ଲିଭା ଯନ୍ତ୍ର ସାହାଯ୍ୟରେ ନିଆଁକୁ ଆୟତ୍ତ ପାଇଁ ଚେଷ୍ଟା କରିଥିଲେ। ପରେ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବାହିନୀ ପକ୍ଷରୁ ନିଆଁକୁ ସମ୍ପୂର୍ଣ୍ଣ ଭାବେ ଆୟତ୍ତ କରାଯାଇଥିଲା। ଶର୍ଟସର୍କିଟ୍ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ମେଡିକାଲ କର୍ତ୍ତୃପକ୍ଷ କହିଛନ୍ତି। ତେବେ ମେଡିକାଲରେ ବ୍ୟବହାର ହେଉଥିବା ଉପକରଣଗୁଡ଼ିକର ଠିକ୍ ସମୟରେ ରକ୍ଷଣାବେକ୍ଷଣ ହେଉ ନ ଥିବାରୁ ଏଭଳି ଘଟଣା ଘଟୁଥିବା ସାଧାରଣରେ ଆଲୋଚନା ହେଉଛି।

# ଅଭିଯୁକ୍ତ ରିଣ୍ଟୁ, ସମୀରଙ୍କ ନାଁରେ ଇଡିର ଚାର୍ଜଶିଟ୍

ଭୁବନେଶ୍ୱର,୪।୮
(ସତ୍ୟଜିତ୍ ରାଉତ)

ବାଲେଶ୍ୱର ସହଦେବଖୁଣ୍ଟା ଥାନା ଫୁଲାଡ଼ିସ୍ଥିତ କାସିମପୁର ପଡ଼ିଆରେ ୧୦ କୋଟି ଟଙ୍କାର ବ୍ରାଉନସୁଗାର ଜବତ ମାମଲାରେ ବେଆଇନ ଅର୍ଥ କାରବାରର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଭୁବନେଶ୍ୱରସ୍ଥିତ ଇଡି ସ୍ୱତନ୍ତ୍ର କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଛି। ଅଭିଯୁକ୍ତ ରିଣ୍ଟୁ ତରେଇ ଓ ଏସ୍‌କେ ସମୀରଙ୍କ ନାଁରେ ଏହି ଚାର୍ଜଶିଟ୍ ହୋଇଥିବା ନେଇ ସୋମବାର ଇଡି ପକ୍ଷରୁ ସୂଚନା ଦିଆଯାଇଛି।

## ବାଲେଶ୍ୱରରେ ୧୦ କୋଟିର ବ୍ରାଉନସୁଗାର ଜବତ ମାମଲା

ସୂଚନା ଅନୁଯାୟୀ, ୨୦୨୨ ଅକ୍ଟୋବର ୨୭ ସନ୍ଧ୍ୟାରେ ବ୍ରାଉନସୁଗାର ଡିଲ ସମୟରେ ସ୍ଥାନୀୟ ପୋଲିସ ଚଢ଼ାଉ କରି ରିଣ୍ଟୁ ଓ ସମୀରଙ୍କ ସମେତ ୬ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୧୦ କେଜି ବ୍ରାଉନସୁଗାର ଜବତ ହୋଇଥିଲା। ଏନେଇ ପୋଲିସ ପକ୍ଷରୁ ଏକ ମାମଲା (ନଂ.୩୫୨/୨୦୨୨) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବା ପରେ ସମସ୍ତେ ଜେଲ ଯାଇଥିଲେ। ତେବେ ଏହି ବ୍ରାଉନସୁଗାର କାରବାରରେ ରିଣ୍ଟୁ ଓ ସମୀର ମୁଖ୍ୟ ଥିଲେ। ପୋଲିସର ଚାର୍ଜଶିଟ୍‌କୁ ଆଧାର କରି ଏହାର ବେଆଇନ ଅର୍ଥ କାରବାରର ଖିଅ ଖୋଜିବାକୁ ଇଡି ନିଜଆଡ଼ୁ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏପରିକି ରିଣ୍ଟୁ ଓ ସମୀରଙ୍କୁ ମଧ୍ୟ ଇଡି ଗିରଫ କରି ଉଭୟଙ୍କଠାରୁ ବେଆଇନ ନିଶା କାରବାରକୁ ନେଇ ବହୁ ତଥ୍ୟ ପାଇଥିଲା।

# ଚିନ୍ତା ବଢ଼ାଇଲାଣି ପତ୍ରପୋଡ଼ା ରୋଗ

- ଧାନଗଛ ପତ୍ର ହଳଦିଆ ପଡ଼ିଯାଉଛି
- ବ୍ୟାପକ ଫସଲ ନଷ୍ଟ ହେବା ଆଶଙ୍କା

ଚମ୍ପୁଆ, ୪।୯(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ କୃଷି ଜିଲା ଅଧୀନ ବିଭିନ୍ନ ଅଞ୍ଚଳରେ ଧାନଗଛରେ ପତ୍ରପୋଡ଼ା ରୋଗ ବ୍ୟାପିବାରେ ଲାଗିଛି। ଚଳିତବର୍ଷ ଚାଷୀ ପ୍ରତିକୂଳ ପରିସ୍ଥିତିରେ ଧାନ ଚାଷ କରିଛନ୍ତି। ଅଭାବୀ ବର୍ଷା ମଧ୍ୟରେ ତଳି ରୋଇବାଠାରୁ ଆରମ୍ଭ କରି ସାରର ଅଭାବ ମଧ୍ୟରେ ବହୁ ପରିଶ୍ରମ କରି ଫସଲ କରିଛନ୍ତି। ମାତ୍ର ଏବେ ପତ୍ରପୋଡ଼ା ରୋଗ ପାଇଁ ଚାଷୀକୁଳ ଚିନ୍ତାରେ ପଡ଼ିଛନ୍ତି।

ସୂଚନା ଅନୁଯାୟୀ, ରଜିଆ ପଞ୍ଚାୟତ ମଥୁରାପୁର ଗ୍ରାମର ରବୀନ୍ଦ୍ର ପ୍ରଧାନ, ସୁରେଶ ପ୍ରଧାନ, ଶରତ ପ୍ରଧାନ, ମହିବେସ ପ୍ରଧାନ ପ୍ରମୁଖଙ୍କ ଚାଷଜମିରେ ଏହି ପତ୍ରପୋଡ଼ା ରୋଗ ଆରମ୍ଭ ହୋଇଛି। ଚାଷୀମାନେ ହାଇବ୍ରିଡ୍ ଧାନ ବିହନ ଚାଷ କରିଥିବା ବେଳେ ଗଛ ଲଗାଇବାର ପ୍ରାୟ ୨୧ଦିନ ପରେ ଏହି ରୋଗ ଆରମ୍ଭ ହୋଇଥିବା କହିଛନ୍ତି। ଧାନ ଗଛ ଉପର ଭାଗ ପୋଡି ହଳଦିଆ ପଡ଼ିଯାଉଛି। ଦୁଇ ତିନି ଦିନ ମଧ୍ୟରେ ଏହି ରୋଗ ଏକର ଏକର ଚାଷ ଜମିକୁ ବ୍ୟାପିଗଲାଣି। ଫଳରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଚାଷୀ ଅଧିକ ଅମଳ ପାଇଁ ଉନ୍ନତମାନର ବିହନ ବ୍ୟବହାର କରିଛନ୍ତି। କୃଷି ବିଭଗ ପକ୍ଷରୁ ଏହାର ଉପଚାର କରା ନ ଗଲେ ପତ୍ରପୋଡ଼ା ରୋଗ ପାଇଁ ଚାଷୀଙ୍କ ଚାଷ ଉଜୁଡ଼ି ଯିବାର ସମ୍ଭାବନା ଦେଖାଯାଇଛି। ଏ ନେଇ ଚାଷୀକୁଳ ଚିନ୍ତାଗ୍ରସ୍ତ ହୋଇପଡ଼ିଛନ୍ତି। ଚାଷୀ ନବୀନ ପ୍ରଧାନ କହିଛନ୍ତି, ଯଦି ରୋଗକୁ ଏବେଠାରୁ ରୋକା ନ ଯିବ ତେବେ ଚାଷରେ ପ୍ରଭୂତ କ୍ଷତି ଘଟିବ, ଏପରିକି ବିହନ ପଇସା ଉଠାଇବା ବି ସମ୍ଭବ ହେବନାହିଁ। ଏ ବିଷୟରେ କୃଷି ଅଧିକାରୀଙ୍କ ଯୋଗାଯୋଗ କରିଥିବା ବେଳେ କୀଟନାଶକ ସିଞ୍ଚନ ପାଇଁ ପରାମର୍ଶ ଦେଇଛନ୍ତି। ଏ ନେଇ କୃଷି ଜିଲା ଚମ୍ପୁଆ ଭାରପ୍ରାପ୍ତ ଅଧିକାରୀ ନୀଳମାଧବ ଦାସ କହିଛନ୍ତି, ଏହା ଏକ ବ୍ୟାକ୍ଟେରିଆଜନିତ ରୋଗ। ଖୁବ୍‌ଶୀଘ୍ର ଉକ୍ତ ଧାନ ବିଲକୁ ଯାଇ କୃଷି କର୍ମଚାରୀ ଅନୁଧାନ କରିବା ପରେ ପଦକ୍ଷେପ ଗ୍ରହଣ କରାଯିବ। ଚାଷୀଙ୍କୁ ଉନ୍ନତମାନର ପ୍ରତିଷେଧକ ବ୍ୟବହାର ପାଇଁ ପରାମର୍ଶ ଦିଆଯିବ ବୋଲି କହିଛନ୍ତି।



ପତ୍ରପୋଡ଼ା ରୋଗରେ ଧାନ ଗଛ ହଳଦିଆ ପଡ଼ିଯାଇଛି।

# ଘରୋଇ ବଜାରରେ ହୋଣ୍ଡା ଏଲିଭେଟ୍

ଭୁବନେଶ୍ୱର, ୪।୯ (ଅଭୟ ଦାଶ)




ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ (ଏଚ୍‌ସିଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଣ୍ଡା ଏସ୍‌ୟୁଭି 'ଏଲିଭେଟ୍'କୁ ସର୍ବଭାରତୀୟ ସ୍ତରରେ ଉନ୍ମୋଚନ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ଏଚ୍‌ସିଆଇଏଲର ପ୍ରେସିଡେଣ୍ଟ ତଥା ସିଇଓ ତାକୁୟା ସୁମୁରା କହିଛନ୍ତି, ମଜଭୁତ ଭାବେ ଆଶା କରାଯାଉଥିବା ଏହି ମଧ୍ୟମ ଆକାର ଏସୟୁଭି 'ହୋଣ୍ଡା ଏଲିଭେଟ'କୁ ଭାରତ ବଜାରରେ ପ୍ରବେଶ କରାଇ ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷ କରି ବିଶ୍ୱସ୍ତରରେ ପ୍ରଦର୍ଶିତ ହେବା ପରେ ଏଲିଭେଟ ଗ୍ରାହକମାନଙ୍କ ନିକଟରୁ ଅତୁଳନୀୟ ପ୍ରଶଂସା ଏବଂ ଗ୍ରହଣୀୟତା ଲାଭ କରିଛି। ଏପରିକି ଆଗ୍ରହର ସହିତ ଅପେକ୍ଷା କରିଥିବା ଭାରତୀୟ ଗ୍ରାହକଙ୍କ ନିମନ୍ତେ ଆମେ ଏଲିଭେଟର ମୂଲ୍ୟ ଘୋଷଣା କରି ବେଶ୍ ଆନନ୍ଦ ଅନୁଭବ କରୁଛୁ। ଅପରପକ୍ଷରେ ହୋଣ୍ଡା ଏଲିଭେଟ ୧.୫ ଏଲ୍‌ଆଇ-ଭିଟେକ ଡିଓଏଚ୍‌ସି ପେଟ୍ରୋଲ ଇଞ୍ଜିନରେ ପରିଚାଳିତ ହେଉଥିବାବେଳେ ୮୯ କେଡବ୍ଲ୍ୟୁ (୧୨୧-ପିଏସ) ଶକ୍ତି ଏବଂ ୧୪୫ ଏନ୍‌ଏମ୍ ଟର୍କ ଉତ୍ପନ୍ନ କରୁଛି। ସେହିଭଳି ଏଲିଭେଟରେ ୬-ସ୍ପିଡ ମାନୁଆଲ ଟ୍ରାନ୍ସମିଶନ ଏବଂ ୭-ସ୍ପିଡ କଣ୍ଟିନ୍ୟୁଅସଲି ଭାରିଏବଲ ଟ୍ରାନ୍ସମିଶନ (ସିଭିଟି) ରହିଥିବା ବେଳେ ଯଥାକ୍ରମେ ଲିଟର ପିଛା ୧୫.୩୧ କିଲୋମିଟର ଓ ୧୬.୯୨ କିଲୋମିଟର ଇନ୍ଧନ ସଞ୍ଚୟକାରୀ ମାଇଲେଜ ପ୍ରଦାନ କରୁଛି। ଉଲ୍ଲେଖଯୋଗ୍ୟ, ହୋଣ୍ଡା ଏଲିଭେଟ ୪ଟି ଭାରିଆଣ୍ଟରେ ଉପଲବ୍ଧ ହେଉଥିବାବେଳେ ସିଙ୍ଗଲ-ଟୋନ୍‌ରେ ୭ଟି ଏବଂ ଡୁଆଲ-ଟୋନ୍‌ରେ ୩ଟି ଆକର୍ଷଣୀୟ ରଙ୍ଗ (କଲର)ର ମଡେଲ ବଜାରକୁ ଆସିଥିବା ହୋଣ୍ଡା ପକ୍ଷରୁ କୁହାଯାଇଛି। ସେହିଭଳି ଉକ୍ତ ମଡେଲଗୁଡ଼ିକର ପ୍ରାରମ୍ଭିକ ମୂଲ୍ୟ (ଏକ୍ସ ଶୋ'ରୁମ ) ପ୍ରାୟ ୧୧ରୁ ୧୬ ଲକ୍ଷ ଟଙ୍କା ମଧ୍ୟରେ ରହିଛି।

# ଜିମ୍‌ନିର ଅଫ୍ ରୋଡ୍ ଡ୍ରାଇଭିଂ ଅନୁଭୂତି

ଭୁବନେଶ୍ୱର,୪।୯




ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ(ଏମ୍‌ଏସ୍‌ଆଇଏଲ୍)ର ଅଗ୍ରଣୀ ମଡେଲ ଜିମ୍‌ନି ପକ୍ଷରୁ ନିକଟରେ ଏକ ଅଫ୍ ରୋଡିଂ ଏକ୍ସପେରିଏନ୍ସ କ୍ୟାମ୍ପେନର ଶୁଭାରମ୍ଭ କରାଯାଇଛି। ବିଶେଷକରି ସାରା ଦେଶରେ ଜିମ୍‌ନି ଗ୍ରାହକଙ୍କୁ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲରଗୁଡ଼ିକ ଜରିଆରେ ଏକତ୍ରିତ କରାଇବା ସହିତ ଏକ ଦୁଃସାହସିକ ଅଫ୍ ରୋଡ୍ ଡ୍ରାଇଭିଂ ଅନୁଭୂତି ଜିମ୍‌ନି ଗାଡି ଚାଳକଙ୍କୁ ବିଶେଷଜ୍ଞଙ୍କ ମାଧ୍ୟମରେ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଏମ୍‌ଏସ୍‌ଆଇଏଲ୍‌ର ସ୍ୱୀକୃତିପ୍ରାପ୍ତ ଡିଲର ନେକ୍ସା ରାଜଭବନ (ନାରାୟଣୀ ମୋଟର୍ସ) ପକ୍ଷରୁ ଏକ ସ୍ୱତନ୍ତ୍ର 'ଅଫ୍ ରୋଡିଂ ଏକ୍ସପେରିଏନ୍ସ ଉଇଥ ନ୍ୟୁ ଜିମ୍‌ନି ' କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଶେଷ କରି ଉକ୍ତ କାର୍ଯ୍ୟକ୍ରମରେ ଜିମ୍‌ନି ଚାଳକ (ଗାଡ଼ି ମାଲିକ)ମାନେ ସ୍ୱତନ୍ତ୍ର ଭାବେ ଅଂଶ ଗ୍ରହଣ କରିଥିଲେ।

ଏ ସମ୍ପର୍କରେ ନେକ୍ସା ରାଜଭବନ (ନାରାୟଣୀ ମୋଟର୍ସ)ର ପରିଚାଳନା ନିର୍ଦ୍ଦେଶକ ପୁରୁଷୋତ୍ତମ ବୁଦ୍ଧରାଜ କହିଛନ୍ତି, ଗ୍ରାହକଙ୍କ ସନ୍ତୁଷ୍ଟି ଏବଂ ଏକ ଦୁଃସାହସିକ ଗାଡି ଚାଳନା ସୁଯୋଗ ପ୍ରଦାନ କରିବାକୁ ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ଜରିଆରେ ଜିମ୍‌ନି ଚାଳକମାନଙ୍କୁ ଏକ ଉତ୍ସାହଜନକ ଅଭିଜ୍ଞତା ସହିତ ଜିମ୍‌ନିର ଅପୂର୍ବ କ୍ଷମତା ଏବଂ ଚ୍ୟାଲେଞ୍ଜକୁ ବିଭିନ୍ନ ପୃଷ୍ଠଭୂମିରେ ପ୍ରଦର୍ଶିତ କରାଯାଇଥିଲା।




ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ (ଏଚ୍‌ସିଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ହୋଣ୍ଡା ଏଲିଭେଟ'କୁ ସୋମବାର ସର୍ବଭାରତୀୟସ୍ତରରେ ଉନ୍ମୋଚନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏଚ୍‌ସିଆଇଏଲ୍‌ର ସ୍ୱୀକୃତିପ୍ରାପ୍ତ ଡିଲର 'ହାଇୱେ ହୋଣ୍ଡା' ପକ୍ଷରୁ ସୋମବାର ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଉକ୍ତ ଉତ୍ସବରେ ହାଇୱେ ହୋଣ୍ଡାର ଏମ୍‌ଡି ଆଦିତ୍ୟ ପାତ୍ର ଏବଂ ଭିପି ରାଜୀବ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ ସହ ବଜାର ପ୍ରବେଶ କରାଉଛନ୍ତି।




ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ (ଏଚ୍‌ସିଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ହୋଣ୍ଡା ଏଲିଭେଟ'କୁ ସୋମବାର ସର୍ବଭାରତୀୟସ୍ତରରେ ଉନ୍ମୋଚନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏଚ୍‌ସିଆଇଏଲ୍‌ର ସ୍ୱୀକୃତିପ୍ରାପ୍ତ ଡିଲର 'ସେଣ୍ଟ୍ରାଲ ହୋଣ୍ଡା' ପକ୍ଷରୁ ସୋମବାର ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଉକ୍ତ ଉତ୍ସବରେ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ)ର ଡିଜିଏମ ସଞ୍ଜୟ ଝା, ଆରଏମ୍ ପତିତପାବନ ପରିଡା, ସେଣ୍ଟ୍ରାଲ ହୋଣ୍ଡାର ନିର୍ଦ୍ଦେଶିକା ସୀନୁ ଧାୱନ ଏବଂ ଏଜିଏମ (ବିକ୍ରି ଏବଂ ବିପଣନ) ପାର୍ଥସାରଥି ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ ସହ ବଜାର ପ୍ରବେଶ କରାଉଛନ୍ତି।

## ଫୁର୍‌ସତ୍

# ୧୮ ବର୍ଷ ପରେ ଏଆଇ ସାହାଯ୍ୟରେ କଥା କହିଲେ

ନୂଆଦିଲ୍ଲୀ




ବେଳକୁ ବେଳ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି। ଅଫିସଠାରୁ ଆରମ୍ଭ କରି ମେଡିକାଲ କ୍ଷେତ୍ରରେ ମଧ୍ୟ ତା' ସଫଳ ଯୋଗଦାନ ଦେଖିବାକୁ ମିଳୁଛି। ନିକଟରେ ଏଆଇ ଏମିତି କିଛି କାର୍ଯ୍ୟ କରିଛି, ଯାହା ଜାଣିଲେ ଆଶ୍ଚର୍ଯ୍ୟ ଲାଗିବ। କିଛି ମାସ ପୂର୍ବରୁ ନେଦରଲାଣ୍ଡରେ ଜଣେ ୪୦ ବର୍ଷୀୟ ଏଆଇ ସାହାଯ୍ୟରେ ଚାଲିବାକୁ ସକ୍ଷମ ହୋଇଛନ୍ତି। ଏବେ ବୈଜ୍ଞାନିକଙ୍କ ଅନେକ ସଫଳତା ମିଳିବାକୁ ଲାଗିଛି। ନିକଟରେ ଜଣେ ମହିଳାଙ୍କ ସହିତ ମଧ୍ୟ ଏପରି ହୋଇଛି। ଯିଏ ଦୀର୍ଘ ୧୮ ବର୍ଷ ପରେ କଥା କହିବାକୁ ସକ୍ଷମ ହୋଇପାରିଛନ୍ତି। ୪୮ ବର୍ଷୀୟା ଆନ ଜନସନ୍‌ଙ୍କୁ ୩୦ ବର୍ଷ ବୟସରେ ବ୍ରେନ୍ ଷ୍ଟୋକ୍ ହୋଇଥିଲା। ଏଥିଯୋଗୁ ତାଙ୍କୁ ପକ୍ଷାଘାତି ହୋଇଯାଇଥିଲା। ସେ ସେତେବେଳେ କିଛି କଥା କହିପାରୁ ନ ଥିଲେ। କିନ୍ତୁ ଏବେ ଏଆଇ ତାଙ୍କ ଜୀବନ ବଦଳାଇ ଦେଇଛି। ତାଙ୍କ ମସ୍ତିଷ୍କରେ ପାଖାପାଖି ୨୫୦ଟି ଇଲେକ୍ଟ୍ରୋନିକ ତାର ଇଂପ୍ଲାଣ୍ଟ କରାଯାଇଛି। ଏହି ଇଲେକ୍ଟ୍ରୋନିକ ତାର ମସ୍ତିଷ୍କର ସ୍ପିଚ ପ୍ରୋସେସିଂ କ୍ଷେତ୍ରକୁ ଘେରି ରହିଛି। ମସ୍ତିଷ୍କ ପଠାଉଥିବା ସଙ୍କେତକୁ କମ୍ପ୍ୟୁଟର ସାହାଯ୍ୟରେ ଯୋଗା ଯାଇଥିଲା। ଯାହା ଫଳରେ ଜନସନଙ୍କୁ କିଛି ଚିତ୍ର ଦେଖାଯାଇଥିଲା ଏବଂ ତାହା କେଉଁ ସଙ୍କେତ, ସେ ବାବଦରେ ଜନସନ ନିଷ୍ପତ୍ତି ନେଇଥିଲେ। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଶେୟାର କରାଯାଇଛି। ଜନସନ ଏହି ସଙ୍କେତକୁ ଚିହ୍ନିବାକୁ ଏଆଇର ସାହାଯ୍ୟ ନେଇଥିଲେ।

# ଗଣେଶ ଚତୁର୍ଥୀରେ 'ଚନ୍ଦ୍ରମୁଖୀ ୨'




ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ କଙ୍ଗନା ରଣାୱତ୍‌ଙ୍କ ବହୁ ପ୍ରତୀକ୍ଷିତ ମୁଭି 'ଚନ୍ଦ୍ରମୁଖୀ-୨'ର ଟ୍ରେଲର ଚେନ୍ନାଇରେ ରିଲିଜ୍ ହୋଇଛି ; ଯେଉଁଥିରେ କଙ୍ଗନା ଭିନ୍ନ ଏକ ଲୁକ୍‌ରେ ଦେଖିବାକୁ ମିଳିଛନ୍ତି। ତାଙ୍କର ଏହି ଚରିତ୍ରକୁ ଲୋକେ ବେଶ୍ ପସନ୍ଦ କରୁଛନ୍ତି। ଫିଲ୍ମରେ କଙ୍ଗନା ଏବଂ ରାଘବ ଲରେନ୍ସଙ୍କ ଦମ୍‌ଦାର ଦୃଶ୍ୟ ଦେଖିବାକୁ ମିଳିଛି। କଙ୍ଗନା ଜଣେ ମହାରାଣୀ ଭୂମିକାରେ ଅଭିନୟ କରୁଥିବାବେଳେ ଏକ ବଙ୍ଗାଳୀ ବସ୍ତ୍ର ପିନ୍ଧିଥିବା ନଜରକୁ ଆସିଛି। ଟ୍ରେଲରରେ ଦେଖିବାକୁ ମିଳିଛି, କିଛି ସମସ୍ୟାର ସମାଧାନ ପାଇଁ ଜଣେ ପରିବାର ଏକ ବଙ୍ଗଳାରେ ରହିବାକୁ ଆସୁଛନ୍ତି। ବଙ୍ଗଳାର ଏକ ପାର୍ଶ୍ୱକୁ ସେମାନଙ୍କୁ ଯିବାକୁ ବାରଣ ହୋଇଛି। ତେବେ ଫିଲ୍ମରେ କଙ୍ଗନାଙ୍କ ବ୍ୟତୀତ ମହିମା ନାମ୍ବିୟାର, ରାଧିକା ଶରତ କୁମାର, ବାଦିବେଲୁ, ରାଓ ରମେଶ, ରବି ମାରିୟା, ସୁରେଶ ମେନନ, ଲକ୍ଷ୍ମୀ ମେନନ ପ୍ରମୁଖଙ୍କୁ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିଛି। ପି. ବାସୁଙ୍କ ନିର୍ଦ୍ଦେଶିତ ଏହି ତାମିଲ ହରର କମେଡି ଫିଲ୍ମ 'ଚନ୍ଦ୍ରମୁଖୀ'ର ସିକ୍ୱେଲ। ସେତେବେଳେ ଏହି ସିନେମା ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା। ତେବେ 'ଚନ୍ଦ୍ରମୁଖୀ-୨' ଆସନ୍ତା ଗଣେଶ ଚତୁର୍ଥୀ ଅର୍ଥାତ୍ ୧୫ ତାରିଖରେ ମୁକ୍ତିଲାଭ କରିବ। ଚଳଚ୍ଚିତ୍ରଟି ହିନ୍ଦୀ, ତାମିଲ, ତେଲୁଗୁ,ମାଲାୟାଲମ୍, କନ୍ନଡ ଆଦି ଭାଷାରେ ରିଲିଜ୍ ହେବ।

# ଲଙ୍କା ଶୁଙ୍ଘି କୋମାରେ ୬ ମାସ



ବ୍ରାସିଲିଆ

ଆମ ଦେଶରେ ଯଦି ମସଲାଦାର, ଚଟପଟା ଖାଦ୍ୟର କଥା ଉଠେ, ତେବେ ଗୋଟିଏ କଥା ମନକୁ ଆସେ। ଘର ହେଉ ବା ବାହାର ଲଙ୍କା ବିନା ଖାଦ୍ୟର ସ୍ୱାଦ ଫିକା ପଡ଼ିଯାଏ। କେତେକେ ଲଙ୍କାକୁ ବେଶ୍ ପସନ୍ଦ କରୁଥିବାବେଳେ ଆଉ କେତେକେ ଅଛନ୍ତି, ଯେଉଁମାନଙ୍କୁ ଲଙ୍କାରେ ଆଲର୍ଜି ଥାଏ। ତେବେ ଲୋକଙ୍କୁ ଖାଦ୍ୟରେ ଆଲର୍ଜି ରହିଥାଏ, ଯାହା ଖାଇବା ଫଳରେ ହୁଏ। ହେଲେ ନିକଟରେ ଜଣେ ଯୁବତୀ ଲଙ୍କା ଶୁଙ୍ଘିବାରୁ ତାଙ୍କ ଅବସ୍ଥା ଖରାପ ହୋଇଯାଇଛି। ସେ ବର୍ତ୍ତମାନ ୬ ମାସ ହେବ ହସ୍ପିଟାଲରେ ଅଛନ୍ତି। ବ୍ରାଜିଲର ବାସିନ୍ଦା ୨୫ ବର୍ଷୀୟା ଥାଇସ୍ ମେଡେଇରୋସ୍ ନାମ୍ନୀ ଜଣେ ଯୁବତୀ ଏକ ରାଗୁଆ ଲଙ୍କା ଶୁଙ୍ଘିଦେଇଥିଲେ। ତାଙ୍କ ମା' କହିଛନ୍ତି, ସେ ତାଙ୍କୁ ଖାଦ୍ୟ ପ୍ରସ୍ତୁତିରେ ସାହାଯ୍ୟ କରୁଥିଲେ। ସେହି ସମୟରେ ସେ ଲଙ୍କାକୁ ଶୁଙ୍ଘିବା ସହ ତାକୁ ନାକରେ ରଗଡି ଦେଇଥିଲେ। ରିପୋର୍ଟ ମୁତାବକ, ଲଙ୍କା ଶୁଙ୍ଘିବା ପରେ ତାଙ୍କ ଦେହ ଅସୁସ୍ଥ ହେବାକୁ ଲାଗିଲା। ଏଥିପାଇଁ ସେ କିଛିଦିନ ଧରି ହସ୍ପିଟାଲରେ କୋମାରେ ମଧ୍ୟ ରହିଲେ। ପରେ ସେ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିଲେ। ପୁଣି ଦେହ ଖରାପ ହେବାରୁ ତାଙ୍କୁ ପୁନଶ୍ଚ ହସ୍ପିଟାଲରେ ଭର୍ତ୍ତି କରିବାକୁ ପଡ଼ିଥିଲା। ଫଳରେ ବିଭିନ୍ନ ପ୍ରକାର ରୋଗର ଲକ୍ଷଣ ଦେଖିବାକୁ ମିଳିଲା। ଏଥିସହ ସ୍ମୃତିଶକ୍ତି ହରାଇବା, ଦୃଷ୍ଟିଶକ୍ତି ସହ ଦୁର୍ବଳ ଅନୁଭବ କରୁଥିଲେ। ଏହି ଦୁର୍ଘଟଣା ଫେବୃୟାରୀରେ ହୋଇଥିଲା। ପରେ ତାଙ୍କୁ ଜୁଲାଇରେ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିଲା। ହେଲେ ପରେ ଭର୍ତ୍ତିହେବା ପରେ ସେ ଏବେ ବି ହସ୍ପିଟାଲରେ ଅଛନ୍ତି। ସେ କାହା ସହ କଥା ହେଉନାହାନ୍ତି କି ଚାଲି ବି ପାରୁନାହାନ୍ତି।

# ପ୍ରଥମ ଥର ପାଇଁ ଦେଖିଲେ ରଙ୍ଗିନ ଦୁନିଆ



ନୂଆଦିଲ୍ଲୀ

ସମସ୍ତଙ୍କ ଜୀବନରେ ରଙ୍ଗର ବେଶ୍ ମହତ୍ତ୍ୱ ରହିଛି। ରଙ୍ଗ ହିଁ ମଣିଷ ଜୀବନକୁ ରଙ୍ଗିନ କରିଥାଏ। ଯଦି କେହି ବ୍ୟକ୍ତି ରଙ୍ଗ ଦୃଷ୍ଟିହୀନତାରେ ପୀଡ଼ିତ ହୁଅନ୍ତି, ତେବେ ତାଙ୍କ ଜୀବନ ନର୍କ ସହ ସମାନ ହୋଇଯିବ। ଏମିତି ହେଲେ ପୂରା ଦୁନିଆ ତାଙ୍କୁ ରଙ୍ଗହୀନ ଅର୍ଥାତ୍ କଳା ଓ ଧଳା ଦେଖାଯିବ। ନିକଟରେ ଏପରି ଜଣେ ବ୍ୟକ୍ତିଙ୍କ ଭିଡିଓ ଭାଇରାଲ ହେବାରେ ଲାଗିଛି। ଉକ୍ତ ବ୍ୟକ୍ତିଙ୍କୁ ତାଙ୍କର ଜଣେ ସାଙ୍ଗ ଏକ ଚଷମା ଦେଲେ। ଏହା ପରେ ତାଙ୍କର ଖୁସିର ଠିକଣା ରହିଲାନି। ପ୍ରକୃତରେ ସେହି ଚଷମାଟି ରଙ୍ଗ ଦୃଷ୍ଟିହୀନତାରେ ପୀଡ଼ିତଙ୍କ ପାଇଁ ଉଦ୍ଦିଷ୍ଟ। ଯେତେବେଳେ ତାଙ୍କ ସାଙ୍ଗ ସେହି ଚଷମାକୁ ଦେଲେ, ବ୍ୟକ୍ତି ଜଣକ ଏ ବାବଦରେ ଜାଣି ନ ଥିଲେ। ସେ ଉକ୍ତ ଚଷମାକୁ ପିନ୍ଧିବାରୁ ତାଙ୍କୁ ପ୍ରଥମ ଥର ସବୁ ରଙ୍ଗିନ ଦେଖାଗଲା। ତାଙ୍କୁ ବିଶ୍ୱାସ ନ ହେବାରୁ ସେ ଚଷମାକୁ ବାରମ୍ବାର ଖୋଲୁଥିଲେ ଏବଂ ପିନ୍ଧୁଥିଲେ। ସେ ତାଙ୍କ ପାଖରେ ଥିବା ସମସ୍ତ ପଦାର୍ଥକୁ ଉତ୍ସାହର ସହ ଦେଖିବାକୁ ଲାଗିଲେ। ଭିଡିଓକୁ ଅଧିକାଂଶ ଲୋକ ବେଶ୍ ପସନ୍ଦ କରିଥିବାବେଳେ ଅନେକେ ଏଥିରେ ଭିନ୍ନ ଭିନ୍ନ କମେଣ୍ଟ କରିଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ବିଶାଳ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଭୁବନେଶ୍ୱରରେ ପ୍ରଥମଥର ବି.ସି. ରୟ ଟ୍ରଫି

**ଭୁବନେଶ୍ୱର, ୪।୯ (ତପନ ସ୍ୱାଇଁ)**

ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍ଏଫ୍), ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ମଙ୍ଗଳବାରଠାରୁ ଭୁବନେଶ୍ୱରରେ ଆରମ୍ଭ ହେବାକୁ ଯାଉଛି ବି.ସି. ରୟ ଟ୍ରଫି ଜାତୀୟ ଜୁନିୟର ଫୁଟ୍‌ବଲ ଟୁର୍ନାମେଣ୍ଟ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ୧୬ଟି ଦଳ ଅଂଶଗ୍ରହଣ କରିବେ। ଭୁବନେଶ୍ୱରରେ ପ୍ରଥମଥର ପାଇଁ ଏହି ଟୁର୍ନାମେଣ୍ଟ ଆୟୋଜନ ହେବାକୁ ଯାଉଛି। ମ୍ୟାଚଗୁଡ଼ିକ ୟୁନିଟ-୩ସ୍ଥିତ କ୍ୟାପିଟାଲ ଫୁଟବଲ ଆରେନା ଏବଂ ୭ମ ବାଟାଲିୟନ ପରିସରରେ ଥିବା ଓଡ଼ିଶା ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ହେବ। ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତି ଗ୍ରୁପ୍‌ରେ ୪ଟି ଲେଖାଏ ଦଳ ସ୍ଥାନ ପାଇଛନ୍ତି।

## ଗ୍ରୁପ୍ 'ସି'ରେ ଓଡ଼ିଶା

ଗ୍ରୁପ୍ 'ଏ'ରେ ମିଜୋରାମ, କର୍ଣ୍ଣାଟକ, ଝାଡ଼ଖଣ୍ଡ, ମହାରାଷ୍ଟ୍ର ଏବଂ ଗ୍ରୁପ୍ 'ବି'ରେ ମେଘାଳୟ, କେରଳ, ପଶ୍ଚିମବଙ୍ଗ ଓ ଜମ୍ମୁ-କଶ୍ମୀର ଦଳ ସ୍ଥାନ ପାଇଛି। ଗ୍ରୁପ୍ 'ସି'ରେ ରହିଛି ଓଡ଼ିଶା। ଏହି ଗ୍ରୁପ୍‌ର ଅନ୍ୟ ଦଳଗୁଡ଼ିକ ହେଲେ ଉତ୍ତର ପ୍ରଦେଶ, ହରିୟାଣା ଓ ଛତିଶଗଡ଼। ସେହିପରି ଗ୍ରୁପ୍ 'ଡି'ରେ ପଞ୍ଜାବ, ଗୋଆ, ତାମିଲନାଡ଼ୁ ଓ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ସ୍ଥାନ ପାଇଛି। ମଙ୍ଗଳବାର କ୍ୟାପିଟାଲ ଆରେନାରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ପ୍ରଥମ ଦିବସରେ ୪ଟି ମ୍ୟାଚ୍ ଖେଳାଯିବ। ପୂର୍ବାହ୍ଣ ୮ଟାରେ କ୍ୟାପିଟାଲ ଆରେନାରେ ମିଜୋରାମ-ଝାଡ଼ଖଣ୍ଡ ଏବଂ ଓଡ଼ିଶା ଫୁଟବଲ ଏକାଡେମୀରେ କର୍ଣ୍ଣାଟକ-ମହାରାଷ୍ଟ୍ର ମ୍ୟାଚ୍ ଅନୁଷ୍ଠିତ ହେବ। ସେହିପରି ଅପରାହ୍ଣ ୩ଟା ୩୦ରେ କ୍ୟାପିଟାଲ ଆରେନାରେ ଓଡ଼ିଶା-ହରିୟାଣା ଏବଂ ଓଡ଼ିଶା ଫୁଟ୍‌ବଲ ଏକାଡେମୀରେ ଉତ୍ତର ପ୍ରଦେଶ-ଛତିଶଗଡ଼ ମ୍ୟାଚ୍ ଖେଳାଯିବ। ହରିୟାଣା ବିପକ୍ଷରୁ ଓଡ଼ିଶା ଏହାର ଅଭିଯାନ ଆରମ୍ଭ କରିବାପରେ ୭ ତାରିଖରେ ଦ୍ୱିତୀୟ ମ୍ୟାଚ୍‌ରେ ଉତ୍ତର ପ୍ରଦେଶ ଏବଂ ୯ରେ ତୃତୀୟ ମ୍ୟାଚ୍‌ରେ ଛତିଶଗଡ଼କୁ ଭେଟିବ। ୧୩ ତାରିଖରେ ୨ଟି ସେମିଫାଇନାଲ ଏବଂ ୧୫ରେ ଫାଇନାଲ ଅନୁଷ୍ଠିତ ହେବ।



ବି.ସି. ରୟ ଟ୍ରଫି ପାଇଁ ସୋମବାର ଘୋଷିତ ଓଡ଼ିଶା ଦଳ।

## ଓଡ଼ିଶାରେ ୬ଷ୍ଠ

ଏହାକୁ ମିଶାଇ ଓଡ଼ିଶାରେ ୬ଷ୍ଠ ଥର ପାଇଁ ବି.ସି. ରୟ ଟ୍ରଫି ଜାତୀୟ ଫୁଟ୍‌ବଲ ଖେଳ ହେବାକୁ ଯାଉଛି। ତେବେ ଭୁବନେଶ୍ୱରରେ ଏହା ପ୍ରଥମ। ପୂର୍ବରୁ ୫ ଥର ଏହା କଟକରେ ଅନୁଷ୍ଠିତ ହୋଇଥିଲା। କଟକରେ ୧୯୬୫ରେ ଏହା ପ୍ରଥମଥର ପାଇଁ ଆୟୋଜିତ ହୋଇଥିଲା ଏବଂ ଫାଇନାଲରେ ଆନ୍ଧ୍ର ପ୍ରଦେଶକୁ ୧-୦ ଗୋଲରେ ହରାଇ ଦିଲ୍ଲୀ ଚାମ୍ପିୟନ ହୋଇଥିଲା। ୪ ବର୍ଷ ପରେ ୧୯୬୯ରେ ଏହା ଦ୍ୱିତୀୟ ଥର ପାଇଁ କଟକରେ ହୋଇଥିଲା। ଓଡ଼ିଶା ଓ କେରଳ ମଧ୍ୟରେ ଅନୁଷ୍ଠିତ ଫାଇନାଲ ଗୋଲଶୂନ୍ୟ ରହିବାରୁ ଉଭୟ ଦଳକୁ ଯୁଗ୍ମ ବିଜେତା ଘୋଷଣା କରାଯାଇଥିଲା। ୧୯୭୭ରେ କଟକରେ ଏହା ତୃତୀୟ ଥରପାଇଁ ଆୟୋଜିତ ହୋଇଥିଲା। ପୂରା ଟୁର୍ନାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଓଡ଼ିଶା ଫାଇନାଲରେ ବେଙ୍ଗଲଠାରୁ ୦-୧ ଗୋଲରେ ହାରି ରନରଅପ୍‌ରେ ସନ୍ତୁଷ୍ଟ ରହିଥିଲା। ୧୯୭୯ରେ ଅନୁଷ୍ଠିତ ଟୁର୍ନାମେଣ୍ଟର ଫାଇନାଲରେ ଆନ୍ଧ୍ର ପ୍ରଦେଶକୁ ୧-୦ ଗୋଲରେ ହରାଇ କର୍ଣ୍ଣାଟକ ଟ୍ରଫି ଜିତିଥିଲା। କଟକରେ ଶେଷ ଥର ପାଇଁ ଏହା ୨୦୧୮-୧୯ରେ ଆୟୋଜିତ ହୋଇଥିଲା। ଏହାର ଫାଇନାଲରେ ପଞ୍ଜାବକୁ ୧-୦ ଗୋଲରେ ହରାଇ ମିଜୋରାମ ଟାଇଟଲ ଜିତିଥିଲା।

## ଇତିହାସ

ଇତିହାସ ଅନୁଧାନ କଲେ ଜଣାଯାଏ ୧୯ ବର୍ଷରୁ କମ୍ ଖେଳାଳିଙ୍କୁ ନେଇ ଏହି ଟୁର୍ନାମେଣ୍ଟ ୬୧ ବର୍ଷ ପୂର୍ବରୁ ୧୯୬୨ରେ ଆରମ୍ଭ ହୋଇଥିଲା। ପ୍ରଥମ ସଂସ୍କରଣ ପଶ୍ଚିମବଙ୍ଗର ବର୍ଦ୍ଧମାନପୁରଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ପ୍ରଦର୍ଶନ ଚମତ୍କାର ରହିଥିଲା। ତେବେ ଦଳ ଫାଇନାଲରେ ବେଙ୍ଗଲଠାରୁ ୦-୫ ଗୋଲରେ ହାରି ରନର୍‌ଅପ୍ ହୋଇଥିଲା। ଇତିମଧ୍ୟରେ ପ୍ରତିଯୋଗିତାର ୫୧ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ବେଙ୍ଗଲ ସବୁଠାରୁ ସଫଳ ଦଳଭାବେ ୧୮ ଥର ଟାଇଟଲ ହାସଲ କରିଛି। ଡିଫେଣ୍ଡିଂ ଚାମ୍ପିୟନ ରହିଛି ମିଜୋରାମ। ଶେଷଥର ପାଇଁ ୨୦୧୯-୨୦ ସିଜନରେ ଖେଳାଯାଇଥିବା ଟୁର୍ନାମେଣ୍ଟର ଫାଇନାଲରେ ପେନାଲ୍ଟି ଶୁଟ୍‌ଆଉଟ ୫-୪ ଗୋଲରେ ପଞ୍ଜାବକୁ ହରାଇ ମିଜୋରାମ ଟାଇଟଲ ହାସଲ କରିଥିଲା। ନିର୍ଦ୍ଧାରିତ ସମୟ ଖେଳ ୧-୧ ଗୋଲରେ ବରାବର ରହିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍ ଆଉଟର ସହାୟତା ନିଆଯାଇଥିଲା। ୧୯୬୯ରେ କଟକରେ କେରଳ ସହିତ ଯୁଗ୍ମ ବିଜେତାକୁ ଛାଡ଼ିଦେଲେ ଓଡ଼ିଶା ଆଉ କେବେହେଲେ ଚାମ୍ପିୟନ ହୋଇନାହିଁ। ୨ ଥର ଫାଇନାଲକୁ ଯାଇଥିଲେ ହେଁ ରନର୍‌ଅପ୍ ରହିଛି। ଘରୋଇ ପରିବେଶରେ ଏଥର ଖେଳିବାକୁ ଯାଉଥିବାରୁ ଓଡ଼ିଶା ପାଇଁ ପ୍ରଥମଥର ଲାଗି ଟାଇଟଲ ହାସଲର ସୁଯୋଗ ରହିଛି।

# ରାଜ୍ୟ ହକି ଚାମ୍ପିୟନଶିପ୍ ଆରମ୍ଭ



ଉଦ୍‌ଘାଟନୀ ମ୍ୟାଚ ପୂର୍ବରୁ ଅତିଥିଙ୍କ ସହ ଦୁଇ ଦଳର ଖେଳାଳି।

**ଭୁବନେଶ୍ୱର, ୪।୯ (ତପନ ସ୍ୱାଇଁ)**

ହକି ଆସୋସିଏଶନ ଅଫ୍ ଓଡ଼ିଶା ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ରାଜ୍ୟ ସିନିୟର ହକି ଚାମ୍ପିୟନଶିପ୍ ସୋମବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା ଓ ହକି ଆସୋସିଏଶନ ଅଫ ଓଡ଼ିଶାର ସାଧାରଣ ସମ୍ପାଦକ ସନାତନ ସାହୁ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତା ଅକ୍ଟୋବର ୧୪ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶାର ବିଭିନ୍ନ ସ୍ଥାନରୁ ୩୨ଟି ଦଳ ଏଥିରେ ଅଂଶଗ୍ରହଣ କରିଛନ୍ତି। ୬୪୦ ଦକ୍ଷ ଖେଳାଳି ସେମାନଙ୍କ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ଉଦ୍‌ଘାଟନୀ ମ୍ୟାଚରେ ପାରାଦୀପ ପୋର୍ଟ ୫-୩ ଗୋଲରେ ଇଷ୍ଟକୋଷ୍ଟ ରେଲୱେକୁ ହରାଇ ଅଭିଯାନ ଆରମ୍ଭ କରିଛି। ସେହିପରି ଏସଏମ୍ଏସ୍ ହକି ଏକାଡେମୀ ୯-୦ରେ ମୟୂରଭଞ୍ଜ, ରାଉରକେଲା ସ୍ପୋର୍ଟ୍ସ ହଷ୍ଟେଲ ୭-୦ରେ ମାଲକାନଗିରି, ଓଏନ୍‌ଟିଏଚଏଚପିଏସ୍ ୧୦-୦ରେ ବରଗଡ଼କୁ ହରାଇ ଦେଇଛି। ସେହିପରି ସମ୍ବଲପୁର ୬-୦ରେ କନ୍ଧମାଳ ଏବଂ ଝାରସୁଗୁଡ଼ା ୭-୦ରେ ଜଗତ୍‌ସିଂହପୁରକୁ ପରାସ୍ତ କରିଛି।

# ସ୍ୱିଟେକ୍ ବିଦା, କ୍ୱାର୍ଟରରେ ଜୋକୋଭିଚ୍

**ନ୍ୟୁୟର୍କ,୪।୯(ପି.ଟି.)**

ଟେନିସ୍ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ସର୍ବିୟାର ନୋଭାକ୍ ଜୋକୋଭିଚ୍। କ୍ୱାଲିଫାୟର ଖେଳି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିବା ବୋର୍ନା ଗୋଜୋଙ୍କୁ ୬-୨, ୭-୫ ଓ ୬-୪ର ସିଧାସଳଖ ସେଟ୍‌ରେ ପରାସ୍ତ କରିଛନ୍ତି ଜୋକୋଭିଚ୍। ୫ ସେଟ୍ ବିଶିଷ୍ଟ ମୁକାବିଲା ଖେଳି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିବା ଜୋକୋଭିଚ୍ ରବିବାର ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲେ। ସତର୍କତା ଓ ନିୟନ୍ତ୍ରଣର ସହିତ ଖେଳିଥିବା ବେଳେ ମାତ୍ର ୧୨ଟି ଅନ୍‌ଫୋର୍ସଡ ଏରର୍ କରିଥିଲେ। ଗୋଜୋ ଏହି ମ୍ୟାଚରେ ୪୦ ଅନଫୋର୍ସଡ ଏରର କରିଥିଲେ। ଏହି ବିଜୟ ସହିତ ଆସନ୍ତା ସପ୍ତାହର ଏଟିପି ର୍ୟାଙ୍କିଙ୍ଗରେ ଜୋକୋଭିଚ୍ ପ୍ରଥମ ସ୍ଥାନକୁ ଫେରିବାକୁ ଯାଉଛନ୍ତି। କ୍ୱାର୍ଟର ଫାଇନାଲରେ ଜୋକୋଭିଚ୍ ୨୫ ବର୍ଷୀୟ ଟେଲର ଫ୍ରିଟ୍‌ଜଙ୍କୁ ଭେଟିବେ। ପୂର୍ବରୁ ୭ ଥର ସେ ଟେଲରଙ୍କୁ ଭେଟିଥିବା ବେଳେ ପ୍ରତ୍ୟେକ ଥର ବିଜୟୀ ହୋଇଛନ୍ତି। ୟୁଏସ୍ ଓପନରେ ଏହା ଜୋକୋଭିଚ୍‌ଙ୍କର ୧୩ତମ କ୍ୱାର୍ଟର ଫାଇନାଲ ହୋଇଥିବା ବେଳେ ଟେଲର ପ୍ରଥମ ଥର ପାଇଁ କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଅନ୍ୟ ଦୁଇ ଆମେରିକୀୟ ଖେଳାଳି ଫ୍ରାନ୍ସିସ୍ ଟିଆଫୋ ଓ ବେନ୍ ଶେଲ୍‌ଟନ୍ ମଧ୍ୟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶେଷ ଥର ପାଇଁ ୨୦୦୫ରେ ଆନ୍ଦ୍ରେ ଆଗାସୀ, ଜେମ୍ସ ବ୍ଲେକ୍ ଓ ରବି ଗିନେପ୍ରି ଏହି କୃତିତ୍ୱ ହାସଲ କରିଥିଲେ। ଜୋକୋଭିଚ୍-ଟେଲରଙ୍କ ମ୍ୟାଚର ବିଜେତା ସେମି ଫାଇନାଲରେ ଫ୍ରାନ୍ସିସ୍ ଟିଆଫୋ ଓ ବେନ୍ ଶେଲ୍‌ଟନ୍ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ର ବିଜେତାକୁ ଭେଟିବେ।



ମ୍ୟାଚ୍ ଜିତିବା ପରେ ନୋଭାକ ଜୋକୋଭିଚ୍।

## ୟୁଏସ୍ ଓପନ୍ ଟେନିସ୍

ବିଦା ହେଲେ ସ୍ୱିଟେକ୍: ମହିଳା ସିଙ୍ଗଲ୍ସରେ ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା ଇଗା ସ୍ୱିଟେକ୍ ଚତୁର୍ଥ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଡିଫେଣ୍ଡିଂ ଚାମ୍ପିୟନ ତଥା ଦେଢ଼ ବର୍ଷ ଧରି ଏକ ନମ୍ବର ସ୍ଥାନରେ ରହିଥିବା ସ୍ୱିଟେକ୍ ଜେଲେନା ଓଷ୍ଟାପେଙ୍କୋଙ୍କ ନିକଟରୁ ୩-୬, ୬-୩ ଓ ୬-୧ ସେଟ୍‌ରେ ପରାଜିତ ହୋଇଛନ୍ତି। ୨୦୧୭ ଫ୍ରେଞ୍ଚ ଓପନ ଚାମ୍ପିୟନ ଓଷ୍ଟାପେଙ୍କୋ ପ୍ରଥମ ସେଟ୍ ହାରିଥିଲେ ହେଁ ପରବର୍ତ୍ତୀ ଦୁଇ ସେଟ୍‌କୁ ଜିତି ନେଇଥିଲେ। ଏହା ସହିତ ସ୍ୱିଟେକ୍ ଆସନ୍ତା ସପ୍ତାହର ର୍ୟାଙ୍କିଙ୍ଗରେ ଦୁଇ ନମ୍ବର ସ୍ଥାନକୁ ଖସିବା ସ୍ପଷ୍ଟ ହୋଇଛି। ୨ ନମ୍ବର ସ୍ଥାନରେ ଥିବା ଆରିନା ସାବାଲେଙ୍କା କ୍ୟାରିୟରରେ ପ୍ରଥମ ଥର ଏକ ନମ୍ବର ସ୍ଥାନ ହାସଲ କରିବାକୁ ଯାଉଛନ୍ତି। ରବିବାର ମ୍ୟାଚ୍‌ରେ ପ୍ରଥମ ସେଟ୍‌ରେ ପରାଜିତ ହେବା ପରେ ଦ୍ୱିତୀୟ ସେଟ୍‌ରେ ୪-୧ରେ ଆଗୁଆ ରହିଥିଲେ ଓଷ୍ଟାପେଙ୍କୋ। ତେବେ ପଏଣ୍ଟ ବ୍ରେକ୍ କରିବା ସହିତ ସ୍ୱିଟେକ୍ ୪-୩କୁ ପ୍ରତ୍ୟାବର୍ତ୍ତନ କରିଥିଲେ। ତେବେ ଏହାପରେ ଓଷ୍ଟାପେଙ୍କୋ ଆଉ ପ୍ରତ୍ୟାବର୍ତ୍ତନର ସୁଯୋଗ ଦେଇ ନ ଥିଲେ। ଅନ୍ୟ ଏକ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ କାରୋଲିନ୍ ଓଜ୍‌ନିଆକିଙ୍କୁ ପରାସ୍ତ କରିଛନ୍ତି କୋକୋ ଗଫ୍। ୬-୩, ୩-୬, ୬-୧ ସେଟ୍‌ରେ ମ୍ୟାଚ୍‌କୁ ଜିତିବା ସହିତ ସେରେନା ୱିଲିୟମ୍ସଙ୍କ ପରେ ଦ୍ୱିତୀୟ ଆମେରିକୀୟ ମହିଳା ଖେଳାଳି ଭାବରେ ଗଫ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଓଷ୍ଟାପେଙ୍କୋ ଓ ଗଫ୍ ପରସ୍ପରକୁ ଦୁଇ ଥର ଲେଖାଏ ଭେଟିଥିବା ବେଳେ ଉଭୟ ଥରେ ଲେଖାଏ ବିଜୟୀ ହୋଇଛନ୍ତି।

## ବୋପାନ୍ନା-ଇବିଡେନ୍ କ୍ୱାର୍ଟରଫାଇନାଲ୍‌ରେ

**ନ୍ୟୁୟର୍କ, ୪।୯ (ପି.ଟି.)**

ଭାରତର ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲିଆନ ପାର୍ଟନର ମାଥ୍ୟୁ ଏବିଡେନ୍ ଏକ ସଂଘର୍ଷପୂର୍ଣ୍ଣ ବିଜୟ ସହ ୟୁଏସ୍ ଓପନ ଟେନିସ ପୁରୁଷ ଡବଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ୬ଷ୍ଠ ସିଡ୍ ଇଣ୍ଡୋ-ଅଷ୍ଟ୍ରେଲିଆନ ଯୋଡ଼ି ୬-୪, ୬-୭ (୫), ୭-୬ (୧୦-୬)ରେ ବ୍ରିଟେନର ଜୁଲିଆନ କ୍ୟାଶ ଓ ହେନ୍‌ରୀ ପ୍ୟାଟନଙ୍କୁ ହରାଇ ଦେଇଛନ୍ତି। ଆର୍ଥର ଆଶେ ଷ୍ଟାଡିୟମରେ ଏହି ମ୍ୟାଚ ଦୁଇ ଘଣ୍ଟା ୨୨ ମିନିଟ୍ ଧରି ଚାଲିଥିଲା।

**ଜନ୍ମଦିନର ଶୁଭେଚ୍ଛା**



ବିଶାଳ ପ୍ରିୟଦର୍ଶୀ (ଓମ୍)

୧୮ତମ ଜନ୍ମଦିବସର ଶୁଭ କାମନା ଜଗତର ନାଥ ଶ୍ରୀଜଗନ୍ନାଥ ଓ ଜଗତ୍‌ଜନନୀ 'ମା' ଶାରଳାଙ୍କ ଚରଣରେ।
ଅଜା, ବଡ଼ବାପା, ବଡ଼ମା,ବାପା, ମାଆ, ମାମୁ, ମାଇଁ ଓ ମଉସା, ମାଉସୀ।

ଧ-୭୩୩୮

# ସାଇ ଇଣ୍ଟରନ୍ୟାଶନାଲ ବିଜୟୀ



କୁମାର ଅରମନ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

## ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ

**ଭୁବନେଶ୍ୱର, ୪।୯ (ତପନ ସ୍ୱାଇଁ)**

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ସୋମବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ସାଇ ଇଣ୍ଟରନ୍ୟାଶନାଲ ଓ ସାଇ ରେସିଡେନ୍ସିଆଲ ସ୍କୁଲ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚରେ ସାଇ ଇଣ୍ଟରନ୍ୟାଶନାଲ ୫-୦ ଗୋଲରେ ଟାଇମ୍ସ ଗୁରୁକୁଳକୁ ପରାସ୍ତ କରିଛି। ବିଜୟୀ ଦଳର କୁମାର ଅରମନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଜୟଦେବ ବିହାରସ୍ଥିତ ରାମକୃଷ୍ଣ ଶିକ୍ଷାକେନ୍ଦ୍ର ଓ ସାଇ ରେସିଡେନ୍ସିଆଲ ସ୍କୁଲ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚଟି ନିର୍ଦ୍ଧାରିତ ସମୟରେ ଡ୍ର ରହିଥିଲା। ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲ୍ଟି ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ସାଇ ରେସିଡେନ୍ସିଆଲ ୩-୨ ଗୋଲରେ ବିଜୟୀ ହୋଇଥିଲା। ଏହି ଦଳର ତନବିର ବିଶ୍ୱାସ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଏହା ବ୍ୟତୀତ ଉଭୟ ମ୍ୟାଚରେ ଭଲ ପ୍ରଦର୍ଶନ ପାଇଁ ମମୁଦ ଟାଇସନ ଓ ହେମେନ୍ଦ୍ର ବେଶ୍ରାଙ୍କୁ ପୁରସ୍କୃତ କରାଯାଇଥିଲା।

# ମଦର୍ସ ପବ୍ଲିକ ସ୍କୁଲର ଦ୍ୱିତୀୟ ବିଜୟ

## ଭୁବନେଶ୍ୱର 'ବି' ଡିଭିଜନ ଫୁଟ୍‌ବଲ ଲିଗ୍

**ଭୁବନେଶ୍ୱର, ୪।୯ (ବିଜୟ ରଣା)**

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ୍-୧ସ୍ଥିତ ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଚାଲିଥିବା 'ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟ୍‌ବଲ ଲିଗ୍'ରେ ସୋମବାର ମଦର୍ସ ଫୁଟ୍‌ବଲ କ୍ଲବ ୬-୦ ଗୋଲ୍‌ରେ ନୂଆପଲ୍ଲୀର କଳିଙ୍ଗ ସ୍ପୋର୍ଟିଂକୁ ହରାଇ ଦେଇଛି। ବିଜୟୀ ଦଳ ପ୍ରଥମାର୍ଦ୍ଧ ଖେଳରେ ୩-୦ ଗୋଲ୍‌ରେ ଅଗ୍ରଣୀ ରହିଥିଲା। ପ୍ରୀତିଶ ପଟ୍ଟନାୟକ ୭ମ ଓ ୩୧ତମ ମିନିଟ୍‌ରେ ଗୋଲ ସ୍କୋର କରିଥିବା ବେଳେ ପରେଶ ବେହେରା ୨୨ତମ ମିନିଟ୍‌ରେ ଗୋଟିଏ ଗୋଲ୍ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ସୁମିତ ପଟେଲ ୪୨ ଓ ୪୪ତମ ମିନିଟରେ ଲଗାତର ଗୋଲ୍ ସ୍କୋର କରିଥିବା ବେଳେ ୪୮ତମ ମିନିଟ୍‌ରେ କୁନିଲ ଗୁସାଁଇ ଏକ ଗୋଲ୍ ଦେଇ ମଦର୍ସ ଫୁଟ୍‌ବଲ କ୍ଲବକୁ ୬-୦ରେ ବିଜୟୀ କରାଇଥିଲେ। ଗ୍ରୁପ୍ 'ବି'ରେ ଦୁଇଟି ବିଜୟ ସହ ୬ ପଏଣ୍ଟ ଅର୍ଜନ କରି ମଦର୍ସ ପବ୍ଲିକ ସ୍କୁଲ କ୍ୱାର୍ଟରଫାଇନାଲ ଆଶା ଉଜ୍ଜ୍ୱଳ କରିଛି। ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ପ୍ରୀତିଶ ପଟ୍ଟନାୟକ ଭୁବନେଶ୍ୱର ଆଥ୍‌ଲେଟିକ୍ସ ଆସୋସିଏଶନ (ବା) ହକି ସମ୍ପାଦକ ଅଶୋକ ପଟ୍ଟନାୟକଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ମଙ୍ଗଳବାର ମ୍ୟାଚ ଏସ୍‌ଜିଓ ନୂଆପଲ୍ଲୀ ଓ ଏମ୍.ଏସ୍. ଇଲେଭେନ ମଧ୍ୟରେ ଖେଳାଯିବ।

**Classified Everyday**
**0674-2580101, 2549949**



REAL ESTATE

**SALE**

ନଖରା ତ୍ରିନାଥବଜାର ମହାଧରପଡ଼ା ପାଖରେ SC plot 7400sqft 11,00,000/-(outright) 7978663279. D-75208

**3BHK Semi furnished flat sale at Jharpada, Bhubaneswar 80' feet road side. Contact: 9437307086.** D-1184





Home service full body massage only for female Whatsapp 9777267601, 7853083303. D-1219

**Body massage by experience, good looking therapist @ 999/-. (Bhubaneswar) 9078484455.** D-1215

Spa Kerala body Massage only best Therapist @699/- Bhubaneswar. 9337672475. D-1199

Reduce stress through professional massage, SPA Station, Krishna Plaza, Nayapalli. Contact: 8118079281. D-74579

**Relax, Refresh your body, Mind at Saikrupa Spa with best therapies. 8984068077.** D-1190

**Newly open spa positively health benefits with expert therapist. 9938843929.** D-75145

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before the Executive Magistrate, Bhadrak, dated- 31.08.2023, I, Namita Mohanty, W/o-Ranjit Sukla, At- Charampa, Post- Baralapokhari, Dist.-Bhadrak, Odisha declare that I have changed my surname from Namita Mohanty to Namita Sukla. Henceforth,I shall be known as Namita Sukla for all purpose.
Sd./- Namita Sukla
D-1218

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**ମନେ ପଡ଼ନ୍ତି**

ଏକାଦଶ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ସନ୍ଧ୍ୟା ମହାପାତ୍ର

ଆବିର୍ଭାବ: ୧୦।୦୭।୧୯୫୧
ତିରୋଧାନ: ୨୬।୦୮।୨୦୨୩

ଆପଣଙ୍କର ନୀତି, ଆଦର୍ଶ, ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସରଳ ଓ ଶୃଙ୍ଖଳିତ ଜୀବନ ଦର୍ଶନ ଆମ ଜୀବନର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' କନକଦୁର୍ଗାଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-:ଶୋକସନ୍ତପ୍ତ ପରିବାରବର୍ଗ:-

ହତଭାଗ୍ୟ: ସରିତା (ପିଙ୍କି) କନ୍ୟା, ଶ୍ରୀନିବାସ (ସିନୁ) ଜ୍ୱାଇଁ, କୁମାର କାର୍ତ୍ତିକ (ବାବୁ), ନାତି ଓ ଉତ୍କଳ ଲକ୍ଷ୍ମୀ ଇଞ୍ଜିନିୟର୍ସ ପ୍ରାଇଭେଟ ଲିମିଟେଡ୍‌ର ସମସ୍ତ କାର୍ଯ୍ୟକର୍ତ୍ତା ବୃନ୍ଦ।

ଧ-୧୨୨୨

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସରୋଜିନୀ ମିଶ୍ର

ତ୍ରିନାଥ ଛକ, ଖଣ୍ଡପଡ଼ା,ନୟାଗଡ

ଆବିର୍ଭାବ: ୦୧।୦୧।୧୯୩୭
ତିରୋଧାନ: ୧୬।୦୮।୨୦୨୨

ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ଏବେ ମଧ୍ୟ ବିଶ୍ୱାସ ହେଉନାହିଁ ଯେ, ତୁ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛୁ। ତୋର ଶ୍ରଦ୍ଧା, ଭଲ ପାଇବା ଏବଂ ଆଶୀର୍ବାଦ ଆମ ପାଇଁ ପ୍ରେରଣାଦାୟକ ରହିବ। ତୋର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ ପରିବାରବର୍ଗ

ଧ-୭୩୫୪୭

# ଉତ୍ତମ ପର୍ସନାଲିଟି ପାଇଁ...

**ନିଜର ବ୍ୟକ୍ତିତ୍ୱକୁ ଆକର୍ଷଣୀୟ କରିବାକୁ କିଏ ବା ନ ଚାହେଁ ? ଏଥିପାଇଁ କେତୋଟି ବିଷୟ ପ୍ରତି ଧ୍ୟାନ ଦେବାକୁ ପଡିଥାଏ। ଜାଣନ୍ତୁ ସେ ସମ୍ପର୍କରେ...**

**ନିଜ ଭାବନାକୁ ରଖନ୍ତୁ ପଜିଟିଭ୍**
ଆପଣଙ୍କ ପର୍ସନାଲିଟି ବଦଳାଇବାରେ ନିଜର ଚିନ୍ତାଧାରାକୁ ସବୁବେଳେ ପଜିଟିଭ୍ ରଖନ୍ତୁ। ଏଥିଲାଗି ଆବଶ୍ୟକ ନିଜ ଦକ୍ଷତା ଉପରେ ସବୁବେଳେ ଗୁରୁତ୍ୱ ଦିଅନ୍ତୁ। ନିଜ ଭାବନକୁ ପଜିଟିଭ୍ ରଖିବା ସହ ସବୁ ଜିନିଷକୁ ସକାରାତ୍ମକ ସହ ଦେଖନ୍ତୁ। ଏହାଦ୍ୱାରା ଆପଣଙ୍କୁ ଖୁସି ଅନୁଭବ ହେବ। ଯାହାର ପ୍ରଭାବ ଆପଣଙ୍କ ପର୍ସନାଲିଟି ଉପରେ ପଡ଼ିଥାଏ।

**ବିନମ୍ରତା ରୁହନ୍ତୁ**
ଅନ୍ୟମାନଙ୍କ ପ୍ରତି ବିନମ୍ର ରୁହନ୍ତୁ ଏବଂ ମନରେ ଦୟା ଭାବନା ରଖିବା ଦ୍ୱାରା ଏହା ଆପଣଙ୍କ ପର୍ସନାଲିଟିକୁ ଡେଭେଲପ୍ କରିଥାଏ। ଏମିତିରେ ଜରୁରୀ ନୁହେଁ କି ଦେଖାଇବା ପାଇଁ କ'ଣ କରିବା ନ କରି ମନ ଭିତରେ ସହାନୁଭୂତି ଭାବନା ରହିବା ମଧ୍ୟ ଜରୁରୀ। କୌଣସି ସ୍ୱାର୍ଥ ରଖି କାହାକୁ ସାହାଯ୍ୟ କରନ୍ତୁ ନାହିଁ।



**ସଚ୍ଚୋଟତା ରହିବା ଜରୁରୀ**
ନିଜର ବ୍ୟବହାରକୁ ସଚ୍ଚୋଟତା ସହ ପୂରଣ କରନ୍ତୁ। ଏହିଭଳି ଆପଣ ଅନ୍ୟମାନଙ୍କୁ ସହଜରେ ଇମ୍ପ୍ରେସ କରିପାରିବେ। ସମସ୍ତଙ୍କ ସାମ୍ନାରେ ନିଜର ପଜିଟିଭ୍ ଇମେଜ୍‌କୁ ଦର୍ଶାଇ ପାରିବେ। ଜୀବନରେ ସବୁବେଳେ ସବୁ କାମ ଲାଗି ସଚ୍ଚୋଟ ହେବା ନିହାତି ଜରୁରୀ। ଫଳରେ ଆପଣଙ୍କ ପର୍ସନାଲିଟି ଅନ୍ୟ ସାମ୍ନାରେ ପ୍ରଭାବିତ କରିବାରେ ନିହାତି ସାହାଯ୍ୟ କରିବ।

**ସବୁବେଳେ ଆକ୍ଟିଭ୍ ରହନ୍ତୁ**
ସବୁ କାମରେ ଆକ୍ଟିଭ୍ ଏବଂ ଏନର୍ଜେଟିକ୍ ରହି ଆପଣ ଆତ୍ମବିଶ୍ୱାସ ବୃଦ୍ଧି କରିପାରିବେ। ଆପଣଙ୍କ କନ୍‌ଫିଡେନ୍ସ ପର୍ସନାଲିଟ ବଢ଼ାଇବାରେ ସାହାଯ୍ୟ କରିଥାଏ। ଏମିତିରେ ସବୁ କାମ ପ୍ରତି ଆକ୍ଟିଭ୍ ଏବଂ ଏନର୍ଜେଟିକ୍ ରହିବା ଆବଶ୍ୟକ। ଏହାଦ୍ୱାରା ଆପଣଙ୍କ ଛବି ଲୋକଙ୍କ ମଧ୍ୟରେ ଭଲ ହେବାକୁ ଲାଗେ ଏବଂ ଲୋକମାନେ ଆପଣଙ୍କ ପ୍ରତି ଆଟ୍ରାକ୍ଟିଭ୍ ହେବାକୁ ଲାଗନ୍ତି।

# ଠାକୁରଘର ତିଆରି ସମୟରେ ...

**ଠାକୁର ଘରର ପରିବେଶ ସବୁଘର ଠାରୁ ନିଆରା। କାରଣ ଏଠାରେ ଘଡିଏ ବସି ପଡିଲେ ମନରେ ପବିତ୍ରତା ଜାଗ୍ରତ ହୋଇଥାଏ। ତେବେ ଘର ଭିତରେ କେଉଁଠି ଠାକୁର ଘର କଲେ ତାହା ଶୁଭପ୍ରଦ ହୋଇଥାଏ ଜାଣନ୍ତୁ ସେ ସମ୍ପର୍କରେ..**



- ଘରେ ଠାକୁର ଘର ତିଆରି କରିବା ସମୟରେ କେବେହେଲେ କିଚେନ୍‌କୁ ଲାଗି କରି କରନ୍ତୁ ନାହିଁ। ଅର୍ଥାତ୍, ଏହି ଦୁଇ ଘରର ଗୋଟିଏ କାନ୍ଥ ରହିବା ଠିକ୍ ନୁହେଁ।
- ବେଡ୍‌ରୁମ୍‌ରେ କେବେ ବି ଠାକୁର ରଖନ୍ତୁ ନାହିଁ।
- ଠାକୁର ରଖିବା ସମୟରେ ଦିଗ ପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ପଡ଼ିଥାଏ। ପୂଜା କରିବା ବ୍ୟକ୍ତି ମୁହଁ ଉତ୍ତର କିମ୍ବା ପୂର୍ବ ଦିଗକୁ ରହିବା ଆବଶ୍ୟକ।
- ଶିଢ଼ି ତଳେ କେବେ ବି ଠାକୁରଘର କରନ୍ତୁ ନାହିଁ। ଏହାର ନକାରାତ୍ମକ ପ୍ରଭାବ ଘର ଲୋକଙ୍କ ଉପରେ ପଡ଼ିଥାଏ।
- ବାଥ୍‌ରୁମ୍‌କୁ ଲାଗି ଠାକୁରଘରର କାନ୍ଥ କେବେ ବି କରନ୍ତୁ ନାହିଁ। ଏପରି ଯଦି ରହିଛି ତେବେ ଠାକୁରଙ୍କ ଲାଗି ଅନ୍ୟ ସ୍ଥାନ ବାଛନ୍ତୁ।
- ମନ୍ଦିରରେ କେବେ ଜଳିଯାଇଥିବା ଦିଆସିଲି କାଠି,ଅଗରବତି ଗୁଣ୍ଡ, ଶୁଖିଲା ଫୁଲମାଳ,ବାସିଫୁଲ ଆଦି ରଖନ୍ତୁ ନାହିଁ।

# ନିବେଶ କରୁଥିଲେ..

**ଆଜିକାଲି ମହିଳାମାନେ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇବାରେ ସକ୍ଷମ ହୋଇଛନ୍ତି। କେବଳ ସେମାନେ ସ୍ୱାବଲମ୍ବୀ ହୋଇନାହାନ୍ତି ତା'ସହ ସଞ୍ଚୟ କ୍ଷେତ୍ରରେ ମଧ୍ୟ ସଫଳତା ହାସଲ କରିଛନ୍ତି। ବ୍ୟାଙ୍କରେ ଏବେ ସଞ୍ଚୟର ବିଭିନ୍ନ ପ୍ରକାର ସ୍କିମ୍ ରହିଛି। ଏପରି କି ଏଭଳି କେତେକ ଯୋଜନା ରହିଛି ଯେଉଁଥିରେ ଆପଣ ଟଙ୍କା ବିନିଯୋଗ କରି ଲାଭବାନ୍ ହୋଇପାରିବେ। ସେ ସମ୍ପର୍କରେ ସୂଚନା...**



ସମୟ ସହ ନିବେଶର ବିଭିନ୍ନ ପ୍ରକାର ନୂଆ ନୂଆ ମାଧ୍ୟମ ବାହାରିଗଲାଣି। ଯେମିତିକି ଶେୟାର ମାର୍କେଟରେ ନିବେଶ, ମ୍ୟୁଚୁଆଲ ଫଣ୍ଡ, ଶର୍ଟ ଏବଂ ଲଙ୍ଗ୍‌ଟର୍ମ ଇନ୍‌ଭେଷ୍ଟମେଣ୍ଟ ସ୍କିମ୍, ପ୍ରପର୍ଟିରେ ନିବେଶ, ପୋଷ୍ଟ ଅଫିସ୍‌ରେ ବାହାରୁଥିବା ନୂଆ ନୂଆ ସ୍କିମ୍ ଆଦି। କିନ୍ତୁ ଆଜି ବି ଅଧିକାଂଶ ଲୋକ ବ୍ୟାଙ୍କରେ ଫିକ୍ସଡ୍ ଡିପୋଜିଟ୍ (ଏଫ୍‌ଡି)ରେ ନିବେଶ କରିବା ଉତ୍ତମ ମାଧ୍ୟମ ବୋଲି ମାନନ୍ତି। ଏମିତିରେ ଦେଖିବାକୁ ଗଲେ ଏଫ୍‌ଡିରେ ନିବେଶ କରିବା ଭଲକଥା କିନ୍ତୁ ଏଥିରେ ନିବେଶ ମଧ୍ୟ ସୀମାବଦ୍ଧନ ରହିବ। ଯେବେ ବି ସଞ୍ଚୟ ଏବଂ ନିବେଶ ଉପରକୁ କଥା ଆସେ ,ତେବେ ସର୍ବପ୍ରଥମେ ଅନେକ ବ୍ୟାଙ୍କର ଏଫ୍‌ଡି ପସନ୍ଦ କରିଥାନ୍ତି । କାରଣ ଏଥିରେ ଟଙ୍କା ବୁଡ଼ିଯିବା ଆଶଙ୍କା ଏତେ ନ ଥାଏ ଏବଂ ପରିମିତ ସୁଧ ମଧ୍ୟ ମିଳିଥାଏ। ତେଣୁ ଯଦି ଆପଣ ନିବେଶ କରିବାକୁ ଚାହୁଁଛନ୍ତି ତେବେ ସେ ବିଷୟରେ ପ୍ରଥମେ ବିଶଦ ଭାବରେ ବୁଝନ୍ତୁ।

ନିବେଶ ବିଶେଷଜ୍ଞଙ୍କ ମତରେ ଆଜିର ମାର୍କେଟରେ ନିବେଶ କରିବା ଲାଗି ଅନେକ ବିକଳ୍ପ ରହିଛି। ମାର୍କେଟ ରିସର୍ଚ୍ଚ ଅନୁସାରେ ଗତ କିଛି ମାସ ହେବ କେତେକ ସରକାରୀ ଏବଂ ପ୍ରାଇଭେଟ୍ ବ୍ୟାଙ୍କରେ ଏଫ୍‌ଡିରେ ସୁଧ ରେଟ୍ ମଧ୍ୟ ବଢ଼ାଇ ଦେଇଛନ୍ତି। ଏହାପରେ ଲୋକଙ୍କର ଧ୍ୟାନ ଏଫ୍‌ଡି ଉପରେ ରହିଛି। କେବଳ ବେତନ ପାଉଥିବା ବ୍ୟକ୍ତି , ବରିଷ୍ଠ ନାଗରିକ, ମହିଳାମାନେ ବି ଏଫ୍‌ଡି ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। କିନ୍ତୁ ମନି ଏକ୍ସପର୍ଟଙ୍କ ମତରେ ହୁଏତ ଏଥିରେ ନିବେଶ ଭଲ ବିକଳ୍ପ ହୋଇପାରେ। ନିବେଶ କରିବାର କ୍ଷତି ମଧ୍ୟ ଅଛି, ଯାହା ଜାଣିବା ନିହାତି ଜରୁରୀ। ଏଫ୍‌ଡିରେ ନିବେଶ କ୍ଷତି ଏହି ପ୍ରକାର ହୋଇଥାଏ....

**ଏଫ୍‌ଡି ସ୍କିମ୍ ବିଷୟରେ ଭଲ ଭାବରେ ଅବଗତ ହୁଅନ୍ତୁ : ଦୀପିକା ଦାଶ (ମ୍ୟାନେଜର,ବ୍ୟାଙ୍କ ଅଫ୍ ବରୋଦା, କୋଲକାତା)**



ଫିକ୍ସଡ ଡିପୋଜିଟ୍ ବା ଏଫ୍‌ଡିର ବିଭିନ୍ନ ପ୍ରକାର ସ୍କିମ୍ ରହିଛି। ପ୍ରଥମେ ସେ ବିଷୟରେ ଭଲ ଭାବରେ ଅବଗତ ହୁଅନ୍ତୁ। ଆପଣ ଚାହିଁଲେ ରିନ୍ୟୁଆଲ ଟାଇମ୍‌ରେ ଯେକୌଣସି ସ୍କିମ୍‌କୁ ଚେଞ୍ଜ କରିପାରିବେ। ଏଫ୍‌ଡିକୁ ଦେଖାଇ ଆପଣ ବ୍ୟାଙ୍କରୁ ଋଣ ମଧ୍ୟ ନେଇପାରିବେ। ସିନିୟର ସିଟିଜେନ୍‌ଙ୍କ ଲାଗି ଏଫ୍‌ଡିରେ ନର୍ମାଲ ସୁଧ ଠାରୁ ଅଧିକ ସୁଧ ମିଳିଥାଏ।

**ଏଫ୍‌ଡି କ'ଣ**
ଯେତେବେଳେ ଆପଣ କୌଣସି ଏଫ୍‌ଡିରେ ନିବେଶ କରୁଛନ୍ତି , ତେବେ ଆପଣଙ୍କ ଜମା ଟଙ୍କା ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଲକ୍ ଇନ୍ ହୋଇଯାଏ। ଏଫ୍‌ଡିର ଅର୍ଥ ଆପଣଙ୍କ ଜମା ରାଶି ସେତେବେଳେ ଉଠାଇପାରିବେ ଯେତେବେଳେ ଏହାର ସମୟସୀମା ସମାପ୍ତ ହେବ।

**ରିଟର୍ନ**
ଏଫ୍‌ଡି ନିବେଶ କରିବାର କ୍ଷତି ଏହା ଯେ ଏଥିରେ ସୁଧ ରେଟ୍ ଏତେ ଅଧିକ ନ ଥାଏ। ଏହି ଫିକ୍ସ ଦର ବ୍ୟାଙ୍କ ନିର୍ଦ୍ଧାରଣ କରିଥାଏ। ଏଫ୍‌ଡିର ଅର୍ଥ ଏକ ଫିକ୍ସ ରେଟ୍ ଅନୁଯାୟୀ ବ୍ୟାଙ୍କ ଆପଣଙ୍କୁ ଆପଣଙ୍କ ଜମାରାଶି ରିଟର୍ନ କରିଥାଏ। ଏଫ୍‌ଡି ମାନେ ଏକ ନିଶ୍ଚିତ ଅବଧି ପରେ ବ୍ୟାଙ୍କ ଏକ ନିର୍ଦ୍ଧାରିତ ସୁଧ ସହ ଆପଣଙ୍କ ରାଶି ଆପଣଙ୍କୁ ରିଟର୍ନ କରିଥାଏ। ଶେୟାର ମାର୍କେଟ ଏବଂ ମ୍ୟୁଚୁଆଲ ଫଣ୍ଡ ସହିତ ଏଫ୍‌ଡିଠୁ ଅଧିକ ରିଟର୍ନ ମିଳିଥାଏ। ମାର୍କେଟ ଏକ୍ସପର୍ଟଙ୍କ ମତରେ ଅନ୍ୟ ନିବେଶ ଅନୁସାରେ ଏଥିରେ କମ୍ ସୁଧ ମିଳିଥାଏ।

**ଲକ୍ ଇନ୍ ପିରିୟଡ୍**
ଯଦି ଆପଣଙ୍କ ଟଙ୍କାର ଆବଶ୍ୟକତା ଥାଏ ତେବେ ଏହି କ୍ଷେତ୍ରରେ ଆପଣଙ୍କ ଏଫ୍‌ଡିକୁ କ୍ୟାନ୍‌ସେଲ କରି ବ୍ୟାଙ୍କରୁ ନିଜ ଅର୍ଥ ଉଠାଇପାରିବେ। ତେବେ ଆପଣ ଯେଉଁ ସମୟ ପର୍ଯ୍ୟନ୍ତ ଯେ ପର୍ଯ୍ୟନ୍ତ ବ୍ୟାଙ୍କରେ ଟଙ୍କା ଜମା ରଖିଥିଲେ ସେ ପର୍ଯ୍ୟନ୍ତ ଆପଣଙ୍କୁ ସୁଧ ମିଳିବ। ଏହାକୁ ଯଦି ପ୍ରିମାଚ୍ୟୁୟର କ୍ଲୋଜର କରିବାକୁ ଚାହୁଁଥାନ୍ତି ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରିନ୍ସିପାଲ ଆମାଉଣ୍ଟ ସହ ଇଣ୍ଟରେଷ୍ଟ ରେଟ୍‌ରୁ ମଧ୍ୟ କିଛି ଟଙ୍କା କମ୍ ମିଳିଥାଏ।

**ଲାଭ ଉଠାଇପାରିବେ ନାହିଁ**
ଯଦି ଆପଣ ଏଫ୍‌ଡିରେ ନିବେଶ କରୁଛନ୍ତି ତେବେ ଆପଣଙ୍କ ଯୋଜନାର ଅବଧି ଅନ୍ତ ପର୍ଯ୍ୟନ୍ତ ସୁଧ ମିଳିଚାଲିଥାଏ। ଏଫ୍‌ଡି ବଦଳରେ ଯଦି ମାର୍କେଟରେ ଇନ୍‌ଭେଷ୍ଟ କରିବେ ତେବେ ଆପଣଙ୍କୁ ଭଲ ରିଟର୍ନ ମିଳିବ।

**ସୁଧ ଉପରେ ଲାଗିଥାଏ ଟ୍ୟାକ୍ସ**
ଏଫ୍‌ଡିରେ ଯାହା ସୁଧ ମିଳିଥାଏ ,ସେଥିରେ ଟ୍ୟାକ୍ସ ଦେବାକୁ ପଡ଼ିଥାଏ। ଯେତେବେବେଳ ଆପଣ ଆଇଟିଆର୍ ଫାଇଲ୍ କରିଥାନ୍ତି ସେତେବେଳେ ଏଫ୍‌ଡି ଉପରେ ମିଳୁଥିବା ଏହି ଆୟକୁ ଅନ୍ୟ କୌଣସି ସୂତ୍ରରେ ଇନ୍‌କମ୍ ଦର୍ଶାଯାଇଥାଏ।

**ବ୍ୟାଙ୍କ ଦେବାଳିଆ ଘୋଷିତ ହେଲେ**
ଯଦି କୌଣସି କାରଣରୁ ବ୍ୟାଙ୍କ ଦେବାଳିଆ ହୋଇଯାଏ ,ଯେଉଁଥିରେ ଆପଣ ଏଫ୍‌ଡି କରିଛନ୍ତି ,ତେବେ ଆପଣଙ୍କୁ ଏହାର କ୍ଷତି ସହିବାକୁ ପଡ଼ିପାରେ।

**ଏଫ୍‌ଡି ପ୍ରିମାଚ୍ୟୁୟର**
ସବୁ ବ୍ୟାଙ୍କ ନିଜ ନିବେଶକଙ୍କୁ ଏହି ସୁବିଧା ଦେଇଥାଏ ଯଦି ସେମାନେ କୌଣସି ସମସ୍ୟାର ସମ୍ମୁଖୀନ ହେଉଥାନ୍ତି , ତାଙ୍କୁ ଟଙ୍କାର ଆବଶ୍ୟକତା ଥାଏ ତେବେ ନିବେଶକ ଏଫ୍‌ଡିକୁ ସମୟ ଥିବା ପୂର୍ବରୁ ଉଠାଇପାରିବେ। ସାଧାରଣତଃ ବ୍ୟାଙ୍କ ନିବେଶକଙ୍କ ଉପରେ କିଛି ପେନାଲ୍ଟି ଚାର୍ଜ ଲଗାଇଥାନ୍ତି। ନିବେଶକୁ ନିଜ ଏଫ୍‌ଡିକୁ ମାଚ୍ୟୁୟର ହେବା ପୂର୍ବରୁ ଉଠାଇବାକୁ ଚାହୁଁଥିଲେ ତାଙ୍କୁ ପେନାଲ୍‌ଟି ଆକାରରେ ସୁଧର ୧-୩ ପ୍ରତିଶତ ଦେବାକୁ ପଡ଼ିଥାଏ।

**ଫିକ୍ସଡ୍ ସୁଧ ହାର**
ଏଫ୍‌ଡିର ଏକ ନିୟମ ରହିଛି ଯେ ବ୍ୟକ୍ତି ଏହା କରିବା ସମୟରେ ଏକ ନିର୍ଦ୍ଧାରିତ ସମୟ ମଧ୍ୟରେ ଯାହା ସୁଧ ରେଟ୍ ନିର୍ଦ୍ଧାରଣ କରିଥାଏ ,ସେହି ଅବଧି ପର୍ଯ୍ୟନ୍ତ ଏଫ୍‌ଡିରେ ସୁଧ ମିଳିଥାଏ। ଏଥିରେ ମିନିମମ୍ ଏକବର୍ଷ ପର୍ଯ୍ୟନ୍ତ ଟଙ୍କା ରଖିପାରିବେ। ମ୍ୟାକ୍ସିମମ୍ ୧୦ବର୍ଷ ପର୍ଯ୍ୟନ୍ତ ଏଥିରେ ଟଙ୍କା ରଖିପାରିବେ। ଯେତେବେଳେ କି କୌଣସି ମ୍ୟୁଚୁଆଲ ଫଣ୍ଡ ଆଦି ଯୋଜନାରେ ନିବେଶ କରିବା ଦ୍ୱାରା ବଜାରରେ ସୁଧାର ଆସିବା ସମୟରେ ଲାଭ ମଧ୍ୟ ଅଧିକ ମିଳିଥାଏ।

**ଲିକ୍ୱିଡିଟି**
ଏଫ୍‌ଡି ଅନ୍ୟ ନିବେଶ ବିକଳ୍ପ ପରି ହୋଇ ନ ଥାଏ। ତେବେ ଯଦି ଆପଣଙ୍କୁ ତୁରନ୍ତ ଟଙ୍କାର ଆବଶ୍ୟକତା ଥାଏ ,ଏହି କ୍ଷେତ୍ରରେ ଏଫ୍‌ଡିକୁ ଭାଙ୍ଗିବା ଏତେଟା ସହଜ ହୋଇ ନ ଥାଏ। ଏଫ୍‌ଡି ର ରିନ୍ୟୁର ଟାଇମ୍ ହୋଇଥିବ। ଏଫ୍‌ଡିକୁ ଦେଖାଇ ଆପଣ ବ୍ୟାଙ୍କରୁ ଋଣ ମଧ୍ୟ ନେଇପାରିବେ। ଯେମତିକି ପର୍ସନାଲ ଲୋନ୍ କିମ୍ବା ହୋମଲୋନ୍,କାର୍‌ଲୋନ୍ ଆଦି ନେଇପାରିପାରିବେ।







# ବର୍ଷାଦିନେ ମେଟାଲ ଜୁଏଲେରି ...

**ଏବେ ବର୍ଷାଦିନ ଚାଲିଛି। ଏହି ସିଜନ୍‌ରେ ମହିଳାମାନେ ସଜାଇହେବା ସହ କେତେକ ମେଟାଲ ଜୁଏଲେରି ପିନ୍ଧିବାକୁ ପସନ୍ଦ କରନ୍ତି। ଯଦି ଆପଣଙ୍କୁ ମେଟାଲ ଜୁଏଲେରି ପିନ୍ଧିବା ଦ୍ୱାରା ଆଲର୍ଜି ହେଉଥାଏ ତେବେ କେତେକ ଘରୋଇ ଉପାୟ ଆପଣାଇ ଏହି ସମସ୍ୟାକୁ ଦୂର କରିପାରିବେ। ଜାଣନ୍ତୁ ଏ ସମ୍ପର୍କରେ ଟିପ୍ସ..**





**ଟ୍ରି ଟ୍ରି ଅଏଲ:** ଏହି ତେଲରେ ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ରହିଥାଏ। ଏହା କୌଣସି ପ୍ରକାର ସ୍କିନ୍ ଆଲର୍ଜିକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ଯଦି ସ୍କିନ୍‌ରେ ଆଲର୍ଜି ହୋଇଥାଏ ତେବେ ଆପଣ ଏକ ଚାମଚ ନଡ଼ିଆ ତେଲରେ ୩-୪ ବୁନ୍ଦା ଟ୍ରି ଟ୍ରି ଅଏଲ ପକାନ୍ତୁ। ଏବେ ଆପଣ ଏହାକୁ କଟନ୍ ବଲ୍ ସାହାଯ୍ୟରେ ସ୍କିନ୍ ଉପରେ ଲଗାଇ କିଛି ଘଣ୍ଟା ଛାଡ଼ି ଦିଅନ୍ତୁ। ଆପଣଙ୍କୁ ଆରାମ ମିଳିଯିବ।

**ଆଲୋଭେରା ଜେଲ୍:** ଆଲୋଭେରା ଜେଲ୍‌ରେ ବି ଆଣ୍ଟି ବ୍ୟାକ୍ଟେରିଆ ଗୁଣ ରହିଛି, ଯାହା ସ୍କିନ୍ ଉପରେ ଦେଖାଯାଉଥିବା କୌଣସି ପ୍ରକାର ସଂକ୍ରମଣକୁ ଠିକ୍ କରିବାର କାମ କରିଥାଏ। ଏହାକୁ ଲଗାଇବାକୁ ହେଲେ ଆପଣ ଫ୍ରେଶ୍ ଆଲୋଭେରା ଜେଲ୍ ନିଅନ୍ତୁ। ଏହାଦ୍ୱାରା ପ୍ରଭାବିତ ହୋଇଥିବା କ୍ଷେତ୍ରରେ ଲଗାଇ ଦିଅନ୍ତୁ। ଆପଣଙ୍କୁ ଆରାମ ମିଳିବ।

**ହଳଦୀ ପେଷ୍ଟ:** ହଳଦୀରେ ଆଣ୍ଟିବ୍ୟାକ୍ଟେରିଆ, ଆଣ୍ଟିସେପ୍ଟିକ୍ , ଆଣ୍ଟି ଫଙ୍ଗାଲ ଭଳି ଗୁଣ ରହିଛି। ଯଦି ସ୍କିନ୍‌ରେ ମେଟାଲ ଜୁଏଲେରି ପିନ୍ଧିବା ଯୋଗୁ ଆଲର୍ଜି ହେଉଥାଏ ତେବେ ହଳଦୀର ସାହାଯ୍ୟ ନେଇ ଏଥିରୁ ମୁକ୍ତିମିଳିପାରିବ।



ଆପଣ ଅଧା ଚାମଚ ହଳଦୀ ନିଅନ୍ତୁ ଏବଂ ଏଥିରେ ପାଣି ମିଶାଇ ଗାଢ଼ା ପେଷ୍ଟ କରନ୍ତୁ। ଏବେ ଆଲର୍ଜି ହୋଇଥିବା ସ୍ଥାନରେ ଲଗାନ୍ତୁ। ଏବେ ଲଗାହୋଇଥିବା ସ୍ଥାନକୁ ୨୦ ମିନିଟ୍ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ଏବେ ଏହାକୁ ଥଣ୍ଡା ପାଣିରେ ଭଲଭାବେ ଧୋଇନିଅନ୍ତୁ।

**ବରଫ ସେକ :** ମେଟାଲ ଆଲର୍ଜିରୁ ରକ୍ଷା ପାଇବାକୁ ହେଲେ ବରଫକୁ ପଲିଥିନ୍‌ରେ ପୂରାଇ ସ୍କିନ୍ ଉପରେ ସେକ ଦେବା ଦ୍ୱାରା ତୁରନ୍ତ ଆରାମ ମିଳିବ।

**ନିମ୍ବପତ୍ର:** ନିମ୍ବପତ୍ରରେ ଆଣ୍ଟି ବ୍ୟାକ୍ଟେରିଆ, ଆଣ୍ଟିସେପ୍‌ଟିକ୍ ଏବଂ ଆଣ୍ଟିଫଙ୍ଗାଲ ଗୁଣ ଭରି ହୋଇରହିଛି। ଆପଣ ଏହାର ବ୍ୟବହାର କରିବାକୁ ହେଲେ ନିମ୍ବର କିଛି ପତ୍ର ନିଅନ୍ତୁ। ଏହାକୁ ପାଣି ଦେଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଅଧାଘଣ୍ଟା ପର୍ଯ୍ୟନ୍ତ ଏହାକୁ ସ୍କିନ୍‌ରେ ଲାଗନ୍ତୁ, ପୁଣି ଏହାକୁ ଧୋଇ ଦିଅନ୍ତୁ।



# ଫ୍ରୁଟ୍ କଷ୍ଟାର୍ଡ

**ଆବଶ୍ୟକ ସାମଗ୍ରୀ**
କ୍ଷୀର ଅଧା ଲିଟର, କଷ୍ଟର୍ଡ ପାଉଡର ୩ ଚାମଚ, ଚିନି ୨୫ଗ୍ରାମ୍ , ସେଓର କିଛି ଖଣ୍ଡ, ଡାଳିମ୍ବ କିଛି ଦାନା,କିଛି ପରିମାଣର ଗ୍ରୀନ୍ ଏବଂ କଳା ଅଙ୍ଗୁର।

**ପ୍ରସ୍ତୁତି ପ୍ରଣାଳୀ**
ଫ୍ରୁଟ୍ କଷ୍ଟାର୍ଡ ପ୍ରସ୍ତୁତ କରିବାକୁ ହେଲେ ପ୍ରଥମେ ଏକ ଗିନାରେ ଥଣ୍ଡା କ୍ଷୀର ନିଅନ୍ତୁ। ଏହାପରେ ୩ ଚାମଚ କଷ୍ଟାର୍ଡ ପାଉଡର ଏହି କ୍ଷୀରରେ ପକାନ୍ତୁ। ଏବେ ଏହି କଷ୍ଟାର୍ଡ ପାଉଡରକୁ କ୍ଷୀରରେ ଭଲଭାବେ ମିକ୍ସ କରିଦିଅନ୍ତୁ। ଗ୍ୟାସ୍ ଫ୍ଲେମ୍‌କୁ ଅନ୍ କରି କ୍ଷୀରକୁ ଗ୍ୟାସ୍ ଚୁଲା ଉପରେ ବସାନ୍ତୁ। ଚୁଲାରେ ବସିଥିବା କ୍ଷୀରକୁ ମଝିରେ ମଝିରେ ଗୋଳାନ୍ତୁ। ଯେତେବେଳେ କ୍ଷୀର ଗାଢ଼ା ହୋଇଯିବ ସେଥିରେ ମିକ୍ସ ହୋଇଥିବା କ୍ଷୀରକୁ ଏଥିରେ ପକାନ୍ତୁ। ଏହାକୁ ମଝିରେ ମଝିରେ ଘାଣ୍ଟନ୍ତୁ ଯେପରି ଏଥିରେ ଗେଟା ନ ରୁହେ। କ୍ଷୀରରେ ଚିନି ପକାଇ ଭଲ ଭାବେ ମିଶାନ୍ତୁ। ଯେତେବେଳେ ଏହି ମିକ୍ସଚର ଗାଢ଼ା ହୋଇଯିବ ସେତେବେଳେ ଏହାକୁ ଗ୍ୟାସ୍‌ରୁ ଓହ୍ଲାଇ ଦିଅନ୍ତୁ। ଯଦି ଆପଣଙ୍କ ନିକଟରେ କେଶର ଅଛି ଏହାକୁ ପକାନ୍ତୁ। ଏହି ମିକ୍ସଚରକୁ ୩ଘଣ୍ଟା ପାଇଁ ଫ୍ରିଜ୍‌ରେ ରଖି ଦିଅନ୍ତୁ। ସମୟ ପୂରା ହେଲା ପରେ ସେଥିରେ କଟାହୋଇଥିବା ସେଓ, ଡାଳିମ୍ବ, କଟାହୋଇଥିବା ପାଚିଲା କଦଳୀ, ଗ୍ରୀନ୍ ଅଙ୍ଗୁର ଏବଂ ଡ୍ରାଏ ନଟ୍ସ ଆଦି ପକାନ୍ତୁ। ଏବେ ଏହାକୁ ପରଷନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୫/୨୦୨୩ Bhubaneswar, Tuesday, September 5/ 2023

# ମହିଳା ଫୁଟ୍‌ବଲରେ ଯୌନଶୋଷଣ

**ସମଗ୍ର ବିଶ୍ୱରେ ମହିଳା ସଶକ୍ତୀକରଣକୁ ନେଇ ଆନ୍ଦୋଳନ ଜାରି ରହିଛି। କ୍ରୀଡ଼ାରେ ମହିଳାମାନେ ସାଧାରଣତଃ ପଛରେ ରହିଥାନ୍ତି। ସମୟ ସହିତ ତାଳ ଦେଇ ଅନେକ ମହିଳା ନିଜକୁ କ୍ରୀଡ଼ାର ମୁଖ୍ୟ ସ୍ରୋତରେ ସାମିଲ କରୁଛନ୍ତି। ତେବେ ପୁରୁଷପ୍ରଧାନ ସମାଜରେ ମହିଳାମାନଙ୍କୁ ତଥା ମହିଳା କ୍ରୀଡ଼ାବିତ୍‌ଙ୍କୁ ଶୋଷଣର ଶିକାର ହେବାକୁ ପଡୁଛି। ସଦ୍ୟ ସମାପ୍ତ ମହିଳା ଫୁଟ୍‌ବଲ ବିଶ୍ୱକପ୍ ପରେ ଏହି ଘଟଣା ସାମ୍ନାକୁ ଆସିଥିଲା। ସ୍ପେନ୍ ଫୁଟ୍‌ବଲ ମୁଖ୍ୟ ଲୁଇସ୍ ରୁବେଲ୍ସ ଫାଇନାଲ ମ୍ୟାଚ୍ ପରେ ଷ୍ଟ୍ରାଇକର ଜେନି ହର୍ମୋସୋଙ୍କୁ କିସ୍ କରିଥିଲେ। ଅନେକ ବାଦ ବିବାଦ ପରେ ରୁବେଲ୍ସଙ୍କୁ ସ୍ପେନ୍ ଫୁଟ୍‌ବଲର ମୁଖ୍ୟ ପଦରୁ ବହିଷ୍କାର କରାଯାଇଥିଲା। ମହିଳା ଫୁଟ୍‌ବଲରେ ଘଟିଯାଇଥିବା ଏମିତି କିଛି ଘଟଣାକୁ ନେଇ ଆଜିର ଉପସ୍ଥାପନା....**


ମିଡ୍‌ଫିଲ୍ଡର ସିନଡ୍ ଫେରେଲି।

ଫୁଟ୍‌ବଲ ଏକ କଣ୍ଟାକ୍ଟ ସ୍ପୋର୍ଟ୍ସ ହୋଇଥିବାରୁ ସାଧାରଣ ଭାବରେ ମହିଳାମାନେ ଏଥିରେ ଅଂଶଗ୍ରହଣ କରିବାକୁ କୁଣ୍ଠା ପ୍ରକାଶ କରିଥାନ୍ତି। ତେବେ ଏହା ଏକମାତ୍ର କାରଣ ନୁହେଁ, ଅନ୍ୟ ଏକ କାରଣ ହେଉଛି ଯୌନ ଶୋଷଣ ତଥା ଓ ମାନସିକ ନିର୍ଯାତନା। ଆମେରିକାର ମହିଳା ଫୁଟ୍‌ବଲ ଲିଗ୍‌ରେ କରାଯାଇଥିବା ଏକ ସର୍ବେକ୍ଷଣ ଅନୁସାରେ ୬୦ ପ୍ରତିଶତ ମହିଳା ଫୁଟ୍‌ବଲର ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନାର ସମ୍ମୁଖୀନ ହୋଇଥାନ୍ତି। ଏସବୁ ଘଟଣାକୁ କୋର୍ଟରେ ପ୍ରମାଣିତ କରିବା ମଧ୍ୟ ବେଶ୍ କଷ୍ଟସାଧ୍ୟ। ୮୯ ହଜାର ଅଭିଯୋଗ ଆସିବା ପରେ ୨୦୦ ମହିଳା ଖେଳାଳିଙ୍କଠାରୁ ସାକ୍ଷାତ୍‌କାର ମଧ୍ୟ ନିଆଯାଇ ଏହି ତଥ୍ୟ ପ୍ରକାଶିତ ହୋଇଛି। ନିକଟରେ ଆମେରିକୀୟ ଲିଗ୍ ପକ୍ଷରୁ ଏହି ଅନୁସନ୍ଧାନ ରିପୋର୍ଟ ଆଧାରରେ ୪ ଜଣ ପୂର୍ବତନ କୋଚ୍‌ଙ୍କୁ ଆଜୀବନ ବାସନ୍ଦ କରାଯାଇଛି। ମହିଳା ଖେଳାଳିଙ୍କୁ ଏମାନେ ଶାରୀରିକ ଓ ମାନସିକ ଭାବରେ ନିର୍ଯାତନ ପ୍ରଦାନ କରୁଥିଲେ। ନର୍ଥ କାରୋଲିନାର ପୂର୍ବତନ କୋଚ୍ ପଲ୍ ରାଇଲି, ଚିକାଗୋ ରେଡ୍ ଷ୍ଟାର୍ସର ପୂର୍ବତନ କୋଚ୍ ରୋରି ଡେମ୍‌ସ, ୱାଶିଂଟନ୍ ସ୍ପିରିଟ୍ କୋଚ୍ ରିଚି ବର୍କ ଓ ରେସିଂ ଲୁଇଭିଲ୍ଲେର ପୂର୍ବତନ କୋଚ୍ କ୍ରିଷ୍ଟି ହୋଲିଙ୍କୁ ଆଜୀବନ ବାସନ୍ଦ କରାଯାଇଛି। ଏହା ବ୍ୟତୀତ ଖେଳାଳିଙ୍କୁ ମାନସିକ ଭାବରେ ନିର୍ଯାତିତ କରିଥିବା ୟୁଟା ରୟାଲ୍ସର କ୍ରେଗ୍ ହାରିଙ୍ଗଟନ୍ ଓ ଗୋଥାମ୍‌ର ଆଲିସ୍ ଲାହୁଏଙ୍କୁ ୨ ବର୍ଷ ବାସନ୍ଦ କରାଯାଇଛି।

## ଜର୍ଜ ଭିଲ୍ଡା

ସ୍ପେନ୍ ଫୁଟ୍‌ବଲ ମହାସଂଘର ସଭାପତି ରୁବେଲ୍ସଙ୍କ ଫାଇନାଲ ମ୍ୟାଚ୍ ଚୁମ୍ବନ ଘଟଣା ପରେ ହିଁ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ମହିଳା ଫୁଟବଲରେ ଖେଳାଳିଙ୍କ ସୁରକ୍ଷାକୁ ନେଇ ନାନାଦି ପ୍ରଶ୍ନ ମଧ୍ୟ ଉଠିଛି। ବିଶ୍ୱକପ ବିଜୟର ଠିକ୍ ବର୍ଷେ ପୂର୍ବରୁ ବର୍ତ୍ତମାନର କୋଚ୍ ଜର୍ଜ ଭିଲ୍ଡାଙ୍କ ନାମରେ ୧୫ ଜଣ ଖେଳାଳି ଯୌନ ଶୋଷଣ ଓ ମାନସିକ ନିର୍ଯାତନାର ଅଭିଯୋଗ ଆଣିଥିଲେ। ଏପରି କି ଏହି ୧୫ ଖେଳାଳି ଜାତୀୟ ଦଳରେ ସାମିଲ ନ ହେବା ପାଇଁ ଅନୁରୋଧ କରିଥିଲେ। ବାଲନ୍ ଡି ଓର ବିଜୟିନୀ ଆଲେକ୍ସିସ୍ ପୁଟେଲାସ୍ ଏହି ଖେଳାଳି ମାନଙ୍କୁ ସମର୍ଥନ କରିଥିଲେ। ଏହି ତାଲିକାରେ ୬ ଜଣ ବାର୍ସେଲୋନା ଖେଳାଳି ରହିଥିବା ବେଳେ ମାଞ୍ଚେଷ୍ଟର ସିଟି ଓ ମାଞ୍ଚେଷ୍ଟର ୟୁନାଇଟେଡ୍‌ର ଦୁଇ ଜଣ ଲେଖାଏ ଖେଳାଳି ରହିଥିଲେ। ଯଦିଓ ଏହି ମାମଲାକୁ ସ୍ପେନ୍ ଫୁଟ୍‌ବଲ ମହାସଂଘ ଦବାଇ ଦେଇଥିଲା ତେବେ ବର୍ତ୍ତମାନ ସମାନ ଘଟଣା ଭୂତ ହୋଇ ପିଛା କରିବାରେ ଲାଗିଛି। ଉକ୍ତ ଖେଳାଳିଙ୍କ ମଧ୍ୟରୁ ୩ ଖେଳାଳି ବିଶ୍ୱକପ ଦଳରେ ମଧ୍ୟ ସ୍ଥାନ ପାଇଥିଲେ। ତେବେ ଜର୍ଜ ଭିଲ୍ଡାଙ୍କ ବିରୋଧରେ ନିକଟରେ କୌଣସି ଅଭିଯୋଗ ଆସି ନ ଥିବା ବେଳେ ରୁବେଲ୍ସଙ୍କୁ ଫିଫା ପକ୍ଷରୁ ବାସନ୍ଦ କରାଯାଇଛି।

## ଭେରା ପାଓ

ପ୍ରଥମ ଥର ପାଇଁ ଆୟର୍ଲାଣ୍ଡକୁ ମହିଳା ଫୁଟବଲ ବିଶ୍ୱକପର ମୁଖ୍ୟ ରାଉଣ୍ଡରେ ପ୍ରବେଶ କରାଇବାରେ କୋଚ୍ ଭେରା ପାଓଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେବେ ବିଶ୍ୱକପ ପରେ ୬୦ ବର୍ଷୀୟ ପାଓଙ୍କ ସହିତ ସମ୍ପର୍କ ଛିନ୍ନ କରିଥିଲା ଆୟର୍ଲାଣ୍ଡ ଫୁଟବଲ। ଏହାର କାରଣ ଜଣାଇ ନ ଥିଲେ ମଧ୍ୟ ବିଶ୍ୱକପ ପୂର୍ବରୁ ଆସିଥିବା ଯୌନ ଶୋଷଣ ମାମଲାକୁ ଏହାର ମୁଖ୍ୟ କାରଣ ବିବେଚନା କରାଯାଉଛି। ମିଡ୍‌ଫିଲ୍ଡର ସିନଡ୍ ଫେରେଲି ବିଶ୍ୱକପ୍‌ର ଠିକ୍ ପୂର୍ବରୁ ଭେରା ପାଓଙ୍କ ନାମରେ ଯୌନ ଶୋଷଣର ଅଭିଯୋଗ ଆଣିଥିଲେ। ଫିଲାଡେଲଫିଆରେ ବସବାସ କରୁଥିବା ସିନଡ୍‌ଙ୍କ ନିକଟରେ ଦ୍ୱୈତ ନାଗରିକତ୍ୱ ରହିଥିବା ବେଳେ ସେ ଆୟର୍ଲାଣ୍ଡ ଜାତୀୟ ଦଳର ପ୍ରତିନିଧିତ୍ୱ କରନ୍ତି। ଭେରା ପାଓଙ୍କ ସହିତ ହୋଇଥିବା ବାର୍ତ୍ତାଳାପକୁ ସେ ଭାଇରାଲ କରି ଦେଇଥିଲେ। ପରବର୍ତ୍ତୀ ସମୟରେ ମାମଲା ଥଣ୍ଡା ପଡିଥିଲେ ମଧ୍ୟ ପାଓଙ୍କୁ ନିଜର ପଦବୀ ହରାଇବାକୁ ପଡିଥିଲା।

## ସମାଧାନ

ଏଭଳି ସମ୍ବେଦନଶୀଳ ଘଟଣାରେ ତ୍ୱରିତ ସମାଧାନ ମିଳିବା ସମ୍ଭବ ନୁହେଁ। ତେବେ ସଚେତନତା ସହିତ ଫୁଟ୍‌ବଲରେ ମହିଳା ପ୍ରଶାସକ ଓ ମହିଳା କୋଚ୍‌ଙ୍କ ସଂଖ୍ୟା ବୃଦ୍ଧି ହେବା ଦ୍ୱାରା ଏହି ସମସ୍ୟାର ସମାଧାନ ମିଳିପାରିବ। ଅଷ୍ଟ୍ରେଲିଆ/ନ୍ୟୁଜିଲାଣ୍ଡ ମହିଳା ଫିଫା ବିଶ୍ୱକପ୍‌ରେ ୩୨ ଦଳ ଅଂଶ ଗ୍ରହଣ କରିଥିବା ବେଳେ ଏହା ମଧ୍ୟରୁ ୧୨ଟି ଦଳର କୋଚ୍ ମହିଳା ରହିଥିଲେ। ଅଧିକ ସଂଖ୍ୟାରେ ମହିଳାଙ୍କ ଆଗମନ ଦ୍ୱାରା ମହିଳା ଖେଳାଳିଙ୍କ ଉପରେ ହେଉଥିବା ନିର୍ଯାତନା ନିଶ୍ଚିତ ଭାବରେ ହ୍ରାସ ପାଇବ।

**–ସରୋଜ ଜେନା**

# କିଟ୍‌ରେ ଭାରତର ପ୍ରଥମ ଜାତୀୟ ଭଲିବଲ ଏକାଡେମୀ

**ଭୁବନେଶ୍ୱର, ୪।୯ (ତପନ ସ୍ୱାଇଁ)**

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଭାରତର ପ୍ରଥମ ଜାତୀୟ ଭଲିବଲ ଏକାଡେମୀ ପ୍ରତିଷ୍ଠା ହୋଇଛି। ସୋମବାର ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ଏହା ଉଦ୍‌ଘାଟିତ ହୋଇଛି। ଏଥିରେ ଭାରତର ୩୦ଟି ରାଜ୍ୟ ଏବଂ ସିନିୟର ସ୍ତରର କୋଚିଂ କ୍ୟାମ୍ପ କିଟ୍ ପରିସରରେ ଅନୁଷ୍ଠିତ ହୋଇଛି। ଏବେ ଦେଶର ପ୍ରତିଭା ସମ୍ପନ୍ନ ଭଲିବଲ ଖେଳାଳିଙ୍କୁ ଚୟନ କରାଯାଇ ଯୋଜନାବଦ୍ଧଭାବେ କୋଚିଂ ପ୍ରଦାନ କରାଯିବ। ଭୁବନେଶ୍ୱରରେ ଏକାଡେମୀ ହୋଇଥିବାରୁ ଓଡ଼ିଶାର ଆସୋସିଏଶନର ସଭାପତି ଓ ସମ୍ପାଦକ ଅଂଶଗ୍ରହଣ କରିଥିଲେ। ଦେଶରେ ଅନେକ କ୍ରୀଡ଼ାର ଏକାଡେମୀ ରହିଛି। ମାତ୍ର ପୁରାତନ ଏବଂ ସବୁଠାରୁ ଲୋକପ୍ରିୟ ଖେଳ ଭଲିବଲ୍‌ର ଏକାଡେମୀ ଭାରତରେ କେଉଁଠାରେ ନ ଥିଲା। ଏବେ ଏକାଡେମୀ ପ୍ରତିଷ୍ଠା ଦ୍ୱାରା ଏହି କ୍ରୀଡ଼ାର ବିକାଶ ହୋଇପାରିବ। ଏକାଡେମୀକୁ ଉଦ୍‌ଘାଟନ କରିବା ଅବସରରେ ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ସଭାପତି ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ ଯେ, "ଆମେ ପ୍ରଥମ ପର୍ଯ୍ୟାୟରେ ଦେଶର ୫୦ ବାଳିକା ଓ ୫୦ ବାଳକ ଭଲିବଲ ପ୍ରତିଭାଙ୍କୁ ଚୟନ କରି ଏକାଡେମୀରେ ଶ୍ରେଷ୍ଠ ସୁବିଧା ସୁଯୋଗ ଦେବୁ। ଏଥିରେ ଅନ୍ତର୍ଜାତୀୟ ସ୍ତରର କୋଚିଂ ପ୍ରଦାନର ବ୍ୟବସ୍ଥା ରହିବ। ୨୦୨୦ଠାରୁ ଭାରତୀୟ ଭଲିବଲ ଦଳ ଯେତେସବୁ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଛି ତା' ପୂର୍ବରୁ ସବୁ ବୟସ ବର୍ଗରେ ପ୍ରତିଭା ସମ୍ପନ୍ନ ଖେଳାଳିମାନେ ସୁଯୋଗର ସଦ୍‌ବ୍ୟବହାର କରି ଭାରତୀୟ ଦଳରେ ଅଧିକ ସଂଖ୍ୟାରେ ସ୍ଥାନ ପାଇପାରିବେ''।

ଗତ ୩-୪ ବର୍ଷ ମଧ୍ୟରେ ଦ୍ରୁତ ଗତିରେ ଭାରତୀୟ ଭଲିବଲର ବିକାଶ ହୋଇଥିବାରୁ ବିଭିନ୍ନ ରାଜ୍ୟ ଆସୋସିଏଶନର ସଭାପତି ଓ ସମ୍ପାଦକମାନେ ଅଚ୍ୟୁତଙ୍କୁ ପ୍ରଶଂସା କରିଥିଲେ। ଇତିମଧ୍ୟରେ ଭାରତ ପ୍ରଥମଥର ପାଇଁ ଅନ୍ତର୍ଜାତୀୟ ସ୍ତରରେ ପଦକ ଜିତିବା ସହ ୩ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି; ଯାହାକି ୧୯୫୧ରେ ଭିଏଫ୍‌ଆଇ ପ୍ରତିଷ୍ଠା ହେବାପରଠାରୁ କୌଣସି ସଭାପତିଙ୍କ କାର୍ଯ୍ୟକାଳ ମଧ୍ୟରେ ଏହା ସର୍ବାଧିକ ସଫଳତା। ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନ ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ଆଶୀର୍ବାଦ ବେହେରା, ଶେଖର ବୋଷ, ରଥିନ ରୟ ଚୌଧାରୀ, ରାଜ କୁମାର, ଅନୁଲ ଚୌଧାରୀ ଓ ରାମାବତାର ସିଂ ଝାକର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ।



ଜାତୀୟ ଭଲିବଲ ଏକାଡେମୀ ଉଦ୍‌ଘାଟନୀ ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଓ ଅନ୍ୟ ଅତିଥିବୃନ୍ଦ।

# କେରଳକୁ ହରାଇଲା ଓଡ଼ିଶା



ଅମନ ଲାକ୍ରା

**ଭୁବନେଶ୍ୱର, ୪।୯ (ତପନ ସ୍ୱାଇଁ)**

ପଶ୍ଚିମବଙ୍ଗର ମାଲଦାଠାରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ ଚାମ୍ପିୟନଶିପ୍‌ର ମଙ୍ଗଳବାର ଅନୁଷ୍ଠିତ ଏକ ଗ୍ରୁପ୍ ମ୍ୟାଚରେ ଓଡ଼ିଶା ୨-୦ ଗୋଲରେ କେରଳକୁ ପରାସ୍ତ କରିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଓଡ଼ିଶା ପକ୍ଷରୁ ଅଧିନାୟକ ଅମନ ଲାକ୍ରା ୩୩ତମ ମିନିଟରେ ଏକ ଗୋଲ ଦେଇ ଦଳକୁ ୧-୦ରେ ଅଗ୍ରଣୀ କରିଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଏହି ଅଗ୍ରଣୀ ବଳବତ୍ତର ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଗୋଲ ପରିଶୋଧ ପାଇଁ କେରଳ ଜୋରଦାର ଉଦ୍ୟମ କରିଥିଲା। ମାତ୍ର ବଦଳ ଖେଳାଳି ଅଭିନନ୍ଦ ସି.ଏସ୍‌ନ୍. ୫୭ତମ ମିନିଟରେ ଦୁର୍ଭାଗ୍ୟଜନକଭାବେ ଏକ ଆତ୍ମଘାତୀ ଗୋଲ କରିବାରୁ କେରଳ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ମ୍ୟାଚର ଅବଶିଷ୍ଟ ସମୟରେ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଥିଲେ ହେଁ ଗୋଲ ହୋଇପାରି ନ ଥିଲା।

# ସୁପର୍-୪ରେ ଭାରତ

**ପାଲେକେଲ୍, ୪।୯ (ପି.ଟି.)**

**ଏସିଆ କପ୍ କ୍ରିକେଟ୍**

ଚଳିତ ଏସିଆ କପ୍ କ୍ରିକେଟର ସୁପର-୪ରେ ପ୍ରବେଶ କରିଛି ଭାରତ। ସୋମବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ ନେପାଳକୁ ୧୦ ଉଇକେଟରେ ପରାସ୍ତ କରିଛି। ରବୀନ୍ଦ୍ର ଜାଡେଜା ଓ ମହମ୍ମଦ ସିରାଜଙ୍କ ଘାତକ ବୋଲିଂକୁ ସାମ୍ନା କରି ନ ପାରି ନେପାଳ ୪୮.୨ ଓଭରରେ ୨୩୦ ରନ୍‌ରେ ଅଲଆଉଟ ହୋଇଥିଲା। ବର୍ଷା ଯୋଗୁ ଖେଳ ଅନେକ ସମୟ ବାଧାପ୍ରାପ୍ତ ହେବାରୁ ମ୍ୟାଚକୁ ୨୩ ଓଭରକୁ ହ୍ରାସ କରାଯାଇଥିଲା ଏବଂ ଭାରତ ସମ୍ମୁଖରେ ୧୪୫ ରନ୍‌ର ଲକ୍ଷ୍ୟ ରଖା ଯାଇଥିଲା। ଏହି ବିଜୟ ଲକ୍ଷ୍ୟକୁ ଭାରତ ୨୦.୧ ଓଭରରେ କୌଣସି ଉଇକେଟ ନ ହରାଇ ହାସଲ କରି ନେଇଥିଲା। ୨ ମ୍ୟାଚରୁ ୩ ପଏଣ୍ଟ ପାଇଥିବା ଭାରତ ଗ୍ରୁପ୍ 'ଏ'ରେ ଦ୍ୱିତୀୟ ଦଳଭାବେ ସୁପର୍-୪ରେ ପ୍ରବେଶ କରିଛି।



ରବୀନ୍ଦ୍ର ଜାଡେଜା ଓ ରୋହିତ ଶର୍ମା।

ଏହି ଗ୍ରୁପ୍‌ରେ ପାକିସ୍ତାନ ଶୀର୍ଷରେ ରହିଛି। ଅନ୍ୟପକ୍ଷରେ ନେପାଳ ଦୁଇଟି ମ୍ୟାଚରେ ପରାଜୟ ବରଣ କରି ଟୁର୍ନାମେଣ୍ଟରୁ ବିଦାୟ ନେଇଛି।

ରୋହିତ ଶର୍ମା ଟସ୍ ଜିତି ପ୍ରଥମେ ବୋଲିଂ ନେଇଥିଲେ। କୁଶାଲ ଭୁର୍ତେଲ(୩୮) ଓ ଆସିଫ୍ ଶେଖ(୫୮) ପ୍ରଥମ ଉଇକେଟରେ ୬୫ ରନ୍ ଯୋଡିଥିଲେ। ଭାରତୀୟ ଫିଲ୍ଡର ମାନେ ୩ଟି କ୍ୟାଚ୍ ହାତଛଡା କରିଥିଲେ। ମିଡିଲ ଓଭରରେ ଜାଡେଜାଙ୍କ ଘାତକ ବୋଲିଂ ବଳରେ ନେପାଳ ୧୦୧ ରନରେ ୪ ଉଇକେଟ ହରାଇଥିଲା। ତେବେ ଆଶିଫ୍ ଶେଖ୍ ୯୭ ବଲ୍ ଖେଳି ୮ ଚୌକା ସହ ୫୮ ରନ୍ କରି ଇନିଂସ ସମ୍ଭାଳିଥିଲେ। ନିମ୍ନକ୍ରମରେ ଗୁଲଶନ ଝା ୨୩, ଦୀପେନ୍ଦର ସିଂ ୨୯ ଓ ସୋମପାଲ କାମି ୪୮ ରନ୍‌ର ଇନିଂସ ଖେଳିବାରୁ ନେପାଳ ୨୩୦ ରନ୍‌ରେ ପହଞ୍ଚିଥିଲା। ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ଓ ମହମ୍ମଦ ସିରାଜ ୩ ଲେଖାଏ ଉଇକେଟ ନେଇଥିଲେ। କୁଲଦୀପ ଯାଦବ କଞ୍ଜୁସ ବୋଲିଂ କରିଥିଲେ ମଧ୍ୟ ଉଇକେଟ ପାଇ ନ ଥିଲେ। ଅନ୍ୟ ପକ୍ଷରେ ମହମ୍ମଦ ସିରାଜ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶାର୍ଦ୍ଦୁଳ ଠାକୁର, ହାର୍ଦ୍ଦିକ ପାଣ୍ଡ୍ୟା ଓ ମହମ୍ମଦ ଶାମି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଜବାବରେ ବର୍ଷା କାରଣରୁ ଡର୍କୱର୍ଥ ଲୁଇସ୍ ମେଥଡ୍ ଅନୁଯାୟୀ ଭାରତକୁ ସଂଶୋଧିତ ବିଜୟ ଲକ୍ଷ୍ୟ ଦିଆଯାଇଥିଲା। ରୋହିତ ଶର୍ମା(୭୪*) ଓ ଶୁବମାନ ଗିଲ୍(୬୭*) ପ୍ରଥମ ଉଇକେଟରେ ଶତକୀୟ ଭାଗୀଦାରି କରିଥିଲେ। ଉଭୟ ୧୨୧ ବଲ୍ ଖେଳି ୧୪୭ ରନ୍ ଯୋଡିଥିଲେ। ରୋହିତ ୫୯ ବଲର ସମ୍ମୁଖୀନ ହୋଇ ୫ ଛକା ଓ ୬ ଚୌକା ସହିତ ୭୪ ଓ ଗିଲ୍ ୬୨ ବଲ୍ ଖେଳି ୮ ଚୌକା ଓ ୧ ଛକା ମାରି ୬୭ ରନ୍ ସ୍କୋର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ନେପାଳ ୪୮.୨ ଓଭରରେ ୨୩୦/୧୦ (ଆସିଫ୍ ଶେଖ୍-୫୮, ସୋମପାଲ କାମି-୪୮, କୁଶାଲ ଭୁର୍ତେଲ-୩୮, ରବୀନ୍ଦ୍ର ଜାଡେଜା-୩/୪୦, ମହମ୍ମଦ ସିରାଜ-୩/୬୧, ଶାର୍ଦ୍ଦୁଳ ଠାକୁର-୧/୨୬)। ଭାରତ ୨୦.୧ ଓଭରରେ ୧୪୭/୦ (ରୋହିତ ଶର୍ମା-୭୪*, ଶୁବମନ୍ ଗିଲ୍-୬୭*)।

# ପୁତ୍ର ସନ୍ତାନର ବାପା ହେଲେ ବୁମ୍‌ରା

**ମୁମ୍ବାଇ, ୪।୯:** ଏସିଆ କପ୍ କ୍ରିକେଟରେ ନେପାଳ ବିପକ୍ଷ ମ୍ୟାଚ୍ ପୂର୍ବରୁ ମୁମ୍ବାଇ ପ୍ରତ୍ୟାବର୍ତ୍ତନ କରିଥିବା ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ପିତା ହୋଇଛନ୍ତି। ବ୍ୟକ୍ତିଗତ କାରଣ ଦର୍ଶାଇ ବୁମ୍‌ରା ଶନିବାର ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ। ସୋମବାର ବୁମ୍‌ରା ଏକ ଫଟୋ ପୋଷ୍ଟ କରିବା ସହିତ ସଞ୍ଜନା ଗଣେଷନ୍ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିବା ଜଣାଇଛନ୍ତି। ଏହି ଫଟୋରେ ବୁମ୍‌ରା ଛୁଆର ହାତକୁ ଧରିଥିବାର ଦେଖିବାକୁ ମିଳିଛି। ପୁତ୍ର ସନ୍ତାନର ନାମ ଅଙ୍ଗଦ ଯଶ୍‌ପ୍ରୀତ୍ ବୁମ୍‌ରା ରହିଥିବା ସେ ଶେୟାର କରିଛନ୍ତି। ସଞ୍ଜନା ଓ ମୁଁ ବର୍ତ୍ତମାନ ସବୁଠାରୁ ଅଧିକ ଖୁସି ବୋଲି ସେ ପୋଷ୍ଟ କରିଛନ୍ତି। ସୁପର୍-୪ ମ୍ୟାଚ୍ ପୂର୍ବରୁ ବୁମ୍‌ରା ଭାରତୀୟ ଦଳ ସହିତ ଯୋଗ ଦେବେ ବୋଲି ଜଣାପଡିଛି।






4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ